ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଜାନୁଆରୀ ୧୫/୨୦୨୪
Bhubaneswar, Monday, January 15/2024




DSPL-543

ODISHA NEW OPPORTUNITIES | 5T | ଆମ ଓଡ଼ିଶା ନବୀନ ଓଡ଼ିଶା



# THANK YOU FOR JOINING THE JUGGERNAUT

*As we begin the new year, we extend our sincere thanks for entrusting us with your industrial pursuits. The Government of Odisha stands committed to provide unwavering support, dedicated to fostering an environment conducive to your enterprise's growth and prosperity.*

(Naveen Patnaik)
Chief Minister, Odisha

## 300+ large Industries have chosen Odisha as their preferred Investment Destination

METAL & METAL DOWNSTREAM: AM/NS INDIA, DANIELI CORUS, SMS group, calderys, TYK, adani

FOOD AND BEVERAGE: Nestlé, V3, IFB AGRO, GADRE

RENEWABLE ENERGY: ACME, AVAADA, sembcorp, WAAREE, ReNew, L&T Energy GreenTech

TEXTILES: COLORTONE, epic, Welspun, MAS, sonal

CHEMICAL: Berger, Himadri, PETRONET, LUMINOUS, Silox INDIA, Reliance Industries Limited

TOURISM: IHCL, Club Mahindra, MAYFAIR Hotels & Resorts

OTHERS: MY HOME GROUP, SINTEX, ANADRONE, Greenply

Email us at: info@investodisha.org
For any queries or inquiries give a missed call on: 01732351348

Please visit http://www.investodisha.gov.in/
Follow us on @investInOdisha /InvestOdisha

OIPR-14005/13/0036/2324

ScarecrowM&CSaatchi/2024/Jan

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈ ମାଠିଆ ଗଡ଼ିଗଲା
ଦିଅର ଭାଉଜ କଥା ହେଉଥିଲେ
ସାନବୋହୂ କଥା ସରିଗଲା।**

ସନ୍ଦେହ ବଡ଼ ବିଷମ ପରିସ୍ଥିତି ସୃଷ୍ଟି କରିଥାଏ । ନଈ କୂଳରେ ଦିଅର ଭାଉଜ ଗୋପନରେ କଥା ହେଉଥିବାର ଦେଖି ଦିଅରର ନବ ବିବାହିତା ସ୍ତ୍ରୀ ରାଗରେ ଜଳିଯିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନଈ କୂଳରେ ସାରୁଗଛ
ରୋପନ୍ତେ ତିନି ହାତ ଉଚ୍ଚ,
ତା'ମୂଳରେ ପାଉଁଶ ଦିଅ
ମନ ଇଚ୍ଛା ଫଳ ନିଅ।**

ନଈକୂଳରେ ସାରୁଗଛ ଭଲ ବଢ଼ିଥାଏ । ସେହିପରି ସାରୁଗଛ ମୂଳରେ ପାଉଁଶ ଦେଲେ ପ୍ରଚୁର ମାତ୍ରାରେ ସାରୁ ଫଳେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମାର୍ଚ୍ଚ ୧୫ରୁ ପ୍ରଥମରୁ ଅଷ୍ଟମ ବାର୍ଷିକ ପରୀକ୍ଷା

**ଭୁବନେଶ୍ୱର, ୧୪।୧(ଅସମାପିକା ସାହୁ)**

ପ୍ରଥମରୁ ଅଷ୍ଟମ ଶ୍ରେଣୀ ବାର୍ଷିକ ପରୀକ୍ଷା ବା ସମ୍ମେଟିଭ ଆସେସ୍‌ମେଣ୍ଟ-୨ ମାର୍ଚ୍ଚ ୧୫ରୁ ୨୦ତାରିଖ ମଧ୍ୟରେ ହୋଇପାରେ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା)। ଏହି ସମୟରେ ପରୀକ୍ଷା କରିବା ପାଇଁ ଯୋଜନା ରହିଥିବା ସଂକ୍ରାନ୍ତରେ ଓସେପା ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି କରାଯାଇଛି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ମାର୍ଚ୍ଚ ୨୧ରୁ ୨୭ତାରିଖ ମଧ୍ୟରେ ଖାତା ମୂଲ୍ୟାୟନ ହେବ। ୩୦ ତାରିଖରେ ଫଳ ପ୍ରକାଶ ପାଇବ। ସେହିଭଳି ପ୍ରଶ୍ନପତ୍ର କେବେ କେଉଁଠୁ ଯିବ ସେ ନେଇ ମଧ୍ୟ ତାରିଖ ଧାର୍ଯ୍ୟ କରାଯାଇଛି। ତେବେ ଏହାକୁ ପରିବର୍ତ୍ତନ ମଧ୍ୟ କରାଯାଇପାରେ। ପରୀକ୍ଷା ପାଇଁ ପ୍ରଶ୍ନପତ୍ର, ଉତ୍ତର ଖାତା, ମୌଖିକ ପ୍ରଶ୍ନପତ୍ର ଆଦି ଟିଇ ଆଣ୍ଡ୍ ଏସ୍‌ସିଇଆର୍‌ଟି ପ୍ରସ୍ତୁତ କରୁଛି। ଏସବୁକୁ ଦୃଷ୍ଟିରେ ରଖି ଜିଲା ପ୍ରକଳ୍ପ ଅଧିକାରୀ(ଡିପିଓ)ଙ୍କ ସ୍ତରରେ ପଦକ୍ଷେପ ନେବା ପାଇଁ କୁହାଯାଇଛି। ତେବେ ସମ୍ମେଟିଭ ଆସେସ୍‌ମେଣ୍ଟ-୨ ପାଇଁ ସମ୍ପୂର୍ଣ୍ଣ ଏସ୍‌ଓପି/ଗାଇଡ୍‌ଲାଇନ ପରବର୍ତ୍ତୀ ସମୟରେ ଦିଆଯିବ ବୋଲି ସୂଚନା ଦିଆଯାଇଛି।

# ୧୦ଡିଗ୍ରୀ ତଳେ ୧୦ସ୍ଥାନ

**ଭୁବନେଶ୍ୱର, ୧୪।୧(ଅସମାପିକା ସାହୁ)**

**କିଛି ଜିଲାରେ ବର୍ଷା ସମ୍ଭାବନା**

ରାଜ୍ୟରେ ଏବେ କୁହୁଡ଼ି କମିଯାଇଥିବାବେଳେ ଥଣ୍ଡା ଅନୁଭୂତ ହେଉଛି। ରବିବାର ୧୦ଟି ସ୍ଥାନରେ ୧୦ଡିଗ୍ରୀ ତଳେ ପାରଦ ରହିଥିଲା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ରବିବାର କିରେଇରେ ସର୍ବନିମ୍ନ ୭.୩ ଡିଗ୍ରୀ ତାପମାତ୍ରା ଥିବାବେଳେ ଜି ଉଦୟଗିରିରେ ୮, ରାଉରକେଲା ୮.୭, କୋରାପୁଟ ୮.୯, ସୁନ୍ଦରଗଡ଼ ୯, ଝାରସୁଗୁଡ଼ା ୯.୩, ଫୁଲବାଣୀ ୯.୫, ରାଣୀତାଲ ୯.୫, ସିମିଳିଗୁଡ଼ା ୯.୫ ଓ କେନ୍ଦୁଝରଗଡ଼ରେ ୯.୬ ଡିଗ୍ରୀ ରହିଥିଲା। ସେହିଭଳି ଅନୁଗୋଳରେ ୧୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ୫ଦିନ ଭିତରେ ରାତିର ତାପମାତ୍ରାରେ ସେଭଳି କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ଆସନ୍ତା ଦୁଇଦିନ ରାଜ୍ୟର ବିଭିନ୍ନ ଜିଲାରେ ସ୍ୱଳ୍ପ କୁହୁଡ଼ି ଅନୁଭୂତ ହେବାର ସମ୍ଭାବନା ରହିଛି। ତେବେ ୧୭ ଓ ୧୮ତାରିଖରେ କିଛି ଜିଲାରେ ବର୍ଷା ହେବାର ଆଶଙ୍କା ରହିଥିବା ପାଣିପାଗ କେନ୍ଦ୍ର ଆକଳନ କରିଛି। ୧୭ରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ ଓ ୧୮ରେ ଦେବଗଡ଼, ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକର କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

# ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ଖୁଣ୍ଟୁଣୀ, ୧୪।୧(ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ ଥାନା ଅଧୀନ ନୂଆବଜାର ରାସ୍ତା ପାର୍ଶ୍ୱରେ ରବିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ନୂଆବଜାର ଅଞ୍ଚଳର ଗୌରୀବାଳା ବେହେରା (୪୬)ଙ୍କର ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀ ପ୍ରକାଶ ବେହେରା ଗୁରୁତର ହୋଇ ଆଠଗଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଖୁଣ୍ଟୁଣୀ ସରକାରୀ ଡାକ୍ତରଖାନାରେ ପ୍ରକାଶ ଡ୍ରେସର ଭାବେ କାର୍ଯ୍ୟ କରନ୍ତି। ଗୌରୀବାଳା ଓ ପ୍ରକାଶ ଏକ ସ୍କୁଟିରେ ଘରୁ କଟକ ଯାଉଥିଲେ। ଖୁଣ୍ଟୁଣୀ ନୂଆବଜାର ନିକଟରେ ନିର୍ମାଣାଧୀନ ରାସ୍ତା ଉପରକୁ ଉଠିଲା ବେଳେକୁ ପଛଚକ ଖସିଯିବାରୁ ଗୌରୀ ତଳେ ପଡିଯାଇଥିଲେ। ଏହି ସମୟରେ ଖୁଣ୍ଟୁଣୀ ପଟୁ ଯାଉଥିବା ଏକ ଟ୍ରକ ତାଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରକାଶ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ଚାଳକ ଟ୍ରକ ଛାଡି ଫେରାର ହୋଇଯାଇଛନ୍ତି। ପୋଲିସ ପହଞ୍ଚି ଉକ୍ତ ଟ୍ରକ୍ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇ ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ କିଛି ସମୟ ପାଇଁ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା।

# ପରିକ୍ରମା ପ୍ରକଳ୍ପର ସମୀକ୍ଷା କଲେ ୫-ଟି ଅଧ୍ୟକ୍ଷ



**ପୁରୀ/ଭୁବନେଶ୍ୱର, ୧୪।୧ (ଅଜିତ୍ ମହାନ୍ତି/ସୁନିତ୍ ମିଶ୍ର)**

ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦି ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବାକୁ ଯାଉଛି। ତେଣୁ ଏହା ପୂର୍ବରୁ ରବିବାର ପୂର୍ବାହ୍ନରେ ୫-ଟି ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପୁରୀ ଆସି ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପରଠାରୁ ପାଣ୍ଡିଆନ ଅଧିକାଂଶ ସମୟରେ ପୁରୀ ଆସି ପ୍ରତ୍ୟକ୍ଷ ଭାବେ ନିର୍ମାଣ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ପାଣ୍ଡିଆନ ପ୍ରଥମେ ଶ୍ରୀମନ୍ଦିର ଯାଇ ଚତୁର୍ଦ୍ଧାବିଗ୍ରହ ଓ ଭିତରବେଢ଼ାରେ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିବା ପରେ ଶ୍ରୀମନ୍ଦିର ଚାରିପାଖ ବୁଲି ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ଭକ୍ତଙ୍କ ସୁବ୍ୟବସ୍ଥିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ନେଇ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ମଠଗୁଡିକର ଉନ୍ନତୀକରଣ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଥିଲେ। ଯଜ୍ଞସ୍ଥଳକୁ ଯାଇ ମଣ୍ଡପ ଓ ଲୋକାର୍ପଣ ହେବାକୁ ଥିବା ଶିଳାସ୍ଥାନ ପରିଦର୍ଶନ କରିଥିଲେ। ଲୋକାର୍ପଣ କାର୍ଯ୍ୟକ୍ରମ କିପରି ସୁଚାରୁରୂପେ ସଫଳତାର ସହ ସମ୍ପନ୍ନ ହେବ ସେ ନେଇ ସମସ୍ତ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଶ୍ରଦ୍ଧାଳୁ ଯେପରି ଏହି ଅବସରରେ କୌଣସି ସମସ୍ୟା ନ ଭୋଗନ୍ତି ସେଥିପ୍ରତି ଗୁରୁତ୍ୱ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ସେ ପରିକ୍ରମା ପ୍ରକଳ୍ପର ସମସ୍ତ କାର୍ଯ୍ୟ ଅନୁଧ୍ୟାନ କରିବା ସହ ନିୟମିତ ସଫେଇ ଏବଂ ସୁରକ୍ଷା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମାର୍ଗ, ଶ୍ରୀଜଗନ୍ନାଥ ବଲ୍ଲଭ ବିହାର, ଶ୍ରୀସେତୁ ଏବଂ ସମଙ୍ଗ ପାର୍କିଂ ଆଦିର ସମୀକ୍ଷା କରି ସୁରୁଖୁରୁରେ ଶ୍ରଦ୍ଧାଳୁଙ୍କ ଆଗମନ ଏବଂ ସମଙ୍ଗ ପାର୍କିଂରୁ ପରିକ୍ରମା ପର୍ଯ୍ୟନ୍ତ ଯାତାୟାତ ବିଷୟରେ ସେ ଆଲୋଚନା କରିଛନ୍ତି। ଏହାସହ ସେ ପ୍ରଦର୍ଶନୀ ଅଞ୍ଚଳର ସମୀକ୍ଷା କରି ପ୍ରଦର୍ଶିତ ହେବାକୁଥିବା ବିଷୟବସ୍ତୁ ସମ୍ପର୍କରେ କଥା ହୋଇଛନ୍ତି। ସେହିପରି ଶ୍ରୀଦାଣ୍ଡ ବା ଶ୍ରୀମାର୍ଗ ରାସ୍ତା, ଶ୍ରୀଜଗନ୍ନାଥବଲ୍ଲଭ ପାର୍କିଂସ୍ଥଳ ଏବଂ ଶ୍ରୀସେତୁକୁ ଯାଇ କାର୍ଯ୍ୟର ସମୀକ୍ଷା କରିଥିଲେ। ଅଭ୍ୟର୍ଥନା କେନ୍ଦ୍ର ଓ ଶ୍ରୀଜଗନ୍ନାଥ ପିଲିଗ୍ରିମ୍ ସେଣ୍ଟର ଆଦି ବୁଲି ଦେଖିଥିଲେ। ଏହାଛଡ଼ା ଅସ୍ଥାୟୀ ହେଲିପ୍ୟାଡ ଓ ସମଙ୍ଗ ପାର୍କିଂସ୍ଥଳ ଯାଇ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ସମୀକ୍ଷା ସମୟରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନଓ୍ୱର ବିଶାଲ ସିଂ, ଉପଜିଲାପାଳ ଭବତାରଣ ସାହୁ ଏବଂ ବିଭିନ୍ନ ନିର୍ମାଣକାରୀ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ପରିଦର୍ଶନ ଅବସରରେ ପାଣ୍ଡିଆନ୍‌ଙ୍କୁ ବରିଷ୍ଠ ସେବାୟତ ଦାମୋଦର ମହାସୁଆର ପଦ୍ମକଢିରେ ନିର୍ମିତ ଏକ ମାଳ ପ୍ରଦାନ କରିଥିଲେ।

# ମାନସିକ ଶାନ୍ତି ଦିଏ ହସ୍ତଶିଳ୍ପ: ରାଧିକା ଆପଟେ

**ଅନ୍ତର୍ଜାତୀୟ କ୍ରାଫ୍ଟ ସମ୍ମିଳନୀ ଉଦ୍‌ଯାପିତ**

**ଯାଜପୁର କ୍ରାଫ୍ଟ ସୋସାଇଟି ଗଠନ ହେବ: ମୁଖ୍ୟ ଶାସନ ସଚିବ**

**ଯାଜପୁର,୧୪।୧(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ରୋଡ୍ ଯଯାତି କୋର୍ଟୟାର୍ଡରେ ୩ ଦିନ ଧରି ଚାଲିଥିବା ଅନ୍ତର୍ଜାତୀୟ କ୍ରାଫ୍ଟ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ସିନେ ଅଭିନେତ୍ରୀ ରାଧିକା ଆପଟେ, ଅଭିନେତା ବୋମାନ ଇରାନି, ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ପ୍ରମୁଖ ଯୋଗଦେଇ ହସ୍ତଶିଳ୍ପ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ଅଭିନେତ୍ରୀ ରାଧିକା କହିଛନ୍ତି, ତାଙ୍କୁ ହସ୍ତଶିଳ୍ପର ପ୍ରମୋଟ କରିବାକୁ ଡାକିଥିବାରୁ ସେ ରାଜ୍ୟ ସରକାରଙ୍କ ନିକଟରେ ଚିର କୃତଜ୍ଞ। କାରିଗର ତଥା ସମସ୍ତଙ୍କ ପାଇଁ ହସ୍ତଶିଳ୍ପ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ହସ୍ତଶିଳ୍ପ ଏବଂ ଅନ୍ୟାନ୍ୟ କାରୁକାର୍ଯ୍ୟ ସମସ୍ତଙ୍କ କାର୍ଯ୍ୟରେ ଆସିଥାଏ। ମାନସିକସ୍ତରରେ ମଧ୍ୟ ଏହା ଶାନ୍ତିପ୍ରଦାନ କରିଥାଏ। ଏଠାରେ ଆୟୋଜିତ ପ୍ରଦର୍ଶନୀର ଅନେକ ଷ୍ଟଲ୍ ବୁଲି କିଛି ସାମଗ୍ରୀ କିଣିଛନ୍ତି, ଯାହା ତାଙ୍କ ବାଲ୍ୟ ସମୟରେ ବିଭିନ୍ନ କାର୍ଯ୍ୟକୁ ମନେ ପକାଇ ଦେଇଛି। ଅନ୍ୟ ପ୍ରସିଦ୍ଧ ଅଭିନେତା ବୋମାନ ଇରାନି କହିଛନ୍ତି, ସିନେମା ଇଣ୍ଡଷ୍ଟ୍ରିଜରେ ହସ୍ତଶିଳ୍ପକୁ ବହୁ ଗୁରୁତ୍ୱ ଦିଆଯାଉଛି। ହସ୍ତଶିଳ୍ପ ସାମଗ୍ରୀଗୁଡ଼ିକୁ ଚଳଚ୍ଚିତ୍ରରେ ବ୍ୟବହାର କରାଯାଇ ତାହାର ପ୍ରଚାରପ୍ରସାର ପାଇଁ ଉଦ୍ୟମ କରାଯାଉଛି। ତେବେ ଅନେକ କାରିଗର ଅଳ୍ପ ପାଠ ପଢ଼ିଥିବାରୁ ସେମାନଙ୍କୁ ଅବହେଳା କରାଯାଉଛି। ଏହାବାଦ୍ ଅତିଥିମାନଙ୍କୁ ଦିଆଯାଉଥିବା ପୁରସ୍କାର କମ୍ପ୍ୟୁଟରରୁ ବାହାର ହୋଇଥିବା ଚିତ୍ର। ଏହିକ୍ରମରେ ଜଣେ କାରିଗର ବନ୍ଧୁଙ୍କ ହାତ ତିଆରି କିଛି ସାମଗ୍ରୀ ତାଙ୍କୁ ଉପହାର ଦେଇଥିଲେ ସେ ବହୁତ ଖୁସି ଅନୁଭବ କରିଥାନ୍ତେ ବୋଲି ଇରାନି କହିଛନ୍ତି।

ମୁଖ୍ୟ ଶାସନ ସଚିବ ଜେନା କହିଛନ୍ତି, ଯାଜପୁର କ୍ରାଫ୍ଟ ସୋସାଇଟି ଗଠନ କରାଯାଇଛି। ରାଜ୍ୟର କଳା, ସଂସ୍କୃତି ଓ ଭାସ୍କର୍ଯ୍ୟକୁ ଉଜ୍ଜୀବିତ କରିବାକୁ ଏହି ସୋସାଇଟି କାମ କରିବ। ଏହାକୁ ଅର୍ବାନ ପ୍ଲାନ୍‌ରେ ମଧ୍ୟ ସଂଯୁକ୍ତ କରାଯିବ। କାରିଗରମାନଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରାଯାଇ ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାକୁ ସୋସାଇଟି ଦ୍ୱାରା ନୀତି ପ୍ରଣୟନ ଓ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜେନା କହିଛନ୍ତି। ହସ୍ତଶିଳ୍ପ ଓ ସଂସ୍କୃତିର ଭବିଷ୍ୟତ ଉପରେ ସଂସ୍କୃତି ମନ୍ତ୍ରଣାଳୟର ଡିଜି ଅଦ୍ୱୈତ ଗଡନାୟକ, ଲେଖିକା ସୌମ୍ୟ କୁଲଶ୍ରେଷ୍ଠ ଆଲୋଚନାରେ ଭାଗନେଇ ଭାରତର ଶିଳ୍ପ ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବାରେ କାରିଗରଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ଦେଇଛନ୍ତି। ଏହା ପୂର୍ବରୁ ଅନ୍ୟ ଏକ ଅଧିବେଶନରେ ଅଭିନେତ୍ରୀ ରାଧିକା ପାରମ୍ପରିକ ହସ୍ତଶିଳ୍ପ ଏବଂ ବିଭିନ୍ନ ସାମଗ୍ରୀର ନିର୍ମାଣରେ ଉନ୍ନତି ଦିଗରେ କିଭଳି ପରିବର୍ତ୍ତନ ହୋଇ ପାରିବ ସେ ନେଇ ଆଲୋଚନା କରିଛନ୍ତି। ଏହାସହ ଅନ ହାବିଟେଟ ଇଣ୍ଡିଆର ପ୍ରୋଗ୍ରାମ ମ୍ୟାନେଜର ପାରୁଲ ଅଗରୱାଲା, କନସଲ୍‌ଟାଣ୍ଟ ଇମିଲି ରୋଏଲ, ଡ୍ୟାମ୍ବର ନଭିନା ଜାଫା, ୟୁନିସିଟିର ଫାଉଣ୍ଡର ଓଲଗା ଚେପେଲିଆନ ସ୍କାୟା, ୟୁନିସେଫ୍‌ର ୱାଶ ସ୍ପେଶାଲିଷ୍ଟ ସିପ୍ରା ସକ୍ସେନା, ୱାର୍ଲଡ ବ୍ୟାଙ୍କର ସିନିୟର ଅର୍ବାନ ପ୍ଲାନର ମାନସି ସଚଦେବ, ୟୁଏନ୍‌ଡିପିର ଆଭା ମିଶ୍ର, ୟୁନେସ୍କୋର ଚିରୋଞ୍ଜିତ ଗାଙ୍ଗୁଲି, କ୍ରାଫ୍ଟ ମ୍ୟୁଜିୟମ ଏବଂ କଲଚର ମନ୍ତ୍ରଣାଳୟର ପରାମର୍ଶଦାତା ଇହିତାଶ୍ରୀ ସାଣ୍ଡଲ୍ୟ, ଭ୍ରିକାଶ ଡିଜାଇନର ଗୁଞ୍ଜନ ଜୈନ, ଲୁମକଥାର ମୁଖ୍ୟ ଆନାଘା ରାଉତ, ନଟଅନମେପର ଫାଉଣ୍ଡର କୁମାର ଅନୁଭବ, ଡିଜାଇନର ଇରିସ ଡେଲରୁବି ରୁପ୍ରେଚଟ, ହସ୍ତତନ୍ତ କାରିଗର ରଚିଦା ଅସବିଘ, ଦି ଅନୁ କୋପୋରେଟିଭ ହାମ୍‌ଜା ଚେରିଫ ଡୁଜନ, ସେଲିନ ଭୋଗ୍ଟ, କ୍ରାଫ୍ଟ ପରାମର୍ଶଦାତା ଶୈଳଜା ସଚନ, ପିଙ୍କ ମହାରାଣୀର ଫାଉଣ୍ଡର ନର୍ମଦା ରାମକ୍ରିଷ୍ଣା, ଏନ୍‌ଆଇଏଫ୍‌ଟିର ନିର୍ଦ୍ଦେଶକ ରାଜେଶ କୁମାର ଝା ଓ ପ୍ରଫେସର ବିନୟ ଭୂଷଣ ଜେନା, ଆସୋସିଏଟ ପ୍ରଫେସର ସୁସ୍ମିତା ବେହେରା, ଅବସରପ୍ରାପ୍ତ ଆଇଏଏସ୍ ସଞ୍ଜୟ ପଣ୍ଡା ଓ ଗୌତମ ସାହା ପ୍ରମୁଖ ଆଲୋଚନାରେ ଭାଗ ନେଇଛନ୍ତି।



ଅନ୍ତର୍ଜାତୀୟ କ୍ରାଫ୍ଟ ସମ୍ମିଳନୀରେ ଆୟୋଜିତ ପ୍ରଦର୍ଶନୀର ଏକ ଷ୍ଟଲ୍‌ରେ ସିନେ ଅଭିନେତ୍ରୀ ରାଧିକା ଆପଟେ।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଛାତ୍ରବୃତ୍ତି ଆବେଦନ ଆରମ୍ଭ

**ଭୁବନେଶ୍ୱର, ୧୪।୧(ଅସମାପିକା ସାହୁ)**

ଓଡ଼ିଶା ଗୃହ ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଛାତ୍ରବୃତ୍ତି ଆବେଦନ ଆରମ୍ଭ ହୋଇଛି। ଅନ୍ୟୂନ ବୋର୍ଡ ଅଧୀରେ ଏକବର୍ଷ ହେବ ପଞ୍ଜୀକୃତ ହୋଇଥିବା ଶ୍ରମିକଙ୍କ ପିଲାମାନେ ଏଥିପାଇଁ ଆବେଦନ କରିପାରିବେ। ମେ' ୩୧ ପର୍ଯ୍ୟନ୍ତ ଆଗ୍ରହୀ ଛାତ୍ରୀଛାତ୍ର ଆବେଦନ କରିପାରିବେ ବୋଲି ବୋର୍ଡ ପକ୍ଷରୁ ଦର୍ଶାଯାଇଛି। ସୂଚନାନୁଯାୟୀ, ଷଷ୍ଠରୁ ତଦୂର୍ଦ୍ଧ୍ୱ ଶ୍ରେଣୀରେ ପଢୁଥିବା ନିର୍ମାଣ ଶ୍ରମିକଙ୍କ ପିଲାଙ୍କୁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯିବ। ଗୋଟିଏ ପରିବାରର ଦୁଇଜଣ ପିଲା ଏକାବେଳେ ଏଥିରେ ଲାଭାନ୍ୱିତ ହୋଇପାରିବେ। ଷଷ୍ଠ ଓ ସପ୍ତମ ଶ୍ରେଣୀ ପାଇଁ କେବଳ ଝିଅମାନଙ୍କୁ ସାମିଲ କରାଯାଇଥିବା ବେଳେ ଅଷ୍ଟମରୁ ତଦୂର୍ଦ୍ଧ୍ୱ ଶ୍ରେଣୀରେ ଉଭୟ ଝିଅ ଓ ପୁଅଙ୍କୁ ସାମିଲ କରାଯାଇଛି। ଅଷ୍ଟମରୁ ତଦୂର୍ଦ୍ଧ୍ୱ ଶ୍ରେଣୀରେ ଝିଅ ପଢୁଥିଲେ ଅଧିକ ୨୦% ସହାୟତା ମିଳିବ। ରାଜ୍ୟ ସ୍କଲାରଶିପ ପୋର୍ଟାଲ scholarship.odisha.gov.inରେ ଆବେଦନ କରିପାରିବେ। ସେପଟେ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅନ୍ତର୍ଗତ ସମସ୍ତ ଛାତ୍ରବୃତ୍ତି ଆବେଦନ ଅବଧି ବୃଦ୍ଧି ପାଇଛି। ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା, ବ୍ୟାସକବି ଫକୀରମୋହନ ଭାଷାବୃତ୍ତି, ସ୍ନାତକ ଓ ସ୍ନାତକୋତ୍ତର ଇ-ମେଧାବୃତ୍ତି, ବୈଷୟିକ ଓ ବୃତ୍ତିଗତ ଇ-ମେଧାବୃତ୍ତି ପାଇଁ ୨୫ ତାରିଖ ଯାଏ ଆବେଦନ କରିହେବ। ଏଥିପାଇଁ ଛାତ୍ରୀଛାତ୍ରଙ୍କୁ ଶେଷ ସୁଯୋଗ ଦିଆଯାଇଛି। ପରବର୍ତ୍ତୀ ସମୟରେ ଆବେଦନ ଅବଧି ବୃଦ୍ଧି କରାଯିବ ନାହିଁ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସମସ୍ୟାର ସମାଧାନ କରିବା ସକାଶେ ଚେଷ୍ଟା କରି ସଫଳତା ହାସଲ କରିପାରିବେ । ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ଏହା ସାଙ୍ଗକୁ ମନୋବଳ ମଧ୍ୟ ବଢ଼ିଯିବ । ରାଜନୀତିରେ କୂଟନୀତି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବେ । ଆଜି ଫେରିବା ବାଟରେ ବନ୍ଧୁଠାରୁ ଅର୍ଥ ସାହାଯ୍ୟ ପାଇ ଖୁସି ହେବେ ।

**ବୃଷ** କର୍ମକ୍ଷେତ୍ର ପାଇଁ ଆନୁଷଙ୍ଗିକ ଅନୁକୂଳ ପରିବେଶ ସୃଷ୍ଟି ହେବାର ସୂଚନା ରହିଛି । ଅର୍ଥାଭାବ ଲାଗି ରହିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ । ଆତ୍ମୀୟମାନେ ସ୍ୱାର୍ଥହାନି ଆଶଙ୍କାରେ ଦୂରେଇ ରହିବେ । ଭୁଲ ବୁଝାମଣା କାରଣରୁ ଶିଳ୍ପ, ବାଣିଜ୍ୟ ଓ ପରିବହନରେ ଝଗଡାର ସମ୍ଭାବନା ରହିଛି ।

**ମିଥୁନ** ପରିସ୍ଥିତିବଶତଃ ଆଜିର ପାରିବାରିକ ଖର୍ଚ୍ଚ ପରିମାଣ ଦି'ଗୁଣା ହୋଇପାରେ । ସାମାଜିକ ସ୍ତରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ । ହଠାତ୍ ଅଫିସରେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ । କିଛି ନୂତନ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି ।

**କର୍କଟ** ଆଜି ପୁରୁଣା ରାଗକୁ ଶୁଝାଇବା ସକାଶେ କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିପାରନ୍ତି । ଘର କଥାନେଇ ସ୍ତ୍ରୀଙ୍କ ସହ ଆଲୋଚନା କରି ସମାଧାନର ସୂତ୍ର ବାହାର କରିପାରିବେ । କର୍ମକ୍ଷେତ୍ରରେ ବିବାଦୀୟ ଘଟଣାଜନିତ ଆଶଙ୍କା ଅପରାହ୍ନେ ଦୂର ହୋଇଯିବ । ସାମାଜିକ ସ୍ତରରେ ସମ୍ମାନ ଲାଭ କରି ପ୍ରଶଂସିତ ହେବେ ।

**ସିଂହ** ମନ ବେଶି ବିବ୍ରତ ହେବା ସାଙ୍ଗକୁ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିବେ । ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହୋଇପାରନ୍ତି । ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ରହିବ । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କିମ୍ବା ସନ୍ତାନଙ୍କ କାମ ଲାଗି ଅପମାନିତ ହୋଇପାରନ୍ତି ।

**କନ୍ୟା** ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବା ଚିନ୍ତାଜନକ ସ୍ଥିତି ସୃଷ୍ଟି କରିବ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ନିର୍ମାଣ କାମରୁ ଲାଭବାନ୍ ହେବେ । ଅପରିଚିତ ଲୋକ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ । ବହୁତ ଦିନ ହେଲା ଇଚ୍ଛା କରୁଥିବା ଓ ପାଇପାରି ନ ଥିବା ଜିନିଷଟି ପାଇ ଖୁସି ହୋଇପାରନ୍ତି ।

**ତୁଳା** ପିଲାର ସ୍ୱାସ୍ଥ୍ୟ ଖରାପ ହେଉଥିବାରୁ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ମାତ୍ରାଧିକ ଭ୍ରମଣ ଯୋଗୁ ଆଳସ୍ୟ ଅନୁଭବ କରିବେ ଓ ସାୟାହ୍ନରେ ସମସ୍ୟାର ସମାଧାନ ହୋଇଯିବ। ଆନୁଷ୍ଠାନିକ କାମରେ ରହିଥିବା ସମସ୍ୟା ସମାଧାନ କରିବାରେ ସଫଳ ହେବେ।

**ବିଛା** ଆଜି ସକାଳୁ ସକାଳୁ ମତାନ୍ତରଜନିତ ପାରିବାରିକ କ୍ଷେତ୍ର ଅଶାନ୍ତ ରହିପାରେ । ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ । ସାଙ୍ଗଠନିକ କାର୍ଯ୍ୟରେ, ସଭା ସମିତିରେ, ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ । କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ରାଦି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇପାରିବ ।

**ଧନୁ** ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡିଥିବା ସମ୍ପର୍କ ପୁଣି ଯୋଡିବା ସକାଶେ ପ୍ରଯତ୍ନ କରିପାରନ୍ତି । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ । ବନ୍ଧୁଙ୍କ ସହାୟତାରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ । ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ ଓ ସମସ୍ୟାର ସମାଧାନ ହୋଇଯିବ ।

**ମକର** ଆଜି ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବେ ସିନା କାମ ଅଟକିବ ନାହିଁ । ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ । ଜମିଜମା କିମ୍ବା ଘର ସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ । ବନ୍ଧୁଙ୍କ ଅନୁରୋଧରେ ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ।

**କୁମ୍ଭ** ବିଶେଷ ଭ୍ରମଣ ଓ କଠିନ ଶ୍ରମଜନିତ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ପାଖ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କଲେ ଅବଶ୍ୟ ଉପକୃତ ହେବେ । ପାରସ୍ପରିକ ସହମତିରେ ପାରିବାରିକ ଜୀବନରେ ଉଚିତ ବୁଝାମଣା ରହିବ । ହାତକୁ ନେଇଥିବା କାମ ମଧ୍ୟ ସୁରୁଖୁରରେ କରିବାରେ ସକ୍ଷମ ହେବେ ।

**ମୀନ** ଆଜିର କର୍ମ କ୍ଷେତ୍ରରେ ବନ୍ଧୁଙ୍କ ସହ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ । ଅଫିସରେ ଥିବା ସମୟରେ ସରକାରୀ କ୍ଷେତ୍ରରୁ ଶୁଭ ଖବର ଶୁଣି ଖୁସି ହେବେ । ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ । ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍‌ଠାକ୍ ହୋଇଯିବ ।

ଆଜି ମକର ସଂକ୍ରାନ୍ତି, ଜାନୁୟାରୀ ୧୫ ତାରିଖ, ପୌଷ ଶୁକ୍ଳ ୫ମୀ ସୋମବାର, ଉତ୍ତରାୟଣ ବନ୍ଦାପନା, ପୋଙ୍ଗଲ, ଗଙ୍ଗାସାଗର ମେଳା, ମକରବୁଡ, ଶ୍ରୀଲିଙ୍ଗରାଜ ଦେବଙ୍କ ଘୃତ କମ୍ବଳ, ଭାରତୀୟ ସେନା ଦିବସ, ବରଗଡରେ ୧୧ ଦିନ ବ୍ୟାପୀ ପ୍ରସିଦ୍ଧ ଧନୁଯାତ୍ରା ଆରମ୍ଭ, ରାଶି ନକ୍ଷତ୍ର, ଶତଭିଷା/କୁମ୍ଭ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୭ ଗତେ, ଘ.୦୭।୪୯ ମଧ୍ୟେ, ଘ.୧୦।୫୦ ଗତେ, ଘ.୦୧।୦୧ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୭।୪୯ ମି. ଗତେ ଘ.୦୯।୧୧ ମି. ମଧ୍ୟେ ରାହୁକାଳ ।।

# ମାର୍ଚ୍ଚ ୧୫ ସୁଦ୍ଧା ସେନା ଫେରାଇନିଅ

## ଭାରତକୁ ମାଳଦ୍ୱୀପର ମହଲତ

ମାଲେ/ନୂଆଦିଲ୍ଲୀ, ୧୪।୧ (ପି.ଟି.)



ମାଳଦ୍ୱୀପ ରାଷ୍ଟ୍ରପତି ମୋହମ୍ମଦ ମୁଇଜ୍ଜୁ ମାର୍ଚ୍ଚ ୧୫ ସୁଦ୍ଧା ତାଙ୍କ ଦେଶରୁ ଭାରତୀୟ ସୈନ୍ୟଙ୍କୁ ଫେରାଇନେବା ପାଇଁ ନୂଆଦିଲ୍ଲୀକୁ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାନୁୟାରୀ ୨ରେ ଲାକ୍ଷାଦ୍ୱୀପ ଯାଇ ସାମାଜିକ ଗଣମାଧ୍ୟମରେ ନିଜ ଫଟୋ ଓ ଭିଡିଓକୁ ଶେୟାର କରିଥିଲେ। ଏହା ପରେ ଭାରତୀୟ ସେଲିବ୍ରିଟିମାନେ ଲାକ୍ଷାଦ୍ୱୀପକୁ ପଡ଼ୋଶୀ ଦ୍ୱୀପରାଷ୍ଟ୍ର ମାଳଦ୍ୱୀପ ସହ ତୁଳନା କଲେ। ଲାକ୍ଷାଦ୍ୱୀପ ଥାଉ ଥାଉ ମାଳଦ୍ୱୀପକୁ ଭାରତୀୟ ପର୍ଯ୍ୟଟକ ଯିବା ଅନୁଚିତ ବୋଲି ଏକ ପ୍ରତିଯୋଗିତାମୂଳକ ତଥା ବିବାଦୀୟ ବାତାବରଣ ସୃଷ୍ଟି କରାଗଲା। ଇତିମଧ୍ୟରେ ମୁଇଜ୍ଜୁ ଚାଇନା ଗସ୍ତ କରି ନିଜ ଦେଶକୁ ଅଧିକ ପର୍ଯ୍ୟଟକ ପଠାଇବା ପାଇଁ ବେଜିଂକୁ ଅନୁରୋଧ କରିଥିଲେ। ମୁଇଜ୍ଜୁ ଚାଇନାରୁ ଫେରିବା ପରେ ୮୮ ଭାରତୀୟ ସୈନ୍ୟଙ୍କୁ ପ୍ରତ୍ୟାହାର କରିବା ପାଇଁ ମହଲତ ଦେଇଛନ୍ତି। ଏତିକି ନୁହେଁ, ପୂର୍ବରୁ ଭାରତ ଓ ମାଳଦ୍ୱୀପ ମଧ୍ୟରେ ସ୍ୱାକ୍ଷରିତ ଶତାଧିକ ଚୁକ୍ତିନାମାର ସମୀକ୍ଷା କରାଯିବ ବୋଲି ମଧ୍ୟ ସେ କହିଛନ୍ତି। ଫଳରେ ଶ୍ରୀଲଙ୍କା ଓ ନେପାଳ ଭଳି ଆଉ ଏକ ପଡ଼ୋଶୀ ଦେଶ ଭାରତଠାରୁ ଅଲଗା ହୋଇଛି। ଏଥିସହ ଭାରତ ସେଠାରେ ନିଜ ସାମରିକ ଉପସ୍ଥିତି ମଧ୍ୟ ହରାଇବାକୁ ଯାଉଛି।

ଆଗାମୀ ମାର୍ଚ୍ଚ ୧୫ ସୁଦ୍ଧା ମାଳଦ୍ୱୀପରୁ ସେନା ପ୍ରତ୍ୟାହାର କରିନେବାକୁ ଏହାର ରାଷ୍ଟ୍ରପତି ମୋହମ୍ମଦ ମୁଇଜ୍ଜୁ ଭାରତକୁ କହିଛନ୍ତି। ସେନା ପ୍ରତ୍ୟାହାର ଲାଗି ମାଳଦ୍ୱୀପ ଦୁଇ ମାସ ପୂର୍ବରୁ କହିଥିବାବେଳେ ଏବେ ଏଥିପାଇଁ ସମୟସୀମା ଧାର୍ଯ୍ୟ କରିଛି। ସଦ୍ୟତମ ସରକାରୀ ତଥ୍ୟ ଅନୁଯାୟୀ ମାଳଦ୍ୱୀପରେ ୮୮ ଭାରତୀୟ ସୈନ୍ୟ ରହିଛନ୍ତି। ସେମାନେ ମାଳଦ୍ୱୀପରେ ରହିପାରିବେ ନାହିଁ, ଏହା ରାଷ୍ଟ୍ରପତି ମୋଇଜ୍ଜୁ ଏବଂ ପ୍ରଶାସନର ନୀତି ବୋଲି ରାଷ୍ଟ୍ରପତି କାର୍ଯ୍ୟାଳୟର ଅଧିକାରୀ ଅବଦୁଲ୍ଲା ନଜିମ୍ ଇବ୍ରାହିମ୍ କହିଛନ୍ତି। ଏଥିସହିତ ପୂର୍ବ ସରକାରରେ ନୂଆଦିଲ୍ଲୀ ସହ ହୋଇଥିବା ଶତାଧିକ ଦ୍ୱିପାକ୍ଷିକ ଚୁକ୍ତିନାମାର ସମୀକ୍ଷା କରାଯିବ ବୋଲି ମାଲେ କହିଛି।

ସୈନ୍ୟ ପ୍ରତ୍ୟାହାର ବୁଝାମଣା ନେଇ ମାଳଦ୍ୱୀପ ଓ ଭାରତ ମଧ୍ୟରେ ଉଚ୍ଚସ୍ତରୀୟ କୋର୍ ଗ୍ରୁପ୍‌ର ପ୍ରଥମ ବୈଠକ ରବିବାର ସକାଳେ ମାଲେସ୍ଥିତ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଭାରତୀୟ ଉଚ୍ଚାୟୁକ୍ତ ମୁନୁ ମହାୱାର ଯୋଗଦେଇଥିଲେ। ବୈଠକ ସମ୍ପର୍କରେ ନଜିମ୍ ସ୍ପଷ୍ଟ କରିଥିବାବେଳେ ଭାରତ ସରକାରଙ୍କ ପକ୍ଷରୁ କୌଣସି ☞ପୃଷ୍ଠା-୪



କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ନେତା ରାହୁଲ ଗାନ୍ଧୀ।(ଅଧିକ ଫଟୋ: ପୃଷ୍ଠା-୪)

# ନ୍ୟାୟ ଯାତ୍ରାରେ ରାହୁଲ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ୧୦ ବର୍ଷର ଶାସନକୁ 'ଅମୃତ କାଳ' ବୋଲି ଅଭିହିତ କରୁଥିବାବେଳେ ଏହି ଅବଧି ମଧ୍ୟରେ ଦେଶବାସୀଙ୍କ ପ୍ରତି ସର୍ବାଧିକ ରାଜନୈତିକ, ଆର୍ଥିକ ଓ ସାମାଜିକ ଅନ୍ୟାୟ କରାଯାଇଛି। ଅତ୍ୟଧିକ ଅନ୍ୟାୟକୁ ଦୂରକରି ଦେଶରେ ସମାନତା, ଭାତୃତ୍ୱ ଓ ସହାବସ୍ଥାନର ବାତାବରଣ ସୃଷ୍ଟି କରିବା 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା'ର ଉଦ୍ଦେଶ୍ୟ ବୋଲି ମଣିପୁରର ଥୌବଲରେ ଏହାର ଉଦ୍‌ଘାଟନୀ ଅବସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି।

ଥୌବଲ,୧୪।୧(ପି.ଟି.)

କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ମଣିପୁରର ଥୌବଲରୁ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଶୁଭାରମ୍ଭ କରିଛନ୍ତି। ଜାତିଆଣ ହିଂସା କ୍ଷତିଗ୍ରସ୍ତ ମଣିପୁରରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ଫେରାଇଆଣିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଗତବର୍ଷ ମେ'ରୁ ଏହି ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ଜାତିଆଣ ହିଂସା ଲାଗିରହିବା ଫଳରେ ୧୮୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯିବା ସହ ହଜାର ହଜାର ବାସଚ୍ୟୁତ ହୋଇଥିଲେ। ରାଜଧାନୀ ଇମ୍ଫାଲର ଦକ୍ଷିଣରେ ଥିବା ଥୌବଲରେ ଏକ ଜନସଭାକୁ ଉଦ୍‌ବୋଧନ ଦେବା ଅବସରରେ ରାହୁଲ ପ୍ରଧାନମନ୍ତ୍ରୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଆଉ ଏକ ମିତ୍ର ଗଲା






ଧନ ନିମିତ୍ତ ଧନୀ ପାଖରେ ମସ୍ତକ ନତ କରିବ ନାହିଁ। ତାଙ୍କର ଆଡମ୍ବର, ପ୍ରତିପତ୍ତି ବା ପ୍ରଭାବରେ କେତେବେଳେ ବି ବଶୀଭୂତ ହେବ ନାହିଁ। -ଶ୍ରୀଅରବିନ୍ଦ

-ଉତ୍ତରାୟଣ ମକର
ସଂକ୍ରାନ୍ତି, ପୋଙ୍ଗଲ,
ଶରଣ ଶେଷ



# ଆଉ ଏକ ମିତ୍ର ଗଲା

ପଡ଼ୋଶୀ ରାଷ୍ଟ୍ର ବିରୋଧୀ ନୀତି ଯୋଗୁ ଭାରତ ଗୋଟିଏ ଗୋଟିଏ ପଡ଼ୋଶୀକୁ ହାତଛଡ଼ା କରୁଥିବା ଦେଖିବାକୁ ମିଳୁଛି। ପାକିସ୍ତାନ ଓ ଚାଇନା ଏମିତିରେ ଭାରତ ବିରୋଧୀ ଥିବାବେଳେ ନେପାଳ, ଶ୍ରୀଲଙ୍କା ଓ ଆଫଗାନିସ୍ତାନ ପର୍ଯ୍ୟାୟକ୍ରମେ ଦୂରେଇ ଯାଇଛନ୍ତି। ମ୍ୟାନ୍‌ମାର ଭଳି ଦେଶ ଭାରତ ବିରୋଧୀ ହୋଇଥିବା ସମସ୍ତେ ଜାଣନ୍ତି। ମ୍ୟାନ୍‌ମାରର ମିଲିଟାରୀକୁ ଭାରତ ଯେଉଁଭଳି ସମର୍ଥନ କରିଥିଲା ତା'ର କୁଫଳ ଆଗକୁ ଭୋଗିବାକୁ ପଡ଼ିବ। ସେଠାରେ ସାଧାରଣ ନାଗରିକର ପ୍ରବଳ ବିରୋଧ ଏବଂ ଗୃହଯୁଦ୍ଧ ଭଳି ସ୍ଥିତି ଲାଗିରହିଛି। ସେଥିପାଇଁ ସାଧାରଣ ନାଗରିକ ମିଲିଟାରୀ ବିରୋଧରେ ହତିଆର ଉଠାଇଛନ୍ତି। ଏହାର ପରିଣାମ ଆଗକୁ କେଉଁଭଳି ରୂପ ଧାରଣ କରିବ ତାହା ଅନୁମାନ କରିବା କଷ୍ଟକର ନୁହେଁ। ମିଲିଟାରୀରେ ଥିବା ଲୋକଙ୍କ ପରିବାର ମଧ୍ୟ ଅଛନ୍ତି। ଯେତେବେଳେ ନାଗରିକ ସମୂହ ଭାବେ ବିରୋଧ କରିବେ, ସେତେବେଳେ ସବୁଠାରୁ ଶକ୍ତିଶାଳୀ ବନ୍ଧୁକ ମଧ୍ୟ ନୀରବ ପଡ଼ିଯିବ। ଏଭଳି ପରିସ୍ଥିତି ଏବେ ନ ହେଲେ ମଧ୍ୟ କାଲି ଅତି ଶୀଘ୍ର ଆସିବ। ଯଦି ତାହା ଘଟିବ ସେତେବେଳେ ଭାରତ ଏକ ବିରୋଧୀ ରାଷ୍ଟ୍ର ଭାବେ ତାଙ୍କ ଜନସାଧାରଣଙ୍କ ଦ୍ୱାରା ଦୀର୍ଘକାଳ ପରିଲକ୍ଷିତ ହେବ।

**ଏବେ ଆଉ ଏକ ମିତ୍ର ମାଳଦ୍ୱୀପ ଗଲା। ମାଳଦ୍ୱୀପ ରାଷ୍ଟ୍ରପତି ମୋହମ୍ମଦ ମୁଇଜ୍ଜୁ ମାର୍ଚ୍ଚ ୧୫ ସୁଦ୍ଧା ତାଙ୍କ ଦେଶରୁ ଭାରତୀୟ ସୈନ୍ୟଙ୍କୁ ଫେରାଇ ନେବା ପାଇଁ ନୂଆଦିଲ୍ଲୀକୁ କହିଛନ୍ତି। ସେଠାକାର ଲୋକଙ୍କ ଜୀବନଜୀବିକା ପାଇଁ ମୁଖ୍ୟ ବ୍ୟବସାୟ ଭାବେ ପର୍ଯ୍ୟଟନ ଥିବାବେଳେ ଭାରତ ସେହି ଦାନାପାଣିରେ ମାଡ଼ କରିବାକୁ ଚେଷ୍ଟା କରିଥିବା କଥା ସେଠାକାର ନାଗରିକମାନେ ମନେ ରଖିବେ।**

ଏବେ ଆଉ ଏକ ମିତ୍ର ମାଳଦ୍ୱୀପ ଗଲା। ମାଳଦ୍ୱୀପ ରାଷ୍ଟ୍ରପତି ମୋହମ୍ମଦ ମୁଇଜ୍ଜୁ ମାର୍ଚ୍ଚ ୧୫ ସୁଦ୍ଧା ତାଙ୍କ ଦେଶରୁ ଭାରତୀୟ ସୈନ୍ୟଙ୍କୁ ଫେରାଇ ନେବା ପାଇଁ ନୂଆଦିଲ୍ଲୀକୁ କହିଛନ୍ତି। ସେଠାକାର ଲୋକଙ୍କ ଜୀବନଜୀବିକା ପାଇଁ ମୁଖ୍ୟ ବ୍ୟବସାୟ ଭାବେ ପର୍ଯ୍ୟଟନ ଥିବାବେଳେ ଭାରତ ସେହି ଦାନାପାଣିରେ ମାଡ଼ କରିବାକୁ ଚେଷ୍ଟା କରିଥିବା କଥା ସେଠାକାର ନାଗରିକମାନେ ମନେ ରଖିବେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ଲାକ୍ଷାଦ୍ୱୀପ ଗସ୍ତରେ ଯାଇ ସୋସିଆଲ ମିଡିଆରେ ନିଜ ଫଟୋ ଓ ଭିଡିଓକୁ ଶେୟାର କରିଥିଲେ। ଏପରି କି ଲାକ୍ଷାଦ୍ୱୀପର ସୌନ୍ଦର୍ଯ୍ୟକୁ ପ୍ରଶଂସା କରିଥିଲେ, ଯାହାକି ଅତ୍ୟନ୍ତ ସ୍ୱାଭାବିକ। ହେଲେ ସେ ସେଥିରେ ମାଳଦ୍ୱୀପ ସହିତ ଲାକ୍ଷାଦ୍ୱୀପର ତୁଳନା କରି ନ ଥିଲେ। କିନ୍ତୁ ପରେ ଅନେକ ଭାଜପା ସମର୍ଥକ ସେଥିରୁ ଖିଅ ଟାଣି ମାଳଦ୍ୱୀପ ସହିତ ଲାକ୍ଷାଦ୍ୱୀପର ତୁଳନା କରି ମାଳଦ୍ୱୀପକୁ ଭର୍ତ୍ସନା କରିଥିଲେ। ନିକଟରେ ମାଳଦ୍ୱୀପରେ ହୋଇଥିବା ନିର୍ବାଚନରେ ଭାରତ ବିରୋଧୀ ପ୍ରାର୍ଥୀ ଭାବେ ମୋହମ୍ମଦ ମୁଇଜ୍ଜୁ ରାଷ୍ଟ୍ରପତି ନିର୍ବାଚନ ଜିଣିଥିଲେ। ସେଥିପାଇଁ ଭାରତର ବୈଦେଶିକ ମନ୍ତ୍ରଣାଳୟ ଅତ୍ୟନ୍ତ ସଜାଗ ରହି ପ୍ରଧାନମନ୍ତ୍ରୀଙ୍କୁ ଏଭଳି କୌଣସି ମନ୍ତବ୍ୟ ନ ଦେବା ସକାଶେ ପରାମର୍ଶ ଦେବା ଉଚିତ ଥିଲା, ଯେଉଁଥିରେ ମାଳଦ୍ୱୀପ ପରୋକ୍ଷରେ କ୍ଷତିଗ୍ରସ୍ତ ହୋଇ ନ ଥାଆନ୍ତା। ଏହି ନୂତନ ଶତ୍ରୁତା ମାଳଦ୍ୱୀପଠାରୁ ଭାରତ ପାଇଁ ଅଧିକ କ୍ଷତିଗ୍ରସ୍ତ ହେବ।

# ଧର୍ମକୁ ନେଇ ରାଜନୀତି



ସୌଭାଗ୍ୟ ସୁନ୍ଦରରାୟ

ସନାତନ ଧର୍ମ ନିଶ୍ଚିହ୍ନ ପାଇଁ ଡିଏମ୍‌କେ ଶାସିତ ରାଜ୍ୟ ତାମିଲନାଡୁର ଶିକ୍ଷାମନ୍ତ୍ରୀ ଉଦୟନିଧି ଷ୍ଟାଲିନଙ୍କ ମନ୍ତବ୍ୟକୁ ଭାରତୀୟ ଜନତା ପାର୍ଟି (ଭାଜପା) ସଦ୍ୟ ସମାପ୍ତ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ବିଧାନସଭା ନିର୍ବାଚନରେ ନିର୍ବାଚନୀ ପ୍ରସଙ୍ଗ କରିଥିଲା। ଅଣଭାଜପା ଦଳ ସନାତନ ଧର୍ମବିରୋଧୀ ବୋଲି ଦଳ ପକ୍ଷରୁ ନିର୍ବାଚନ ସମୟରେ ପ୍ରଚାର କରାଗଲା। ଏଥିରୁ ଭାଜପା ସୁଫଳ ମଧ୍ୟ ପାଇଲା। ଏହି ସଫଳତା ପରେ ଏବେ ଉତ୍ତରପ୍ରଦେଶର ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠାକୁ ନେଇ ଦଳ ଉତ୍ସାହୀ ରହିଛି। ଅଯୋଧ୍ୟାର ଧାର୍ମିକ ବାତାବରଣକୁ ସମଗ୍ର ଦେଶରେ ଖେଳାଇ ଦଳକୁ ଆଗାମୀ ଲୋକ ସଭା ନିର୍ବାଚନରେ ବିଜୟୀ କରିବା ନେଇ ନେତୃବୃନ୍ଦ ଆଶା ରଖିଛନ୍ତି। ଦେଖିବାକୁ ଗଲେ ନୂଆ ମନ୍ଦିରରେ ରାମଲାଲାଙ୍କ ଗୃହ ପ୍ରବେଶ କରାଇବା ନେଇ ଭାଜପା ଯେତେଟା ଆଗ୍ରହୀ, ତା'ଠାରୁ ଅଧିକ ଆଗ୍ରହୀ ଧାର୍ମିକ ପରିବେଶ ଓ ସନାତନ ଧର୍ମକୁ ଆଳ କରି ଭୋଟରଙ୍କ ମାନସିକତାକୁ ଶୋଷଣ କରିବା। ତେବେ ରାମଲାଲାଙ୍କ ଗୃହ ପ୍ରବେଶକୁ ନେଇ ପୁଣି ଥରେ ଉଠିଛି ସନାତନ ଧର୍ମ ପ୍ରସଙ୍ଗ। ଏ ବିଷୟ ଉଠାଇଛନ୍ତି ଶଙ୍କରାଚାର୍ଯ୍ୟ। ଶଙ୍କରାଚାର୍ଯ୍ୟଗଣ କେଉଁ ପରିସ୍ଥିତିରେ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ବାସନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ତାହା ଏବେ ବିତର୍କର ଆଲେଖ୍ୟ ରଖେ।

ଦେଖିବାକୁ ଗଲେ ସନାତନ ଧର୍ମ ଏବେ ବ୍ୟାପକ ଦର୍ଶନ। ଏହା ଦେବଦେବୀଙ୍କ ମଧ୍ୟରେ ସୀମିତ ନୁହେଁ। ଏହା ମଧ୍ୟରେ ତର୍କ ରହିଛି, ଯୁକ୍ତି ରହିଛି, ଶାସ୍ତ୍ର ଆଦି ଅନେକ ଜ୍ଞାନ ବିଜ୍ଞାନ ରହିଛି। ପ୍ରାଚୀନ ଆର୍ଯ୍ୟାବର୍ତ୍ତରେ ଏହି ଧର୍ମ ପ୍ରଚଳନ ରହିଥିଲା। ଏହା ଏକ ଧର୍ମ ନୁହେଁ ବରଂ କହିବାକୁ ଗଲେ କର୍ମ। ତ୍ରେତୟାର ଅବତାରୀ ବ୍ରହ୍ମ ହେଉଛନ୍ତି ପ୍ରଭୁ ରାମଚନ୍ଦ୍ର। ଅହଲ୍ୟାଙ୍କୁ ଉଦ୍ଧାର କଲେ, ପତ୍ନୀ ବୈଦେହୀଙ୍କୁ ବନବାସ ଦଣ୍ଡ ଦେଲେ। ଆବଶ୍ୟକ ଅନୁଯାୟୀ କର୍ମ କରି ହୋଇପାରିଲେ ମର୍ଯ୍ୟାଦା ପୁରୁଷ। ଶ୍ରୀରାମ କେବଳ ଯେ ଭାରତୀୟଙ୍କ ହୃଦୟରେ ବିରାଜିତ ସେକଥା ନୁହେଁ, ବିଶ୍ୱର ଅନେକ ଶ୍ରଦ୍ଧାଳୁଙ୍କ ମନରେ ସେ ରହିଛନ୍ତି। ଏକଥା କେହି ଅସ୍ୱୀକାର କରିପାରିବେ ନାହିଁ। ସେ ପ୍ରଭୁ ତ କୌଣସି ରାଜନୈତିକ ଦଳର ହୋଇପାରିବେ ନାହିଁ। କିନ୍ତୁ ଭାଜପା ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ନିମନ୍ତେ ପ୍ରଭୁଙ୍କୁ ଏକପ୍ରକାର ଅପହରଣ କରିବା ପାଇଁ ବ୍ୟବସ୍ଥା ଗ୍ରହଣ କରିଥିବା ପରି ମନେହୁଏ। ଯେଉଁ ସମୟରେ ଅନ୍ୟ ଧର୍ମର ଚାପରେ ସନାତନ ଧର୍ମ ଚାପି ହୋଇ ନିଜର ଅସ୍ତିତ୍ୱ ହରାଇବାକୁ ଯାଉଥିଲା, ଠିକ୍ ସେହି ସମୟରେ ଦେଶର ଦକ୍ଷିଣ ଭାଗରେ ଆବିର୍ଭାବ ଘଟିଥିଲା ଜଣେ ସନ୍ଥଙ୍କର। ସେ ଆଉ କେହି ନୁହନ୍ତି, ହେଉଛନ୍ତି ଆଦି ଶଙ୍କରାଚାର୍ଯ୍ୟ। କେରଳର କାଲାଡିରେ ଜନ୍ମ ଗ୍ରହଣ କରିଥିଲେ। ସନାତନ ଧର୍ମ ପ୍ରଚାର ଓ ପ୍ରସାର



ନିମନ୍ତେ ପଦବ୍ରଜରେ ସମଗ୍ର ଭାରତବର୍ଷ ଭ୍ରମଣ କରିଥିଲେ। ଭବିଷ୍ୟତ ପାଇଁ ସନାତନ ଧର୍ମ ସୁରକ୍ଷିତ ରଖିବା ନିମନ୍ତେ ଦେଶର ଚାରି ପ୍ରାନ୍ତରେ ସେ ପ୍ରତିଷ୍ଠା କରିଥିଲେ ୪ଟି ଆଶ୍ରମ। ଏହି ଆଶ୍ରମଗୁଡ଼ିକ ଏବେ ଧାମ ବା ଶଙ୍କରାଚାର୍ଯ୍ୟ ପୀଠ ଭାବେ ପରିଗଣିତ। ୪ଟି ଧାମ ଦାୟିତ୍ୱରେ ଚତୁର୍ବେଦ ରହିଛି। ସଂପୃକ୍ତ ପୀଠ ନିଜ ନିଜ ବେଦର ପଠନ, ତର୍ଜମା କରି ଉପଲବ୍ଧ ଜ୍ଞାନ ଜନସାଧାରଣଙ୍କ ମଧ୍ୟରେ ପ୍ରସାର ପ୍ରଚାର କରାଇବା ଦେଉଛି ଏହି ପୀଠର କର୍ତ୍ତବ୍ୟ। ଏହି କ୍ରମରେ ଅଦ୍ୱୈତ ବେଦାନ୍ତ ପ୍ରସାର ଓ ସନାତନ ଧର୍ମର ସୁରକ୍ଷା ପାଇଁ ଆଦି ଶଙ୍କରାଚାର୍ଯ୍ୟ ଯେଉଁ ୪ଟି ମଠ ପ୍ରତିଷ୍ଠା କରିଥିଲେ ସେଥିମଧ୍ୟରୁ ଜ୍ୟୋତିର୍ପୀଠ ଅନ୍ୟତମ। ଏହା ଉତ୍ତରାଖଣ୍ଡର ଯୋଶୀମଠ ଭାବେ ପରିଚିତ। ଏହି ମଠ ଦାୟିତ୍ୱରେ ଅଥର୍ବ ବେଦ ରହିଛି। ପୂର୍ବ ଦିଗରେ ପୁରୀଠାରେ ଗୋବର୍ଦ୍ଧନ ପୀଠ ରହିଛି। ଏହି ମଠ ଦାୟିତ୍ୱରେ ଋଗ୍‌ବେଦ ରହିଛି। ପଶ୍ଚିମରେ ଥିବା ଦ୍ୱାରକା ପୀଠ ଦାୟିତ୍ୱରେ ସାମ୍ ବେଦ ରହିଛି। ଦକ୍ଷିଣରେ କର୍ନାଟକର ଶୃଙ୍ଗେରୀ ପୀଠ ହେପାଜତରେ ଯଜୁର୍ବେଦ ରହିଛି। ଏ ୪ ପୀଠର ମୁଖ୍ୟମାନେ ଶଙ୍କରାଚାର୍ଯ୍ୟ ଭାବେ ପରିଚିତ। ଏମାନେ ବିଦ୍ୱାନ ଓ ଦାର୍ଶନିକ। ଠାକୁରଙ୍କ କର୍ମକର୍ମାଣୀ ଓ ରୀତିନୀତିରେ ଏମାନଙ୍କ ପରାମର୍ଶ ଆବଶ୍ୟକ ପଡ଼ିଥାଏ। ତେବେ ରାମମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ପାଇଁ ନିମନ୍ତ୍ରଣ ଦିଆଯାଇଥିଲେ ମଧ୍ୟ ଶଙ୍କରାଚାର୍ଯ୍ୟଗଣ ଏହାକୁ ଅଗ୍ରାହ୍ୟ କରିଛନ୍ତି। ସନାତନ ଧର୍ମର ବିରୁଦ୍ଧାଚରଣ କରାଯାଇ ନୂଆ ମନ୍ଦିର ପ୍ରତିଷ୍ଠା କରାଯାଉଥିବା ଅଭିଯୋଗ ଆଣି ସେମାନେ କାର୍ଯ୍ୟକ୍ରମରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଅଯୋଧ୍ୟାରେ ଏକ ଅସଂପୂର୍ଣ୍ଣ ମନ୍ଦିର ନିର୍ମାଣ କରାଯାଇ ପ୍ରତିଷ୍ଠା କରାଯାଉଛି। ଏହା ଆର୍ଯ୍ୟାବର୍ତ୍ତର ସନାତନ ଧର୍ମବିହିତ ନୁହେଁ ବୋଲି ଶଙ୍କରାଚାର୍ଯ୍ୟଗଣ କହିଛନ୍ତି। ଶଙ୍କରାଚାର୍ଯ୍ୟଙ୍କ ଅଭିଯୋଗ ପରେ ଏବେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ଓ ଭାରତୀୟ ଜନତା ପାର୍ଟି କ'ଣ କହିବେ? ପ୍ରଭୁ ଶ୍ରୀରାମ ତ ଟ୍ରଷ୍ଟର ନୁହନ୍ତି। ଦାନ ଓ ଚାନ୍ଦା ବଳରେ ଅସଂପୂର୍ଣ୍ଣ ମନ୍ଦିର ନିର୍ମାଣ ହୋଇଛି। ଏହା ସନାତନ ଧର୍ମର ପ୍ରତୀକ। ଶଙ୍କରାଚାର୍ଯ୍ୟଙ୍କ ଅଭିଯୋଗ ପରେ କାହା ପରାମର୍ଶକ୍ରମେ ମନ୍ଦିର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଗଲା ସେ ପ୍ରଶ୍ନର ଉତ୍ତର ଏବେ ଟ୍ରଷ୍ଟ ଦେବା ଆବଶ୍ୟକ।

ନୂଆ ଅଯୋଧ୍ୟା ନଗରୀ ଶ୍ରଦ୍ଧାଳୁଙ୍କ ଅର୍ଥରେ ନିର୍ମାଣ ହୋଇଛି। ତାହାଲେ କେନ୍ଦ୍ର ଓ ଉତ୍ତରପ୍ରଦେଶରେ କ୍ଷମତାସୀନ ରାଜନୈତିକ ଦଳ ଏହାର ଶ୍ରେୟ ନେବାକୁ ଚାହୁଁଛନ୍ତି କାହିଁକି। ବାସ୍ତବ କାରଣଟି ହେଲା ଲୋକ ସଭା ନିର୍ବାଚନକୁ ଆଉ ମାତ୍ର ୨ ମାସ ସମୟ ରହିଲା। ଉତ୍ତରପ୍ରଦେଶରେ ସର୍ବାଧିକ ୮୦ ଲୋକ ସଭା ଆସନ ରହିଛି। ଏହି ଆସନଗୁଡ଼ିକରେ ବିଜୟୀ ହେଲେ ଦଳ ଦିଲ୍ଲୀ କ୍ଷମତା ହାସଲ କରିବା ସହଜ ହୋଇପାରିବ। ଓଡ଼ିଶାରେ ଯେପରି ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ଓଡ଼ିଆଙ୍କ ଶ୍ରଦ୍ଧା ଅପାର, ସେହିପରି ଉତ୍ତର ଭାରତର ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ଶ୍ରୀରାମଙ୍କ ପ୍ରତି ଆଦର ଅନେକ। ଏହି ଆବେଗରୁ ଉତ୍ତର ଭାରତରେ ରାଜନୈତିକ ଫାଇଦା ନେବା ପାଇଁ ଭାଜପା ତରବରିଆ ଭାବେ ମନ୍ଦିର ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଇଛି। ଏଥିରେ ହାତବାରିସି ହୋଇଛି ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ। ମୁରଲୀ ମନୋହର ଯୋଶୀ ଓ ଲାଲକୃଷ୍ଣ ଆଡ୍‌ଭାନୀଙ୍କ ରାମ ମନ୍ଦିର ଆନ୍ଦୋଳନ ପାଇଁ ୧୯୯୨ରେ ବାବ୍ରୀ ମସ୍‌ଜିଦ୍ ଭାଙ୍ଗିଲା। ଏହାପରେ ଭାଜପା କ୍ଷମତାକୁ ଆସିଲା। ଉଦାରପନ୍ଥୀ ନେତା ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ହେଲେ। ପରବର୍ତ୍ତୀ ସମୟରେ ବାବ୍ରୀ ମସ୍‌ଜିଦ୍ ଭଙ୍ଗା ଅଭିଯୋଗରେ ଆଇନ ଅଦାଲତ ଜାଲରେ ଛନ୍ଦି ହୋଇ ଆଡ୍‌ଭାନୀ ବା ଯୋଶୀଙ୍କ ଦଳରେ କୌଣସି ଅଗ୍ରଗତି ଘଟିଲା ନାହିଁ। ନୂଆ ପିଢ଼ିରେ ସେମାନେ ଅଲୋଡ଼ା ହୋଇଗଲେ। ତଥାକଥିତ ଅଯୋଧ୍ୟା ରାମମନ୍ଦିର ନିର୍ମାଣରେ ଏହି ନେତା ଦ୍ୱୟଙ୍କ ଅବଦାନକୁ ଇତିହାସ ପୃଷ୍ଠାରୁ ଏଡ଼ାଇ ଦେଇ ହେବ ନାହିଁ। କିନ୍ତୁ ଦୁର୍ଭାଗ୍ୟର ବିଷୟ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ସେମାନେ ନ ଆସନ୍ତୁ ବୋଲି ଟ୍ରଷ୍ଟ ଉଭୟଙ୍କୁ ପରାମର୍ଶ ଦେଲେ। ତେବେ ପରବର୍ତ୍ତୀ ସମୟରେ ବିଶ୍ୱ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ସେମାନଙ୍କୁ ନିମନ୍ତ୍ରଣ ଦିଆଯାଇଥିଲା। ଉଭୟ ନେତାଙ୍କୁ ଟ୍ରଷ୍ଟ ପକ୍ଷରୁ ପ୍ରଥମେ ନିମନ୍ତ୍ରଣ ଦିଆଯିବାର ଆବଶ୍ୟକତା ଥିଲା। ସେମାନେ ନିଜ ସ୍ୱାସ୍ଥ୍ୟଗତ ସୁବିଧା ଅନୁଯାୟୀ ଉପସ୍ଥିତ ହୋଇଥାନ୍ତେ ବା କାରଣରୁ ହୋଇ ନ ଥାନ୍ତେ। ଉଭୟଙ୍କ ସ୍ୱାସ୍ଥ୍ୟ ବାବଦରେ ଟ୍ରଷ୍ଟ କାହିଁକି ଆଗୁଆ ଏତେଟା ଚିନ୍ତିତ ହୋଇପଡ଼ିଲା? କଥା ହେଲା ଘଟଣା ସ୍ଥଳରେ ଆଡ୍‌ଭାନୀଙ୍କ ଉପସ୍ଥିତି ଯୋଗୁ ରାମମନ୍ଦିର ପ୍ରସଙ୍ଗକୁ ନେଇ କେନ୍ଦ୍ର ନେତୃତ୍ୱର ପତିଆରା କ୍ଷୁଣ୍ଣ ହେବାର ସମ୍ଭାବନା ଥିବାରୁ ଉଭୟ ନେତାଙ୍କୁ ଦୂରେଇ ରଖିବା ପାଇଁ ଉଦ୍ୟମ କରାଯାଇଛି।

ସନାତନ ଧର୍ମ ଓ ରାଜଧର୍ମ ମଧ୍ୟରେ ପାର୍ଥକ୍ୟ କେତେ ତାହା ବିତର୍କର ବିଷୟ। ଶ୍ରୀରାମ ପ୍ରଧାନତଃ ରାଜଧର୍ମ ପାଳନ କରିଥିଲେ। ନିଜ ପରାକାଷ୍ଠା ବଳରେ ସାଧୁସନ୍ଥଙ୍କୁ ସୁରକ୍ଷା ପ୍ରଦାନ କରିଥିଲେ। ବରୁଣଙ୍କୁ ଭୟଭୀତ କରାଇ ସେତୁବନ୍ଧ ପ୍ରତିଷ୍ଠା ମାର୍ଗ ସହଜ କରିଥିଲେ। ଏହା ଥିଲା ରାମଙ୍କ ବ୍ୟକ୍ତିତ୍ୱ। ଏବେ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଶାସକ ଦଳ କେଉଁ ଧର୍ମ ପାଳନ କରୁଛି ତାହ ସ୍ପଷ୍ଟ ହୋଇପାରୁ ନାହିଁ। ଶଙ୍କରାଚାର୍ଯ୍ୟ କହୁଛନ୍ତି ସନାତନ ଧର୍ମ ପାଳନ ହେଉନାହିଁ। ଏବେ ଯାହା ଦେଖାଯାଉଛି ଭାରତୀୟ ଜନତା ପାର୍ଟି ରାଜଧର୍ମ ପାଳନ ପରିବର୍ତ୍ତେ ସନାତନ ଧର୍ମକୁ ରାଜନୀତି ପାଇଁ ଉପଯୋଗ କରିବା ନିମନ୍ତେ ମନ ସ୍ଥିର କରିସାରିଛି।

ମୋ: ୯୪୩୭୨୨୯୨୩୩

# ରାହୁଲଙ୍କ ନ୍ୟାୟ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଥମ ଭାରତ ଯୋଡ଼ୋ ଯାତ୍ରା ୭ ସେପ୍ଟେମ୍ବର ୨୦୨୨ରୁ କନ୍ୟାକୁମାରୀଠାରୁ ଆରମ୍ଭ କରି ୩୦ ଜାନୁଆରୀ ୨୦୨୩ରେ ଜମ୍ମୁ ଓ କଶ୍ମୀରରେ ଶେଷ କରିଥିଲେ। ଯାତ୍ରା ଶେଷ ହେବା ପରେ ଦାଢ଼ି କାଟି, ଶୁଟ୍‌ବୁଟ୍ ପିନ୍ଧି ବିଦେଶ ଚାଲିଗଲେ। ସେଠାରେ ଶାମ୍ ପିତ୍ରୋଡାଙ୍କ ମସୁଧାରେ ଭାରତ ସରକାରଙ୍କ ବିରୋଧରେ ବିଦେଶ ମାଟିରୁ ଆହ୍ୱାନ ଦେଲେ ଯେ, ଏହି ଦେଶର ଗଣତନ୍ତ୍ର ଦୁର୍ବଳ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେହିଭଳି ଭାବେ ବିମୁଦ୍ରୀକରଣ ପରେ ଜାପାନ ଯାଇ ସେଠାରୁ ଭାରତୀୟଙ୍କୁ ନିନ୍ଦିଥିଲେ ଯେ, କଳାଧନ ଅର୍ଜନ କରୁଥିବାରୁ ଏହିଭଳି ପଦକ୍ଷେପ ନେବାକୁ ପଡ଼ିଥିଲା। ବିଦେଶରେ ରହି ନିଜ ଦେଶବାସୀଙ୍କୁ ମୋଦି ଯେମିତି ସମାଲୋଚନା କରିଥିଲେ, ସେହିଭଳି ରାହୁଲ ବିଦେଶ ଯାଇ ଭାରତୀୟ ଗଣତନ୍ତ୍ର ସମ୍ପର୍କରେ ନକାରାତ୍ମକ ମତ ପ୍ରଦାନ କରିଥିବା ହେତୁ ତାଙ୍କୁ ଏଠାରୁ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହାଫଳରେ ପ୍ରଥମ ସଫଳ ଯାତ୍ରାର ସଦିଚ୍ଛାକୁ ବଜାୟ ରଖିବାରେ ରାହୁଲ ଅସଫଳ ହୋଇଥିଲେ। ସେତେବେଳେ ବୁଝାଯାଇଥିଲା ଯେ ତାଙ୍କୁ ଘେରିରହିଥିବା କିଛି ଲୋକ ଅତି ସହଜରେ ରାହୁଲଙ୍କୁ ବାଟବଣା କରିଦେଇଛନ୍ତି। କାରଣ ରାହୁଲ ଗାନ୍ଧୀ ସ୍ୱୟଂ ନିଜର ଭଲମନ୍ଦ ବୁଝିବା ପାଇଁ ହୁଏତ ଅସମର୍ଥ କିମ୍ବା ତାଙ୍କର ରାଜନୈତିକ ପରିପକ୍ୱତା ଆସିନାହିଁ।

ରାହୁଲ ୧୪ ଜାନୁଆରୀ ୨୦୨୪ରୁ ପୁନର୍ବାର 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା' ନାମରେ ଅଭିଯାନ ଆରମ୍ଭ କରିଛନ୍ତି। ଅଶାନ୍ତ ମଣିପୁରରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ମାର୍ଚ୍ଚ ୨୦ରେ ମୁମ୍ବାଇରେ ଶେଷ ହେବ। ତେବେ ସେହି ଯାତ୍ରାରୁ ଦୃଷ୍ଟି ହଟାଇବା ପାଇଁ ଜଣେ ଦୁଇଜଣ କୁଜି ଯୁବନେତା କଂଗ୍ରେସ ଛାଡ଼ି ଭାଜପା ସହଯୋଗୀ ଦଳ ସହ ୧୪ ଜାନୁଆରୀରେ ମିଶିଛନ୍ତି। ଗଣମାଧ୍ୟମରେ ଏହି ଖବର ବିରାଟ ରୂପ ଧାରଣ କରିପାରେ। କିନ୍ତୁ ବାସ୍ତବରେ ସେହି ଆୟାରାମ ଗୟାରାମମାନଙ୍କର ରାଜନୈତିକ ଗୁରୁତ୍ୱ ନାହିଁ। ତଥାପି ରାହୁଲ ଏହି ଦ୍ୱିତୀୟ ଯାତ୍ରା ପରେ ଯଦି ବାସ୍ତବରେ ଦେଶରେ ରାଜନୈତିକ ପ୍ରସଙ୍ଗଗୁଡ଼ିକୁ ଉତ୍ଥାପନ କରିଚାଲନ୍ତି ଏବଂ ତତ୍‌କ୍ଷଣାତ୍ ବିଦେଶ ପଳାଇଯିବାର ଲକ୍ଷଣ ଦେଖାଇବେ ନାହିଁ, ତେବେ ୨୦୨୪ ନିର୍ବାଚନରେ ଏହି ନ୍ୟାୟ ଯାତ୍ରାର ପ୍ରଭାବ ପଡ଼ିବା ଅବଶ୍ୟମ୍ଭାବୀ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | 5 | | | | 7 | |
| | | 7 | | 8 | | 2 | | |
| | | | 1 | 4 | | | 8 | |
| | | | | | | | | |
| | 2 | | 8 | | | 1 | 6 | |
| | | | | 2 | 5 | | | |
| | | 5 | | 7 | | 3 | | 8 |
| | 7 | 4 | 2 | | 6 | 9 | 1 | |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 6 | 3 | 4 | 2 | 8 | 5 | 9 |
| 5 | 8 | 2 | 9 | 1 | 6 | 3 | 7 | 4 |
| 4 | 3 | 9 | 5 | 7 | 8 | 1 | 6 | 2 |
| 9 | 2 | 1 | 6 | 8 | 7 | 5 | 4 | 3 |
| 3 | 4 | 8 | 1 | 2 | 5 | 6 | 9 | 7 |
| 6 | 5 | 7 | 4 | 9 | 3 | 2 | 1 | 8 |
| 7 | 9 | 3 | 8 | 5 | 1 | 4 | 2 | 6 |
| 2 | 6 | 5 | 7 | 3 | 4 | 9 | 8 | 1 |
| 8 | 1 | 4 | 2 | 6 | 9 | 7 | 3 | 5 |

ଗତକାଲିର ଉତ୍ତର

# କନ୍ୟା ସନ୍ତାନ ବିମୁଖତା ଦୂରହେଉ



ବୈକୁଣ୍ଠନାଥ ମିଶ୍ର

ନାରୀ ଓ ପୁରୁଷ ପ୍ରକୃତିର ଅନନ୍ୟ ସୃଷ୍ଟି। ଦୁହେଁ ପରସ୍ପରର ପରିପୂରକ। ଏକ ବିନା ଅନ୍ୟର ସ୍ଥିତି ନିରର୍ଥକ। ସୃଷ୍ଟିର ପ୍ରାରମ୍ଭରୁ ଏ ପୁରୁଷ ପ୍ରଧାନ ସମାଜରେ ନାରୀକୁ ଗୌଣଭାବେ ପ୍ରଦର୍ଶିତ କରାଯାଇ ଆସିଛି। ମନେ କରାଯାଉଥିଲା ଯେ ନାରୀର ମୁଖ୍ୟ ଦାୟିତ୍ୱ ହେଲା ସନ୍ତାନ ସୃଷ୍ଟି ଓ ପୁରୁଷର ଆନୁଗତ୍ୟ ସ୍ୱୀକାର। ରାଷ୍ଟ୍ର ଗଠନରେ, ରାଜନୀତିରେ, ଧର୍ମୀୟ କ୍ରିୟାନୁଷ୍ଠାନରେ ଓ ସାମାଜିକ ଉତ୍ସବାନୁଷ୍ଠାନଗୁଡ଼ିକରେ ନାରୀର ଭୂମିକାକୁ ମିଳୁ ନ ଥିଲା ଯଥୋଚିତ ସ୍ୱୀକୃତି। ଏପରି କି କୌଣସି ମାତାପିତାଙ୍କର ପୁତ୍ର ସନ୍ତାନ ନ ଥିଲେ ତାଙ୍କ ଶବରେ ମୁଖାଗ୍ନି ଦେବା ଓ ଅନ୍ତ୍ୟେଷ୍ଟିକ୍ରିୟା ସମାପନରେ କନ୍ୟାକୁ ବାରଣ କରାଯାଇ ସମ୍ପର୍କୀୟ ପୁତୁରା ବା ଭଣଜା ଦ୍ୱାରା ଏ କାର୍ଯ୍ୟ କରାଯାଇ ଆସୁଛି। କନ୍ୟା ଯଦି ଏଥିରେ ଭାଗ ନେବାକୁ ଚାହୁଁଛି ତାକୁ ସହିବାକୁ ପଡୁଛି ଅନବଦ୍ୟ ଲାଞ୍ଛନା ଓ ତିରସ୍କାର।

ତ୍ୟାଗ ହିଁ ନାରୀର ସର୍ବଶ୍ରେଷ୍ଠ ଭୂଷଣ। ପ୍ରତିକୂଳ ପରିସ୍ଥିତିରେ ସନ୍ତାପିତ ହୃଦୟରେ ସନ୍ତାନକୁ ମଣିଷ ପରି ଗଢ଼ିତୋଳିବାର ଅଭୀପ୍ସା ଓ ତଜ୍ଜନିତ ସଫଳତା ତାକୁ ଦିଏ ଶ୍ରେଷ୍ଠ ବିନ୍ଧାଣିଟିଏର ପରିଚୟ। ସେ ଜିଜାବାଈ ସାଜି ଗଢ଼ିପାରନ୍ତି ଏ ଜାତିର ଛତ୍ରପତି। ପୁଣି ସେମାନେ ନିଜକୁ ସଜାଇ ଦିଅନ୍ତି ଲକ୍ଷ୍ମୀବାଈ, ଦୁର୍ଗାବାଈ, ଅହଲ୍ୟାବାଈ ଓ ମହାରାଣୀ ଶୁକଦେଈ ଭାବରେ ଓ ଏ ଜାତିକୁ ଦିଅନ୍ତି ସମୁଚିତ ଦିଗ୍‌ଦର୍ଶନ। ସେ ଶକ୍ତିପ୍ରଦାୟିନୀ, ଅଭୟଦାୟିନୀ ସେ ପୁଣି ଲକ୍ଷ୍ମୀ, ସରସ୍ୱତୀ ଓ ଦୁର୍ଗତିନାଶିନୀ। ସେ କାଳୀ କାତ୍ୟାୟନୀ ଓ ଦୁଷ୍ଟ ସଂହାରିଣୀ। ସେ ସ୍ମୃତି, ମେଧା, ଧୃତି, କ୍ଷମା, ସ୍ନିଗ୍ଧା ଓ ଅଭୟା। କେବେ ସେ ସର୍ବଂସହା ଧରିତ୍ରୀ ଓ କେବେ ପୁଣି ଅଗ୍ନିପ୍ରଜ୍ୱଳିନୀ। କେବେ ସେ କ୍ଷୀଣକଟି ସ୍ରୋତସ୍ୱିନୀ, କଳନନ୍ଦିନୀ ନାୟିକା ଝରଣା ତ କେବେ ପୁଣି ବନ୍ୟାପ୍ଳାବିନୀ ତଟକ୍ଷୟୀ ଉଗ୍ରତଟିନୀ। ନାରୀ ଅବଳା ଦୁର୍ବଳା ବୋଲି ପ୍ରତୀୟମାନ ହେବା ଏକ ଭ୍ରମ ମାତ୍ର। ନାରୀର ସହନଶୀଳତାକୁ ତା'ର ଦୁର୍ବଳତା ମନେକରିବା ଉଚିତ ନୁହେଁ।

ମା'ର ସନ୍ତାନ ବାତ୍ସଲ୍ୟ, ଅପତ୍ୟ ସ୍ନେହ ଓ ସର୍ବୋପରି ଉଦାର ସହନଶୀଳତା ଅନନ୍ୟ। ବିଶ୍ୱକବି ରବୀନ୍ଦ୍ରନାଥଙ୍କର ଚେତାବନୀ ହେଲା ଶିଶୁକୁ କୌଣସି ପରିସ୍ଥିତିରେ ମା'ଠାରୁ ଦୂରେଇନେବା ଉଚିତ ନୁହେଁ। ଦୁଷ୍ଟପିଲାକୁ ଶାସନ କରିବାକୁ ଯାଇ ଆମେ ବେଳେବେଳେ ତାକୁ ମାମୁ, ମାଉସୀ କିମ୍ବା ଅନ୍ୟ ସମ୍ପର୍କୀୟଙ୍କ ଘରେ ରଖାଇ ପାଠପଢ଼ାର ବ୍ୟବସ୍ଥା କରୁ; ଯାହା ଶିଶୁର ମନୋରାଜ୍ୟକୁ ଭୟଙ୍କର ପ୍ରଭାବିତ କରେ। ଆମେ ଭଲକରିବାକୁ ଯାଇ ଏପରି କିଛି କରିବା ନାହିଁ ଯାହା ପିଲାର ଭବିଷ୍ୟତକୁ ଦୁର୍ଦ୍ଦିନକୁ ଠେଲିଦେବ। ସମସ୍ତ ପ୍ରତିକୂଳତାକୁ ସାହସର ସହ ସମ୍ମୁଖୀନ ହେବାର ଦକ୍ଷତା ଶୈଶବରୁ ହିଁ ଶିକ୍ଷାଦେବା ଉଚିତ। ଏଠାରେ ଏକ ଦୃଷ୍ଟାନ୍ତର ପ୍ରାସଙ୍ଗିକତା ଉଲ୍ଲେଖ କରାଯାଇପାରେ। ପ୍ରସିଦ୍ଧ ଗଣିତଜ୍ଞ ଭାସ୍କରାଚାର୍ଯ୍ୟ ତାଙ୍କ କନ୍ୟା ଲୀଳାବତୀଙ୍କୁ ଅତି କମ୍ ବୟସରେ ବିବାହ କରାଇଥିଲେ। ମାତ୍ର ବିଧିର ବିଡମ୍ବନା ଯେ ଲୀଳାବତୀ ମାତ୍ର ଏଗାର ବର୍ଷ ବୟସରେ ବିଧବା ହେଲେ। ଝିଅ ଯେତେବେଳେ ଦୁଃଖରେ ଭାଙ୍ଗି ପଡୁଥିଲା, ଠିକ୍ ସେତିକି ବେଳେ ପିତା ତାଙ୍କୁ ଗଣିତବିଦ୍ୟା ଅଧ୍ୟୟନ ପାଇଁ ଅନୁପ୍ରେରିତ କରିଥିଲେ। ପିତାଙ୍କର ପ୍ରେରଣା ପ୍ରାପ୍ତହୋଇ ଗଣିତ ବିଦ୍ୟାରେ ଅତୀବ ବିଜ୍ଞ ଓ ଧୂରୀଣ ହୋଇ ଉଠିଲେ।



ତାଙ୍କ ପ୍ରଣୀତ 'ଲୀଳାବତୀ ସୂତ୍ର' ପ୍ରାଚୀନ ଗଣିତଶାସ୍ତ୍ରକୁ ଏକ କାଳଜୟୀ ଅବଦାନ। ପୃଥିବୀ ଇତିହାସରେ ଗର୍ବ ଓ ଗୌରବର ଅଧିକାରିଣୀ ସାଜିଥିବା ନାରୀ ଚରିତ୍ରର ରହିଛି ସୀମାହୀନ ଉଦାହରଣ।

ସନ୍ତାନକୁ ଶ୍ରେଷ୍ଠରୂପେ ଗଢ଼ିତୋଳିବାରେ ଯେଉଁ ମା'ର ଅବଦାନ ଅତୁଳନୀୟ ପିଲା ବଡ ହେଲା ପରେ ସେହି ମା'କୁ ଦେଉଛି ଅସହ୍ୟ କଷଣ। ମା'କୁ ସୁଦୂରକୁ ଅପସାରିତ କରି ନିଜେ ସୁଖ ସମ୍ଭୋଗରେ ମାତିଉଠେ। ତା'ର ପତ୍ନୀ ଓ ସନ୍ତାନ ବିଶିଷ୍ଟ ସଂସାରରେ ମା'ଏକ ଅଲୋଡା ବସ୍ତୁ। ଯେଉଁ ନାରୀ ସ୍ୱୟଂସମ୍ପୂର୍ଣ୍ଣା, ପରିପୂର୍ଣ୍ଣା ତା' ପ୍ରତି ଆଜି ଏ ବିପରୀତ ଭାବନା କାହିଁକି? କ୍ରମାଗତ ଭାବେ ଲକ୍ଷ୍ୟ କରାଯାଉଛି ଝିଅଙ୍କର ସଂଖ୍ୟା ପୁଅ ସଂଖ୍ୟା ତୁଳନାରେ କ୍ରମାଗତ ଭାବେ ହ୍ରାସପାଇ ଚାଲିଛି। ନ୍ୟାଶନାଲ ଫ୍ୟାମିଲ ହେଲ୍‌ଥ ସର୍ଭେ କହେ ଓଡ଼ିଶାରେ ୨୦୧୫-୧୬ରେ ପ୍ରତି ହଜାରେ ପୁଅଙ୍କ ତୁଳନାରେ ଝିଅ ସଂଖ୍ୟା ଥିଲା ୯୩୨। କିନ୍ତୁ ୨୦୨୦-୨୧ ସର୍ଭେ ରିପୋର୍ଟରେ ଦର୍ଶାଯାଇଛି ଯେ ଝିଅଙ୍କ ସଂଖ୍ୟା ୮୯୪କୁ ଖସି ଆସିଛି। ଆଶ୍ଚର୍ଯ୍ୟର କଥା ୧୯୬୧ ଜନଗଣନାରେ ପ୍ରତି ୧୦୦୦ ପୁଅଙ୍କ ତୁଳନାରେ ଝିଅ ସଂଖ୍ୟା ଥିଲା ୧୦୩୫। ୧୯୭୧ରେ ଥିଲା ୧୦୨୦। ପ୍ରଥମ ଥର ପାଇଁ ୧୯୮୧ ଜନଗଣନାରେ ଝିଅ ସଂଖ୍ୟା ପୁଅ ସଂଖ୍ୟା ତୁଳନାରେ ହ୍ରାସ ପାଇ ହେଲା ୯୯୫। ସେହିବର୍ଷଠାରୁ ଝିଅ ସଂଖ୍ୟା କ୍ରମାଗତ ହ୍ରାସ ପାଇଁ ବର୍ତ୍ତମାନ ୮୯୪ରେ ପହଞ୍ଚିଛି। ପୁଅ ସଂଖ୍ୟା ତୁଳନାରେ ଝିଅ ସଂଖ୍ୟା ହ୍ରାସ ପାଇବାରେ ଓଡ଼ିଶାର ସ୍ଥାନ ସର୍ବଭାରତୀୟ ସ୍ତରରେ ଛ'ନମ୍ବର। କେରଳ, ଛତିଶଗଡ଼, ହିମାଚଳ ପ୍ରଦେଶ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ କ୍ରମାନ୍ୱୟରେ ଓଡ଼ିଶା ଉପରକୁ ଅଛନ୍ତି। ସାମଗ୍ରିକ ଭାବେ ଭାରତବର୍ଷରେ ଓ ବିଶେଷଭାବେ ଓଡ଼ିଶାରେ ଝିଅ ସଂଖ୍ୟା ହ୍ରାସ ପାଇବା କେବଳ ସରକାର ନୁହେଁ ସବୁ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଝିଅପୁଅ ସଂଖ୍ୟାରେ ସମତା ରକ୍ଷା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ କର୍ମଶାଳା ଆୟୋଜନ କରାଯାଇ ବିଶଦ ଆଲୋଚନା କରାଯାଇଛି। ମାତୃଗର୍ଭରେ ଲିଙ୍ଗ ନିରୂପଣକୁ ସମ୍ପୂର୍ଣ୍ଣ ଅବୈଧ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଲିଙ୍ଗ ନିରୂପିତ ନ ହୋଇ କନ୍ୟା ସନ୍ତାନ ଭୂମିଷ୍ଠ ହେଲା ପରେ ତାକୁ ମୃତ୍ୟୁମୁଖକୁ ଠେଲି ଦିଆଯାଉଛି। ନିକଟରେ ସମ୍ବଲପୁର ଅଞ୍ଚଳରେ ନବଜାତ ଶିଶୁକନ୍ୟାକୁ ଅବ୍ୟବହୃତ ନଳକୂପ ଖାତ ମଧ୍ୟରେ ନିକ୍ଷେପ କରିବା ଏହାର ଏକ ବଳିଷ୍ଠ ଉଦାହରଣ। ଉଦ୍ଧାର ହେବା ପରେ ଭିମ୍‌ସାର ମେଡିକାଲର ଡାକ୍ତର ଓ କର୍ମଚାରୀଙ୍କ ଉଦ୍ୟମରେ ଶିଶୁଟି ନବଜୀବନ ଲାଭ କରିଛି। ଉଦ୍ଧାରର ଏକୋଇଶ ଦିନ ଭିମ୍‌ସାର ପକ୍ଷରୁ ଏକ ଉତ୍ସବାନୁଷ୍ଠାନ ପାଳନ କରାଯାଇ କନ୍ୟାଟିର ନାମ ରଖାଯାଇଛି 'ବିଜୟିନୀ'। ଭିମ୍‌ସାର କର୍ତ୍ତୃପକ୍ଷ ବାସ୍ତବରେ ଧନ୍ୟବାଦାର୍ହ।

ପୁତ୍ରମାନଙ୍କର ବୃଦ୍ଧ ମାତାପିତାଙ୍କ ପ୍ରତି ସକଳ ଅବିଚାର ସତ୍ତ୍ୱେ କନ୍ୟା ସନ୍ତାନ ପ୍ରତି ବିମୁଖତା ବଢ଼ିଚାଲିଛି। ତା'ର କାରଣ ଉଭୟ ସାମାଜିକ ଓ ଅର୍ଥନୈତିକ। ଯୌତୁକ ରାକ୍ଷସ ଓ କନ୍ୟାମାନଙ୍କୁ ମାତାପିତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଓ ପିଣ୍ଡ ଦାନରେ ଭାଗ ନେବାରୁ ବଞ୍ଚିତ କରାଯିବା ଦୁଇଟି ମୁଖ୍ୟ କାରଣ। ଆମର ମା'ଟିଏ ଦରକାର, ଭଉଣୀଟିଏ ଦରକାର ମାତ୍ର କନ୍ୟା ସନ୍ତାନଟିଏ ଜାତ ହେଲେ ସବୁ ଅଙ୍କ ଯେମିତି ବିଗିଡ଼ି ଯାଉଛି। ଏ ପ୍ରକାର ହୀନ ମାନସିକତାରୁ କ'ଣ ଆମର ମୁକ୍ତି ନାହିଁ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

## ଏଇ ଭାରତରେ

ବିବାହ ଶୋଭାଯାତ୍ରାରେ ବରଯାତ୍ରୀ ଯାଉଛନ୍ତି। ଡିଜେ ବାଜୁଛି, ଲୋକେ ବି ଧୁମ୍‌ଧାମ୍‌ରେ ନାଚଗୀତ କରୁଛନ୍ତି। ମାତ୍ର ରାସ୍ତାରେ ଛିଡ଼ା ହୋଇଥିବା ଦର୍ଶକମାନଙ୍କୁ ଡିଜେ ମ୍ୟୁଜିକ୍ କିଛି ବି ଶୁଭୁନାହିଁ। ଏମିତି ଏକ କଥା ହୁଏତ କାହାର ବିଶ୍ୱାସ ହୋଇ ନ ପାରେ, କିନ୍ତୁ ଏହା ସତ। ଏଭଳି ଘଟଣା ଏବେ ଖୁବ୍ ଚର୍ଚ୍ଚାକୁ ଆସିଛି। ସୋସିଆଲ ମିଡିଆରେ ଏହି ଘଟଣା ଶେୟାର ହେବା ପରେ ଭାଇରାଲ୍ ହେବାରେ ଲାଗିଛି। ଖବର ଅନୁସାରେ, ପ୍ରକୃତରେ ଭାରତର ଏକ କ୍ୟାନ୍‌ସର ହସ୍‌ପିଟାଲ ନିକଟରେ ବିବାହ ଆୟୋଜନ ହୋଇଥିବାରୁ ଆୟୋଜକମାନେ ଏଭଳି ନୀରବ ଶୋଭାଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲେ। ବରଯାତ୍ରୀ ଶୋଭାଯାତ୍ରାରେ ଅତ୍ୟଧିକ ଡିଜେ ଶବ୍ଦ ହସ୍‌ପିଟାଲରେ ଥିବା ରୋଗୀମାନଙ୍କୁ ଅସୁବିଧାରେ ପକାଇପାରେ, ତେଣୁ ସେମାନଙ୍କୁ ଆଦୌ କୌଣସି ପ୍ରକାର ଅସୁବିଧାରେ ନ ପକାଇବା ଲକ୍ଷ୍ୟରେ ଏଭଳି ଶୋଭାଯାତ୍ରା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେଣୁ ବରଯାତ୍ରୀ ଦଳରେ ସାମିଲ ହୋଇଥିବା ସବୁ ଲୋକ କାନରେ ହେଡ୍‌ଫୋନ୍ ଲଗାଇ ଡିଜେ ଗୀତର ତାଳେ ତାଳେ ନାଚି ନାଚି ଯାଇଥିଲେ। ଏଭଳି ଏକ ନିଆରା ବିବାହ ଶୋଭାଯାତ୍ରାକୁ ନେଇ ଏବେ ସୋସିଆଲ ମିଡିଆରେ ଢେର୍ ଚର୍ଚ୍ଚା ହେଉଛି। ଶବ୍ଦ ପ୍ରଦୂଷଣ ରୋକିବା ନିମନ୍ତେ ଏହା ଏକ ସୁନ୍ଦର ପଦକ୍ଷେପ ବୋଲି ଅନେକେ କହି ବୁଲୁଛନ୍ତି।

## ଚିରନ୍ତନୀ

ଭୁବନ ଭରି ଆଜି ପ୍ରେୟସୀ ମୋର ଚଳେ
ଭୁବନ ଭରି ସେ ଗୋ କାନ୍ଦେ ମୋ
ବିରହରେ।
ନୀଳ ଅଞ୍ଚଳେ ତା'ର ଖେଳେ ଆଲୋକ
ଛାୟା
ଆବରି ଦଶଦିଶି ଦେଖାଏ ରୂପମାୟା।
ରୂପସୀ ଉଠ ହସି
କେଉଁ ଗଗନେ ବସି
ଦେଖାଅ ରୂପମାୟା
ଏ ଯେ ଆଲୋକ ଛାୟା।

-(ଆଶ୍ୱାସନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜିଲା ପ୍ରଶାସନର ଦୃଷ୍ଟିପଡୁ

ମହାଶୟ,

ଜଟଣୀରେ ଓଭରବ୍ରିଜ କାମ ବାଦ ଓ ବିବାଦ ଭିତରେ ଶେଷ ହେଲା। ବଡ଼ବଜାର ଘରୋଇ ଜମି ମାଲିକମାନଙ୍କୁ ରାଜ୍ୟ ସରକାର କ୍ଷତିପୂରଣ ଦେଇ ଦୋକାନ ଘରଗୁଡ଼ିକ ଉଚ୍ଛେଦ କଲେ। ବର୍ତ୍ତମାନ ଦେଖାଯାଉଛି ସେହି ସରକାରୀ ଜାଗା ଉପରେ ଦୋକାନୀମାନେ ଘର ନିର୍ମାଣ କରି ଭଡ଼ାସୂତ୍ରରେ ଦେଇ ମାଲିକମାନେ ମାଲାମାଲ ହେଉଛନ୍ତି। ଏ ଦିଗରେ ରାଜସ୍ୱ ବିଭାଗ, ଜିଲାପାଳ, ଜଟଣୀ ପୌରପରିଷଦ ନିର୍ବାହୀ ଅଧିକାରୀ, ତହସିଲଦାର ନିରବ। ଜଟଣୀ ସହରକୁ ଜବରଦଖଲ ଏବଂ ଡ୍ରେନ୍‌କୁ ଅବରୋଧ ମୁକ୍ତ ଲାଗି ଦାବି ହେଉଛି।

-ସୁରେଶ ସାହୁ, ଜଟଣୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବରଗଡ଼ରେ ଆଜିଠୁ କଂସ ରାଜୁତି

## ଏଥର ବଦଳିଲା ରାଜମହଲ

ବରଗଡ଼,୧୪।୧
(ପ୍ରେମାନନ୍ଦ ଖମାରୀ)

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ସୋମବାରରୁ ଆରମ୍ଭ ହେବ। ଦୀର୍ଘ ୧୧ଦିନ ଧରି ଏହି ମହୋତ୍ସବ ହେବ ଏବଂ ଏହି ସମୟ ଅବଧିରେ ବରଗଡ଼ରେ କଂସ ରାଜୁତି ଚାଲିବ। ବରଗଡ଼ ସହର ମଥୁରାନଗରୀ ଏବଂ ଅମ୍ବାପାଲି ଗୋପପୁର ପାଲଟିବ। କଳାକାରଙ୍କ ପୂର୍ବାଭ୍ୟାସ ସରିଯାଇ ଥିବାବେଳେ ମାହୁନ୍ତ ସହିତ ଗୋଟିଏ ହାତୀ, ୫ ଘୋଡ଼ା ଏବଂ ୪ ଓଟ ପହଞ୍ଚି ସାରିଛନ୍ତି। ସେହିପରି ବରଗଡ଼ ଏବଂ ଅମ୍ବାପାଲି ମଧ୍ୟରେ ପ୍ରବାହିତ ଜୀରାନଦୀ ଯମୁନା ହେବ। ମଥୁରାନଗରୀର ୧୫ ଏବଂ ଗୋପପୁରର ୯ଟି ଖୋଲାମଞ୍ଚରେ ଧନୁଯାତ୍ରା ଦୃଶ୍ୟାଭିନୟ ଅଭିନୀତ ହେବ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଯାଇଛି। ଏଥିପାଇଁ ବରଗଡ଼ ହାଟପଦାରେ ରାଜ ଦରବାର ଏବଂ ସ୍ଥାନୀୟ ନିଶାମଣି ସ୍କୁଲ ସମ୍ମୁଖ ସୁଦୃଶ୍ୟ ଲୋକମଣ୍ଡପ ପଡ଼ିଆରେ ରଙ୍ଗମହଲ ମଞ୍ଚ ପ୍ରସ୍ତୁତ ହୋଇ ସାରିଛି। ବିଗତବର୍ଷ ଭଳି ଏଥର ମଧ୍ୟ ହାଟପଦା


ବରଗଡ଼ ହାଟପଦାରେ ନିର୍ମିତ କଂସ ଦରବାର।

ମଞ୍ଚରେ ମହୋତ୍ସବର ପ୍ରଥମ ୭ଦିନ ପାଇଁ ରାଜ ଦରବାର ଏବଂ ଶେଷ ୪ଦିନ ପାଇଁ ରଙ୍ଗମହଲ ଦୃଶ୍ୟାଭିନୟ ଅଭିନୀତ ହେବ। ସେହିପରି ଅନ୍ତିମ ୪ଦିନ ନିଶାମଣି ହାଇସ୍କୁଲ ସମ୍ମୁଖ ଲୋକ ମଣ୍ଡପ ପଡ଼ିଆ ରାଜ ଦରବାର ସାଜିବ। ତେବେ ସୋମବାରରୁ ମଥୁରାନଗରୀ ଏବଂ ବୁଧବାରରୁ ଗୋପପୁର ଦୃଶ୍ୟାଭିନୟ ଅଭିନୀତ ହେବ।

ପରମ୍ପରା ଦୃଷ୍ଟିରୁ ଅନ୍ୟବର୍ଷ ଭଳି ଏଥର ମଧ୍ୟ ବରଗଡ଼ ଲୋକ ସଭା ସଦସ୍ୟ ସୁରେଶ ପୂଜାରୀ ଏବଂ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସୋମବାର ସନ୍ଧ୍ୟା ୭ଟାରେ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୨ଟାରୁ ଧନୁଯାତ୍ରା ପ୍ରଚାର ପ୍ରସାର କମିଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀଛକ କଲ୍ୟାଣ ମଣ୍ଡପରୁ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହିତ ତଲିପଡ଼ା ସମଲେଶ୍ୱରୀ ମନ୍ଦିର ଅଭିମୁଖେ ଯିବ। ସେଠାରୁ ଶୋଭାଯାତ୍ରା ପୁଣି ହାଟପଦାସ୍ଥିତ ରାଜ ଦରବାରକୁ ଯିବ ଏବଂ ଉଦ୍‌ଘାଟନ ପରେ ଧନୁଯାତ୍ରା ଦୃଶ୍ୟାଭିନୟ ଆରମ୍ଭ ହେବ। ତେବେ ଏଥର ରାଜମହଲ ପରିବର୍ତ୍ତନ ହୋଇଛି। ଦୀର୍ଘବର୍ଷ ଧରି ମାରୱାଡ଼ି ଧର୍ମଶାଳା ଧନୁଯାତ୍ରା ସମୟରେ ରାଜମହଲ ହେଉଥିଲା। ସେଠାରେ କଂସଙ୍କ ସମେତ ଅନ୍ୟ ପାର୍ଶ୍ୱକଳାକାର ରହୁଥିଲେ। ବେଶଭୂଷା ହୋଇ ଦୃଶ୍ୟାଭିନୟ ପାଇଁ ମଞ୍ଚ ଅଭିମୁଖେ ବାହାରୁଥିଲେ। କିନ୍ତୁ ଏଥର ସ୍ଥାନୀୟ ଲମ୍ବା ବିଲ୍ଡିଂ ରାସ୍ତାପାର୍ଶ୍ୱରେ ରହିଥିବା ଜି.ଡି. ଗୋୟଲ ଧର୍ମଶାଳା ରାଜମହଲ ପାଲଟିବ ବୋଲି ଧନୁଯାତ୍ରା ମହୋତ୍ସବ ସମିତିର ଆବାହକ ସୁରେଶ୍ୱର ଶତପଥୀ କହିଛନ୍ତି।

# ପାଣିକୁ ଡେଇଁ ଭିଏତ୍‌ନାମ ନାବିକ ଗୁରୁତର

## ଏମ୍‌ଭି ଦେବୀ ଜାହାଜରୁ କୋକେନ୍ ଜବତ ଘଟଣା

ପାରାଦୀପ, ୧୪।୧(ଶରତ ରାଉତ)

କୋକେନ୍ ମିଳିବା ଘଟଣାରେ ୨୦୨୩ ନଭେମ୍ବର ୩୦ରୁ ପାରାଦୀପ ବନ୍ଦରରେ ଅଟକ ଥିବା ପାନାମା ଜାହାଜ ଏମ୍‌ଭି ଦେବୀ ମଧ୍ୟରେ ରବିବାର ଏକ ଅଘଟଣ ଘଟିଛି। ଉକ୍ତ ଜାହାଜରେ ଅଟକ ଥିବା ଭିଏତ୍‌ନାମର ୨୧ ନାବିକଙ୍କ ମଧ୍ୟରୁ ଜଣେ ସମୁଦ୍ରକୁ ଡେଇଁ ପଡ଼ିଥିଲେ। ଫଳରେ ତାଙ୍କର ଡାହାଣ ହାତରେ ଗଭୀର ଆଘାତ ଲାଗିଛି। ସେ ହେଲେ ଭିଏତ୍‌ନାମ ନାଗରିକ ବୁଇ କଙ୍ଗ୍ ହୁ। ଉଦ୍ଧାର ପରେ ତାଙ୍କୁ ପ୍ରଥମେ ବନ୍ଦର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ସମ୍ପର୍କରେ ତଦନ୍ତକାରୀ ସଂସ୍ଥା କଷ୍ଟମ୍ସ ପକ୍ଷରୁ କୌଣସି ସୂଚନା ମିଳିନାହିଁ। ସମ୍ପୃକ୍ତ ନାବିକ କାହିଁକି ଓ କିପରି ପାଣିକୁ ଡେଇଁଲେ ତାହା ରହସ୍ୟ ଘେରରେ ରହିଛି। ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ହୁ ଗଭୀର ମାନସିକ ଅବସାଦ ମଧ୍ୟରେ ଥିଲେ। ଏଣୁ ସେ ଆତ୍ମହତ୍ୟା କରିବାକୁ ଏପରି କରିଥିବା ସନ୍ଦେହ କରାଯାଉଛି। ଦୀର୍ଘ ଦେଢମାସ ହେଲା ୨୧ ଜଣ ନାବିକ ଜାହାଜ ମଧ୍ୟରେ ଅଛନ୍ତି। ଜାହାଜ ଏବେ ଆଙ୍କରେଜ ଏରିଆରେ ଅଛି। ଯୋଗାଯୋଗ ପାଇଁ ଆବଶ୍ୟକ ସାଧନ ମୋବାଇଲ କମ୍ପ୍ୟୁଟର ଆଦି କଷ୍ଟମ୍ସ ବିଭାଗ ଜବତ କରିଛି।

ସୂଚନାଯୋଗ୍ୟ, ଉକ୍ତ ଜାହାଜ ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ) ବର୍ଥରେ ଲାଗିଥିଲା। ନଭେମ୍ବର ୩୦ରାତିରେ ଜାହାଜର ୨ ନଂ କ୍ରେନ କ୍ୟାବିନ ମଧ୍ୟରୁ ୨୨୦ କୋଟିଟଙ୍କାର କୋକେନ୍ ଜବତ କରାଯାଇଥିଲା। ସେବେଠାରୁ କଷ୍ଟମ୍ସ ବିଭାଗ କୋକେନ ସମ୍ପର୍କରେ ତଦନ୍ତ ଚଳାଇଛି। କିନ୍ତୁ ଏପର୍ଯ୍ୟନ୍ତ କୋକେନ କିପରି ଓ କେଉଁ ପରିସ୍ଥିତିରେ କ୍ରେନ୍ ଭିତରକୁ ଯାଇଥିଲା ତା'ର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଅଭିଯୁକ୍ତ କିଏ ତା' ମଧ ଜଣାପଡିନାହିଁ। ଏପରିସ୍ଥିତିରେ ୨୧ ନାବିକ ସେହି ଜାହାଜ ମଧ୍ୟରେ ବନ୍ଦୀ ଜୀବନ କାଟୁଛନ୍ତି।


ଭିଏତ୍‌ନାମ ନାବିକ ବୁଇ କଙ୍ଗ୍ ହୁଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଛି।

# ୨୯ରୁ ପୁଣି ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ

ଭୁବନେଶ୍ୱର, ୧୪।୧(ଅସମାପିକା ସାହୁ)

ପ୍ରାଥମିକ ଶିକ୍ଷକମାନେ ପୁଣି ଆନ୍ଦୋଳନ କରିବାକୁ ଯାଉଛନ୍ତି। ଆସନ୍ତା ୨୭ ତାରିଖ ସୁଦ୍ଧା ୩ଦଫା ଦାବି ପୂରଣ ନେଇ ସରକାର ପଦକ୍ଷେପ ନ ନେଲେ ୨୯ ତାରିଖରୁ ସବୁବର୍ଗର ପ୍ରାଥମିକ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ଓ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପ୍ରାଥମିକ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଲେ ପୁଣି ରାଜ୍ୟରେ ପାଠପଢ଼ାରେ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ଏହି ଆନ୍ଦୋଳନ ଯୋଗୁ ଯେଉଁ ପରିସ୍ଥିତି ଉପୁଜିବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ବ୍ରହ୍ମାନନ୍ଦ କହିଛନ୍ତି।

ଗତବର୍ଷ ସେପ୍ଟେମ୍ବରରେ ଗ୍ରେଡ୍ ପେ ବୃଦ୍ଧି, ପ୍ରାଥମିକ ଶିକ୍ଷାରେ ଠିକା ଶିକ୍ଷକ ନିଯୁକ୍ତି ଉଚ୍ଛେଦ ଓ ୨୦୧୭ରୁ ପୁରୁଣା ପେନ୍‌ସନ ଲାଗୁ ଆଦି ତିନୋଟି ଦାବି ନେଇ ପ୍ରାଥମିକ ଶିକ୍ଷକମାନେ ସମୂହ ଛୁଟିରେ ରହି କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ। ଫଳରେ ସାରା ରାଜ୍ୟରେ ପାଠପଢ଼ାରେ ଗୁରୁତର ବ୍ୟାଘାତ ସୃଷ୍ଟି ହୋଇଥିଲା। ଅଧିକାଂଶ ବିଦ୍ୟାଳୟରେ ତାଲା ଝୁଲିଥିଲା। ସ୍ଥିତି ଏମିତି ଆସିଥିଲା, ବିଭିନ୍ନ ଜିଲାରେ ଜିଲା ଶିକ୍ଷାଧିକାରୀମାନେ ମାଧ୍ୟମିକ ଶିକ୍ଷକଙ୍କୁ ପ୍ରାଥମିକ ସ୍କୁଲକୁ ଯାଇ ପଢ଼ାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ପ୍ରାଥମିକ ଶିକ୍ଷକମାନେ ବିରୋଧ ମଧ୍ୟ କରିଥିଲେ। ପରେ ମନ୍ତ୍ରୀସ୍ତରୀୟ କମିଟି ଓ ୫-ଟି ଅଧ୍ୟକ୍ଷଙ୍କ ସହିତ ଆଲୋଚନା କରାଯାଇ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା।

ସଂଘର କହିବାନୁସାରେ, ଗତବର୍ଷ ସେପ୍ଟେମ୍ବରରେ ସମୂହ ଆନ୍ଦୋଳନକୁ ଓହ୍ଲାଇଥିଲୁ। ସରକାରଙ୍କ ସହ ଆଲୋଚନା ଏବଂ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକୁ ସ୍ଥଗିତ କରାଗଲା। ଡିସେମ୍ବରରେ ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କ ଦାବି ପୂରଣ କରାଯିବ ବୋଲି ସମସ୍ତେ ଆଶା ରଖିଥିଲେ। କିନ୍ତୁ ଡିସେମ୍ବରରେ କୌଣସି ଦାବି ପୂରଣ କରାଗଲା ନାହିଁ। ସରକାର ୩ଟି ମୁଖ୍ୟ ଦାବି ପୂରଣ ନ କରି କ୍ୟାଡର ସଂଶୋଧନ କରୁଛନ୍ତି ବୋଲି ଶୁଣାଯାଉଛି। ଏହାକୁ ପ୍ରାଥମିକ ଶିକ୍ଷକମାନେ ତୀବ୍ର ବିରୋଧ କରିବା ସହ ଦାବି ପୂରଣ ପାଇଁ ଆଉଏକ ବଡ଼ ଆନ୍ଦୋଳନ ଆରମ୍ଭ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ସଂଘର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, ଦିଲୀପ ସେଠୀ, ଦୀପକ ସାହୁ, ଅଗାଧୁ ସେଠୀ, ଟୁଲୁ ଦେଇ, କୋଷାଧ୍ୟକ୍ଷ ଗୋପାଳ କିଶୋର ସେନ, ସଂଗଠନ ସମ୍ପାଦକ ଆଭାଲିନ ପରିଡ଼ା, ଜନ୍ମେଜୟ ପରିଡ଼ା, ଝୁନା ମାନସିଂ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରିକେଟ୍ ଖେଳୁଥିବା ବେଳେ ଯୁବକଙ୍କ ମୃତ୍ୟୁ

ବଡ଼ସାହି(ସମ୍ବିତ କୁମାର ରାଉତ)/
ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ), ୧୪।୧

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ୍ ତଥା ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ମିନି ଷ୍ଟାଡ଼ିୟମରେ ରବିବାର ଜଣେ ଯୁବକ କ୍ରିକେଟ୍ ଖେଳୁଥିବା ବେଳେ ହଠାତ୍ ପଡିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ମାଣତ୍ରୀର ବୈଦନାଥ କରଙ୍କ ଏକମାତ୍ର ପୁଅ ବିକାଶ(୨୮)। ସେ ସାଙ୍ଗମାନଙ୍କ ସହିତ କ୍ରିକେଟ୍ ମାଚ୍ ଖେଳୁଥିବାବେଳେ ତଳେ ପଡ଼ିଯାଇ ଗୁରୁତର ହୋଇଥିଲେ। ସାଥି ଖେଳାଳୀ ତାଙ୍କୁ ସଙ୍ଗେ ସଙ୍ଗେ ମାଣତ୍ରୀ ଡାକ୍ତରଖାନାକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାଣତ୍ରୀ ଫାଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛି। ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

# ୧୭ରେ ସରକାରୀ ଛୁଟି

ଭୁବନେଶ୍ୱର, ୧୪।୧(ସୁନିତ୍ ମିଶ୍ର)

ଆସନ୍ତା ୧୭ ତାରିଖକୁ ସରକାରୀ ଛୁଟି ଭାବେ ଘୋଷଣା କରିଛନ୍ତି ରାଜ୍ୟ ସରକାର। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଆସନ୍ତା ୧୭ରେ ପୁରୀଠାରେ ଭକ୍ତି ଓ ଉତ୍ସାହର ସହିତ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରକଳ୍ପ ଓଡ଼ିଆ ଅସ୍ମିତାର ଅନନ୍ୟ ନିଦର୍ଶନ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତମାନେ ଯେପରି ଆନନ୍ଦର ସହ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଭକ୍ତି ନିବେଦନ କରିପାରିବେ ତାହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୭ ତାରିଖ ଦିନଟିକୁ ସରକାରୀ ଛୁଟି ଭାବେ ଘୋଷଣା କରିଛନ୍ତି। ଆସନ୍ତା ବୁଧବାର ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ସ୍କୁଲ ଓ କଲେଜ ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରବିବାର ସୂଚନା ଦିଆଯାଇଛି।

# ଶିଶୁ କଟାମୁଣ୍ଡକୁ ଖାଇଲା କୁକୁର

## ବଳି ସନ୍ଦେହ

ଯାଜପୁର/ଯାଜପୁର ରୋଡ୍ (ହର୍ଷବର୍ଦ୍ଧନ ବେହେରା/ପବିତ୍ର ରଞ୍ଜନ ମହାନ୍ତି), ୧୪।୧

ଯାଜପୁର ଜିଲାରେ ଶନିବାର ଏକ ଲୋମହର୍ଷଣକାରୀ ଘଟଣା ସାମ୍ନାକୁ ଆସିଛି। ଯାଜପୁର ରୋଡ ଥାନା ରସୁଲପୁର ବ୍ଲକ ଲକ୍ଷ୍ମୀନଗର ପଞ୍ଚାୟତ ରାଧାନଗର ଗ୍ରାମରୁ ଏକ ଶିଶୁର କଟାମୁଣ୍ଡ ଦେଖିବାକୁ ମିଳିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ କଟାମୁଣ୍ଡକୁ କୁକୁର ଧରି କୁଆଡ଼େ ନେଇଯାଇଛି। କଟାମୁଣ୍ଡକୁ କୁକୁର ଖାଇବାର ଫଟୋ ଓ ଭିଡିଓ ଭାଇରାଲ ହୋଇଛି। ଶିଶୁକୁ ବଳି ଦିଆଯାଇଥିବା ସନ୍ଦେହ କରାଯାଉଥିବାବେଳେ ଘଟଣାର ପର୍ଦ୍ଦାଫାଶ କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଶିଶୁର ମୁଣ୍ଡ ଓ ଅବଶିଷ୍ଟ ଶରୀର କିମ୍ବା ଘଟଣା ସମ୍ପର୍କରେ ପୋଲିସ କୌଣସି ସୁରାକ ପାଇ ନ ଥିବା ଜଣାପଡ଼ିଛି।

ଶନିବାର ରାତି ପ୍ରାୟ ୮ଟାରେ ଉକ୍ତ ଗ୍ରାମର ବ୍ରଜସୁନ୍ଦର ପତ୍ରୀଙ୍କ ବାଡ଼ିରେ ଥିବା କୁଟାଗଦା ନିକଟରେ ଏକ ଶିଶୁର କଟାମୁଣ୍ଡକୁ କୁକୁର ଖାଉଥିବା ଲୋକେ ଦେଖିଥିଲେ। ରବିବାର ସକାଳେ ଘଟଣା ପ୍ରଘଟ ପରେ ଲକ୍ଷ୍ମୀନଗର ସରପଞ୍ଚ ସର୍ବେଶ୍ୱର ସାହୁ ଯାଜପୁରରୋଡ୍ ଥାନାକୁ ଖବର ଦେଇଥିଲେ। ପୂର୍ବାହ୍ନ ୧୦ଟାରେ ଯାଜପୁରରୋଡ୍ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ସଦଳବଳ ପହଞ୍ଚି ତଦନ୍ତ କରିଥିଲେ। ସେତେବେଳକୁ ବିଳମ୍ବ ହୋଇଯାଇଥିଲା। କଟାମୁଣ୍ଡକୁ କୁକୁର ଖାଇ ସାରିଥିଲା। ଫଳରେ ପୋଲିସକୁ ତାହା ମିଳି ନ ଥିଲା। ଘଟଣାସ୍ଥଳରେ ରକ୍ତ ପଡ଼ିଥିବା ଦେଖି ପୋଲିସ ସ୍ଥାନୀୟ ଲୋକଙ୍କୁ ପଚରାଉଚୁରା କରିଥିଲେ ମଧ୍ୟ କେହି କିଛି କହି ପାରି ନ ଥିଲେ। ପରେ ଯାଜପୁର ଡିଏସ୍‌ପି ପି. କେ. ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତକୁ ତ୍ୱରାନ୍ୱିତ କରିବାକୁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରୁଛି। କଟାମୁଣ୍ଡକୁ କୁକୁର ଖାଉଥିବା ସମୟରେ କେତେଜଣ ଲୋକ ମୋବାଇଲ ଫୋନ୍‌ରେ ଫୋଟ ଉଠାଇଥିଲେ। ପୋଲିସକୁ ଉକ୍ତ ଫଟୋ ଓ ଭିଡିଓ ହସ୍ତଗତ ହୋଇଛି। ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରିବା ସହ ତଦନ୍ତ ପାଇଁ ୩ଟି ଟିମ୍ ଗଠନ କରିଛି। ଶିଶୁଟି ଏ ଅଞ୍ଚଳର ନୁହେଁ ଏବଂ ହତ୍ୟାକାରୀ ବାହାରେ କୌଣସି ସ୍ଥାନରେ ଘଟଣା ଘଟାଇ ଏଠାରେ ଫିଙ୍ଗିଦେଇ ଥାଇପାରେ କିମ୍ବା ବଳି ଉଦ୍ଦେଶ୍ୟରେ ଏଭଳି ଘଟଣା ଘଟିଥାଇପାରେ ବୋଲି ଥାନାଧିକାରୀ ପ୍ରଧାନ କହିଛନ୍ତି। ଖୁବ୍‌ଶୀଘ୍ର ସତ୍ୟାସତ୍ୟ ଜଣାପଡିବ ବୋଲି ସେ କହିଛନ୍ତି।

# ଭତ୍ତା ଟଙ୍କା ନ ଦେବାରୁ ମା'ଙ୍କୁ ପିଟିଲେ ପୁଅ

ଆସିକା, ୧୪।୧(ସୁରେନ୍ଦ୍ର ନାଥ ସାହୁ)

ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ନ ଦେବାରୁ ମା'ଙ୍କୁ ମାଡ଼ ମାରି ଗୁରୁତର କରିଛନ୍ତି ପୁଅ। ଏମିତି ଅଭାବନୀୟ ଘଟଣା ଘଟିଛି ଗଞ୍ଜାମ ଜିଲା ଆସିକା ଥାନା କୋଟନଡ଼ା ଥାନା ଅନ୍ତର୍ଗତ ପଢ଼ାଳ ଗ୍ରାମରେ। ଆହତ ବୃଦ୍ଧା ହେଲେ ଦେବକୀ ରାଉତ। ପ୍ରକାଶ ଯେ, ପଢାଳ ଗ୍ରାମର କାଳୁଚରଣ ରାଉତଙ୍କ ଦୁଇ ପୁଅ। ଉଭୟ କାଳୁଚରଣ ଓ ସ୍ତ୍ରୀ ଦେବକୀ ଦୁଇ ପୁଅଙ୍କ ପାଖରେ ପାଳି କରି ରୁହନ୍ତି। କାଳୁଚରଣ ବର୍ତ୍ତମାନ ଶଯ୍ୟାଶାୟୀ। ଶନିବାର ସାନପୁଅ ପ୍ରମୋଦ ମା'ଙ୍କୁ ବାର୍ଦ୍ଧକ୍ୟ ଟଙ୍କା ମାଗିଥିଲେ। ମା' ଦେବକୀ ପୁଅଙ୍କୁ ଟଙ୍କା ଦେଇନଥିଲେ। ଏଥିରେ ରାଗିଯାଇ ପ୍ରମୋଦ ମା'ଙ୍କୁ ଏକ ଠେଙ୍ଗାରେ ମାରିଥିଲେ ବୋଲି ଦେବକୀ ଅଭିଯୋଗ କରିଛନ୍ତି। ଦେବକୀଙ୍କ ହାତ ଭାଙ୍ଗିଯାଇଥିଲା ବେଳେ ଅଣ୍ଟାରେ ମଧ୍ୟ ଶକ୍ତ ଆଘାତ ଲାଗିଛି। ତାଙ୍କୁ ତାଙ୍କର ଝିଅମାନେ ପଡ଼ୋଶୀ ଲୋକଙ୍କ ସହିତ ମିଶି ଆସିକା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ପୁଅ ପ୍ରମୋଦ ଏହାକୁ ଅସ୍ୱୀକାର କରିଛନ୍ତି।

# ୪୦ଫୁଟ୍ ଉଚ୍ଚ ବାଲୁକା କଳା ପ୍ରଦର୍ଶନୀ ଉଦ୍‌ଘାଟିତ


୪୦ ଫୁଟ ଉଚ୍ଚ ବାଲୁକା କଳା ପ୍ରଦର୍ଶନୀ ସମାରୋହର ଅତିଥି।

ବଲାଙ୍ଗୀର, ୧୪।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ପେନ୍ଦିମୁଣ୍ଡା ତେଲନଦୀ ଘାଟରେ ୪୦ଫୁଟ୍ ଉଚ୍ଚତା ବିଶିଷ୍ଟ ବାଲୁକା ଭାସ୍କର୍ଯ୍ୟ କଳା ପ୍ରଦର୍ଶନୀ ରବିବାର ଉଦ୍‌ଘାଟିତ ହୋଇଛି। ବିଶିଷ୍ଟ ବାଲୁକା ଶିଳ୍ପୀ ଓମ୍‌ପ୍ରକାଶ ସାହୁଙ୍କ ଦ୍ୱାରା ନିର୍ମିତ ଏଇ ଐତିହ୍ୟପୂର୍ଣ୍ଣ ସ୍ମାରକୀସମ୍ପନ୍ନ ବାଲୁକା କଳା ପ୍ରଦର୍ଶନୀକୁ ମୁଖ୍ୟଅତିଥିଭାବେ ଯୋଗଦେଇ ଶିକ୍ଷାବିତ୍ ପ୍ରଫେସର ମଧୁସୂଦନ ପତି ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ତେନ୍ତୁଳିଖୁଣ୍ଟି ସରପଞ୍ଚ ଗୃଦା ନନ୍ଦ, ସଙ୍ଗଠକ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ, ପିଙ୍କୁ କୁମାର ଅଗ୍ରୱାଲ, ଅଧ୍ୟାପିକା ରମଣୀ ନାଏକ, ସହଶିଳ୍ପୀ ଦଶରଥ ରଣା ଯୋଗଦେଇଥିଲେ। ସଭାକୁ ଶିକ୍ଷକ ଗିରିଶ ଚନ୍ଦ୍ର ସା ପରିଚାଳନା କରିଥିଲେ।

ମୁଖ୍ୟଅତିଥି ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ନଦୀବାଲିରେ ନିଷ୍ଠାବାନ୍ ଶିଳ୍ପୀ ଓମ୍‌ପ୍ରକାଶ ଯେଉଁ କଳାତ୍ମକତା ଦେଖାଇଛନ୍ତି ତାହା ଦର୍ଶକଙ୍କୁ ବିମୋହିତ କରିବ । ଶିଳ୍ପୀର କଳ୍ପନା କେତେ ବ୍ୟାପକ, ବିସ୍ତୃତ ଏବଂ ସୁନ୍ଦର ସେଇ ଅନୁଭବ ଦେବ। ଏଇ ବାଲୁକା କଳାରେ ଶିଳ୍ପୀ ଯେଭଳି ଭାବେ ଐତିହାସିକ ସ୍ମାରକୀ ଏବଂ ସଂସ୍କାରକୁ ପ୍ରଦର୍ଶିତ କରିଛନ୍ତି ତାହା ବିସ୍ମୟକର ବୋଲି କହିଥିଲେ। ମକର ମେଳା ହେଉଛି ଉତ୍ତରାୟଣର ସମୟ। ଏଥିରେ ଚେତନାର ବି ଉତ୍ତରାୟଣ ହୋଇଥାଏ। ସାଧାରଣତଃ ବାଲିକୁ ଏକ ସାଧାରଣ ଜିନିଷ ବୋଲି ଆମେ ମନେ କରୁ। କିନ୍ତୁ ବାଲି ଭିତରେ କେତେ ସୌନ୍ଦର୍ଯ୍ୟ ଭରି ରହିଛି ତାହା ଜଣେ ଶିଳ୍ପୀ ହିଁ ଆବିଷ୍କାର କରିପାରେ। ବାସ୍ତବରେ ଜଣେ ଶିଳ୍ପୀ ତାର କଳା ମାଧ୍ୟମରେ ନିଜକୁ ବି ଆବିଷ୍କାର କରିଥାଏ। ବାଲୁକା କଳା ପ୍ରଦର୍ଶନ ଜରିଆରେ ଶିଳ୍ପୀ ଓମ୍‌ପ୍ରକାଶ ଯେଉଁ ବାର୍ତ୍ତା ଦେବାକୁ ଚାହିଁଛନ୍ତି ତାହା ନିଶ୍ଚୟ ସଫଳ ହେବ। କବି, ଶିଳ୍ପୀ, କଳାକାର, ଚିତ୍ରକର ଯେଭଳି ନିଜର ଶିଳ୍ପକଳା ମାଧ୍ୟମରେ ନିଜକୁ ଆବିଷ୍କାର କରୁଛନ୍ତି ଠିକ୍ ସେହିପରି ପ୍ରତ୍ୟେକ ବ୍ୟକ୍ତି ନିଜ ଭିତର କଳା, ସୃଜନ ଜରିଆରେ ନିଜକୁ ଆବିଷ୍କାର କରନ୍ତୁ ବୋଲି ସେଠାରେ ଉପସ୍ଥିତ ଥିବା ଦର୍ଶକଙ୍କୁ ପ୍ରଫେସର ପତି ଆହ୍ୱାନ ଜଣାଇଥିଲେ।

ଅନ୍ୟତମ ଅତିଥି ନନ୍ଦ ତାଙ୍କ ବକ୍ତବ୍ୟରେ ଶିଳ୍ପୀ ସାହୁ ତାଙ୍କର ବାଲୁକା କଳା ଜରିଆରେ ବଲାଙ୍ଗୀର ସମେତ ଆମ ଅଞ୍ଚଳର ଲୋକଙ୍କୁ ନିଜ କଳା ମାଧ୍ୟମରେ ସମବେତ ହୋଇ ଦେଶ ପ୍ରଗତିରେ ସହାୟକ ହେବାକୁ କିଛି ବାର୍ତ୍ତା ଦେବାକୁ ଚାହିଁଛନ୍ତି ବୋଲି କହିଥିଲେ। ସରପଞ୍ଚ ନନ୍ଦ ତାଙ୍କ ବକ୍ତବ୍ୟରେ ତେନ୍ତୁଳିଖୁଣ୍ଟି ମକର ମେଳା ଅବସରରେ ଶିଳ୍ପୀ ସାହୁଙ୍କ ଏଇ ବାଲୁକା କଳା ଅନ୍ୟତମ ଆକର୍ଷଣ ବୋଲି କହିଥିଲେ। ସମାଜସେବୀ ଅଗ୍ରୱାଲ ତାଙ୍କ ବକ୍ତବ୍ୟରେ ଶିଳ୍ପୀ ସାହୁଙ୍କ ବାଲୁକା କଳା ଛାତ୍ରୀଛାତ୍ରଙ୍କ ପାଇଁ ପ୍ରେରଣାର ଉତ୍ସବ ବୋଲି କହିଥିଲେ। ଅଧ୍ୟାପିକା ନାଏକ ତାଙ୍କ ବକ୍ତବ୍ୟରେ ଶିଳ୍ପୀର ଭାଷା ତାର କଳାର ଫୁଟି ଉଠୁଥାଏ। ସେଥିରେ ତାର ଭାବ ଓ ଭାଷା ରହିଥାଏ। ତାକୁ କେବଳ ଅନୁଭବୀ ହିଁ ବୁଝିପାରେ ବୋଲି କହିଥିଲେ। ଶିଳ୍ପୀ ଓମ୍‌ପ୍ରକାଶ ତାଙ୍କ ବକ୍ତବ୍ୟରେ ଗୋଟିଏ ସ୍ମାରକୀରେ ରାଜ୍ୟ ତଥା ଦେଶର ବିଶିଷ୍ଟ ଐତିହାସିକ କୀର୍ତ୍ତି ଏବଂ ମହାପୁରୁଷଙ୍କ ପ୍ରତିମା ତିଆରି କରି ଆମ ରାଜ୍ୟ ବା ଦେଶ କେତେ ମହାନ ଏଇ ବାର୍ତ୍ତା ଦେବା ସହ ଆଗାମୀ ପିଢ଼ି ମଧ ଏଥିରେ ଉଦ୍‌ବୁଦ୍ଧ ହେବାକୁ ଆହ୍ୱାନ ଦେଇଥିବା କହିଛନ୍ତି। ବାରମ୍ବାର ଅନୁରୋଧ ପରେ ମଧ ସରକାରୀ ସହଯୋଗ ମିଳୁନାହିଁ। ଏହାସତ୍ତ୍ୱେ ସେ କେବେ ନିରାଶ ନହୋଇ ବାଲୁକା କଳାର ପ୍ରସାର ଏବଂ ଗୌରବବୋଧର ଅନୁଭବ ଦେବାକୁ ଜାରି ରଖିଛନ୍ତି ବୋଲି କହିଥିଲେ। ଏଇ ଅବସରରେ ସେ ତେନ୍ତୁଳିଖୁଣ୍ଟି ମକର ମେଳା କର୍ମକର୍ତ୍ତାଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ। ଏଇ ବାଲୁକା କଳା ଦେଖିବାକୁ ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, କନ୍ଧମାଳ ଓ ସୁବର୍ଣ୍ଣପୁର ଜିଲାର ଆଖପାଖ ଗ୍ରାମର ବହୁ ଛାତ୍ରୀଛାତ୍ର, ଯୁବକ ଓ ଜନସାଧାରଣ ରୁଣ୍ଡ ହେଉଛନ୍ତି। ସଭା ପ୍ରାରମ୍ଭରେ ତୁଷରା କୃଷ୍ଣପ୍ରିୟା କଳା ପରିଷଦର ବଡ-ସାନ ଘୁବୁକୁଡୁ ନୃତ୍ୟ ପରିବେଷଣ କରିଥିଲେ।

# 'ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ ହେଉ'

## ଅଲ୍ ଓଡ଼ିଶା ବାର୍ ଆସୋସିଏଶନ୍ ସମ୍ମିଳନୀ

କଟକ,୧୪।୧ (କାର୍ତ୍ତିକ ସାହୁ)

ରାଜ୍ୟରେ କାର୍ଯ୍ୟରତ ଆଇନଜୀବୀମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ସରକାରଙ୍କ ପକ୍ଷରୁ ସେମାନଙ୍କୁ ବିଭିନ୍ନ ସୁବିଧା, ସୁଯୋଗ ଯୋଗାଇ ଦିଆଯିବା ନିତାନ୍ତ ଆବଶ୍ୟକ। ସର୍ବୋପରି ଆଇନଜୀବୀମାନଙ୍କ ସୁରକ୍ଷା ପାଇଁ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ ହେଉ। କୌଣସି ଆଇନଜୀବୀଙ୍କୁ ବାର୍ ଆସୋସିଏଶନ୍ ଅଥବା ରାଜ୍ୟ ବାର୍ କାଉନ୍‌ସିଲ୍‌ର ବିନା ଅନୁମତିରେ ପୋଲିସ ଯେପରି ଆରେଷ୍ଟ କରି ନ ପାରିବ ସେନେଇ ସରକାର ଆଇନ ପ୍ରଣୟନ କରନ୍ତୁ। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ବାର୍ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ଅଲ୍ ଓଡ଼ିଶା ବାର୍ ଆସୋସିଏଶନ ସମ୍ମିଳନୀରେ ବକ୍ତାମାନେ ଉପରୋକ୍ତ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ୍ ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ଏଥିରେ ଯୋଗଦେଇ କହିଛନ୍ତି, ଆଇନଜୀବୀମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଓ ପେନ୍‌ସନ୍ ସରକାର ଯୋଗାଇ ଦିଅନ୍ତୁ। ହାଇକୋର୍ଟ ବାର୍ ଆସୋସିଏଶନ୍ ସଭାପତି ଧରଣୀଧର ନାୟକ ଅଧ୍ୟକ୍ଷତା କରି ସବୁ ବାର୍ ଆସୋସିଏଶନ୍ ନିମନ୍ତେ ପାଠାଗାର ଓ ନିଜସ୍ୱ ଜମି ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି କହିଥିଲେ। ଆବାହକ ତଥା ବାର୍ ଆସୋସିଏଶନ୍ ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ ସ୍ୱାଗତ ଭାଷଣ ଦେଇ ଆଇନଜୀବୀଙ୍କ ସମସ୍ୟା ସମ୍ପର୍କରେ ଷ୍ଟେଟ ବାର୍ କାଉନ୍‌ସିଲ ଅଫ୍ ଓଡ଼ିଶା, ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ, ରାଜ୍ୟ ସରକାର ଓ ଭାରତ ସରକାରଙ୍କୁ ଅବଗତ କରାଯିବ ବୋଲି ସୂଚନା ଦେଇଥିଲେ। ସମ୍ବଲପୁର ଆଇନଜୀବୀମାନଙ୍କ ସମ୍ପର୍କିତ ମାମଲାରେ ସୁପ୍ରିମକୋର୍ଟ ଯିବାକୁ ଯୋଜନା କରାଯାଉଥିବା ସେ କହିଛନ୍ତି। ବିଭିନ୍ନ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତାମାନେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ୍‌ର ଯୁଗ୍ମ ସମ୍ପାଦକ ଦେବାଶିଷ ନନ୍ଦ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଏହି ଅବସରରେ ରାଜ୍ୟ ବାର୍ କାଉନ୍‌ସିଲ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ମିଳନୀରେ ରାଜ୍ୟର ୬୩ଟି ବାର୍ ଆସୋସିଏଶନ୍‌ର ସଭାପତି ଓ ସମ୍ପାଦକ ଯୋଗଦେଇଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ୍ ଉପସଭାପତି ବିଦ୍ୟାଧର ପ୍ରଧାନ ଧନ୍ୟବାଦ ଦେଇଥିଲେ।



ସମ୍ମିଳନୀରେ ହାଇକୋର୍ଟ ବାର୍ ଆସୋସିଏଶନ୍ ସଭାପତି ଧରଣୀଧର ନାୟକ ବକ୍ତବ୍ୟ ଦେଉଛନ୍ତି।








ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା

କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଣିପୁରର ଥୌବଲ୍‌ରୁ ରବିବାର 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା' ଆରମ୍ଭ କରିବା ଅବସରରେ ଲୋକଙ୍କ ସହ ସାକ୍ଷାତ୍ କରୁଛନ୍ତି।

ଥୌବଲରେ ଆୟୋଜିତ ଜନସଭାରେ ଯୋଗଦେଇଥିବା ଜନସାଧାରଣ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ

# ସରିଲା ଅଧିବାସ: ଆଜିଠୁ ଯଜ୍ଞ

**ପୁରୀ,୧୪।୧(ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ନେଇ ଏବେ ଶ୍ରୀକ୍ଷେତ୍ର ଉତ୍ସବମୁଖର। ଆସନ୍ତା ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଲୋକାର୍ପଣ କରିବେ। ଏଥିଲାଗି ଶ୍ରୀମନ୍ଦିର ଉତ୍ତର-ପୂର୍ବ ଐଶାନ୍ୟ କୋଣରେ ବେଶ୍ ନିଷ୍ଠାର ସହ ପୂଜାର୍ଚ୍ଚନା କାର୍ଯ୍ୟ ଜାରି ରହିଛି। ଶୁକ୍ରବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଦ୍ୱାରା ବ୍ରାହ୍ମଣ ବରଣ କରାଯିବା ପରେ ଅଙ୍କୁରାରୋପଣ ନୀତି ଯଜ୍ଞବେଦି ନିକଟରେ ସମ୍ପନ୍ନ ହୋଇଥିଲା। ଅଙ୍କୁରାରୋପଣ ନୀତି ପରେ ଶନିବାର ବିଧି ବିଧାନ ଅନୁଯାୟୀ ଅଙ୍କୁର ପୂଜନ କରାଯିବା ସହ ମଣ୍ଡଳ କଟାଯାଇଥିଲା। କାର୍ଯ୍ୟକ୍ରମରେ ଗଜପତିଙ୍କ ଦ୍ୱାରା ବରଣ ହୋଇଥିବା ବ୍ରାହ୍ମଣମାନେ ଅଙ୍କୁର ପୂଜନ, ଯଜ୍ଞ ଅଧିବାସ, ମଣ୍ଡଳ ସ୍ଥାପନ, ଧ୍ୱଜା ସ୍ଥାପନ ଏବଂ ତୋରଣ ସ୍ଥାପନ ଆଦି ପୂଜାବିଧି ସମ୍ପନ୍ନ କରିଥିଲେ। ତେବେ



ଯଜ୍ଞସ୍ଥଳରେ ଉପସ୍ଥିତ ବ୍ରାହ୍ମଣମାନେ। (ଫଟୋ: ମନୋରଞ୍ଜନ ମିଶ୍ର)

ପରମ୍ପରା ଅନୁଯାୟୀ, ୧୫ ତାରିଖ ଅର୍ଥାତ ସୋମବାରଠାରୁ ଅଖଣ୍ଡ ଦୀପ ସ୍ଥାପନ ସହିତ ଯଜ୍ଞ ବିଧି ଆରମ୍ଭ ହେବ। ସେହିପରି ଶ୍ରୀମନ୍ଦିର ଚାରିଦ୍ୱାରରେ ଋକ୍, ସାମ୍, ଯଜୁଃ ଏବଂ ଅଥର୍ବ ବେଦ ପାଠ ଆରମ୍ଭ ହେବ। ୧୭ ତାରିଖ ବୁଧବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଦ୍ୱାରା ଯଜ୍ଞର ପୂର୍ଣ୍ଣାହୁତି ହେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପର ଲୋକାର୍ପଣ କରିବେ।

କାର୍ଯ୍ୟକ୍ରମ ସମ୍ପର୍କରେ ପଣ୍ଡିତ ବିଶ୍ୱମ୍ଭର ଦାଶ ସୂଚନା ଦେଇ କହିଛନ୍ତି, ରବିବାର ଅଙ୍କୁର ରୋପଣର ତୃତୀୟ ଦିବସ। ସକାଳ ପୂଜା ପରେ ଅଙ୍କୁର ପୂଜନ, ଦେବୀ ମଣ୍ଡଳ ଅଧିବାସ, ନୃସିଂହଙ୍କ ମଣ୍ଡଳ ଅଧିବାସ, ଘଟ ଓ ତୋରଣ ଅଧିବାସ ଇତ୍ୟାଦି କରାଯାଇଛି। ସମସ୍ତ ଅଧିବାସ କାର୍ଯ୍ୟ ସମ୍ପନ୍ନ ହେବା ପରେ ସୋମବାର ସକାଳେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇ ଯଜ୍ଞ କାର୍ଯ୍ୟ କରାଯିବ। କଳସ ଅଧିବାସରେ ବିଭିନ୍ନ ଦେବଦେବୀଙ୍କୁ ଅଧିବାସ କରାଯିବ। ସମସ୍ତ କାର୍ଯ୍ୟ ବୈଦିକ ରୀତିନୀତି ଅନୁଯାୟୀ କ୍ରମ ଅନୁସାରେ କରାଯାଉଛି ବୋଲି ଦାଶ କହିଛନ୍ତି। ସେହିପରି ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ କହିଛନ୍ତି, ଗଜପତି ହେଉଛନ୍ତି ମହାପ୍ରଭୁଙ୍କ ଆଦ୍ୟ ସେବକ। ତେଣୁ ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିରର ଯେକୌଣସି କାର୍ଯ୍ୟ ହୋଇଥାଏ ସେଥିରେ ଗଜପତି କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥାନ୍ତି। ଗଜପତିଙ୍କ ନାମ ଓ ଗୋତ୍ର ଅନୁଯାୟୀ ବ୍ରାହ୍ମଣମାନେ ସଂକଳ୍ପ କରିଥାନ୍ତି। ଯେହେତୁ ଶ୍ରୀମନ୍ଦିର କାର୍ଯ୍ୟ ହେଉଛି, ତେଣୁ ଗଜପତି ମହାରାଜା କର୍ତ୍ତା ଭାବେ ରାଜଗୁରୁଙ୍କୁ ବରଣ କରିଥିଲେ। ପରେ ରାଜଗୁରୁ ଅନ୍ୟ ବ୍ରାହ୍ମଣମାନଙ୍କୁ ବରଣ କରିଥିଲେ। ଅଙ୍କୁରା ରୋପଣ, ଅଙ୍କୁର ପୂଜନ ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ପରେ ସୋମବାରଠାରୁ ଯଜ୍ଞ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ସୂର୍ଯ୍ୟପୂଜା ପରେ ରାଜଗୁରୁ ଅନ୍ୟ ବ୍ରାହ୍ମଣମାନଙ୍କୁ ଗୁଆ, ନଡ଼ିଆ, ବସ୍ତ୍ର ଦେଇ ବରଣ କରିବେ। ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହେବ। ୧୭ ତାରିଖରେ ଯଜ୍ଞରେ ପୂର୍ଣ୍ଣାହୁତି ଦେବା ପରେ ମଣ୍ଡଳରେ ପୁଷ୍ପାଞ୍ଜଳି ଅର୍ପଣ କରିବେ। ପରେ ଯଜ୍ଞ କାର୍ଯ୍ୟ ସମ୍ପନ୍ନ ହେବ ବୋଲି ରାଜଗୁରୁ ସୂଚନା ଦେଇଛନ୍ତି। ଏହି ଉତ୍ସବରେ ଦେଶ ବିଦେଶ ଓ ବିଭିନ୍ନ ଦେବାଳୟରୁ ୯ ଶହ ଅତିଥି ଯୋଗଦେବାକୁ ଥିବାରୁ ସେ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ୧୭ ତାରିଖ ଅପରାହ୍ନ ୧ଟା ୧୫ରୁ ୧ଟା ୩୦ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଫଳକ ଉନ୍ମୋଚନ ସହ ପ୍ରକଳ୍ପ ଲୋକାର୍ପଣ ହେବାର କାର୍ଯ୍ୟକ୍ରମ ରହିଛି।

## ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ଲୋଗୋ ଉନ୍ମୋଚନ କଲା କଂଗ୍ରେସ

**ଭୁବନେଶ୍ୱର, ୧୪।୧(ସୁନିତ୍ ମିଶ୍ର)**

ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ପୂର୍ବତନ ଏଆଇସିସି ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ରବିବାର ମଣିପୁରର ଇମ୍ଫାଲଠାରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ଲୋଗୋକୁ ଶତାଧିକ ଚାରିଚକିଆ ଯାନରେ ଲଗାଯାଇଛି। ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ଚାରିଚକିଆ ଯାନରେ ଷ୍ଟିକରିଂ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ଗଣମାଧ୍ୟମକୁ କହିଛନ୍ତି ଯେ ଏହି ଯାତ୍ରା ମଣିପୁର ଇମ୍ଫାଲଠାରୁ ଆରମ୍ଭ ହୋଇ ମହାରାଷ୍ଟ୍ରର ମୁମ୍ବାଇଠାରେ ସମାପ୍ତ ହେବ। ଏହି ଯାତ୍ରା ଦୀର୍ଘ ୬୬ ଦିନ ଧରି ଚାଲିବ ଏବଂ ୧୫ ରାଜ୍ୟର ୧୧୦ ଜିଲା ଅତିକ୍ରମ କରିବ। ଓଡ଼ିଶାରେ ୪ ଦିନ ଧରି ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଦେଇ ୩୪୧ କିମି ଅତିକ୍ରମ କରିବ। ଏହି ପରିପ୍ରେକ୍ଷୀରେ ବିଶ୍ୱଜିତ ଦାସ କହିଛନ୍ତି ଯେ ସମ୍ବିଧାନର ସୁରକ୍ଷା, ସାମ୍ବିଧାନିକ ଅନୁଷ୍ଠାନର ନିରପେକ୍ଷତା, ଦୁର୍ନୀତି ଓ ଭ୍ରଷ୍ଟାଚାର, ଉପେକ୍ଷିତ ଜନତାକୁ ନ୍ୟାୟ, ଧନୀ ଓ ଗରିବଙ୍କ ଭିତରେ ଦୂରତା ହ୍ରାସ, ଆକାଶଛୁଆଁ ଦରଦାମ ବୃଦ୍ଧି, ନାରୀ ସୁରକ୍ଷା ଏବଂ ବେକାରି ସମସ୍ୟା ପ୍ରସଙ୍ଗରେ ଏହି ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଉଦ୍ଦିଷ୍ଟ। ଏହି ଯାତ୍ରା ହିଁ ସାଧାରଣ ଜନତାର ସ୍ୱର ହେବ ବୋଲି ସେ କହିଛନ୍ତି।

## ଶତାୟୁ ଫଟୋଗ୍ରାଫର୍‌ର ପୂର୍ଣ୍ଣଚନ୍ଦ୍ରଙ୍କ ପରଲୋକ

**ବାରିପଦା, ୧୪।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶତାୟୁ ଫଟୋଗ୍ରାଫର ପୂର୍ଣ୍ଣଚନ୍ଦ୍ର ବିନ୍ଧାଣି(୧୦୦)ଙ୍କ ରବିବାର ଦେଉଳସାହିସ୍ଥିତ ନିଜ ବାସଭବନରେ ପରଲୋକ ଘଟିଛି। ସେ ଓଡ଼ିଶାର ପ୍ରଥମ ଫଟୋ ସାମ୍ବାଦିକ ହୋଇଥିବା ବେଳେ ଜଣେ ଅନନ୍ୟ ଫଟୋଗ୍ରାଫର ଭାବେ ଦେଶବିଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସ୍ୱର୍ଗତ ବିନ୍ଧାଣୀ ରାଜତନ୍ତ୍ର ସମୟରୁ ନିଜର ଫଟୋଗ୍ରାଫର କ୍ୟାରିୟର ଆରମ୍ଭ କରିଥିଲେ। ମୟୂରଭଞ୍ଜ ମହାରାଜାଙ୍କ ସେ ବ୍ୟକ୍ତିଗତ ଫଟୋଗ୍ରାଫର ଥିଲେ। ଫଟୋଗ୍ରାଫି ପାଇଁ ତାଙ୍କୁ ଜାତୀୟସ୍ତରରେ ସମ୍ମାନିତ କରାଯାଇଛି। ସେ ଏକାଧାରାରେ ଜଣେ ସାମ୍ବାଦିକ, ସୁସାହିତ୍ୟକ, ଅଭିନେତା, ରଥ ବିଶ୍ୱକର୍ମା ଏବଂ ଜଣେ ଉତ୍ତମ ବାସ୍ତୁବିଶାରଦ ଭାବରେ ଖୁବ୍ ପରିଚିତ ଥିଲେ। କିଛି ଦିନ ପୂର୍ବରୁ ତାଙ୍କର ଶହେ ବର୍ଷ ପୂରଣ ଅବସରରେ ତାଙ୍କୁ ଏକ ବର୍ଣ୍ଣାଢ୍ୟ ପରିବେଶରେ



ପୂର୍ଣ୍ଣଚନ୍ଦ୍ର ବିନ୍ଧାଣି

**ମୟୂରଭଞ୍ଜ ମହାରାଜାଙ୍କ ବ୍ୟକ୍ତିଗତ ଫଟୋଗ୍ରାଫର ଥିଲେ**

ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ କରାଯାଇଛି। ବାସଭବନରେ ପୂର୍ଣ୍ଣଚନ୍ଦ୍ରଙ୍କ ଶେଷ ଦର୍ଶନ ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସୀମାନ୍ତରେ ୩ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୧୪।୧(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ଦନ୍ତେୱାଡା ଜିଲାରେ ୩ ମାଓବାଦୀ ରବିବାର ଜିଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଛତିଶଗଡ ଦାନ୍ତେୱାଡା ଜିଲା କଟେକଲ୍ୟାଣ ମାଓବାଦୀ କମିଟି ସକ୍ରିୟ ଏଲ୍‌ଓଏସ୍ କମାଣ୍ଡର ଗଙ୍ଗା ମୁଚାକି, ଡିକେଏମ୍‌ସ ସଦସ୍ୟ ମୁଚାକି ମୁଦା, ସିଏନ୍‌ଏମ୍ ସଦସ୍ୟ ଆଇତା କୁହୁଦମ। ସଙ୍ଗଠନ ନିଜ ନୀତି ଆଦର୍ଶରୁ ଓହରିଥିବା ସହ ଦୁର୍ବଳ ହେଉଥିବା ବେଳେ ସରକାରଙ୍କ ପୁନର୍ବାସ ଯୋଜନାରେ ଆକର୍ଷିତ ହୋଇ




ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ବହୁ ବଡ଼ ହିଂସାକାଣ୍ଡରେ ଏମାନେ ସମ୍ପୃକ୍ତ ଥିଲେ। ଆତ୍ମସମର୍ପଣ ପରେ ଏମାନଙ୍କୁ ୨୫ହଜାର ଟଙ୍କା ଲେଖାଏ ସହାୟତା ସହ ଆଗାମୀ ଦିନରେ ଅନ୍ୟାନ୍ୟ ସୁବିଧା ଦିଆଯିବ ବୋଲି ପୋଲିସ ଅଧୀକ୍ଷକ ପ୍ରକାଶ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

### ମାର୍ଚ୍ଚ ୧୫ ସୁଦ୍ଧା ...

ମତାମତ ଦିଆଯାଇ ନାହିଁ। ଚାଇନା ସପକ୍ଷବାଦୀ ନେତା ମୋଇଜୁ ମାଲଦ୍ୱୀପ ରାଷ୍ଟ୍ରପତି ଭାବେ ଗତବର୍ଷ ନଭେମ୍ବର ୧୭ରେ ଶପଥ ନେବା ପରେ ସେଠାରୁ ସୈନ୍ୟ ପ୍ରତ୍ୟାହାର କରିନେବା ପାଇଁ ଭାରତକୁ ଆନୁଷ୍ଠାନିକ ନିବେଦନ କରିଥିଲେ। ଏଥିପାଇଁ ତାଙ୍କୁ ଜନାଦେଶ ମିଳିଥିବା ମୁଇଜୁ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ମୁଇଜୁ ସରକାରଙ୍କ ୩ ଜଣ ମନ୍ତ୍ରୀ ଅପମାନଜନକ ମନ୍ତବ୍ୟ ଦେବା ପରେ ଦୁଇଦେଶ ମଧ୍ୟରେ କୂଟନୈତିକ ସମ୍ପର୍କରେ ତିକ୍ତତା ଦେଖାଦେଇଛି। ମାଲଦ୍ୱୀପ ୩ ମନ୍ତ୍ରୀଙ୍କୁ ନିଲମ୍ବନ କରିଥିବାବେଳେ ସେମାନଙ୍କ ବହିଷ୍କାର ଏବଂ ମନ୍ତବ୍ୟ ପାଇଁ କ୍ଷମା ମାଗିବା ନିମନ୍ତେ ଦାବି ହେଉଛି। ଭାରତୀୟ ପର୍ଯ୍ୟଟକମାନେ ବେଳାଭୂମି ପର୍ଯ୍ୟଟନ ସ୍ଥଳ ଭାବେ ମାଲଦ୍ୱୀପକୁ ବର୍ଜନ କରି ଏହା ପରିବର୍ତ୍ତେ ଲାକ୍ଷାଦ୍ୱୀପକୁ ବାଛିବା ପାଇଁ ସୋସିଆଲ ମିଡିଆରେ କ୍ୟାମ୍ପେନ୍ ଜୋର୍ ଧରିଛି। ମାଲଦ୍ୱୀପକୁ ଭାରତ ସର୍ବାଧିକ ପର୍ଯ୍ୟଟକ ଯୋଗାଇଆସୁଥିଲା। ନିକଟରେ ମୁଇଜୁ ଚାଇନା ଗସ୍ତରେ ଯାଇ ଉକ୍ତ ଦେଶର ଅଧିକ ନିକଟତର ହେବାକୁ ଉଦ୍ୟମ କରିଥିଲେ। ଭାରତ ପର୍ଯ୍ୟଟକ ପଠାଇବା ବନ୍ଦ କଲେ ଏହାକୁ ଭରଣା କରିବା ପାଇଁ ସେ ବେଜିଂର ସହାୟତା ଲୋଡ଼ିଥିଲେ। ଏଥିସହିତ ଦୁଇ ଦେଶ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ୨୦ଟି ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଶନିବାର ଦିନ ମୁଇଜୁ କୌଣସି ଦେଶର ନାଁ ନ ନେଇ କହିଥିଲେ, ଆମେ ଛୋଟ ଦେଶ ହୋଇପାରୁ, କିନ୍ତୁ ଆମକୁ କେହି ଧମକ ଦେବା ପାଇଁ ଆମେ ଲାଇସେନ୍ସ ଦେଉନାହୁଁ। ଭାରତ ଉପରେ ନିର୍ଭରଶୀଳତା କମାଇବା ଯୋଜନା ସମ୍ପର୍କରେ ସେ ଘୋଷଣା କରିଥିଲେ। ଏହା ବଦଳରେ ଅନ୍ୟ ଦେଶରୁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ, ଔଷଧ ଓ ଅନ୍ୟାନ୍ୟ ପଣ୍ୟ ଆମଦାନୀ କରାଯିବ ବୋଲି ମୋଇଜୁ କହିଥିଲେ। ଆମେ କାହା ବାଡ଼ିତଳେ ଘର କରିନାହୁଁ। ଆମର ଏକ ସ୍ୱାଧୀନ ଓ ସାର୍ବଭୌମ ଦେଶ ରହିଛି। ମାଲଦ୍ୱୀପର ଘରୋଇ ମାମଲାରେ ବାହ୍ୟ ପ୍ରଭାବକୁ ଅନୁମତି ଦିଆଯିବ ନାହିଁ ବୋଲି ଭେଲାନା ଅନ୍ତର୍ଜାତୀୟ ବିମାନବନ୍ଦରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଉଦ୍‌ବୋଧନ ଦେଇ ସେ କହିଥିଲେ।

### ନ୍ୟାୟ ଯାତ୍ରାରେ ...

ନରେନ୍ଦ୍ର ମୋଦିଙ୍କ ଉପରେ ବର୍ଷିଥିଲେ। ହିଂସାକାଣ୍ଡରେ ଲକ୍ଷ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଥିଲାବେଳେ ସେମାନଙ୍କ ଲୁହ ପୋଛିବାକୁ କିମ୍ବା ସାନ୍ତ୍ୱନା ଦେବାକୁ ପ୍ରଧାନମନ୍ତ୍ରୀ ମଣିପୁର ଆସିଲେ ନାହିଁ। ମୋଦି, ଭାଜପା ଏବଂ ଆର୍‌ଏସ୍‌ଏସ୍ ପାଇଁ ମଣିପୁର ବୋଧହୁଏ ଭାରତର ଅଂଶ ନ ଥିଲା ବୋଲି ରାହୁଲ କହିଛନ୍ତି। ମଣିପୁରବାସୀଙ୍କ ଦୁଃଖ, ଯନ୍ତ୍ରଣା ଓ ଆଘାତକୁ ଆମେ ହୃଦୟଙ୍ଗମ କରୁଛୁ। ଆମେ ଏହି ରାଜ୍ୟକୁ ଶାନ୍ତି, ସୌହାର୍ଦ୍ଦ୍ୟ ଓ ସ୍ନେହ ଫେରାଇ ଆଣିବୁ ବୋଲି ୬,୭୧୩ କିଲୋମିଟର ନ୍ୟାୟ ଯାତ୍ରା ଆରମ୍ଭ କରିବା ଅବସରରେ କଂଗ୍ରେସ ନେତା କହିଛନ୍ତି। ଉକ୍ତ ଯାତ୍ରା ୧୫ ରାଜ୍ୟର ୧୧୦ ଜିଲା ଦେଇ ମାର୍ଚ୍ଚ ୨୦ରେ ମୁମ୍ବାଇରେ ଶେଷ ହେବ।

ନ୍ୟାୟ ଯାତ୍ରା ଶୁଭାରମ୍ଭ କରିବା ଅବସରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିଥିଲେ। ମୋଦି କେବଳ ଭୋଟ ମାଗିବା ପାଇଁ ଉତ୍ତରପୂର୍ବାଞ୍ଚଳ ରାଜ୍ୟକୁ ଆସିଥାନ୍ତି,ଏଠାର ଲୋକ ଯନ୍ତ୍ରଣାରେ ଥିବାବେଳେ ସେମାନଙ୍କ ସହ ଦୁଃଖ ବାଣ୍ଟିବାକୁ ଆସି ନ ଥାନ୍ତି ବୋଲି ଖାର୍ଗେ କହିଥିଲେ। ବେଳାଭୂମି ବୁଲିଯିବା ଓ ସମୁଦ୍ରରେ ବୁଡ଼ିବା ପାଇଁ ମୋଦିଙ୍କର ସମୟ ଅଛି, ହେଲେ ମଣିପୁର ଆସିବାକୁ ସମୟ ନାହିଁ। ରାମ ମନ୍ଦିର ନାଁରେ ଭାଜପା ଧର୍ମକୁ ରାଜନୀତି ସହ ମିଶାଇ ଲୋକଙ୍କୁ ଉସୁକାଉଥିବା କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି। ଭାଜପା ମୁହଁରେ ରାମନାମ ଏବଂ ସାଙ୍ଗରେ ଛୁରି ଧରି ବୁଲୁଛନ୍ତି। ଜନସାଧାରଣଙ୍କ ପ୍ରତି ସେମାନଙ୍କର ଏଭଳି ଦୃଷ୍ଟିଭଙ୍ଗୀ ରହିବା ଉଚିତ ନୁହେଁ। କଂଗ୍ରେସ ସାମାଜିକ ନ୍ୟାୟ, ସାମ୍ୟବାଦ ଓ ସମାନତା ପାଇଁ ଲଢ଼େଇ କରୁଛି। ଦେଶର ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ଏବଂ ଫାସିବାଦ ଶକ୍ତି ବିରୋଧରେ ଲଢ଼େଇ ପାଇଁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆରମ୍ଭ ହୋଇଛି। କଂଗ୍ରେସ ଘରକୁ ଘର ଯାଇ ଶାନ୍ତିର ବାର୍ତ୍ତା ପହଞ୍ଚାଇବ ବୋଲି ଖାର୍ଗେ କହିଥିଲେ। ରାହୁଲ ଓ ଅନ୍ୟ ନେତାମାନେ ଯାତ୍ରା କରିବାକୁ ଥିବା ବସ୍‌କୁ ଖାର୍ଗେ ଉନ୍ମୋଚନ କରିଥିଲେ।

## ନ୍ୟାୟ ଯାତ୍ରାରେ ସାମିଲ ହେଲେ ଡାନିଶ ଅଲି

ଥୌବଲ,୧୪।୧(ପି.ଟି.)

ବିଏସ୍‌ପି ଦ୍ୱାରା ନିଲମ୍ବିତ ହୋଇଥିବା ଲୋକ ସଭା ସଦସ୍ୟ ଡାନିଶ ଅଲି ରବିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ସାମିଲ ହୋଇଛନ୍ତି। ଏକତା ଓ ନ୍ୟାୟ ପାଇଁ ଏହି ସର୍ବବୃହତ୍ ଅଭିଯାନରେ ଯଦି ସେ ଭାଗ ନ ନିଅନ୍ତି, ତେବେ ଜଣେ ରାଜନେତା ଭାବେ କର୍ତ୍ତବ୍ୟ କରିବାରେ ବିଫଳ ହେବେ ବୋଲି କହିଛନ୍ତି। ମାୟାବତୀଙ୍କ ନେତୃତ୍ୱାଧୀନ ବିଏସ୍‌ପି ଉଭୟ ଏନ୍‌ଡିଏ ଏବଂ ଇଣ୍ଡିଆ ମେଣ୍ଟଠାରୁ ସମଦୂରତ୍ୱ ରଖୁଥିବାବେଳେ ଡାନିଶ୍ ବିରୋଧୀଙ୍କ ସହ ମିଶି ସବୁବେଳେ ଭାଜପାକୁ ଆକ୍ରମଣ କରୁଥିଲେ। ଦଳବିରୋଧୀ କାର୍ଯ୍ୟ ପାଇଁ ବିଏସ୍‌ପି ତାଙ୍କୁ ଗତ ଡିସେମ୍ବରରେ ନିଲମ୍ବନ କରିଥିଲା। ରବିବାର ନ୍ୟାୟ ଯାତ୍ରା ଆରମ୍ଭରେ ଡାନିଶ୍ କଂଗ୍ରେସ ନେତାମାନଙ୍କ ସହ ମଞ୍ଚରେ ଆଗ ଧାଡ଼ିରେ ବସିଥିଲେ। ପରେ ସେ ନ୍ୟାୟ ଯାତ୍ରା ବସ୍‌ରେ ରାହୁଲ ସ ଅନ୍ୟମାନଙ୍କ ସହ ସାମିଲ ହୋଇଥିଲେ।

# 'ଆଗ ଶାସ୍ତ୍ରୀୟ ସଙ୍ଗୀତ ଶିଖିବା ଦରକାର'

ଧରିତ୍ରୀ ଆଳାପ

ବର୍ତ୍ତମାନ ସଙ୍ଗୀତ ଜଗତରେ ଚର୍ଚ୍ଚାରେ ଅଛନ୍ତି କଣ୍ଠଶିଳ୍ପୀ ଗୌରବ ଆନନ୍ଦ। ତାଙ୍କ ଗୀତର ପ୍ରାୟ ସମସ୍ତେ ଜଣେ ଜଣେ ବଡ଼ ପ୍ରଶଂସକ। ଭୁବନେଶ୍ୱରରେ ଜନ୍ମିତ ଗୌରବ କେବେ 'ନିଛାଟିଆ ମନ'ରେ ଶ୍ରୋତାଙ୍କ ଭାବାବେଗକୁ ଛୁଇଁପାରିଛନ୍ତି ତ କେବେ 'ଚହଲ' ଗୀତ ଗାଇ ସଙ୍ଗୀତ କ୍ଷେତ୍ରରେ ଚହଲ ପକାଇଛନ୍ତି। ସେହିଭଳି ଗୀତିକାର ଭାବେ ତାଙ୍କର ଆଉଏକ ପରିଚୟ ରହିଛି। ଧୂଳିଆ ଜହ୍ନ, ତୋ କଥା ଭାବି ଭାବି, ସିଏ ମା' ସିଏ ମାଟି ସିଏ ଜନ୍ମଭୂମି, ନୀରବତା, ଚହଲ, ନିଛାଟିଆ ମନ, ବିଦ୍ୟାରଣ, ତୋ ଦୁନିଆ ଛାଡ଼ି ଚାଲିଯିବି, ଏଇ ଆକାଶ ତଳେ ଭଳି ଅନେକ ମନଛୁଆଁ ଗୀତ ରଚନା କରିବା ସହ ନିଜେ ଗାଇ ଶ୍ରୋତାଙ୍କ ହୃଦୟରେ ସୁନ୍ଦର ସ୍ଥାନଟିଏ ସୃଷ୍ଟି କରିପାରିଛନ୍ତି। ଓଡ଼ିଆ ମ୍ୟୁଜିକ ଇଣ୍ଡଷ୍ଟ୍ରିର ଯୁବ, ନବାଗତ ଓ ସଫଳ କଣ୍ଠଶିଳ୍ପୀ, ଗୀତିକାର ତଥା ମ୍ୟୁଜିକ୍ କମ୍ପୋଜର ଗୌରବଙ୍କ ସହ ଏଥରର 'ଧରିତ୍ରୀ ଆଳାପ'।

ସାକ୍ଷାତ୍: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର



କଣ୍ଠଶିଳ୍ପୀ ଗୌରବ ଆନନ୍ଦ

**ସଙ୍ଗୀତ କ୍ଷେତ୍ରକୁ କିଭଳି ଆସିଲେ?**

– ଛୋଟବେଳୁ ମୁଁ ଗୀତ ଗାଉଥିଲି। ଇଚ୍ଛା ବି ଥିଲା। ବାପା ମଧ୍ୟ ଗୀତ ଗାଆନ୍ତି, ହାରମୋନିୟମ୍ ବଜାନ୍ତି, ଗୀତ ଲେଖନ୍ତି। ତେଣୁ ଘରେ ସଙ୍ଗୀତକୁ ନେଇ ଏକ ମାହୋଲ ଥିଲା। ମାତ୍ର ମୁଁ ଭାବି ନ ଥିଲି ଏଥିରେ ବୃତ୍ତି କରିବି। ଯୁକ୍ତ ୩ରେ ପଢ଼ିବା ବେଳେ ସୁବାସ ଚନ୍ଦ୍ର ଧଳ ସାର୍‌ଙ୍କ ପାଖରେ ବିଧିବଦ୍ଧ ଭାବେ ହିନ୍ଦୁସ୍ଥାନୀ ଭୋକାଲ ଶିଖିବା ଆରମ୍ଭ କଲି। ୩ବର୍ଷ ପାଖାପାଖି ଶିଖିବା ଭିତରେ ହିଁ ଇଣ୍ଡଷ୍ଟ୍ରିକୁ ଆସିଯାଇଥିଲି। କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ସହ ଗୋଟେ ଡୁଏଟ୍‌ରେ କାମ ମିଳିଲା। ସେ ମୋର ଗୋଟେ ଗୀତ ଗାଇ କମ୍ପୋଜିଶନ୍‌କୁ ବହୁତ ପସନ୍ଦ କରିଥିଲେ। ଏହା ପରେ ସେ ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାସଙ୍କ ସହ ଚିହ୍ନା କରାଇଲେ। ତାଙ୍କ ସହ ରହି ପ୍ରାୟ ୩୦ରୁ ୩୫ ଫିଲ୍ମରେ ଆସିଷ୍ଟାଣ୍ଟ ମ୍ୟୁଜିକ କମ୍ପୋଜର ଭାବେ ସାହାଯ୍ୟ କଲି। ସେଇଠି 'ବିଦ୍ୟାରଣ' ଚଳଚ୍ଚିତ୍ର ପାଇଁ କାମ କଲା ସମୟରେ ବାବୁଶାନ୍‌ଙ୍କ ସହ ଦେଖାହେଲା। ସେ ମୋ କାମ ଦେଖି ଖୁସି ହୋଇ ପରଦିନ ଘରକୁ ଡାକିଲେ। ନୂଆ ପିଲା ଥିଲି, ତଥାପି ସେ ବିଶ୍ୱାସ କରି ମୋତେ କାମ ଦେଲେ, ଯାହା ମୋ ପାଇଁ ବଡ଼ କଥା ଥିଲା। ଏହା ପରେ ଆମେ 'ଦମନ' ପାଇଁ ଗୀତ ରେକର୍ଡ କରୁଥିଲୁ। ମାତ୍ର ତାହା କିଛି କାରଣ ପାଇଁ ହୋଲ୍ଡରେ ରହିଲା। ଏହା ପରେ 'ପ୍ରେମମ୍' ଚଳଚ୍ଚିତ୍ର ପାଇଁ ମ୍ୟୁଜିକ୍ କମ୍ପୋଜର ଭାବେ ପ୍ରଥମ କାମ ମିଳିଲା, ଯାହା ବହୁଶୀଘ୍ର ରିଲିଜ୍ ହୋଇଥିଲା।

**କାହା ପାଇଁ ଆପଣ ଆଜି ଏହି ପରିଚୟ ପାଇଛନ୍ତି?**

– 'ଦମନ' ଫିଲ୍ମ ମୋ କ୍ୟାରିୟରର ଏକ ଟର୍ନିଂ ପଏଣ୍ଟ। ଆଉ ବାବୁଶାନ୍ ଭାଇ ମୋ ପରିଚୟ ପଛର ମାଇଲଷ୍ଟୋନ୍। କିନ୍ତୁ ତା' ପୂର୍ବରୁ ଅସୀମା ଦିଦି ଯଦି ବୈଦ୍ୟ ସାର୍‌ଙ୍କ ସହ ଦେଖା କରାଇ ନ ଥାନ୍ତେ, ତା'ହେଲେ ମୁଁ ଏହି ଲାଇନକୁ ବୋଧେ ଆସି ନ ଥାଆନ୍ତି।

**ପ୍ରଥମ କାମ କ'ଣ ଥିଲା?**

– 'ନୀରବତା' ନାମରେ ଏକ ମ୍ୟୁଜିକ ଭିଡିଓ, ଯେଉଁଥିରେ ଗୀତ ଲେଖିବା ସହ ନିଜେ ଗାଇଥିଲି।

**ଗୀତ ଲେଖିବା ପୂର୍ବରୁ କ'ଣ ସବୁ ଧ୍ୟାନ ଦିଅନ୍ତି?**

– ମନଇଚ୍ଛା ଗୀତ ଲେଖିବାକୁ ଭଲ ଲାଗେନି। ପିୟୋର୍ ଓଡ଼ିଆ, ଯେମିତି ମଣିଷକୁ କନେକ୍ଟ କରିପାରୁଥିବ, ସେମିତି ଗୀତ ଲେଖିବାକୁ ଭଲପାଏ। ଗୀତ ଲେଖିବା ଆଗରୁ ଷ୍ଟୋରୀ କ'ଣ, ତାହା ଜାଣିବାକୁ ଚେଷ୍ଟା କରେ। ଷ୍ଟୋରି ସହ ଚରିତ୍ରକୁ ମଧ୍ୟ ବୁଝିଥାଏ।

**ଗୀତ ଲେଖିବା ଓ ଗାଇବା, କେଉଁଟା ଅଧିକ ପସନ୍ଦ?**

– ଗୀତ ଲେଖିବାକୁ ବେଶି ପସନ୍ଦ କରେ।

**ସିଙ୍ଗର ଲବିରେ ନିଜକୁ କିଭଳି ଆଡ୍‌ଜଷ୍ଟ କରନ୍ତି?**

– ଭାଗ୍ୟରେ ନୁହେଁ, ଭାଗରେ ବିଶ୍ୱାସ କରେ। ମୋ ଭାଗରେ ଯାହା ଥିବ, ତାହା ମିଳିବ। ଯାହା କଲେ ବି ମିଳିବ, କେହି ଛଡ଼େଇ ନେଇପାରିବେନି। ଆଉ ଯଦି ନ ଥିବ ମିଳିବନି। ତେଣୁ ଲବିରେ ବିଶ୍ୱାସ କରେ ନାହିଁ, ପ୍ରଶ୍ରୟ ବି ଦିଏ ନାହିଁ।

**କିଛି ସ୍ମରଣୀୟ ଶ୍ରୋତାଙ୍କ ପ୍ରତିକ୍ରିୟା?**

– ଇନ୍‌ଷ୍ଟାଗ୍ରାମରେ ଜଣେ ଝିଅ ମୋତେ ଥରେ ମେସେଜ କରିଥିଲେ। ଭାଇ ତୁମ ଗୀତ 'ନିଛାଟିଆ ମନ' ମୁଁ ସବୁବେଳେ ଶୁଣେ। । ମୋ ମା'ଙ୍କୁ ଶୁଣାଏ। ତାଙ୍କ ଦେହ ଭଲ ନାହିଁ। ଯେତେବେଳେ ମୁଁ ତାଙ୍କୁ ଶୁଣାଏ, ସେ ବହୁତ ବେଟର ଫିଲ୍ କରନ୍ତି। ଏମିତି ସବୁବେଳେ ଗୀତ ବନଉଥାଅ ବୋଲି ସେ କହିଥିଲେ, ଯାହା ମୋତେ ଭାରି ଖୁସି ଦେଇଥିଲା। ଏଇ ମୁହୂର୍ତ୍ତ ମୋର ସବୁବେଳ ମନେ ରହିବ।

**ଓଡ଼ିଆ ସଙ୍ଗୀତ କ୍ଷେତ୍ରରେ କେଉଁମାନଙ୍କୁ ପସନ୍ଦ କରନ୍ତି?**

– ପଣ୍ଡିତ ରଘୁନାଥ ମହାପାତ୍ର, ପ୍ରଫୁଲ୍ଲ କର, ଅକ୍ଷୟ ମହାନ୍ତି ଓ ଗୁଡ୍‌ଲୀ ରଥ।

**ଅବସର ସମୟରେ କ'ଣ କରନ୍ତି?**

–ଟ୍ରାଭେଲ କରିବାକୁ ଭଲ ଲାଗେ।

**ଖାଇବାକୁ କ'ଣ ଭଲ ଲାଗେ?**

–ଚିକେନ ବିରିୟାନୀ।

**ସଙ୍ଗୀତରେ କ୍ୟାରିୟର ପାଇଁ କ'ଣ ବାର୍ତ୍ତା ଦେବେ?**

– ଯେଉଁମାନେ ସଙ୍ଗୀତକୁ ଆସିବାକୁ ଚାହୁଁଛନ୍ତି, ଆଗ ଶାସ୍ତ୍ରୀୟ ସଙ୍ଗୀତ ଶିଖିବା ଦରକାର। ତା'ହଲେ ତୁମେ ସବୁ ଜୋନ୍‌ର ଗୀତ ଗାଇପାରିବ। ସୋସିଆଲ ମିଡିଆ ଯଦି ବ୍ୟବହାର କରୁଛ, ତାହାହେଲେ ଯାହା ଗୀତ ଗାଉଛ ତାକୁ ଟ୍ୟାଗ୍ କର। କେବେ ନା କେବେ ଭାଗ୍ୟ ଫିଟିଯିବ।

# ୨୦୨୩ରେ ଗାଡ଼ି ରପ୍ତାନି ୨୧% ହ୍ରାସ

ନୂଆଦିଲ୍ଲୀ,୧୪ା୧ (ଅଭୟ ଦାଶ)



ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ସହିତ ଭୂରାଜନୈତିକଘଟଣାବଳୀପାଇଁଘରୋଇ ବଜାରରୁ ଯାନ ରପ୍ତାନି ୨୦୨୩ରେ ହ୍ରାସ ପାଇଛି ବୋଲି ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ୍ ଉତ୍ପାଦକ (ଏସ୍ଆଇଏଏମ୍) ପକ୍ଷରୁ ଏକ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଏସ୍ଆଇଏଏମ୍ର ସୂଚନା ଅନୁଯାୟୀ ଗତ ବର୍ଷ (୨୦୨୩ବର୍ଷ) ଭାରତରୁ ଅଟୋମୋବାଇଲ ସିପମେଣ୍ଟ (ପରିବହନ) ପ୍ରାୟ ୨୧% ହ୍ରାସ ପାଇଥିଲାବେଳେ ୨୦୨୨ରେ ୫୨,୦୪,୯୬୬ ୟୁନିଟ୍ ତୁଳନାରେ ୨୦୨୩ରେ ମୋଟ ୪୨,୮୫,୮୦୯ ୟୁନିଟ୍ ଯାନ ରପ୍ତାନି ହୋଇଥିଲା। ସେହିଭଳି ୨୦୨୨ରେ ମୋଟ ୬,୪୪,୮୪୨ ୟୁନିଟ୍ ଯାତ୍ରୀବାହୀ ଯାନ ପରିବହନ କରାଯାଇଥିବାବେଳେ ୨୦୨୩ରେ ସେହି ସଂଖ୍ୟା ୫% ବୃଦ୍ଧି ପାଇ ୬,୭୭,୯୫୬ ୟୁନିଟ୍ରେ ପହଞ୍ଚିଛି, ଅବଶ୍ୟ ୨୦୨୩ରେ ବାଣିଜ୍ୟିକ ଯାନ ଯଥା ଦୁଇ ଏବଂ ତିନି ଚକିଆ ଯାନ ଭଳି ଅନ୍ୟ ବିଭାଗଗୁଡ଼ିକ ମଧ୍ୟ ରପ୍ତାନିରେ ହ୍ରାସ ଘଟିଥିଲା। ଅପରପକ୍ଷରେ ଦୁଇ ଚକିଆ ଯାନ ରପ୍ତାନି ୨୦% ହ୍ରାସ ପାଇ ୨୦୨୩ରେ ୩୨,୪୩,୬୭୩ ୟୁନିଟରେ ପହଞ୍ଚିଛି। ଏପରିକି ୨୦୨୨ରେ ଏହି ସଂଖ୍ୟା ୪୦,୫୩,୨୫୪ ୟୁନିଟ ଥିଲା। ସେହିପରି ଗତ ବର୍ଷ ବାଣିଜ୍ୟିକ ଯାନବାହନ ପରିବହନ ୮୮,୩୦୫ ୟୁନିଟ୍ରୁ ୬୮,୪୭୩ ୟୁନିଟ୍କୁ ହ୍ରାସ ପାଇଥିଲାବେଳେ ଗତ ବର୍ଷ ତିନି ଚକିଆ ରପ୍ତାନି ୪,୧୭,୧୭୮ ୟୁନିଟ୍ରୁ ୩୦% ହ୍ରାସ ପାଇ ୨,୯୧,୯୧୯ ୟୁନିଟ୍ରେ ପହଞ୍ଚିଛି।

ଏ ସମ୍ପର୍କରେ ଏସ୍ଆଇଏଏମ୍ର ମହାନିର୍ଦ୍ଦେଶକ ରାଜେଶ ମେନନ୍ କହିଛନ୍ତି, ୨୦୨୩ ରେ ଦକ୍ଷିଣ ଆଫ୍ରିକା ଏବଂ ଗଲ୍ଫ ଅଞ୍ଚଳ ଭଳି ପ୍ରମୁଖ ବଜାରରେ ଯାତ୍ରୀବାହୀ ଯାନ ରପ୍ତାନି ଯାନବାହନ ଚଳାଚଳ ଏବଂ ପେଣ୍ଟ ଅପ୍ ଚାହିଦା ଦ୍ୱାରା ପରିଚାଳିତ ହୋଇଥିଲାବେଳେ ୨୦୨୨ ତୁଳନାରେ ଏହି ବୃଦ୍ଧିକୁ ଏକ ସୁଗମ ଯୋଗାଣ ଶୃଙ୍ଖଳା ସହିତ ଦାୟୀ କରାଯାଇପାରେ ବୋଲି ସେ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଡିସେମ୍ବର ମଧ୍ୟରେ ମାରୁତି ସୁଜୁକି ଇଣ୍ଡିଆ ଯାତ୍ରୀବାହୀ ଯାନ ବିଭାଗରେ ରପ୍ତାନିର ନେତୃତ୍ୱ ନେଇଥିଲା ଏବଂ ୨,୦୨,୭୮୬ ୟୁନିଟ୍ ଯାନ ରପ୍ତାନି କରିଥିଲା, ଯାହା ଏକ ବର୍ଷ ପୂର୍ବେ ୧,୯୨,୦୭୧ ୟୁନିଟ୍ ତୁଳନାରେ ୬% ବୃଦ୍ଧି ପାଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ହୁଣ୍ଡାଇ ମୋଟର ଇଣ୍ଡିଆ ୧,୧୯,୦୯୯ ୟୁନିଟ୍ ଯାନ ରପ୍ତାନି କରିଥିଲାବେଳେ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସରେ କମ୍ପାନୀ ମୋଟ ୧,୨୯,୭୫୫ ୟୁନିଟ୍ ଯାନ ପଠାଇଛି। ସେହିପରି କିଆ ଇଣ୍ଡିଆ ୪୭,୭୯୨ ୟୁନିଟ୍ ଯାନ ରପ୍ତାନି କରିଥିଲାବେଳେ ଭଲସୱାଗନ ୩୩,୮୭୨ ୟୁନିଟ୍, ନିସାନ୍ ୩୧,୬୭୮ ୟୁନିଟ୍ ଏବଂ ହୋଣ୍ଡା କାର୍ସ ୨୦,୨୬୨ ୟୁନିଟ୍ ୨୦୨୩-୨୪ ଆର୍ଥିକ ବର୍ଷର ଏପ୍ରିଲରୁ ଡିସେମ୍ବର ମଧ୍ୟରେ ଯାନ ବିଦେଶକୁ ପଠାଇଛି।

## ଆଜି ଖୋଲିବ ମେଡି ଆସିଷ୍ଟର ଆଇପିଓ

ନୂଆଦିଲ୍ଲୀ,୧୪ା୧

ମେଡି ଆସିଷ୍ଟ ହେଲ୍ଥକେୟାର ସର୍ଭିସେସ୍ ଲିମିଟେଡ୍ର ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ୨୦୨୪ ଜାନୁଆରୀ ୧୫ରେ ଖୋଲିବ। ଏପରିକି ଉକ୍ତ ଆଇପିଓର ଅଫର ୨୦୨୪ ଜାନୁଆରୀ ୧୭ରେ ବନ୍ଦ ହେବ। ବିଶେଷକରିଏହାରଆଙ୍କରନିବେଶକମାନେ ୨୦୨୪ ଜାନୁଆରୀ ୧୨ରେ ବିଡ୍ ଦାଖଲ କରିସାରିଛନ୍ତି। ଉକ୍ତ ଅଫରରେ ଇକ୍ୱିଟି ଶେୟାରର ମୂଲ୍ୟ ୩୯୭ରୁ ୪୧୮ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଛି। ସେହିଭଳି ସର୍ବନିମ୍ନ ୩୫ଟି ଇକ୍ୱିଟି ଶେୟାର ପାଇଁ ବିଡ୍ ଦାଖଲ କରାଯାଇପାରିବ ଏବଂ ଏହାପରେ ୩୫ଟି ଲେଖାଏଁ ଇକ୍ୱିଟି ଶେୟାର ଗୁଣିତକ ଭାବେ ଯୋଡ଼ାଯାଇପାରିବ। ସେହିପରି କମ୍ପାନୀର ଇକ୍ୱିଟି ଶେୟାରଗୁଡ଼ିକୁ ବିଏସଇ ଲିମିଟେଡ୍ ଓ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ୍ ଇଣ୍ଡିଆ ଲିମିଟେଡ୍ରେ ତାଲିକାଭୁକ୍ତ କରିବା ଲାଗି ରେଡ୍ ହିଅରିଂ ପ୍ରୋସପେକ୍ଟସ୍ରେ ପ୍ରସ୍ତାବ ରହିଛି। ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ର ନିୟମ ଅନୁସାରେ ଏହି ଅଫରର ୫୦% ପର୍ଯ୍ୟନ୍ତ ଇକ୍ୱିଟି ଶେୟାର ସମାନୁପାତିକ ଭିତ୍ତିରେ ଯୋଗ୍ୟ ସଂସ୍ଥାଗତ ନିବେଶକ (କ୍ୟୁଆଇବି) ମାନଙ୍କ ଲାଗି ରହିବ।

## ୟୁବେର ଇଙ୍କ୍ ସହ କିଆର ବୁଝାମଣା




ନୂଆଦିଲ୍ଲୀ,୧୪ା୧

ଅନ୍ତଃରାଷ୍ଟ୍ରୀୟ ଅଟୋମୋବାଇଲ କମ୍ପାନୀ କିଆ ମୋଟର୍ସ ଏବଂ ୟୁବେର ଟେକ୍ନୋଲୋଜି ଇଙ୍କ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି କିଆ ମୋଟର୍ସର ବୈଦ୍ୟୁତିକ ଯାନ (ଇଲେକ୍ଟ୍ରି ଭେଇକିଲ/ ଇଭି) ପାଇଁ ଆବଶ୍ୟକ ପିବିଭିଏସ୍ ସାମଗ୍ରୀଗୁଡ଼ିକୁ ଯୋଗାଇବା ସହିତ ଆବଶ୍ୟକ ସେବା ପ୍ରଦାନ କରିବା ଲାଗି ଉଭୟ ସଂସ୍ଥା ମଧ୍ୟରେ ଏହି ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଉଲ୍ଲେଖଯୋଗ୍ୟ, ଲାସ୍ଭେଗାସଠାରେ ଆୟୋଜିତ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ଶୋ (ସିଇଏସ୍-୨୦୨୪) ଅବସରରେ ଏହି ଏମ୍ଓୟୁ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସ୍ୱାକ୍ଷର ହୋଇଯାଇଛି। ସେହିଭଳି କିଆ ମୋଟର୍ସକୁ ୟୁବେର ପିଭି ୫ ଇଭି ମଡେଲଗୁଡ଼ିକୁ ଖୁବ୍ଶୀଘ୍ର ଯୋଗାଇ ଦେବ। ଏପରିକି କିଆ ମୋଟର୍ସ ମଧ୍ୟ ଯଥାଶୀଘ୍ର ଉକ୍ତ ମଡେଲର ଅନ୍ତରାଷ୍ଟ୍ରୀୟ ଉନ୍ମୋଚନ କାର୍ଯ୍ୟକ୍ରମ କରିବାକୁ ଯାଉଛି।

## ଟିପିସିଓଡିଏଲ୍ର ଅଭିନବ ପଦକ୍ଷେପ

ଭୁବନେଶ୍ୱର,୧୪ା୧

ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଏକ ଅଭିନବ ପଦକ୍ଷେପ ଆରମ୍ଭ ହୋଇଛି। ଏପରିକି ସ୍ଥାନୀୟ ଉତ୍ପାଦନକାରୀଙ୍କୁ ସଶକ୍ତ କରିବା ଦିଗରେ ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଉଥିବାବେଳେ ସ୍ଥାନୀୟ ନିର୍ମାତାମାନଙ୍କ ସହ ଯୋଡ଼ିହେବା ଲାଗି ନିୟମିତ ଭାବେ ବ୍ୟବସାୟ ସମ୍ମିଳନୀ, କାରଖାନା ପରିଦର୍ଶନ ଏବଂ ଭାବ ବିନିମୟ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବିଶେଷକରି ପରୀକ୍ଷାମୂଳକ ବରାଦ ପ୍ରଦାନ ଜରିଆରେ ସେମାନଙ୍କୁ ପୁଞ୍ଜି ବ୍ୟୟ ଯୋଜନାରେ ସାମିଲ କରାଯାଉଛି ଏବଂ ଉତ୍ପାଦନରେ ଗୁଣାତ୍ମକ ବ୍ୟବସ୍ଥା ଓ ଅନ୍ୟାନ୍ୟ ଦିଗକୁ ମଧ୍ୟ ସଂଗଠିତ କରିବା ଲାଗି ସେମାନଙ୍କୁ ସହଯୋଗ ପ୍ରଦାନ କରାଯାଉଛି। ଉଲ୍ଲେଖଯୋଗ୍ୟ, ଟିପିସିଓଡିଏଲ୍ ପକ୍ଷରୁ ମହିଳା ଉଦ୍ୟୋଗୀ ସୁବ୍ରତା ନାୟକଙ୍କ ନେତୃତ୍ୱରେ ପରିଚାଳିତ ମେମର୍ସ ଟେକ୍ନୋଟ୍ରାନ୍ସ ଇଲେକ୍ଟ୍ରିକ୍ ଆଣ୍ଡ ଇଞ୍ଜିନିୟରିଂ ସର୍ଭିସେସ୍ର ଏକ ନୂଆ ଇନ୍ଷ୍ଟ୍ରୁମେଣ୍ଟ ଟ୍ରାନ୍ସଫରମର (ସିଟି ଓ ପିଟି) ଉତ୍ପାଦନ କାରଖାନା ପାଇଁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯାଇଛି। ୨୦୨୧ରେ ମେସର୍ସ ଟେକ୍ନୋଟ୍ରାନ୍ସ ଇଲେକ୍ଟ୍ରିକ୍ ଆଣ୍ଡ ଇଞ୍ଜିନିୟରିଂ ସର୍ଭିସେସ୍ କାରଖାନାରୁ ଉତ୍ପାଦନ ଆରମ୍ଭ ହୋଇଥିଲା। ଏହା ପରଠାରୁ ସେମାନେ ଟିପି ଓଡ଼ିଶା ଡିସ୍କମ୍ଗୁଡ଼ିକଠାରୁ ବିଭିନ୍ନ ଆର୍ ଆଣ୍ଡ ଡି ତଥ୍ୟ ପାଉଛନ୍ତି। ୩୩କେଭି ଗ୍ରେଡ୍ ପର୍ଯ୍ୟନ୍ତ ସିଟି ଓ ପିଟିର ବହୁ ପରୀକ୍ଷାମୂଳକ ବରାଦ ଦେଇ ଟିପି ଓଡ଼ିଶା ଡିସ୍କମ୍ଗୁଡ଼ିକ କମ୍ପାନୀକୁ ସହଯୋଗ ପ୍ରଦାନ କରୁଛନ୍ତି ଏବଂ ସେମାନଙ୍କ ପରିଚାଳନା, ନିରାପତ୍ତା, ଗୁଣାତ୍ମକ ମାନ ଏବଂ ସମୟୋପଯୋଗୀ ଡେଲିଭରିକୁ ନିୟମିତ ଭାବେ ନିରୀକ୍ଷଣ କରୁଛନ୍ତି।

## ହୋଣ୍ଡାର 'ଜିରୋ' ସିରିଜ ଉନ୍ମୋଚିତ




ନୂଆଦିଲ୍ଲୀ,୧୪ା୧

ଅନ୍ତଃରାଷ୍ଟ୍ରୀୟ ଅଟୋମୋବାଇଲ କମ୍ପାନୀ ହୋଣ୍ଡା (ହୋଣ୍ଡା ମୋଟର କୋ. ଲିଃ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଣ୍ଡା 'ଜିରୋ' ସିରିଜର ୱାର୍ଲଡ ପ୍ରିମିୟର ଉନ୍ମୋଚନ ନିକଟରେ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଲାସ୍ଭେଗାସଠାରେ ଆୟୋଜିତ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ଶୋ (ସିଇଏସ୍-୨୦୨୪)ରେ କମ୍ପାନୀର ୨ଟି ବୈଦ୍ୟୁତିକ ଯାନ (ଇଲେକ୍ଟ୍ରି ଭେଇକିଲ/ ଇଭି) 'ସାଲୁନ ଏବଂ ସ୍ପେସ୍ ହବ୍'ର ଶୁଭାରମ୍ଭ କରାଯାଇଛି। ଏପରିକି ୨ଟି ନ୍ୟୁ ଗ୍ଲୋବାଲ ଇଭି କନ୍ସେପ୍ଟ ମଡେଲ୍ସର ଶୁଭାରମ୍ଭ ହୋଇଯାଇଛି, ଯାହା ପ୍ରାୟତଃ ୨୦୨୬ ବେଳକୁ ବଜାରକୁ ଆସିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ କମ୍ପାନୀର ଇଭି ମଡେଲଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ଡିଜାଇନ ଲୋଗୋ 'ଏଚ୍ ମାର୍କ'ର ମଧ୍ୟ ଅନାବରଣ ହୋଇଯାଇଛି। ସେହିଭଳି ହୋଣ୍ଡା ଜିରୋ ସିରିଜରେ ଅନେକ ଫିଚର ଓ ଅତ୍ୟାଧୁନିକ ବୈଶିଷ୍ଟ୍ୟ ମଧ୍ୟ ସଂଯୋଗ ହୋଇଛି ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

## ବିଓବିର 'ବରୋଦା କିଷାନ୍ ପଖୱାଡ଼ା'

ନୂଆଦିଲ୍ଲୀ,୧୪ା୧

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ବହୁ ପ୍ରତୀକ୍ଷିତ ତଥା କୃଷକଙ୍କ ସହିତ ବ୍ୟାଙ୍କର ବାର୍ଷିକ ଯୋଗାଯୋଗ କାର୍ଯ୍ୟକ୍ରମ 'ବରୋଦା କିଷାନ୍ ପଖୱାଡ଼ା'ର ୬ଷ୍ଠ ସଂସ୍କରଣ ନିକଟରେ ସଫଳତାର ସହ ଶେଷ ହୋଇଛି। ବିଶେଷକରି ଉକ୍ତ କାର୍ଯ୍ୟକ୍ରମ (କୃଷି ମହୋତ୍ସବ) ସମୟରେ ବ୍ୟାଙ୍କ ଦେଶର ମୋଟ ୪,୬୫,୦୦୦ରୁ ଅଧିକ କୃଷକଙ୍କ ସହିତ ଯୋଗାଯୋଗ କରିଥିଲାବେଳେ ୨୨୦୦କୋଟିରୁ ଅଧିକ ଟଙ୍କାର ଋଣ ମଞ୍ଜୁର କରିଛି। ସେହିଭଳି ସମଗ୍ର ଦେଶରେ ବ୍ୟାଙ୍କର ଅର୍ଦ୍ଧ ସହରାଞ୍ଚଳ ଏବଂ ଗ୍ରାମୀଣ ଶାଖା ଗୁଡ଼ିକର ନେଟ୍ୱର୍କ, ଯାହା ମୁଖ୍ୟତଃ କୃଷି ଗ୍ରାହକମାନଙ୍କୁ ସେବା ପ୍ରଦାନ କରିଥାଏ ଏବଂ କେତେକ ମେଟ୍ରୋ ଏବଂ ସହରାଞ୍ଚଳ ଶାଖା ସକ୍ରିୟ ଭାବେ ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲା। ଏପରିକି ବ୍ୟାଙ୍କ ୧୫ ଦିନ ମଧ୍ୟରେ ଅନେକ କୃଷକ ସଭା, ଚୌପାଲ୍, କିଷାନ୍ ମେଳା ଓ ସ୍ୱାସ୍ଥ୍ୟ ଶିବିର (ମାଟି, ପଶୁ ଓ କୃଷକମାନଙ୍କ ପାଇଁ) ଆୟୋଜନ କରିଥିଲା।

ଏ ସମ୍ପର୍କରେ ବିଓବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଜୟ.କେ. ଖୁରାନା କହିଛନ୍ତି, ବରୋଦା କିଷାନ୍ ପଖୱାଡ଼ାର ୬ଷ୍ଠ ସଂସ୍କରଣର ସମାପନ ସମ୍ପର୍କରେ ଘୋଷଣା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏକ ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଭାବେ ବ୍ୟାଙ୍କ ଅଫ୍ ବରୋଦା ଏକ ବିବିଧ ଅଫର ଏବଂ ଭାରତୀୟ କୃଷକ ସମୁଦାୟକୁ ଉନ୍ନତ ସେବା ଯୋଗାଇବା ପାଇଁ କୃଷି ଋଣ ବୃଦ୍ଧି ନିମନ୍ତେ ପ୍ରତିଶ୍ରୁତିବଦ୍ଧତା ସହିତ ଏକ ସୁଦୃଢ଼ କୃଷି ଅର୍ଥନୀତିକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟରେ ଦୃଢ଼ ରହିଛି।

# କୃଷି ଓଡ଼ିଶା-୨୦୨୪ରେ ପ୍ରମୁଖ କମ୍ପାନୀର କୃଷି ଉତ୍ପାଦ




ମାସି ଫର୍ଗୁସନର ନୂତନ ଉତ୍ପାଦ ସହ ବିଭିନ୍ନ ରେଞ୍ଜର ପ୍ରଡକ୍ଟ ଚଳିତ ବର୍ଷ କୃଷି ଓଡ଼ିଶା ମହୋତ୍ସବରେ ସାମିଲ ହୋଇଥିଲା। ଏହି ପରିପ୍ରେକ୍ଷୀରେ ମାସି ଫର୍ଗୁସନ (ଟାଫେ)ର ରାଜ୍ୟ ମୁଖ୍ୟ ବରୁଣ ଗ୍ୱାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।




ସ୍ୱରାଜ ଟ୍ରାକ୍ଟରର ନୂତନ ଉତ୍ପାଦ ସହ ବିଭିନ୍ନ ରେଞ୍ଜର ପ୍ରଡକ୍ଟ କୃଷି ଓଡ଼ିଶା -୨୦୨୪ ମହୋତ୍ସବରେ ପ୍ରଦର୍ଶିତ ହୋଇଛି। ଏହି ପରିପ୍ରେକ୍ଷୀରେ ସ୍ୱରାଜ ଟ୍ରାକ୍ଟରର ଷ୍ଟେଟ୍ ହେଡ ମିତେଶ ପାରିଖ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



ସୋନାଲିକା ଟ୍ରାକ୍ଟରର ନୂତନ ଉତ୍ପାଦ ସହ ବିଭିନ୍ନ ରେଞ୍ଜର ପ୍ରଡକ୍ଟ ୨୦୨୪ କୃଷି ଓଡ଼ିଶା ମହୋତ୍ସବରେ ସାମିଲ ହୋଇଛି। ଏହି ପରିପ୍ରେକ୍ଷୀରେ ସୋନାଲିକାର ଓଡ଼ିଶା ୟୁନିଟ ଏରିଆ ମ୍ୟାନେଜର (ଏସ୍ଏମ୍) ଅଙ୍କିତ କୁମାର ଭର୍ମା ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।




କିର୍ଲୋସ୍କାରର ନୂତନ ଉତ୍ପାଦ ସହ ବିଭିନ୍ନ ରେଞ୍ଜର ପ୍ରଡକ୍ଟ ଚଳିତ ବର୍ଷ କୃଷି ଓଡ଼ିଶା ମହୋତ୍ସବରେ ପ୍ରଦର୍ଶିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ କିର୍ଲୋସ୍କାର ଅଏଲ ଇଞ୍ଜିନ୍ସ ଲିମିଟେଡର ରାଜ୍ୟ ମୁଖ୍ୟ ସୁକଦେବ ବିଶ୍ୱାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



ମହିନ୍ଦ୍ରା ଟ୍ରାକ୍ଟରର ନୂତନ ଉତ୍ପାଦ ସହ ବିଭିନ୍ନ ରେଞ୍ଜର ପ୍ରଡକ୍ଟ ଚଳିତ ବର୍ଷ କୃଷି ଓଡ଼ିଶା ମହୋତ୍ସବରେ ସାମିଲ ହୋଇଥିଲା। ଏହି ପରିପ୍ରେକ୍ଷୀରେ ମହିନ୍ଦ୍ରା ଟ୍ରାକ୍ଟର (ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ)ର ରାଜ୍ୟ ମୁଖ୍ୟ ସୁନୀଲ କୁମାର ସାହୁ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।




କୁବୋଟାର ନୂତନ ଉତ୍ପାଦ ସହ ବିଭିନ୍ନ ରେଞ୍ଜର ପ୍ରଡକ୍ଟ କୃଷି ଓଡ଼ିଶା-୨୦୨୪ ମହୋତ୍ସବରେ ସାମିଲ ହୋଇଥିଲା। ଏହି ପରିପ୍ରେକ୍ଷୀରେ କୁବୋଟା ଏଗ୍ରିକଲଚର ମେଶିନାରୀ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ବରିଷ୍ଠ ଆଞ୍ଚଳିକ ବିକ୍ରି ମ୍ୟାନେଜର (ଓଡ଼ିଶା ଓ ପଶ୍ଚିମବଙ୍ଗ) ଏସ୍ଏସ୍. ସେସୁ କୁମାର ଚେରକୁରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ସଂକ୍ଷେପରେ

### ଲାଞ୍ଜିଗଡ଼ ଜୋନସ୍ତରୀୟ କଂଗ୍ରେସ କମିଟିର ବୈଠକ

ଲାଞ୍ଜିଗଡ଼,୧୪।୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ସାପ୍ତାହିକ ହାଟ ପ୍ରାଙ୍ଗଣରେ ଲାଞ୍ଜିଗଡ଼ ଜୋନ-୨ସ୍ତରୀୟ କଂଗ୍ରେସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ କଂଗ୍ରେସ ସଭାପତି ବିଜୟ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଲାଞ୍ଜିଗଡ଼ ଜୋନ-୨ ଅଧୀନରେ ଥିବା ୧୩ଟି ପଞ୍ଚାୟତ ବହୁ ସଂଖ୍ୟକ କର୍ମୀ ଏକତ୍ରିତ ହୋଇଥିଲେ। ଆଗାମୀ ୨୦୨୪ ବିଧାନସଭା/ଲୋକ ସଭା ନିର୍ବାଚନରେ ଦଳ କିପରି ବିପୁଳ ଭାବେ ବିଜୟ ଲାଭ କରିବ ସେ ନେଇ କର୍ମୀଙ୍କୁ ଗୁରୁମନ୍ତ୍ର ଦିଆଯାଇଥିଲା। ଜିଲା ସମ୍ପାଦକ ଶିଶିର ପୂଜାରୀ, ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ମାଝି, ଜିଲା ଏସିସେଲ ସଭାପତି ହରିହର କୁମାର, ଲାଞ୍ଜିଗଡ଼ ଜୋନ-୨ ସଭାପତି ସାରେଶ୍ୱର ସାହୁ, ଜୋନ-୧ ପୀତାମ୍ବର ପଟେଲ, ଲାଞ୍ଜିଗଡ଼ ଜୋନ-୨ର ଅଧୀନ ୧୩ଟି ପଞ୍ଚାୟତ କଂଗ୍ରେସ ସଭାପତିଙ୍କ ସମେତ ବହୁ ସଂଖ୍ୟାରେ କର୍ମୀମାନେ ଉପସ୍ଥିତ ଥିଲେ।

### ଶିଶୁ ମନ୍ଦିର ତିଖାଲିରେ ବନବିହାରୀ କାର୍ଯ୍ୟକ୍ରମ

ବୋଡେନ,୧୪।୧(ଟିକେଶ୍ୱର ନାଗ୍)

ନୂଆପଡା ଜିଲା ବୋଡ଼େନ ସରସତୀ ଶିଶୁ ମନ୍ଦିର ପକ୍ଷରୁ ତିଖାଲି ଡ୍ୟାମ୍‌ଠାରେ ବାନବିହର କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଗୁରୁଜୀ ମୁରକିଲାଲ ହୋତା ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଅବସରପ୍ରାପ୍ତ ଶିକ୍ଷକ ସୁଜନେଶ୍ୱର୍ ମଲ୍ଲିକ, ପ୍ରାଧ୍ୟାପକ ଗୟାଧର ମହାନ୍ତି, ସଭାପତି ଯୋଗେନ୍ଦ୍ର ମାଝି, ସମ୍ପାଦକ ରୋହିତ କୁମାର ଦଣ୍ଡସେନା, କୋଷାଧ୍ୟକ୍ଷ ଧର୍ମେନ୍ଦ୍ର ନାଏକ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ବନବିହାର ଉପରେ ମତାମତ ଦେଇଥିଲେ। ସମ୍ପାଦକ ରୋହିତ କୁମାର ଦଣ୍ଡସେନା ଧନ୍ୟବାଦ ଦେଇଥିଲେ।

### ବରିଷ୍ଠ କଂଗ୍ରେସ ନେତା ଧର୍ମାନନ୍ଦ କୁମାରଙ୍କ ପରଲୋକ

କର୍ଲାମୁଣ୍ଡା,୧୪।୧(ପ୍ରଦୀପ କୁମାର ସାହୁ)



କଳାହାଣ୍ଡି ଜିଲା କଂଗ୍ରେସର ବରିଷ୍ଠ ତାଥା ପୂର୍ବତନ ଉପସଭାପତି ଧର୍ମାନନ୍ଦ କୁମାର (୭୬)ଙ୍କ ପରଲୋକ ଘଟିଛି। ରବିବାର କର୍ଲାମୁଣ୍ଡା ବ୍ଲକ ରିଷିଡା ତାଙ୍କ ବାସଭବନରେ ହଟାତ ବିୟୋଗ ଖବର ପ୍ରଚାର ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶର୍ଯ୍ୟା ନିକଟରେ ତାଙ୍କର ତିନି ପୁଅ, ପତ୍ନୀ ଓ ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ନର୍ଲା ବିଧାୟକ ଭୁପିନ୍ଦର ସିଂ, ବ୍ଲକ କଂଗ୍ରେସ ସଭାପତି ସୁରେଶ ଚୌଧୁରୀ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ପିଏକେ ତ୍ରିପାଠୀ, ରାଜ କିଶୋର ଜୈନ, ରିଷିଡା ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ଶୋକବ୍ୟକ୍ତ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି।





ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

# ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟିତ

■ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ଶହୀଦ ରେଣ୍ଡୋ ମାଝି ମଞ୍ଚ

■ଜିଲାର ଲୋକ କଳା ଆଜି ବିଶ୍ୱ ଦରବାରରେ ପରିଚିତ

ଭବାନୀପାଟଣା,୧୪।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ରବିବାର ୨୬ତମ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଅପରାହ୍ନରେ ମା' ମାଣିକେଶରୀ ମନ୍ଦିରରୁ ମଶାଲ ଯାତ୍ରା ବିରାଟ ସାଂସ୍କୃତିକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମର ରେଣ୍ଡୋ ମାଝି ମଞ୍ଚରେ ପହଞ୍ଚିଥିଲା। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଅତିଥି ଭାବେ କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଏସପି ଅଭିଲାଷ ଜି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପାୱାର ସଚିନ ପ୍ରକାଶ, ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟକ ଭୁପିନ୍ଦର ସିଂହ, ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର, ତନ୍ମୟ କୁମାର ଦରୱାନ, ଭବାନୀପାଟଣା ଉପଜିଲାପାଳ ଡ଼. ବିଶ୍ୱଜିତ ଦାସ, ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା, ଭବାନୀପାଟଣା ପୌରଧକ୍ଷା ସଂଯୁକ୍ତା ବେହେରା ପ୍ରମୁଖ ଯୋଗଦେଇଥିଲେ। ଜିଲାର ହୋଇଥିବା ବିଭିନ୍ନ ବିକାଶ ସମ୍ପର୍କରେ ଜିଲାପାଳ ସ୍ୱାଗତ ଭାଷଣରେ କହିଥିଲେ। ସେହିପରି ଚାଷୀର ଦୁଃଖ ଦୂର ହେଲେ ଜିଲାର ବିକାଶ ହେବ ବୋଲି ଏମପି





ଘୁମୁରା ନୃତ୍ୟ ପରିବେଷଣ କରାଯାଉଛି।

ପଣ୍ଡା କହିଥିଲେ। ଲୋକକଳା ଉତ୍ସବର ମଞ୍ଚକୁ ରାଜିନୀତି ମଞ୍ଚ କରା ନ ଯାଉ ବୋଲି ନର୍ଲା ବିଧାୟକ ସିଂହ କହିଥିଲେ। ପୂର୍ବର କଳାହାଣ୍ଡି ଜିଲା ଆଉ ଏବେର କଳାହାଣ୍ଡିରେ ବହୁତ ପରିବର୍ତ୍ତନ ହୋଇଛି। ଜିଲାର ଲୋକ କଳା ଆଜି ବିଶ୍ୱ ଦରବାରରେ ପରିଚିତ ହୋଇସାରିଛି। ଜିଲାର କଳାକାର, ଛାତ୍ରୀଛାତ୍ରମାନେ ଆଜି ଦେଶ ବିଦେଶରେ ନାମ ମଧ୍ୟ କରି ସାରିଲେଣି ବୋଲି ବିଧାୟକ ମିଶ୍ର କହିଥିଲେ। ସଭାକୁ ସତ୍ୟ ନାରାୟଣ ମହାପାତ୍ର ପରିଚାଳନା କରିଥିଲେ। କଳାହାଣ୍ଡି ଲେଖକ କଳାପରିଷଦ ପକ୍ଷରୁ ସୁଗମ ସଙ୍ଗୀତ ଓ ପାରମ୍ପରିକ ସଙ୍ଗୀତ ଗାନ କରାଯାଇଥିଲା। ଜିଲାର ୫ଜଣ ଘୁମରା ଦଳ ଗୁରୁ ଓ ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହାସହ କଳାହାଣ୍ଡି ଉତ୍ସବ ଉପଲକ୍ଷେ ପତ୍ରିକା 'କଳାଝରଣ' ଓ କବି ସମ୍ମିଳନୀ ପୁସ୍ତକ 'ନିଶାନ' ଉନ୍ମୋଚିତ ହୋଇଥିଲା। ପରେ ଜିଲାସ୍ତରୀୟ ଶ୍ରେଷ୍ଠ ଘୁମୁରା, ଭବାନୀପାଟଣା ସକ୍ଷମ କଳା ଏକାଡେମୀ ଦ୍ୱାରା ଓଡିଶୀ ନୃତ୍ୟ, କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ, ଜୟପାଟଣା ରିଦମ ସ୍କିଲ ଏକାଡେମୀ, ରାୟଗଡା ଜିଲା ସଂସ୍କୃତି ପରିଷଦ, ମାଲକାନଗିରି ଜିଲା ସଂସ୍କୃତି ପରିଷଦ, ସିଟିଏମଏସ ଦ୍ୱାରା ଘୋଡା ନାଚ, ଝାଡଖଣ୍ଡର ମନ୍ଦାରୀ ନୃତ୍ୟ, ହାବସପୁରର ବନାବାଡି, ବଲାଙ୍ଗୀର କୋଶଲ ଫୋକ ଏକାଡେମୀ, କଟକ ସିଂଘମ ଡ୍ୟାନ୍ସ ଏକାଡେମୀ ଦ୍ୱାରା ମୟୁରୀ ନୃତ୍ୟ, ନଟରାଜ ଡ୍ୟାନ୍ସ ଏକାଡେମୀ, ବେଦାନ୍ତ ଆଲୁମିନା ଲିମିଟେଡ଼ ଦ୍ୱାରା ଭାରତନାଟ୍ୟମ, ଛତିଶଗଡର ଗଣ୍ଡୱାନା ନୃତ୍ୟ, ପୁରୁଲିଆର ଛଉ ନୃତ୍ୟ, ସୁହାଗପୁରର ବଜାଶାଲ ପରିବେଷିତ ହୋଇଥିଲା। ସେହିପରି ପାରବା ମଞ୍ଚରେ ଘୁମୁରା, ଚକାଡୋଳା ଡ୍ୟାନ୍ସ ଗ୍ରୁପ, ବିଜୟ ଡ୍ୟାନ୍ସ ଗ୍ରୁପ, ଟୁନୀ ଡ୍ୟାନ୍ସ ଗ୍ରୁପ, ଡିପିଏସ ସ୍କୁଲ, ସକ୍ଷମ ଏକାଡେମୀ, ମନସୁନୀ ଅନମୋଲ ଗ୍ରୁପ, ଡିଆର୍ ଡ୍ୟାନ୍ସ ଗ୍ରୁପ, ସୋନାଲୀ ଡ୍ୟାନ୍ସ ଗ୍ରୁପ, ଡିଜେ ଡ୍ୟାନ୍ସ ସ୍କୁଲ, ଏସକେ ଡ୍ୟାନ୍ସ ଗ୍ରୁପ, କ୍ରିଏଟିଭ କଲଚରାଲ ଏକାଡେମୀ, ମାଆ ମଙ୍ଗଳା, ଶ୍ରୀ ଡ୍ୟାନ୍ସ ଗ୍ରୁପ, ପ୍ରଗତି କନସେପ୍ଟ ସ୍କୁଲ, ସନ୍ୟାସୀ କୁଣ୍ଡାମାଲର ମାଦଲି, ମା' ତାରିଣୀ ସଂକୀର୍ତ୍ତନ, ବଉଦର ମୟୁରୀ ଡ୍ୟାନ୍ସ ଗ୍ରୁପ ଆଦିଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥିଲା। ଶହୀଦ ରେଣ୍ଡୋ ମାଝି ମଞ୍ଚରେ ଶୁଭେନ୍ଦୁ ମହାପାତ୍ର, ମନୋଜ ଶର୍ମା, ସତ୍ୟ ନାରାୟଣ ମୁଣ୍ଡଛିନା, ବିରଞ୍ଚି ନାରାୟଣ ମୁଣ୍ଡ, ନିହାରୀକା ନାୟକ, ନମିତା ମିଶ୍ର ଓ ପାରବା ମଞ୍ଚରେ ସୁଶୀଲ ଗହୀର, ସୁଧୀର ନାଏକ, ଆଶୁତୋଷ ପାତ୍ର, ସୌରଭ ମହାପାତ୍ର, ଧନଞ୍ଜୟ ପଣ୍ଡା, ଲିପ୍ସା ମହାରଣା, ପ୍ରଜ୍ଞା ପାରମିତା ନାୟକ ପ୍ରମୁଖ ସଞ୍ଚାଳନ କରିଥିଲେ। ଏହାପରେ କଳାହାଣ୍ଡିର ମାଟିର ପ୍ରସିଦ୍ଧ ଲୋକଗାୟକ ସର୍ବେଶ୍ୱର ଭୋଇଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଲକ୍ଷାଧିକ ଦର୍ଶକ ଉପଭୋଗ କରିଥିଲେ। ଏହାସହ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ପଲ୍ଲୀଶ୍ରୀ ମେଳା, ହସ୍ତତନ୍ତ୍ର ମେଳା, କୁଟୀର ଶିଳ୍ପ ମେଳା ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ୩୬୪ଟି ଷ୍ଟଲ କରାଯାଇଥିବାବେଳେ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୭ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଏସ୍‌ପିଙ୍କଠାରୁ ଜଣାପଡିଛି।

### ବସ୍ ଓ କାର୍ ମୁହାଁମୁହିଁ ଧକ୍କା: ୧୦ ଆହତ, ୬ ଗୁରୁତର

ନୂଆପଡ଼ା,୧୪।୧(ମକାରୁ ବେମାଲ)

ନୂଆପଡା ଜିଲା କୋମନା ଥାନା ତରବୋଡ ସମ୍ଭବ ମାନିଗୁଡା ଛକ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ବସ୍ ଓ କାର୍ ମୁହାଁମୁହିଁ ଧକ୍କା ହେବାରୁ ୧୦ରୁ ଉର୍ଦ୍ଧ୍ୱ ଗୁରୁତର ଆହତ୍ ହୋଇଛନ୍ତି। ଏଥିରେ ଗୁରୁତର ୬ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ରବିବାର ମଧ୍ୟାହ୍ନରେ ଖରିଆର ରୋଡରୁ ବଲାଙ୍ଗୀର ଅଭିମୁଖେ ଯାଉଥିବା ଏକ ସରକାରୀ ଯାତ୍ରୀବାହୀ ବସ ସହ ବିବରିତ ପଟୁ ଆସୁଥିବା ଏକ କାର ସହ ମୁହାଁମୁହିଁ ଧକ୍କା ହେଇଥିଲା। କାରରେ ବସିଥିବା ୬ଜଣ ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ୬ଜଣ ଗୁରୁତର କୋମନା ବନ ବିଭାଗ କର୍ମଚାରୀ ଅଟନ୍ତି। ଫରେଷ୍ଟର ଗୋପାଳ ମହାନନ୍ଦ, ତ୍ରିବିକ୍ରମ ନାଏକ, ଖଗେଶ୍ୱର ଦୁରିଆ, କୁଞ୍ଜ ବାଗ, ରାଜେଶ ହରିଜନ, କନ୍ଦର୍ପ ସୁନାନୀ। ବସରେ ଯାଉଥିବା ୧୪ଜଣ ଯାତ୍ରୀ ମଧ୍ୟରୁ ୪ଜଣ ସାମାନ୍ୟ ଆହତ ହେବାରୁ ତରବୋଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି।

### ଶମ୍ବରକୁ ଉଦ୍ଧାର କରି ଜଙ୍ଗଲ ବିଭାଗକୁ ହସ୍ତାନ୍ତର



ଗ୍ରାମବାସୀ ଓ ବନ ବିଭାଗ ଉଦ୍ଧାର କରିଥିବା ଶମ୍ବର।

କୋକସରା,୧୪।୧(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ସିର୍ଲିଗୁଡା ଗ୍ରାମ ନିକଟ ମେଗାଲିଫ୍ଟ କେନାଲ ଭିତରୁ ବନ ବିଭାଗ ଆହତ ଅବସ୍ଥାରେ ଏକ ଶମ୍ବର ଉଦ୍ଧାର କରିଛି। ନିକଟସ୍ଥ ସାହାଜଖୋଲ ଜଙ୍ଗଲରୁ ଶନିବାର ବିଳମ୍ବିତ ରାତିରେ ଚାଲି ଆସି ପଡିଯାଇଥିବା ବେଳେ କେନାଲରୁ ଆଉ ବାହାରି ପାରି ନ ଥିଲା। କେନାଲ ପାଣିରେ ରାତିରେ ରହି ଅସୁସ୍ଥ ହୋଇ ରହିଥିବା ବେଳେ ରବିବାର ସକାଳେ ନିକଟସ୍ଥ ଗ୍ରାମବାସୀ ଉଦ୍ଧାର କରି ବେହେରା ଫରେଷ୍ଟ ସେକ୍ସନ କର୍ମଚାରୀଙ୍କୁ ଖବର ଦେଇଥିଲେ। ଫରେଷ୍ଟର ପ୍ରକାଶ ଚନ୍ଦ୍ର ମିଶ୍ର, ଫରେଷ୍ଟ ଗାର୍ଡ ସୁଧାଂଶୁ ସାହୁ, କର୍ମଚାରୀ ରେଣୁପାଳ ହଂସ ମନୋହର ନାଏକ, ମହେନ୍ଦ୍ର ହଂସ ପହଞ୍ଚି ଆହତ ମାଇ ଶମ୍ବରକୁ ଉଦ୍ଧାର କରି କୋକସରା ପ୍ରାଣୀ ଚିକିତ୍ସାଳୟକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା କରିବା ପ୍ରାଣୀ ଚିକିତ୍ସାଧିକାରୀ ଡ.ସ୍ମୃତି ରଞ୍ଜନ ଦାଶ ପ୍ରାଥମିକ ଚିକିତ୍ସା ପରେ ବେହେରା ଫରେଷ୍ଟ ରେଞ୍ଜ ସେକ୍ସନରେ ନେଇ ରଖିଛନ୍ତି। ଶମ୍ବର ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଜଙ୍ଗଲରେ ଛଡ଼ାଯିବା ନେଇ ଫରେଷ୍ଟର ମିଶ୍ର ସୂଚନା ଦେଇଛନ୍ତି।

## ମା'ମାଣିକେଶରୀ ଘୁମୁରା ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ଭବାନୀପାଟଣା,୧୪।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡିର ଲୋକନୃତ୍ୟ ଘୁମୁରାକୁ ଆହୁରି ସମୃଦ୍ଧ କରିବା ଉଦ୍ଦେଶ୍ୟରେ ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବିବାର ମା' ମାଣିକେଶ୍ୱରୀ ଘୁମୁରା ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଏହାର ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଜିଲାର ନୂତନ ସଂସ୍କୃତି ଭବନ ନିର୍ମାଣ ପରେ ସେଠାରେ ଘୁମୁରା ପ୍ରଶିକ୍ଷଣ କେନ୍ଦ୍ର ନିମନ୍ତେ ସତନ୍ତ୍ର ବ୍ୟବସ୍ଥା କରାଯିବ ଏବଂ ଲୋକ ନୃତ୍ୟ ଘୁମୁରାକୁ ଆହୁରି ସମୃଦ୍ଧ କରିବାରେ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ଜିଲାପାଳ କହିଥିଲେ। ଜିଲାପାଳଙ୍କ ସମେତ କଳାହାଣ୍ଡିର ବିଶିଷ୍ଟ ସଂସ୍କୃତିବିତ୍ ଜୟନ୍ତ କୁମାର ବେହେରା, ଅଶୋକ କୁମାର ପଟ୍ଟନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀ



ମା'ଣିକେଶ୍ୱରୀ ଘୁମୁରା ପ୍ରଶିକ୍ଷଣ କେନ୍ଦ୍ରକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

ସଦସ୍ୟ ସତ୍ୟ ନାରାୟଣ ମହାପାତ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଧାନାନନ୍ଦ ପଣ୍ଡା, ଘୁମୁରା ଗୁରୁ ସୁରୁ ବାରିକ, ତିର୍ଥରାଜ ଦଳପତି, ମା' ମାଣିକେଶରୀ ଘୁମୁରା ପ୍ରଶିକ୍ଷଣ କେନ୍ଦ୍ରର ଘୁମୁରା ଗୁରୁ କୈଳାସ ଚନ୍ଦ୍ର ସିଂହ, ଚୈତନ୍ୟ ରାଉତ ପ୍ରମୁଖ ମଞ୍ଚାସୀନ ରହିଥିଲେ। ପ୍ରଶିକ୍ଷଣ କେନ୍ଦ୍ରରେ ଜିଲାର ବିଭିନ୍ନ ଅଞ୍ଚଳରୁ ୩୦ଜଣ ଉତ୍ସାହୀ ଘୁମୁରା ପ୍ରେମୀ ଯୁବକଙ୍କୁ ତାଲିମ ପ୍ରଦାନ କରାଯିବ ଏବଂ ଏହି ତାଲିମ ପରେ ସମସ୍ତେ ଉଚ୍ଚକୋଟୀର ଘୁମୁରା ପ୍ରଦର୍ଶନ କରିବେ ବୋଲି ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ପଣ୍ଡା ସୂଚନା ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭ ଓ ଶେଷରେ ଘୁମୁରା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା।

## ୨ ଶିକ୍ଷକଙ୍କୁ ଚାକିରିରୁ ବହିଷ୍କାର, ମାମଲା ରୁଜୁ ପାଇଁ ନିର୍ଦ୍ଦେଶ

କର୍ଲାମୁଣ୍ଡା,୧୪।୧(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ୨ଜଣ ଶିକ୍ଷକଙ୍କୁ ଚାକିରିରୁ ବହିଷ୍କାର ଓ ମାମଲା ରୁଜୁ କରିବାକୁ ନେଇ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୨୮୮୭ ତାରିଖ ୩୦/୧୨/୨୦୨୩ ଚିଠି ହେବା ପରେ ନକଲି ଶିକ୍ଷକମାନେ ଭୟଭୀତ ଥିବା ଜଣା ପଡ଼ିଛି। ସୂଚନାଯୋଗ୍ୟ ଯେ, ବ୍ଲକର ଟେର୍ଚାପଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଜିତେନ୍ଦ୍ର କୁମାର ନାଗ ଓ ପୌରକେଲା ବିଦ୍ୟାଳୟ ଶିକ୍ଷକ ସନକ ମହାନନ୍ଦ ଏହି ୨ ଶିକ୍ଷକ ଓଟିଇଟି ପରୀକ୍ଷାରେ ପାସ ହୋଇଥିବା ନକଲି ପ୍ରମାଣପତ୍ର ଦାଖଲ କରିଥିଲେ। ତଦନ୍ତ ପରେ ଜିଲା ଶିକ୍ଷା ଅଧିକାରୀ ପତ୍ର ମାଧ୍ୟମରେ ଚାକିରିରୁ ବହିଷ୍କାର କରିବାକୁ କର୍ଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିବା ଜଣାପଡିଛି। ଏ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ



OFFICE OF THE DISTRICT PROJECT CO-ORDINATOR
RIGHT TO EDUCATION-SAMAGRA SHIKSHA
JAG CHOWK, BHAWANIPATNA

To,
The Block Education Officer
Karlamunda

Sub: Disengagement of Junior Teachers and lodging of FIR thereof.

Madam,
The Following Junior Teachers of your block have been disengaged due to submission of fake OTET certificate as per the approval of Collector-cum-CEO, ZP, Kalahandi.
1. Jitendra Kumar Nag, Tercheapada PS, Karlamunda
2. Sanaka Mahananda, Pourkela UPS, Karlamunda

The report of BSE, Odisha and disengagement order is enclosed herewith for your information and necessary action. You are requested to serve a copy of disengagement order with proper acknowledgement to the above teachers and lodge FIR against them in the local police station immediately.

Encl: As above

Yours faithfully
DEO-cum-DPC
SS, Kalahandi

OFFICE OF THE BLOCK EDUCATION OFFICER, KARLAMUNDA

ମେମୋ ନମ୍ବର ୩୨,୮/୧/୨୦୨୪ରେ ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ସୂଚନା ଦେଇଥିବା ଶିକ୍ଷା ବିଭାଗଠାରୁ ସୂଚନା ମିଳିଛି। ଏହି ୨ ଶିକ୍ଷକଙ୍କ ବିରୋଧରେ ବର୍ତ୍ତମାନ ସୁଦ୍ଧା କୌଣସି ମାମଲା ରୁଜୁ କରାଯାଇ ନ ଥିବା ଜଣାପଡ଼ିଛି।

## ରୟାଲ କପ୍ କ୍ରିକେଟ ଚାମ୍ପିୟନଶିପ୍: ମାନିଗୁଡ଼ା ଚାମ୍ପିୟନ

ନୂଆପଡ଼ା,୧୪।୧(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଗନିଆରୀ ରୟାଲ କ୍ଲବ ଆନୁକୂଲ୍ୟରେ ୧୭ତମ ରୟାଲ କପ କ୍ରିକେଟ ଚାମ୍ପିୟନଶିପ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ମୁଖ୍ୟଅତିଥି, ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ଭୈରବ ସାହୁ, ସାମାଜିକ କର୍ମୀ ମାଧ ପ୍ରସାଦ ସାହୁ, ସାମାଜିକ କର୍ମୀ ରାମଲାଲ ହଂସ, ମାନିଗୁଡ଼ା ସରପଞ୍ଚ ଯୋଗେନ୍ଦ୍ର ବାଗ, ଭାଜପା ଜିଲା ସାଧାରଣ ସମ୍ପାଦକ ତୁଳସ ପଟେଲ, ପୀତାମ୍ବର ଅଦା, ଗିରିଧାରୀ ଧରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଘୋଟସର ଓ ମାନିଗୁଡା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମାନିଗୁଡା ବିଜୟୀ ହୋଇଥିଲା। ମାନିଗୁଡା ଦଳ ପ୍ରଥମେ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୨୪୦ ରନ ସଂଗ୍ରହ କରିଥିଲା। ଜବାବରେ ଘୋଟସର ୯ ଓଭର ୩ ବଲରେ ୧୦ ଉଇକେଟ ହରାଇ ୨୪ ରନ ସଂଗ୍ରହ କରି ପରାଜୟ ହୋଇଥିଲା। ଚାମ୍ପିୟନ ମାନିଗୁଡା ଓ ରନରଅପ୍ ଘୋଟସର ଦଳକୁ ମୁଖ୍ୟ ଅତିଥି ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ମୋହନ ହଂସ ଓ ଥବିର ହଂସ ଖେଳ ପରିଚାଳନା କରିଥିବା ବେଳେ ଧାରାବିବରଣୀ ଟିକେଶ୍ୱର ହଂସ ଓ ସ୍କୋରର ଭାବରେ ରମେଶ ନାଗ ଦାୟିତ୍ୱ ନିର୍ବାହ କରିଥିଲେ। ରାୟଲ କ୍ଲବ ସଦସ୍ୟ ସହଦେ ଥପା, କୈସପ ସଗରିଆ, ପ୍ରବେଶ ନାଗ, କୈଳାଶ ଧରୁଆ, ପ୍ରିତେଶ କଠର, ହିତେଶ କଠର, ଛୋଟୁ ନାଗ, ଚିକୁ ବାଗ, ତ୍ରିଲୋକି ହଂସ, ଯଶୋବନ୍ତ ହଂସ, ରୁଦ୍ର ହଂସ, ଗଣେଶ ହୋତା, ଦଶମୁ ବେମାଲ, ରମେଶ ନାଗ, ପ୍ରତାପ ହଂସ, ଦୀପକ ବାଗ, ପ୍ରମୁଖ ସାହାଯ୍ୟ କରିଥିଲେ।



ଅତିଥିବୃନ୍ଦ ପୁରସ୍କୃତ କରୁଛନ୍ତି।

## କପା ଚାଷୀ ଶୋଷଣର ଶିକାର

ଖଡ଼ିଆଳ ବ୍ଲକ

■ନାହିଁ ମଣ୍ଡି ବ୍ୟବସ୍ଥା

■ଦଲାଲ ମାଲାମାଲ

ଖଡ଼ିଆଳ,୧୪।୧(ସୁଜିତ୍ କୁମାର ପ୍ରଧାନ)



ନୂଆପଡା ଜିଲା ଖଡ଼ିଆଳ ବ୍ଲକରେ କପା ମଣ୍ଡି ବ୍ୟବସ୍ଥା ନ ଥିବାରୁ ଚାଷୀ ଶୋଷଣର ଶିକାର ହେଉଥିବା ବେଳେ ଦଲାଲ ମାଲାମାଲ ହେଉଛନ୍ତି। ଦଲାଲଙ୍କ ଦୈନିକ ଖଡ଼ିଆଳ ଅଞ୍ଚଳରୁ ୩୦ ରୁ ୪୦ ବେଆଇନ କପା ବୋଝେଇ ଗାଡି ଖୋଲାଖୋଲି ଯାଉଛି। କିନ୍ତୁ ପ୍ରଶାସନର ନଜର ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଖଡ଼ିଆଳ ବ୍ଲକରେ ସରକାରୀ ଭାବେ ୩୦୨୦ ହେକ୍ଟର କପା ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଛୋଟ ଛୋଟ ଚାଷୀମାନେ ପଞ୍ଜୀକରଣ ହୋଇ ନ ଥିଲେ। ଫଳରେ ବ୍ଲକରେ ୪୫୦୦ରୁ ଅଧିକ ହେକ୍ଟର କପା ଚାଷୀ ମହଲରୁ ଜଣାପଡିଛି। କପା ଚାଷ ଏକ ଅର୍ଥକାରୀ ଫସଲ ଏହାକୁ ଧଳା ସୁନା କୁହାଯାଏ। ଠିକ ଭାବେ ଉତ୍ପାଦନ ହେଲେ ଏହା ଚାଷୀଙ୍କୁ ଅଧିକ ଲାଭ ମିଳିଥାଏ। କିନ୍ତୁ ବର୍ଷାର ଲୁଚକାଳି ଖେଳ ଓ ରୋଗପୋକ ଯୋଗୁ ଆଶାତିତ କପା ଉତ୍ପାଦନ କରିପାରି ନ ଥିଲା। ଚାଷ କରିବା ପୂର୍ବରୁ କିଛି ଗରିବ ଚାଷୀ ସ୍ଥାନୀୟ ଦଲାଲଠାରୁ ବିହନ, ସାର ଓ ଟଙ୍କା ଆଣି ଚାଷ କରିଥିଲେ। ସେମାନେ ଦଲାଲଙ୍କୁ କମ ମୂଲ୍ୟରେ କପା ଦେବାକୁ ବାଧ ହେଉଛନ୍ତି। ଅନ୍ୟପକ୍ଷରେ ବ୍ଲକରେ କପା ମଣ୍ଡି ଖୋଲୁ ନ ଥିବାରୁ ଦଲାଲଙ୍କଠାରେ ୫ରୁ ୬ହଜାର ଟଙ୍କାରେ ବିକ୍ରିୟ କରିବାକୁ ବାଧ ହେଉଛନ୍ତି। ମଣ୍ଡିର ସୁବିଧା ଥିଲେ ଚାଷୀ ୭ ହଜାର ଟଙ୍କା ପର୍ଯ୍ୟନ୍ତ କୁଇଣ୍ଟାଲ ପ୍ରତି ବିକ୍ର ଲାଭବାନ ହୁଅନ୍ତା। କପା ମଣ୍ଡି ଖଡ଼ିଆଳଠାରୁ ୫୦ କି.ମି. ଦୂରରେ ଥିବା ଯୋଗୁ ପରିବହନ ଖର୍ଚ୍ଚ ଅଧିକ ହେଉଥିବା ବେଳେ ସେହି ମଣ୍ଡିଗୁଡିକରେ କୁଇଣ୍ଟାଲ ପ୍ରତି ୭ରୁ ୧୦କେଜି କଟନୀ ଛଟନୀ କରୁଥିବା ଯୋଗୁ କେଉଁଠାରେ ମଧ୍ୟ ଚାଷୀର ନିସ୍ତାର ନାହିଁ ବୋଲି ପ୍ରକାଶ କରିଛନ୍ତି। ମଣ୍ଡି ଖୋଲିଲେ ମଧ୍ୟ ପରିବହନ ବ୍ୟବସ୍ଥା ନ ଥିବା ହେତୁ ଚାଷୀମାନେ କମ ଦାମରେ ବେପାରୀମାନଙ୍କୁ ବିକ୍ରି କରିଦେଉଛନ୍ତି। ବ୍ଲକର କପା ଚାଷୀ ବର୍ତ୍ତମାନ ଚିନ୍ତାରେ ବସିଛନ୍ତି। କପା ବିକି ଦୁଇ ପଇସା ରୋଜଗାର କରିବାର ଇଛା ପୂରଣ ହେଉନି। ଯେତେ ଉତ୍ପାଦନ ଆଶା କରିଥିଲେ ସେହି ପରିମାଣରେ ହେଉନାହିଁ ଓ ଦଲାଲକୁ କମ ମୂଲ୍ୟରେ ବିକ୍ରି କରୁଛି। ଫଳରେ ଚାଷ ପାଇଁ କରିଥିବା ଧାର କରଜ କିପରି ସୁଝିବେ ସେଇ ଚିନ୍ତାରେ ପଡ଼ିଛନ୍ତି। ଚାଷୀଙ୍କ କହିବା ଅନୁସାରେ ପ୍ରଥମେ କମ ବର୍ଷା ହେବାରୁ ମଞ୍ଜିରୁ ଠିକ ଭାବେ ଗଛ ହେଲାନାହିଁ, ପରେ ବର୍ଷା ହୋଇ ଫୁଲ ଝଡ଼ିଗଲା। ପୁଣି ଗଛରେ ରୋଗ ଲାଗିବାରୁ ଔଷଧ ସିଞ୍ଚନ କରାଗଲା ତଥାପି ଠିକ ଉତ୍ପାଦନ ହେଲାନାହିଁ। ଯାହାବି କପା ଉତ୍ପାଦନ ହୋଇଥିଲା ଡିସେମ୍ବର ପ୍ରଥମ ସପ୍ତାହରେ ହୋଇଥିବା ବର୍ଷରେ ଭିଜି କଳା ହୋଇଯିବାରୁ ତାର ବିକ୍ରି ମୂଲ୍ୟ କମି ଯାଇଥିବା ଚାଷୀ ଭୁବନେ ସାହୁ, ପୁଷ୍ପରାଜ ମାଝି, ରାତ୍ରନନ୍ଦ ମନହୀରା ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କିପରି କପା ଚାଷୀ ଉପକୃତ ହୋଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## ସଂକ୍ଷେପରେ

## ଟ୍ରକରୁ ଡିଜେଲ ଚୋରି ଅଭିଯୋଗ

ବାଉଁଶୁଣୀ,୧୪।୧(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ୫୭ନଂ ଜାତୀୟ ରାଜପଥର ଦମକଳ ଅଫିସ ନିକଟରେ ଠିଆ ହୋଇଥିବା ଏକ ଟ୍ରକରୁ ଡିଜେଲ ଚୋରି ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ରାତିରେ ଏକ ମକା ବୋଝେଇ ଟ୍ରକ (ନଂ. ଓଡି ୩୦ବି୬୯୯) ଖୋର୍ଦ୍ଧା ଅଭିମୁଖେ ଯାଉଥିଲା । ଯିବା ସମୟରେ ଟ୍ରକ ଚାଳକ ବାଉଁଶୁଣୀ ଦମକଳ କେନ୍ଦ୍ର ନିକଟରେ ରାସ୍ତାପାର୍ଶ୍ୱରେ ଗାଡି ରଖି ଗାଡ଼ି ଭିତରେ ଶୋଇଥିଲେ । ହେଲେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତେଲ ଟାଙ୍କି ଭାଙ୍ଗି ଡିଜେଲ ନେଇ ଯାଇଥିବାର ଚାଳକ ଜଣକ ସକାଳୁ ଦେଖିବାକୁ ପାଇଥିଲେ । ଏନେଇ ସେ ମାଲିକଙ୍କୁ ଫୋନ ଯୋଗେ ଜଣାଇଥିଲେ। ବାଉଁଶୁଣୀରେ ଦିନକୁ ଦିନ ଚୋରି, ଡକାୟତି ବୃଦ୍ଧି ପାଇବାରେ ଲାଗିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ଫେବୃୟାରୀ ୨୨ରୁ ଖଲିଆପାଲିରେ ମାଘମେଳା

ସୋନପୁର,୧୪।୧(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ଖଲିଆପାଲିର ପ୍ରସିଦ୍ଧ ମାଘମେଳା ଆସନ୍ତା ଫେବୃୟାରୀ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ଖଲିଆପାଲି ଭୀମଭୋଇ କଲ୍ୟାଣ ମଣ୍ଡପରେ ଆୟୋଜିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ସନ୍ଥ କବି ଭୀମଭୋଇଙ୍କ ସିଦ୍ଧି, ସାଧନା ଓ ସମାଧି ପୀଠ ଖଲିଆପାଲିରେ ଚଳିତବର୍ଷ ଏହି ମେଳାକୁ ଆଡମ୍ବର ସହ ପାଳନ କରାଯିବ। ମେଳାରେ ମୀନାବଜାର ସାଙ୍ଗକୁ ଉଠା ଦୋକାନୀଙ୍କ ପସରା ମେଲିବ। ଏଥିସହ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଯାତ୍ରା ପରିଚାଳନା ପାଇଁ ଏକ ନୂତନ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଭାବେ ଅଶୋକ ବଡମାଳି, ଉପସଭାପତି ମୁନା ଦାନୀ, ସମ୍ପାଦକ ଜୟନାରାୟଣ ପୂଜାରୀ ଓ କୋଷାଧ୍ୟକ୍ଷ ଭାବେ ଚନ୍ଦନ କୁମାର ମହାନ୍ତି ମନୋନୀତ ହୋଇଛନ୍ତି। ସେହିପରି ଉପଦେଷ୍ଟା କମିଟିରେ ମହାଦେବ ବଗର୍ତ୍ତି, କାର୍ତ୍ତିକ ଭୋଇ, ବିଭୂତି ନେଗୀ, ଅଷ୍ଟମ ମେହେର, ରଘୁନାଥ ଅଗ୍ରୱାଲ, ମିଲୁ ବଗର୍ତ୍ତି, ଚୈତନ୍ୟ ସାହୁ ପ୍ରମୁଖ ରହିଛନ୍ତି । କମିଟିର ସଦସ୍ୟ ଭାବେ ସତ୍ୟସମ୍ଭବ ପୂଜାରୀ, ଲାଲବାବୁ ବଗର୍ତ୍ତି, ନୀଳାଞ୍ଚଳ ତରିଆ, ଫକୀର ଆଡଜୁଆଡି, ମହେନ୍ଦ୍ର ବଗର୍ତ୍ତି, ବୁଧ କାଣ୍ଡ, ରୀତ ଦୀପ ଓ ପୂର୍ଣ୍ଣଚନ୍ଦ୍ର ମାଝି ପ୍ରମୁଖ ଅଛନ୍ତି ।

## ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ଜାତୀୟ ଯୁବ ଦିବସ ପାଳିତ**

ଅମରପାଲି,୧୪।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସ୍ଥାନୀୟ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଏସ. ରାମପୁର ମହିଳା ମହାବିଦ୍ୟାଳୟର ଗୃହ ବିଜ୍ଞାନ ଅଧ୍ୟାପିକା ସୌଦାମିନୀ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜ ପ୍ରତି ବିବେକାନନ୍ଦଙ୍କ ଅବଦାନ ଓ ତ୍ୟାଗ ବିଷୟରେ ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ଯୁବ ସମାଜ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସେ ପରାମର୍ଶ ଦେଇଥିଲେ। ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଆଶୁତୋଷ ହୋତା ସଭାପତିତ୍ୱ କରିଥିବା ବେଳେ ଯୁବ ରେଡକ୍ରସ ପରାମର୍ଶଦାତା ଅଧ୍ୟାପିକା ଗୀତାଞ୍ଜଳି ପଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମହାବିଦ୍ୟାଳୟର ରେଡକ୍ରସ ସ୍ୱେଚ୍ଛାସେବୀ ତଥା ସମସ୍ତ ଅଧ୍ୟାପିକା ,କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପିକା ପଦ୍ମିନୀ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ଯୁବ ଓ ଇକୋ କ୍ଲବ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଓଡ଼ିଆ ଶିକ୍ଷକ ଜଳଦେବ ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରମାନଙ୍କୁ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ବୈକୁଣ୍ଠ ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଦୟାସାଗର କଲତା ଧନ୍ୟବାଦ ଅର୍ପଣ କରିଥିଲେ।

# ଦୂଷିତ ପାଣି, ପାଉଁଶ ଯୋଗୁ ପରିବେଶ ପ୍ରଦୂଷିତ

ବୌଦ୍ଧ,୧୪।୧( ଅଜିତ କୁମାର ବାରିକ)



ରାଇସ୍ ମିଲର ପାଉଁଶ ରାସ୍ତା କଡରେ ପଡ଼ି ରହିଛି ।

ବୌଦ୍ଧ ଜିଲା ବୌଦ୍ଧ ବ୍ଲକର କସୁରବନ୍ଧ ଗ୍ରାମ ପଞ୍ଚାୟତର ପଦ୍ମପୁର ଗ୍ରାମରେ ଥିବା ଏକ ରାଇସ୍ ମିଲର ଦୂଷିତ ପାଣି ଓ ପାଉଁଶ ଯୋଗୁ ପରିବେଶ ପ୍ରଦୂଷିତ ହେବା ସହ ଅଞ୍ଚଳବାସୀ ନା ନା ରୋଗର ଶିକାର ହେଉଥିବା ଅଭିଯୋଗ ହୋଇଛି । ଉକ୍ତ ରାଇସ ମିଲ ଦୀର୍ଘ ବର୍ଷ ହେବ ଏଠାରେ ସ୍ଥାପନ ହେବା ଯୋଗୁ ପଞ୍ଚାୟତର ସାନଡୁମୁରୀପାଲି, କସୁରବନ୍ଧ, ନୂଆପାଲି , କରମାପଦର, କୁକୁରଚିରା, ମସିଣାପଡା, ସୁନାଖିଆଝୁଲି ଓ ଦହ୍ୟା ପଞ୍ଚାୟତର ବାହାଲୁର ଗ୍ରାମବାସୀ ପୁରା ଅତିଷ୍ଠ ହୋଇ ପଡିଛନ୍ତି । ରାଇସ ମିଲର ପାଣି ନିକଟସ୍ଥ ନାଳରେ ମିଶୁଥିବାରୁ ନାଳ ପାଣି ପ୍ରଦୂଷିତ ହେଉଛି । ମିଲର ପାଉଁଶ ନିକଟସ୍ଥ ଖୋଲା ସ୍ଥାନରେ ପକାଯାଉଥିବା ଯୋଗୁ ପରିବେଶ ଦୂଷିତ ହେବା ସହ ଲୋକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି । ଏହାସହ ନୂଆପାଲିଠାରୁ କରମାପଦର ବହାଲୁର ଯାଇଥିବା ରାସ୍ତାରେ ମିଲର ଭାରୀଯାନ ଚଳପ୍ରଚଳ ଯୋଗୁ ରାସ୍ତା ଖରାପ ହେବା ସହ ସ୍ଥାନୀୟ ଲୋକ ଯିବା ଆସିବାରେ ସମସ୍ୟା ହେଉଛି । ଏନେଇ ଅଞ୍ଚଳବାସୀ ପୂର୍ବରୁ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ । କିନ୍ତୁ ପ୍ରଶାସନ ଆଦୌ ଦୃଷ୍ଟି ଦେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଯଦି ଏ ଦିଗରେ ବିହିତ ପଦକ୍ଷେପ ନିଆ ନ ଯାଏ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଯଥାଶୀଘ୍ର ଏଥପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ୨୧ରୁ ସର୍ବଭାରତୀୟ ଲାଲମନି କ୍ରିକେଟ୍




ଖବରଦାତା ସମ୍ମିଳନୀରେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦିଆଯାଉଛି।

ସୋନପୁର,୧୪।୧(ମୃତ୍ୟୁଞ୍ଜୟ ଶତପଥୀ)

- ରାଜ୍ୟ ଓ ରାଜ୍ୟ ବାହାରୁ ୯ ଦଳ କରିବେ ଅଂଶଗ୍ରହଣ
- ପ୍ରଥମ ଥର ଟର୍ଫ ଉଇକେଟ୍‌ରେ ଟୁର୍ନାମେଣ୍ଟ ହେବ

ସର୍ବଭାରତୀୟ ୩୫ତମ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟ ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ। ୨୮ ତାରିଖରେ ଫାଇନାଲ ମ୍ୟାଚ୍ ରଙ୍ଗାରଙ୍ଗ ପରିବେଶରେ ଅନୁଷ୍ଠିତ ହେବ। ସୋନପୁର ସହର ଗାନ୍ଧୀ ଷ୍ଟାଡିୟମରେ ଓଡିଶାର ଏହି ସମ୍ମାନଜନକ କ୍ରିକେଟ୍ ଟୁର୍ନାମେଣ୍ଟ ଆୟୋଜିତ ହେବାକୁ ଯାଉଛି। ପ୍ରଥମ ଥର ପାଇଁ ଗ୍ରୀନ୍ ଟର୍ଫ ଉଇକେଟ୍‌ରେ ମ୍ୟାଚ୍ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ଥିବା ସୋନପୁର ଜିଲା କ୍ରିକେଟ୍ ସଂଘ କାର୍ଯ୍ୟାଳୟରେ ରବିବାର ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି କ୍ରିକେଟ୍ ଫେଷ୍ଟ ପାଇଁ ୨୦ ତାରିଖ ସନ୍ଧ୍ୟାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜିଲା କ୍ରିକେଟ୍ ସଂଘର ସଭାପତି ରାମଶଙ୍କର ସାହୁ କହିଛନ୍ତି । ଏହି ଟୁର୍ନାମେଣ୍ଟରେ ଓଡିଶାରୁ ଶ୍ରେଷ୍ଠ ୪ଟି ଦଳ ଓ ପଶ୍ଚିମବଙ୍ଗର ଆସାନସୋଲ, କଲିକତା, ଦିଲ୍ଲୀ, ନାଗପୁର ଏବଂ ରାଞ୍ଚିର କ୍ରିକେଟ୍ ଟିମ୍ ଅଂଶଗ୍ରହଣ କରିବେ । ଉଦ୍‌ଯାପନୀ ଉତ୍ସବରେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳାଳି ଓ ଓଡିଶା କ୍ରିକେଟ୍ ଆସୋସିଏଶନର ସମ୍ପାଦକ ସଞ୍ଜୟ କୁମାର ବେହେରା ଅତିଥି ଭାବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଏଥିପାଇଁ ୩୦ ଲକ୍ଷ ଟଙ୍କାର ବଜେଟ୍ ରଖାଯାଇଛି । ପୂର୍ବବର୍ଷଗୁଡିକ ଭଳି ମ୍ୟାଚ୍‌ଗୁଡିକ ଟି/୨୦, ଟି/୧୦ ଓ ସୁପର ୨ ଓଭର ବିଶିଷ୍ଟ ଫର୍ମାଟ୍‌ରେ ହେବ । ଏହି ଖବରଦାତା ସମ୍ମିଳନୀରେ କ୍ରିକେଟ୍ ସଂଘର ସମ୍ପାଦକ ପ୍ରଦୀପ ସେଠୀ, ବି ସତ୍ୟନାରାୟଣ ରାଓ, ରାଜେନ୍ଦ୍ର ମିଶ୍ର, ଶ୍ୟାମ ସୁନ୍ଦର ପାତ୍ର, ସତ୍ୟନାରାୟଣ ମହାଳିକ ଓ ନରସିଂହ ତରିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟସ୍ତରୀୟ ବାଳିକା ଭଲିବଲ ପାଇଁ ସତ୍ୟବାଦୀ ଜୁନିୟର କଲେଜ ମନୋନୀତ

ଅମରପାଲି,୧୪।୧(ପୀତାମ୍ବର ସାହୁ)

ରାଜ୍ୟସ୍ତରୀୟ ବାଳିକା ଭଲିବଲରେ ସୁବର୍ଣ୍ଣପୁର ଜିଲାରୁ ପ୍ରତିନିଧିତ୍ୱ କରିବ କଳପଥରସ୍ଥିତ ସତ୍ୟବାଦୀ ଜୁନିୟର ବାଳିକା ଭଲିବଲ ଦଳ। ସୋନପୁରଠାରେ ନୂଆ-ଓ ଅନ୍ତର୍ଗତ ଭଲିବଲ ଟୁର୍ନାମେଣ୍ଟରେ ଉଲୁଣ୍ଡା ବ୍ଲକର ସତ୍ୟବାଦୀ ବାଳିକା ଜୁନିୟର କଲେଜ ଦଳ ସୋନପୁର କଲେଜକୁ ହରାଇ ରାଜ୍ୟସ୍ତରୀୟ ଖେଳ ପାଇଁ ଭୁବନେଶ୍ୱର ଯିବା ପାଇଁ ମନୋନୀତ ହୋଇଛନ୍ତି। ଖେଳାଳିମାନଙ୍କୁ ନେଇ କଲେଜର ଖେଳ ଶିକ୍ଷକ ଶିବବ୍ରତ କର୍ଣ୍ଣ ଓ ପ୍ରଶିକ୍ଷକ ସୁକାନ୍ତ ମହାକୁର ଭୁବନେଶ୍ୱର ଯିବେ। ବାଳିକା ଭଲିବଲ ଟିମ୍‌ର ଏହି ସଫଳତାରେ ଅଧ୍ୟାପକ କିଶୋର କୁମାର ସାହୁ, ରାମ ପଧାନ ଓ ଦିବ୍ୟରଞ୍ଜନ ମିଶ୍ରଙ୍କ ସମେତ କଲେଜର ଅଧ୍ୟକ୍ଷ ଶ୍ରୀକାନ୍ତ ପଧାନ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଭଲିବଲ ଦଳର ଖେଳାଳି ଓ କୋଚଙ୍କୁ କଲେଜ ପରିସରରେ ଅଧ୍ୟକ୍ଷ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିବା ସହ ଜିଲାର ଗୌରବ ବଢାଇବାକୁ ଉତ୍ସାହିତ କରିଥିଲେ।

# ଫୁଲବାଣୀ ସେମିଫାଇନାଲରେ

ବୌଦ୍ଧ/ପୁରୁଣାକଟକ,୧୪।୧(ଅଜିତ କୁମାର ବାରିକ/ସୁକାନ୍ତ ପଟ୍ଟନାୟକ)

**ତିଳେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ଦିନ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଳେଶ୍ୱର ଫକୀର ଚରଣ ଖେଳପଡିଆରେ ଫ୍ରେଣ୍ଡସ ଆସୋସିଏଶନ ତିଳେଶ୍ୱର ପକ୍ଷରୁ ପ୍ରଥମ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତାର ରବିବାର ଦିନ ଗ୍ରୁପ ବିର ଦ୍ୱିତୀୟ ଖେଳ ଅନୁଷ୍ଠିତ ହୋଇଛି। ଖେଳରେ ଅତିଥି ଭାବେ ସୋନପୁର ମୁଖ୍ୟ ଚିକିତ୍ସାଳୟର ଭେଷଜ ବିଶେଷଜ୍ଞ ଡ. ନରେନ୍ଦ୍ର କୁମାର ମେହେର ଓ ଓଡିଶା ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ ସଭାପତି ଅନିତା ମେହେର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳ ସିଜିୟୁ ଫରେନର କୋଲକତା ଓ ଜେଡି କ୍ଲବ ଫୁଲବାଣୀ (କନ୍ଧମାଳ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳରେ ଉଭୟ ଦଳର ଖେଳାଳି ସୁନ୍ଦର ଭାବେ ଖେଳିଥିବା ବେଳେ ଜେଡି କ୍ଲବ କନ୍ଧମାଳ ( ଫୁଲବାଣୀ) ୩ ଗୋଟି ଗୋଲ ଦେଇ ବିଜୟୀ ହେବା ସହ ସେମି ଫାଇନାଲରେ ପ୍ରବେଶ କରିଛି । ଖେଳକୁ ଶିବଶଙ୍କର ପଣ୍ଡା, ମାନସ ବିଶ୍ୱାଳ, ଦିଲିପ କୁମାର ରାଉତ ପରିଚାଳନା କରିଥିଲେ । ଚତୁର୍ଥ ରେଫରି ଭାବେ ସୁବ୍ରତ କୁମାର ପୁରୋହିତ ଓ ମ୍ୟାଚ କମିଶନର ଭାବେ ରଞ୍ଜନ ଯୋଶୀ କାର୍ଯ୍ୟ ତୁଲାଇଥିଲେ । ଫ୍ରେଣ୍ଡସ ଆସୋସିଏଶନର ସଭାପତି ଝୁନୁ ବେହେରା, ସମ୍ପାଦକ ରମେଶ ସାମଲ, ସୁଶିଲ ଦେହୁରୀ, ଦେବରାଜ ପ୍ରଧାନ, ବିଶ୍ୱଜିତ ପ୍ରଧାନ, ସୁଜ୍ଞାନ କର୍ଣ୍ଣ, ନିକୁଞ୍ଜ ବେହେରା ଓ ଅନ୍ୟ ସଦସ୍ୟଙ୍କ ସହଯୋଗରେ ଖେଳ ହେଉଛି । ସୋମବାର ଦିନ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଖେଳ ଜେଡି କ୍ଲବ ଫୁଲବାଣୀ (କନ୍ଧମାଳ) ଓ ୟୁନାଟେଡ କ୍ଲବ ବରଗଡ ମଧ୍ୟରେ ଅନୁଷ୍ଠିତ ହେବ ।



ଖେଳରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ ।

# ସୁବଳୟା ଯୁକ୍ତ ୨ କଲେଜର ବାର୍ଷିକୋତ୍ସବ

ସୁବଳୟା,୧୪।୧(ଜୟାନନ୍ଦ ରଥ )

ସୁବର୍ଣ୍ଣପୁର ଜିଲା ସୁବଳୟା ଯୁକ୍ତ ୨ କଲେଜର ୩୮ତମ ବାର୍ଷିକ ଉତ୍ସବ ଶନିବାର ମହାସମାରୋହରେ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ଭୋଳାନାଥ କର୍ମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସୋନପୁର କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ ଜ୍ୟୋତିରଞ୍ଜନ ବହିଦାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆଇନଜୀବୀ ଅଦ୍ୱୈତ କୁମାର ପଣ୍ଡା ସମ୍ମାନିତ ଅତିଥି, ବୀରମହାରାଜପୁର କଲେଜର ଓଡ଼ିଆ ଅଧ୍ୟାପକ ପ୍ରକାଶ ସେଠ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ଡ଼ ବହିଦାର ପୁରସ୍କୃତ କରିଥିଲେ । ଗତ ୨୦୨୩ ମସିହା ଯୁକ୍ତ ୨ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ସୁକୁମାରୀ ମେହେରଙ୍କୁ ଚେକ୍ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ସାଂସ୍କୃତିକ ପରିଷଦର ଉପସଭାପତି ରମାକାନ୍ତ ପୁରୋହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହି କାର୍ଯ୍ୟକ୍ରମ ଆୟୋଜନରେ ସୁବ୍ରତ କୁମାର ପଣ୍ଡା, ଟୁନା ମେହେର, ଅନ୍ନଦା ମିଶ୍ର, ପ୍ରଜ୍ଞା କଳ୍ପିତା ପଣ୍ଡା, ସୁରେନ୍ଦ୍ର କୁମାର ସାହୁ, ଗୋପାଳ ଭୋଇ, ଦିଲୀପ କୁମାର ମେହେର, ହରିହର ସାହୁ ଓ ଶମ୍ଭୁ ପ୍ରସାଦ ସାହୁ ସହଯୋଗ କରିଥିଲେ ।



ଜଣେ କୃତି ଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରୁଛନ୍ତି।

# ଭତ୍ତାରୁ ବଞ୍ଚିତ ବୃଦ୍ଧା ଉର୍ମିଳା

ବାଉଁଶୁଣୀ,୧୪।୧,(ଦେବାଶିଷ ନେପାକ)

**ବାଉଁଶୁଣୀ ପଞ୍ଚାୟତରେ ଭତ୍ତା କେଳେଙ୍କାରୀ**

ଜନସାଧାରଣଙ୍କ ପାଇଁ ସରକାର ଅନେକ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ପ୍ରଶାସନିକ ଉଦାସୀନତା, ରାଜନୈତିକ ଆକ୍ରୋଶ ଯୋଗୁ ଅନେକ ସ୍ଥାନରେ ଯୋଜନା ସବୁ ବାଟବଣା ହେଉଛି । ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତରେ ବାର୍ଦ୍ଧକ୍ୟ ଭତ୍ତାକୁ ନେଇ ବୃଦ୍ଧାବୃଦ୍ଧମାନେ ବହୁ ହଇରାଣ ହେଉଥିବା ଅଭିଯୋଗ ହେଉଛି। ବାଉଁଶୁଣୀ ପଞ୍ଚାୟତ ଟିକିରାପଡା ଗ୍ରାମର ଉର୍ମିଳା ମେହେର (୮୦) ଆଜକୁ ୧୧ ମାସ ହେବ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ପୂର୍ବରୁ ସେ ଭତ୍ତା ପାଇ ଆସୁଥିଲେ । କିନ୍ତୁ କୌଣସି କାରଣରୁ ତାଙ୍କୁ ଭତ୍ତା ମିଳୁନାହିଁ । ଭତ୍ତା ମିଳି ନ ଥିବା ନେଇ ଉର୍ମିଳା ବାଉଁଶୁଣୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରହ୍ଲାଦ ଭୋଇଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ବିଭିନ୍ନ ଆଳ ଦେଖାଇ ତାଙ୍କୁ ହଇରାଣ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏନେଇ ଉର୍ମିଳା ବୌଦ୍ଧ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ । ପଞ୍ଚାୟତରୁ ଭତ୍ତା ପାଇବ ବୋଲି ତାଙ୍କୁ କୁହାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ତାହା ମିଳିପାରିଲା ନାହିଁ । ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକଙ୍କୁ ପଚାରିବାରେ ବ୍ଲକରୁ କିଛି ଅସୁବିଧା ହୋଇଥିବା କହିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭୋଇଙ୍କୁ ପଚାରିବାରେ ତାଙ୍କ ଭତ୍ତା ଟଙ୍କା ପଞ୍ଚାୟତକୁ ଆସିନାହିଁ ବୋଲି କହିଥିଲେ। ଉର୍ମିଳାଙ୍କ ପରି ବାଉଁଶୁଣୀ ପଞ୍ଚାୟତର ଅନ୍ୟ କେତେଜଣ ବୃଦ୍ଧାବୃଦ୍ଧ ପୋଷ୍ଟ ଅଫିସ, ବ୍ୟାଙ୍କ, ପଞ୍ଚାୟତକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଭତ୍ତା ମିଳି ପାରିନାହିଁ। ଏହାସହିତ ବାଉଁଶୁଣୀ ପଞ୍ଚାୟତରେ ଅନେକ ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା ଆସୁଛି । ବୌଦ୍ଧ ଜିଲାପାଳ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

# ନୂତନ କୋଠା ନିର୍ମାଣ କାମ ଆରମ୍ଭ

ଡୁଙ୍ଗୁରିପାଲି,୧୪।୧(ଦୀନବନ୍ଧୁ ସୁନା)

**ପହଣ୍ଡି ଯୁକ୍ତ ୨ କାଶୀନାଥ କଲେଜ**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ସୁନାପାଲି ଗ୍ରାମ ପଞ୍ଚାୟତର ପହଣ୍ଡି ଗ୍ରାମରେ ଯୁକ୍ତ ୨ କାଶୀନାଥ କଲେଜର ନୂତନ ଗୃହ ନିର୍ମାଣ କାର୍ଯ୍ୟ ସହ ଭୂମିପୂଜନ ଶନିବାର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଅନୁମତିକ୍ରମେ ପହଣ୍ଡି ଗ୍ରାମରେ ଏହି କଲେଜ ଗତବର୍ଷରୁ ପ୍ରତିଷ୍ଠା ହୋଇଛି । ଅବସରପ୍ରାପ୍ତ ଶିକ୍ଷକ ଗଣେଶ୍ୱର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସମ୍ମାନିତ ଅତିଥି ଭାବେ କଲେଜର ସଭାପତି ନେହେରୁ ସା, ସୁନାପାଲି ପଞ୍ଚାୟତ ସରପଞ୍ଚ ପୁଷ୍ପାଞ୍ଜଳି ସେଠ, କଲେଜର ସମ୍ପାଦିକା କିଶୋରୀ ନାୟକ ପଟେଲ, ରାତ୍ର ମେଶୁଆ, ଗାନ୍ଧୀ ପଧାନ, ପଣ୍ଡରୀକାକ୍ଷ ପଧାନ, ରମେଶ ଭୋଇ ଓ ଟିକେଶ୍ୱର ଯୋଗ ଦେଇଥିଲେ । ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଏହି କଲେଜର ଲକ୍ଷ୍ୟ ରହିଛି । ଏହାଛଡା ଚେରୁପାଲି, ଖୁସାମାଲ, ହଳଦୀ, ଦିଗଶିରା, ସୁନାପାଲି, ହରିହରନଗର, ଚାମରପୁର, ଡାହୁଗୁର୍ଡ଼ି, ତମାମୁରା,କପାସିରା, ଜୁଲୁଣ୍ଡା, ହରଭଙ୍ଗା ଓ ଆଖପାଖ ଗାଁର ଛାତ୍ରୀଛାତ୍ର ସୁବିଧାରେ ପାଠ ପଢି ପାରିବେ ବୋଲି କାଶୀନାଥ କଲେଜର ମୁଖ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ପ୍ରେମାନନ୍ଦ ପଟେଲ ସୂଚନା ଦେଇଛନ୍ତି ।



# ଇଲେଭେନ୍ ଷ୍ଟାର କଳାପଥର ଚାମ୍ପିୟନ

ସୋନପୁର,୧୪।୧(ମୃତ୍ୟୁଞ୍ଜୟ ଶତପଥୀ)




ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରୁଛନ୍ତି।

**ସୁଜନ ନାଗ ସ୍ମାରକୀ ଫୁଟବଲ**

ସୁବର୍ଣ୍ଣପୁର ରୟାଲ ପଡିଆରେ ଚାଲିଥିବା ୧୧ତମ ସୁଜନ ନାଗ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ସୋନପୁର ବ୍ଲକର ଇଲେଭେନ୍ ଷ୍ଟାର କଳାପଥର ଚାମ୍ପିୟନ ହୋଇଛି । ରବିବାର ଫାଇନାଲ ମାଚ୍ ସିସିଏଫ୍ଏ ବୀରମହାରାଜପୁର ଓ ଇଲେଭେନ୍ ଷ୍ଟାର କଳାପଥର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଳାପଥର ୪-୨ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। କଳାପଥର ଟିମ୍‌ର ଗୋଲକିପର ଅଂଶୁ ମୁଣ୍ଡାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍, ପିତ୍ର ମୁଣ୍ଡାଙ୍କୁ ବେଷ୍ଟ ଡିଫେନ୍ସ, ଅଭୟ ମୁଣ୍ଡାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ବିଷ୍ଣୁ ଓରାମ୍‌ଙ୍କୁ ବେଷ୍ଟ ୱିଙ୍ଗର ଭାବେ ପୁରସ୍କୃତ କରାଯାଇଥିଲା । ସେହିପରି ସିସିଏଫଏ ବୀରମହାରାଜପୁରର ଅରବିନ୍ଦ ଲାକ୍ରାଙ୍କୁ ବେଷ୍ଟ ମିଡ୍ ଫିଲ୍ଡ ପୁରସ୍କାର ପ୍ରଦାନ କରାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଅର୍ଥ ରାଶି ଏବଂ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ଶ୍ରୀରାମ ସୁନା, ପୁରୁଷୋତ୍ତମ ପାଣିଗ୍ରାହୀ, ସତ୍ୟନାରାୟଣ ତ୍ରିପାଠୀ, ଅମୀୟ ରଞ୍ଜନ ଦାଶ ଓ ଶାନ୍ତନୁ ବାଗ ଯୋଗଦାନ କରିଥିଲେ। ଖେଳକୁ ରେଫେରି ପ୍ରଶାନ୍ତ ସେଠୀ, ରାଜେଶ ଥନାପତି, ଚିକୁ ବଡପଣ୍ଡା ଓ ଜଗତ ଜଗଦଲା ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ରାକେଶ ନାଗ ପରିଚାଳନା କରିଥିଲେ। ଖଗେଶ୍ୱର ତାଣ୍ଡି, ଜନ୍ମେଜୟ ନାଗ, ଦୀପକ ବେହେରା, ନେଉଳ ସରଭଙ୍ଗ, ରବି ମୁଣ୍ଡା, ବୃଷଭ ନାୟକ, ଉପେନ୍ଦ୍ର ସୁନା ଓ ନୀଳକଣ୍ଠ କୁମ୍ଭାର ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ଚାକିରି କରାଇଦେବାକୁ କହି ୨ ଲକ୍ଷ ଠକେଇ

ରାଉରକେଲା,୧୪।୧(ସଙ୍ଗୀତା ଜେନା)

ଝିରପାଣି ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ଇଣ୍ଡିଆନ୍ ଅଏଲ୍‌ରେ ଚାକିରୀ କରାଇ ଦେବାକୁ କହି ୩ ଜଣ ଯୁବକ ୨ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ମାମଲା (ନଂ ୧୫/୨୪) ରୁଜୁ କରି ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ , ୩ ଯୁବକ ଇଣ୍ଡିଆନ୍ ଅଏଲ୍‌ରେ ଚାକିରୀ କରାଇଦେବାକୁ କହି ସୋମନାଥ ବିସ୍କିଙ୍କ ଠାରୁ ୨ ଲକ୍ଷ ଟଙ୍କା ନେଇଥିଲେ। ପରେ ବ୍ୟକ୍ତ ଜଣଙ୍କ ଫୋନ କରିଥିଲେ ମଧ୍ୟ ସେମାନେ ଆଉ ଉଠାଇ ନ ଥିଲେ। ଶେଷରେ ସେ ଥାନାରେ ଅଭିଯୋଗ କରିଥିଲେ।

### ନହ୍ନେ କଲାମ କି ଖୋଜ ଉଦ୍‌ଯାପିତ

ରାଉରକେଲା,୧୪।୧(ଦିନେଶ ମିଶ୍ର)

ଏନଆଇଟି ପରିସରରେ ଥିବା ସାମାଜିକ ଅନୁଷ୍ଠାନ ଅନ୍ୱେଷା ପକ୍ଷରୁ ବିଜ୍ଞାନ କ୍ଷେତ୍ରରେ ନିଜର ଦକ୍ଷତା ଦେଖାଇବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମ ନହ୍ନେ କଲାମ କି ଖୋଜର ନବମ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ପ୍ରଫେସର ସିଦ୍ଧାର୍ଥ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ନହ୍ନେ କଲାମ କି ଖୋଜ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଭିନ୍ନ ବର୍ଗର ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୱେଷାର ସଭାପତି କଳ୍ପନା ଶତପଥୀ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଟ୍ରଷ୍ଟି ରାଜେନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉପଦେଷ୍ଟା ରାକେଶ ସିଂ କୃତିପ୍ରତିଯୋଗୀଙ୍କୁ ନିଜ ଜ୍ଞାନ ବିକଶିତ କରି ଆଗାମୀ ଦିନରେ କିଭଳି ଜଣେ ଜଣେ ଦେଶ ପାଇଁ ସୁଦକ୍ଷ ବୈଜ୍ଞାନିକ ହୋଇପାରିବେ ସେନେଇ ମତ ପ୍ରକାଶ କରିଥିଲେ। ଏହି ପ୍ରତିଯୋଗିତାରେ ସମଗ୍ର ରାଉରକେଲାର ବିଭିନ୍ନ ବିଦ୍ୟାଳୟରୁ ୧୫୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେଥି ମଧ୍ୟରୁ ବୈଜ୍ଞାନିକ କ୍ଷେତ୍ରରେ କନିଷ୍ଠ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରଥମ ପ୍ରତିଯୋଗୀ ସଜଳ ଖଣ୍ଡେଲୱାଲ, ଦ୍ୱିତୀୟରେ ଆଦ୍ୟା ଅକଡେ ଓ ତୃତୀୟରେ ସମୀମ ଶେଖର ସାହୁ ବିଜୟୀ ହୋଇଥିଲେ। ସେହଭଳି ଉପକନିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଶ୍ରୀୟାଂଶ ଅଗ୍ରୱାଲ, ଦ୍ୱିତୀୟ ସ୍ଥାନ ସିଦ୍ଧି ସମରିଧି ଓ ତୃତୀୟ ସ୍ଥାନ ପ୍ଲାଖ୍ୟା ପ୍ରାଚୁର୍ଯ୍ୟ ମହାରଣା ଅଧିକାର କରିଥିଲେ। ବରିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଦିବ୍ୟରଞ୍ଜନ କୁର୍ମି, ଦ୍ୱିତୀୟ ସ୍ଥାନ ପିୟୁଷ ଗର୍ଗ ଓ ତୃତୀୟ ସ୍ଥାନ ପ୍ରତିଭା ପ୍ରିୟଦର୍ଶନୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସମସ୍ତ ପିଲାମାନଙ୍କ ବୈଜ୍ଞାନିକ ଜ୍ଞାନକୁଶଳକୁ ଏନଆଇଟିର ପ୍ରଫେସର ଜି, ସାହୁ, ପ୍ରଫେସର ଡି. ବିଶୋଇ ଓ ପ୍ରଫେସର ଅନୀଲ ସିଂ ମୂଲ୍ୟାଙ୍କନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ପ୍ରଶାନ୍ତ ପାତ୍ର ଦିବାକର ଦାସ, ରାଶ୍ମିତା ପଣ୍ଡା, ମୋହନ ପଟ୍ଟନାୟକ, ଇନ୍ଦ୍ରନୀଲ ସରକାର ପରିଚାଳନାରେ ସହଯୋଗ କରିଥିଲେ।

# ରାଉରକେଲାରେ ପାଳିତ ହେଲା ମକର ମହୋତ୍ସବ

ରାଉରକେଲା,୧୪।୧(ବିପ୍ଳବରଞ୍ଜନ ଦାଶ)

ଆରଏସ୍‌ପି ପକ୍ଷରୁ ରବିବାର ରାଉରକେଲା ଶିଳ୍ପାଞ୍ଚଳ ସ୍ଥିତ ସେକ୍ଟର–୧୩ ମେଳଣ ପଡିଆ ଠାରେ ମକର ମହୋତ୍ସବ–୨୦୨୪ ପାଳିତ ହୋଇଯାଇଛି। ମକର ସଂକ୍ରାନ୍ତୀ ଉତ୍ସବକୁ ଭାରତୀୟ ଲୋକମାନେ ନିଜ ଦୃଷ୍ଟିକୋଣ ଅନୁସାରେ ଧାର୍ମିକ ଓ ପାରମ୍ପାରିକ ରୀତିରେ ପାଳନ କରିଥାନ୍ତି। ମାତ୍ର ଆରଏସପି ଦ୍ୱାରା ଆୟୋଜିତ ମକର ମହୋତ୍ସବ ବିବିଧତା ମଧ୍ୟେ ଏକତା ଆଧାରିତ ଥିଲା। ଜାତିଧର୍ମ ନିର୍ବିଶେଷରେ ସାଂସ୍କୃତିକ, ପାରମ୍ପାରିକ ଓ ଧାର୍ମିକ ସଙ୍ଗଠନ/ଅନୁଷ୍ଠାନଙ୍କୁ ଏକତ୍ର କରି ମକର ମହୋତ୍ସବ ହୋଇଥିଲା। ପ୍ରକୃତ ଉଦ୍ଦେଶ୍ୟ ଶାନ୍ତି, ମୈତ୍ରୀ ଓ ପ୍ରୀତି ସ୍ଥାପନ କରି ପ୍ରତି ହୃଦୟରେ ସଦଭାବନାର ଆବେଗକତାକୁ ଅଭ୍ୟୁଦୟ କରିବା। ରବିବାର ଆୟୋଜିତ ପବିତ୍ର ମକର ମହୋତ୍ସବରେ ରାଜ୍ୟ ଶ୍ରମ ଏବଂ କର୍ମଚାରୀ ବୀମା ବିଭାଗ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ସାଂସଦ ଜୁଏଲ ଓରାମ, ରଘୁନାଥପାଲି ବିଧାୟକ ସୁବ୍ରତ ତରେଇ, ଆରଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନାର ଭାରାପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, ଦୀପିକା ମହିଳା ସଂଘତି ଅଧ୍ୟକ୍ଷା ସୀମାଦେବ ଭୌମିକ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି.କେ ସାହୁ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି.କେ ହୋତା, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ.କେ ବେହୁରୀଆ,ଦୀପିକା ମହିଳା ସଂଘତି ଉପାଧ୍ୟକ୍ଷା ସମାପିକା ସାହୁ, ଡାକ୍ତର ସୁସ୍ମିତା ଦାସ, ନମ୍ରତା ବର୍ମା ,ସହର ପ୍ରଶାସନ ଓ ସିଏସଆର ବିଭାଗ ସିଜିଏମ ପି.କେ ସ୍ୱାଇଁ, ଆରଏସପି/ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀ ଓ ରାଉରକେଲା ଚ୍ୟାମ୍ବର ଅଫ କମର୍ସ ଓ ଅନ୍ୟାନ୍ୟ ପ୍ରତିଷ୍ଠାନର କର୍ମକର୍ତ୍ତା ସାମିଲ ହୋଇ ମହୋତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ।

ଆୟୋଜିତ ହୋଇଥିବା ମହୋତ୍ସବ ପଡିଆର ପ୍ରବେଶ ପଥ ପୂଜା ମଣ୍ଡପରେ ଜଗତର ନାଥ ଜଗନ୍ନାଥ, ଭଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପ୍ରତିମା ମକର ଚୌରାସିଆ ବେଶ ମହୋତ୍ସବ


ଭୌମିକ ସପତ୍ନୀକ ନୃତ୍ୟଦଳ ସହ ନୃତ୍ୟ କରୁଛନ୍ତି।

ଶୋଭାରାଶିକୁ ଦ୍ୱିଗୁଣିତ କରିଥିଲା। ଏହି ଭଳି ମକର ସଂକ୍ରାନ୍ତୀ ପାଳନ ନେଇ ଓଡିଶାର ପାରମ୍ପାରିକ ମକର ଚାଉଳ ପ୍ରସାଦ ବିତରଣ ବିଶେଷ ଆକର୍ଷଣ ସାଜିଥିଲା। ଯୋଗାସନ ସହିତ ଶାସ୍ତ୍ରୀୟ ସଙ୍ଗୀତ, ଲୋକନୃତ୍ୟ ଓ ଆଦିବାସୀ ନୃତ୍ୟ କଳାକାରଙ୍କର ନୃତ୍ୟ ସଙ୍ଗୀତର ଆସର ହଜାର ହଜାର ଦର୍ଶକଙ୍କର ହୃଦୟରେ ଉନ୍ମାଦ ଭରି ଦେଇଥିଲା।

ଏଭଳି ଚାରୁଚିତ୍ର କଳାରେ ରଙ୍ଗୋଲୀଠାରୁ ଆରମ୍ଭ କରି ମେହେନ୍ଦୀ ଓ ମୁଖଚିତ୍ର ପ୍ରଦର୍ଶନୀ ମେଳା ବେଶ ମନଲୋଭା ଥିଲା। ଓଡିଶା ଓ ଅନ୍ୟାନ୍ୟ ରାଜ୍ୟର ପ୍ରସିଦ୍ଧ ଖାଦ୍ୟ ବ୍ୟଞ୍ଜନ ମହୋତ୍ସବ ପଡିଆ ପ୍ରଦର୍ଶନୀ ଷ୍ଟଲରେ ଦର୍ଶକମାନଙ୍କୁ ଅସଲ ସ୍ୱାଦିଷ୍ଟ ଖାଦ୍ୟ ଖାଇବାର ଖୁରାକ ଯୋଗାଇଥିଲା। ମହୋତ୍ସବରେ ସବୁଠାରୁ ବିଶେଷ ଆକର୍ଷଣ ଥିଲା ପତଙ୍ଗ ଉତ୍ସବ। ଏହି ଉତ୍ସବରେ ହଜାର ହଜାର ଆବାଳ ବୃଦ୍ଧବନିତା ଅଂଶଗ୍ରହଣ କରି ଗୁଡିରେ ପତଙ୍ଗ ଉଡାଇ ଭରପୁର ମଜା ଉଠାଇଥିଲେ। ଏଥିସହ ଉଦୀୟମାନ ଗାୟକଙ୍କ ଦ୍ୱାରା କାରାଓକ ଟ୍ରାକରେ ସଙ୍ଗୀତ ପରିବେଷଣ, ବିଭିନ୍ନ ଚିତାକର୍ଷକ ସେଲଫି ପଏଣ୍ଟ ଦର୍ଶକଙ୍କୁ ଭରପୁର ଆନନ୍ଦ ଦେଇଥିଲା। ଶେଷରେ ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ଆରଏସପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, ସୀମାଦେବ ଭୌମିକ ଓ ମାନ୍ୟଗଣ୍ୟ ବ୍ୟକ୍ତିଗଣ ମିଶି ମହୋତ୍ସବର ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜିତ ହୋଇଥିବା ମକର ମହୋତ୍ସବରେ ରାଉରକେଲା ଶିଳ୍ପାଞ୍ଚଳ ଏବଂ ସହରାଞ୍ଚଳର ହଜାର ହଜାର ଦର୍ଶକ ସାମିଲ ହୋଇ ଭରପୁର ଆନନ୍ଦ ଓ ମଜା ନେଇଥିଲେ।

# ଫକୀରମୋହନ ଓଡ଼ିଆ ଜାତିର ପରିଚୟ



ଅତିଥିମାନେ ସୁବର୍ଣ୍ଣରେଖା ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ରାଉରକେଲା,୧୪।୧(ଦିନେଶ ମିଶ୍ର)

### ସୁବର୍ଣ୍ଣରେଖାର ବାର୍ଷିକ ଉତ୍ସବ ଓ ଫକୀର ମୋହନ ଜୟନ୍ତୀ ପାଳିତ

ବାସନ୍ତୀ କଲୋନୀସ୍ଥିତ ବ୍ୟାସଭବନ ପରିସରରେ ସୁବର୍ଣ୍ଣରେଖା ଅନୁଷ୍ଠାନ ପକ୍ଷରୁ ସଭାପତି ମନୋରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ୨୬ତମ ସୁବର୍ଣ୍ଣରେଖାର ବାର୍ଷିକ ଉତ୍ସବ ଓ ଫକୀର ମୋହନ ଜୟନ୍ତୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରିମ୍ସ କଲେଜର ଅଧ୍ୟକ୍ଷା ନଳିନୀପ୍ରଭା ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫକୀର ମୋହନ ସାହିତ୍ୟ ଗବେଷଣା ପ୍ରତିଷ୍ଠାନ ସୁବର୍ଣ୍ଣରେଖାର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଫକୀର ମୋହନ ହେଉଛନ୍ତି ଓଡିଆ ଜାତିର ପରିଚୟ । ଓଡିଆ ଭାଷା ଓ ସାହିତ୍ୟକୁ ବଞ୍ଚାଇ ରଖିବାରେ ଫକୀର ମୋହନଙ୍କ ଅବଦାନ ଆମପାଇଁ ଚିରସ୍ମରଣୀୟ ବୋଲି ମନ୍ତ୍ରୀ ନାୟକ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଇଞ୍ଜିନିୟର ଅଭୟ କୁମାର ଦାସ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ବୀରମିତ୍ରପୁର ଶ୍ରମଶକ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ମୁନୀନ୍ଦ୍ର କୁମାର ମହଲିକ ଯୋଗଦେଇଥିଲେ। ସମସ୍ତ ଅତିଥିଙ୍କ ଉପସ୍ଥିତିରେ ସୁବର୍ଣ୍ଣରେଖା ସ୍ମରଣିକା ଉନ୍ମୋଚନ କରାଯାଇଥିଲା।

ଏହି ଅବସରରେ ଶିକ୍ଷାବିତ ପ୍ରଫେସର ଡକ୍ଟର ବିନୋଦ କୁମାର ସାହୁ, ଶିଳ୍ପପତି ଇଞ୍ଜିନିୟର ବୁଦ୍ଧଦେବ ବାସୁ, ଚିକିତ୍ସିତ ଡାକ୍ତର ସମୀର କୁମାର ପାତ୍ରଙ୍କୁ ସୁବର୍ଣ୍ଣରେଖା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମାଜସେବୀ ରାଜେନ୍ଦ୍ର କୁମାର ବାରିକ, ବିଶିଷ୍ଟ ସଙ୍ଗୀତ ଶିଳ୍ପୀ ଗୁରୁ ଗୌରାଙ୍ଗ ମଲ୍ଲିକଙ୍କୁ ସୁବର୍ଣ୍ଣରେଖା ସହଯୋଗୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ସୁବ୍ରତ କୁମାର ଜେନା ମଞ୍ଚ ପରିଚାଳନା କରିଥିଲେ। ଅଦିତି ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରା ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠାନର ବିଭିନ୍ନ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିଭଳି ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ରଚନା ଓ ମହେନ୍ଦ୍ର ମହାଲିକଙ୍କ ନିର୍ଦ୍ଦେଶନାରେ ନାଟକ 'ଶେଷ ଠିକଣା' ଦର୍ଶକଙ୍କୁ ବେଶ ଆକୃଷ୍ଟ କରିଥିଲା। ଶେଷରେ ଆଇନଜୀବୀ ଗୀତାଞ୍ଜଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲାରେ ଆରମ୍ଭ ହେଲା ଟୁସୁପର୍ବ

ରାଉରକେଲା,୧୪।୧(ସଙ୍ଗୀତା ଜେନା)

ରବିବାରଠାରୁ ଜିଲାରେ ଆରମ୍ଭ ହୋଇଛି ଟୁସୁ ପର୍ବ। ସପ୍ତାହବ୍ୟାପୀ ହେବାକୁ ଥିବା ଏହି ପର୍ବର ପ୍ରଥମ ଦିନରେ କୁମାରୀ ଝିଅମାନେ ପାରମ୍ପରିକ ରୀତିନୀତିରେ ଟୁସୁଦେବୀଙ୍କ ପ୍ରତିମାକୁ ମୁଣ୍ଡରେ ବୋହି ଘରକୁ ଆଣି ପୂଜାର୍ଚ୍ଚନା କରିଥିଲେ। ଉକ୍ତ ପୂଜା ରାଉରକେଲାର ବନ୍ଧମୁଣ୍ଡା, ଝିରପାଣି, ସେକ୍ଟର–୨ ଖରିଆବାହାଲ, ଡୁମକେଲା ସମେତ ବିଭିନ୍ନ ସ୍ଥାନରେ ବେଶ ଆଡମ୍ବରରେ ପାଳନ କରାଯାଉଛି। ଏହି ପୂଜା ମୟୂରଭଞ୍ଜ, ସୁନ୍ଦରଗଡ଼ରେ ବହୁଳ ଭାବେ କରାଯାଇଥାଏ ବୋଲି ଜଣେ ଭକ୍ତ କହିଥିଲେ।

### ଅଲ୍ ଇଣ୍ଡିଆ ଡିଏସ୍‌ଓ, ଡିୱାଇଓ ପକ୍ଷରୁ ଫକୀର ମୋହନ ଜୟନ୍ତୀ

ରାଉରକେଲା,୧୪।୧(ସଙ୍ଗୀତା ଜେନା)

ଫକୀର ମୋହନ ସେନାପତିଙ୍କ ୧୮୧ତମ ଜୟନ୍ତୀ ଅଲ୍ ଇଣ୍ଡିଆ ଡିଏସଓ, ଡିୱାଇଓ ଓ ମହିଳା ସାଂସ୍କୃତିକ ସଙ୍ଗଠନ ରାଉରକେଲା କମିଟି ପକ୍ଷରୁ ରବିବାର ପାଳିତ ହୋଇଛି। ଏହି ଅବସରରେ କମ୍ୟୁନିଟି ସେଣ୍ଟର ପରିସରରେ ଥିବା ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଧୋବେଇ ବେହେରାଙ୍କ ସଭାପତିତ୍ୱରେ ଜୟନ୍ତୀ ସଭା ହୋଇଥିଲା। ଏନ୍‌ଆଇଟି ପ୍ରଫେସର ରାମକୃଷ୍ଣ ବିଶ୍ୱାଳ ମୁଖ୍ୟ ଅତିଥି, ପ୍ରାବନ୍ଧିକ ଗଗନ ବିହାରୀ ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନଙ୍କ ସମେତ ଡିୱାଇଓର ଆଲୋକ ବେହେରା, ବିରେନ ନାୟକ, ଏମଏସଏସ୍‌ର ବିଦ୍ୟୁତ ମହାନ୍ତି ପ୍ରମୁଖ ବକ୍ତବ୍ୟ ଦେଇ ସ୍ମୃତିଚାରଣ କରାଯାଇଥିଲା।

### ୬୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସଡ଼କ ପୁନରୁଦ୍ଧାର କାର୍ଯ୍ୟାରମ୍ଭ


ଜଗଦା ବିଏସ୍‌ଏନ୍‌ଏଲ୍ ଛକରେ କାର୍ଯ୍ୟ ଶୁଭାରମ୍ଭ ଅବସରରେ ମନ୍ତ୍ରୀ ସାରଦା ନାୟକ ଓ ପୂର୍ତ୍ତ ବିଭାଗ ଅଧିକାରୀ।

ରାଉରକେଲା,୧୪।୧(ସଙ୍ଗୀତା ଜେନା)

ଜିଲାରେ ସଡ଼କ ପରିବହନ ସୁଗମ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ଚୂଡ଼ାନ୍ତରେ ପହଞ୍ଚିଛି। ଏହି କ୍ରମରେ ରବିବାର ରାଉରକେଲା, ବିଶ୍ରା, ନୂଆଗାଁ ଓ ବନ୍ଧମୁଣ୍ଡାକୁ ସଂଯୋଗ କରିବାକୁ ନେଇ ସଡ଼କ ପୁନରୁଦ୍ଧାର ପ୍ରକଳ୍ପ ଜରିଆରେ ପ୍ରାୟ ୬୦.୯୩ କୋଟି ଟଙ୍କାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଗ୍ରାମ୍ୟ ଉନ୍ନୟମ ବିଭାଗରୁ ପୂର୍ତ୍ତ ବିଭାଗକୁ ଏହି ସଡ଼କ ପ୍ରକଳ୍ପ ହସ୍ତାନ୍ତର କରାଯାଇଥିଲା। ଖୁଣ୍ଟଗାଁରୁ ମୀଟକୁନ୍ଦରୀ ପର୍ଯ୍ୟନ୍ତ ୧୫.୯୩ କୋଟି, ଖୁଟଖାଁରୁ ନୂଆଗାଁ ପର୍ଯ୍ୟନ୍ତ ପ୍ରାୟ ୨୦ କିମି ରାସ୍ତାକୁ ୧୮.୯୭ କୋଟି ଟଙ୍କା ବ୍ୟୟବରାଦରେ ଆରମ୍ଭ କରାଯାଇଛି। ସେକ୍ଟର–୨ ବସଷ୍ଟାଣ୍ଡରୁ ପୁରୁଣା ଏନ୍‌ଆଇଟି ଗେଟ୍, ନୂଆ ଗେଟ୍, ସିଡ଼ବ୍ଲ୍ୟୁଏସ୍ ଛକ୍ ଭାୟା ଦେଇ ୩.୪ କିମି ରାସ୍ତାକୁ ୨.୪୬ କୋଟି ଟଙ୍କା ବଜେଟ୍ ରହିଛି। ଅନୁରୂପ ଭାବେ ଏମ୍‌ଜିଏମ୍ ସ୍କୁଲ–ନୀଳଶୈଳ କଲେଜର, ସରଣାଛକ–ଡାମିନ୍ଦ୍ର–ଗୋପାଳଟୋଲି ସୋଶିଆଲ ହୋମ୍–ଏନ୍‌ଆଇଟି ବ୍ୟାକପୋଷ୍ଟ– ବନ୍ଧମୁଣ୍ଡା, ଆର୍‌ଏସ କଲୋନୀ, ପ୍ରେମନଗର ହୋଇ ବନ୍ଧମୁଣ୍ଡା ଶ୍ମଶାନଘାଟକୁ ସଂଯୋଗ କରୁଥିବା ରାସ୍ତାର ପୁନରୁଦ୍ଧାର କରାଯିବ। ଯାହାର ବଜେଟ୍ ୧୧ କିମିକୁ ୨୩.୫୭ କୋଟି ବ୍ୟୟ ବରାଦ ରଖାଯାଇଛି। ଜଗଦା ବିଏସ୍‌ଏନ୍ ଏଲ ଛକରେ ସକାଳୁ ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ନାୟକ ଯୋଗଦେଇ ନଡିଆଭାଙ୍ଗି କାର୍ଯ୍ୟାରମ୍ଭ କରିଥିଲେ। ପୂର୍ତ୍ତ ବିଭାଗ ସୁପରିଟେଣ୍ଡେଣ୍ଟ ମନୋଜ ମହାନନ୍ଦ, ଏସଡ଼ିଓ ନିତ୍ୟାନନ୍ଦ ସିଂହ, ଜେଇ ପବିତ୍ର ପ୍ରଧାନଙ୍କ ସମେତ ସଞ୍ଜିବ ମହାନ୍ତି, ପ୍ରଭାତ ମହାନ୍ତି, ପରଭେଜ୍ ଅରୋରା, ପ୍ରଫେସର୍ କେସି ବାରିକ, କାଶୀନାଥ ପଣ୍ଡା, ଲକ୍ଷ୍ମୀଧର ନାୟକ, କ୍ରିଷ୍ଣା ସିଂ, ଶିଶିର ମୁଦୁଲି, ଅନୁସୂୟା ପଣ୍ଡା, ସିପ୍ରା ସ୍ୱାଇଁ ରୀତା ସାମଲ, ସୁଦାମ ପ୍ରଧାନ, ବରଟୋଲି ଅଞ୍ଚଳର ଅକ୍ଷୟ ଦାସ, ରମାକାନ୍ତ ସୂତାର, ତ୍ରିଲୋଚନ ପଣ୍ଡା, ବିଜୟ ଦାସ, ପ୍ରଭାତ ଜେନା, ମନୋରଂଜନ ନାୟକ ସମେତ ଖୁଟଗାଁ ଅଞ୍ଚଳରେ ହୋଇଥିବା କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଶଙ୍କର ଓରାମ, ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ, ସରପଞ୍ଚ ସୁମିତ୍ର ଓରାମ, ରାଉରକେଲା ସାଙ୍ଗଠନିକ ଜିଲା ସଭାପତି ହାଲୁ ମୁଣ୍ଡାରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଖିଲୁ ଏକ୍କା, ସମ୍ବଲପୁର ଜନକାର୍ଯ୍ୟକାରୀ ସଭାପତି ସନ୍ଧ୍ୟାରାଣୀ ଲାକ୍ରା ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ଉପସ୍ଥିତ ଥିଲେ।

# ମସ୍ଣିକାନୀ ଯୁବ ଜ୍ୟୋତି କ୍ଲବ ଚାମ୍ପିୟନ

ସୁନ୍ଦରଗଡ,୧୪।୧(ଜୟ ନାରାୟଣ ମେଣ୍ଡୁଲି)

### ଭେଡ଼ାବାହାଲ ଲିଟିଲ ଷ୍ଟାର ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଭେଡାବାହାଲ ଲିଟିଲ ଷ୍ଟାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ସୁନ୍ଦରଗଡ ଓ ଝାରସୁଗୁଡାର ମୋଟ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ମସ୍ଣିକାନୀ ଯୁବଜ୍ୟୋତି କ୍ଲବ ଏବଂ ଝାରସୁଗୁଡା ବରମାଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଗୋଲ ଶୂନ୍ୟ ଡ୍ର ହେବାରୁ ପେନାଲଟି ସୁଟ ଆଉଟରେ ମସ୍ଣିକାନୀ ଯୁବ ଜ୍ୟୋତି କ୍ଲବ ୭–୬ଗୋଲରେ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଜାତୀୟ ଫୁଟବଲ ରେଫରୀ ଦୁର୍ଗା ମାଧବ ନାଏକ, ଜିଲା ପରିଷଦ ସଭ୍ୟତା ଆଶ୍ୱିନୀ ନାଏକ, ଭେଡାବାହାଲ ସରପଞ୍ଚ ବୀରେନ୍ଦ୍ର ନାଏକ, ନାଏବ ସରପଞ୍ଚ ଗୋକୁଳାନନ୍ଦ ନାଏକ ଯୋଗଦେଇ ଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ଓ ଉପବିଜେତା ବରମାଲ ଦଳକୁ ଟ୍ରଫି ସହ ୭ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଖେଳକୁ ବିକୀ କିଷାନ,ବିନୟ ନାଏକ,ଡିଲେଶ୍ୱର କିଷାନ ପରିଚାଳନା କରିଥିଲେ। ଭେଡାବାହାଲ ଲିଟିଲ ଷ୍ଟାର କ୍ଲବ ସଭାପତି ରାଜୁ ହାତୀ, ସମ୍ପାଦକ ଲିଙ୍କନ ପୋଢ, ଅଲିଭାନସୁ ମହାନନ୍ଦିଆ, ହରୀ ଗୌଡ, ଅର୍ଜୁନ ଗୌଡ, ଜୟନ୍ତ ଦଣ୍ଡସେନା, ରୋଶନ ଗର୍ଡିଆ, ମୁକୁନ୍ଦ ନାଏକ, ନିତୀଶ ବଢେଇ, ସୁରଜ ମାଝି,ରାଜେଶ ନାଏକ, ହିମାନଂଶୁ ନାଏକ, ଆଲୋକ ପଟେଲ ପ୍ରମୁଖ ପରିଚାଳନା କରିଥିଲେ।


ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

# ଆରପିସି କୁଲୁଙ୍ଗା ବିଜୟୀ


ପ୍ରକାଶ ସ୍ମାରକୀ ଅଲ୍ ଓଡିଶା କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟନୀରେ ଅତିଥିଙ୍କ ସହ ଖେଳାଳି।

ରାଉରକେଲା,୧୪।୧(ଦିନେଶ ମିଶ୍ର)

### ଅଲ୍ ଓଡ଼ିଶା ପ୍ରକାଶ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବାସନ୍ତୀ କଲୋନୀସ୍ଥିତ ଡିଏଭି ଖେଳ ପଡିଆରେ ବାସନ୍ତୀ ୟୁଥ୍ କ୍ରିକେଟ୍ କ୍ଲବ ପକ୍ଷରୁ ଆୟୋଜିତ ୧୭ତମ ପ୍ରକାଶ ସ୍ମାରକୀ ଅଲ୍ ଓଡିଶା କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି କ୍ରିକେଟ୍ ଟୁର୍ନାମେଣ୍ଟକୁ ରାଉରକେଲା ଭାଜପା ନେତା ନିହାର ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ନାମେଣ୍ଟରେ ଚକ୍ରଧରପୁର, ଝାରସୁଗୁଡା ଓ ରାଞ୍ଚି ଭଳି ବିଭିନ୍ନ ଅଞ୍ଚଳରୁ ୧୮ଟି କ୍ରିକେଟ ଦଳ ଅଂଶଗ୍ରହଣ କରିଛନ୍ତି। ଏଥିରେ ଚାମ୍ପିୟନ ଦଳକୁ ୨୫ ହଜାର ୫୫୫ ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୧୮ହଜାର ୫୫୫ ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଏହା ସହ ପ୍ରତ୍ୟେକ ମ୍ୟାଚରେ ମ୍ୟାନ୍ ଅଫ୍ ଦ ମ୍ୟାଚ, ବେଷ୍ଟ ବ୍ୟାଟର, ବେଷ୍ଟ ବୋଲର, ଇମରଜିଙ୍ଗ୍ ପ୍ଲେୟାରଭାବେ ବହୁ ଆକର୍ଷଣୀୟ ପୁରସ୍କାର ଖେଳାଳିମାନଙ୍କୁ ପ୍ରଦାନ କରାଯିବ ବୋଲି ଟ୍ରଷ୍ଟି ଶୁଭେନ୍ଦୁ ଧଳ ସୂଚନା ଦେଇଛନ୍ତି।

ଉଦ୍‌ଘାଟନୀ ମ୍ୟାଚ ଆରପିସି କୁଲୁଙ୍ଗା ଓ ଜିଏସ୍‌ଏ ଗ୍ରୀନ ବାସନ୍ତୀ କଲୋନୀ ଦଳ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଆରପିସି କୁଲୁଙ୍ଗା ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୩୦ ଓଭରରେ ୯ ଉଇକେଟ ହରାଇ ୨୪୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାକେଶ କିଷାନ ୩୯ଟି ବଲ ଖେଳି ସର୍ବାଧିକ ୫୭ ରନ କରିଥିବାବେଳେ ପାର୍ଥ ଜେନା ୪୬ ଟି ବଲ୍ ଖେଳି ୫୬ ରନ କରିଥିଲେ। ଏହି ରନ୍‌ର ଲକ୍ଷ୍ୟକୁ ନେଇ ଜିଏସ୍‌ଏ ଗ୍ରୀନ ଦଳ ୨୩ ଓଭରରେ ୧୩୭ ରନ୍‌ରେ ଅଲଆଉଟ୍ ହୋଇ ମ୍ୟାଚରେ ପରାଜୟ ହୋଇଥିଲେ। ମ୍ୟାଚରେ ପାର୍ଥ ଜେନାଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଏହି ମ୍ୟାଚ୍‌ରେ ସରୋଜ ପଟ୍ଟନାୟକ ଓ ହିମାଂଶୁ ପରିଡା ଅମ୍ପିଆର ଭାବେ ଦାୟିତ୍ୱ ତୁଲାଇଥିଲେ। କ୍ଲବ୍‌ର ବିଷ୍ଣୁକମଲ ବେଉରିଆ ଓ ହିମାଂଶୁ ଚୋବୋ ରନ୍ ତଦାରଖ କରିଥିଲେ। ଏହି ମ୍ୟାଚ ପରିଚାଳନାରେ ୱାଇସିସି କ୍ଲବର ଅଧ୍ୟକ୍ଷ ଅଶେଷ କୁମାର ମହାନ୍ତି, ଟ୍ରଷ୍ଟି ଶୁଭେନ୍ଦୁ ଧଳ, ଉପଦେଷ୍ଟା ପିୟୁଷ ସାମଲ, ସଭାପତି ବାନାମ୍ବର ସାହୁ, ରଞ୍ଜିତ ମିଶ୍ର, ନିରୋଜ ସାହୁ, ରୋହିତ ଅଗ୍ରୱାଲ, ଦେବେନ୍ଦ୍ର ସେଠୀ, ଦେବାଶିଷ ରଥ, ଶତ୍ରୁଘ୍ନ ସୁବୁଦ୍ଧି, କମଳାକାନ୍ତ ବେଉରିଆ, ଅଂଶୁମାନ ଗୋପ, ସଞ୍ଜିପ୍ତ ଆଚାର୍ଯ୍ୟ, ସନ୍ତୋଷ ପରିଡା, ସଞ୍ଜୟ ପ୍ରଧାନ, ଅମୀୟ ପାତ୍ର, ସବ୍ୟସାଚୀ ଖଟୁଆ, ସ୍ମୃତିରଞ୍ଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଭାଗବତ ଗୀତା ଶୀର୍ଷକ ଆଲୋଚନାଚକ୍ର

ସମ୍ବଲପୁର,୧୪।୧(ବି.ଶଙ୍କର)– ସମ୍ବଲପୁର ପବ୍ଲିକ ଲାଇବ୍ରେରି ସଭା କକ୍ଷରେ ଭାଗବତ ଗୀତା ଶୀର୍ଷକ ଆଧ୍ୟାତ୍ମିକ ଆଲୋଚନାଚକ୍ର ଶନିବାର ରାତିରେ ଅନୁଷ୍ଠିତ ହୋଇଯାଇଛି । କୋଲକାତା ଏଟିଟିଇଆର ନିର୍ଦ୍ଦେଶକ ପ୍ରଫେସର ଦେବୀ ପ୍ରସାଦ ମିଶ୍ର ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପରସ୍ଥିତିରେ ଭଗବତ ଗୀତାର ପ୍ରାସଙ୍ଗିକତା ଉପରେ ଆଲୋଚନାର ଆବଶ୍ୟକତା ରହିଛି। ପୃଥିବୀର ସମସ୍ତ ଧର୍ମଗ୍ରନ୍ଥଠାରୁ ଗୀତା ପ୍ରଭାବଶାଳୀ ବୋଲି କହିଥିଲେ। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଅଧ୍ୟକ୍ଷତା କରିଥିବାବେଳେ ପ୍ରଫେସର ଶଙ୍କର ପ୍ରସାଦ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ରଘୁନାଥ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଫେସର ମୁରଲୀଧର ପ୍ରେମନାଥ ନାୟକ ସଂଯୋଜନା କରିଥିଲେ।

### ୨୭ରୁ ପଶ୍ଚିମ ଓଡ଼ିଶାସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା

ସମ୍ବଲପୁର,୧୪।୧(ପ୍ରମୋଦ ବହିଦାର): ସମ୍ବଲପୁର ଭିଏସ୍‌ଏସ୍ ଷ୍ଟାଡିୟମରେ ଆସନ୍ତା ଜାନୁଆରୀ ୨୭ରୁ ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶା ସ୍ତରୀୟ ବିଜୟ ବାହାଦୂର ସିଂ (ବଚନ) ଓ ଭୀମସେନ୍ ଛତର ସ୍ମାରକୀ ଆନ୍ତଃ ଜିଲା ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସମ୍ବଲପୁର ମାଷ୍ଟର୍ସ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଅୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପଶ୍ଚିମ ଓଡ଼ିଶାର ୧୦ଜିଲା ଅଂଶଗ୍ରହଣ କରିବେ। ମାଷ୍ଟର୍ସ କ୍ରୀଡ଼ାସଂଘ ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ ଓ ସିଦ୍ଧାର୍ଥ ସାହା ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ସବୁପ୍ରକାର ସହାୟତା ଯୋଗାଇଦେବାକୁ ଦାସ ସଂଘ କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ସଂଘ ସାଧାରଣ ସମ୍ପାଦକ ପୁରୋହିତ କହିଛନ୍ତି। ଆଲୋଚନା ସମୟରେ ହରେକୃଷ୍ଣ ପଣ୍ଡା, ବିଦ୍ୟାଧର ପ୍ରଧାନ, ସୁରେନ୍ଦ୍ର ନାୟକ, ସୁକାନ୍ତ ବୋଷ, ଜନ ଖାଲକୋ, ଅଶୋକ ସାହୁ, ପ୍ରଦୀପ ପାଢ଼ୀ, ବିଜୟ ଦେହୁରି, କୃଷ୍ଣଚନ୍ଦ୍ର ଶତପଥୀ ପ୍ରମୁଖ ସଂଘ ସଦସ୍ୟ ଉପସ୍ଥିତ ଥିଲେ।

### କଳା ଏକାଡେମୀର ପୁରସ୍କାର ବିତରଣୀ ଉତ୍ସବ

ସମ୍ବଲପୁର,୧୪।୧(ବି.ଶଙ୍କର)– ସମ୍ବଲପୁରସ୍ଥିତ କଳା ଏକାଡେମୀର ୩୦ତମ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣୀ ଉତ୍ସବ ରବିବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହେଇଯାଇଛି। ଏକାଡେମୀ ଅଧ୍ୟକ୍ଷ ସଞ୍ଜୟ ସାହୁଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ବିଶିଷ୍ଟ ଚିତ୍ରଶିଳ୍ପୀ ଭୋଳନାଥ ନାୟକ, ନୃସିଂହ ଚରଣ ସାହୁ ଓ ରାଧାରମଣ ମୁଦୁଲି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୮୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପଶ୍ଚିମ ଓଡ଼ିଶାର ବିଶିଷ୍ଟ ଚିତ୍ରଶିଳ୍ପୀ ସରୋଜ ରାଉତଙ୍କୁ କଳା ଏକାଡେମୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଫଟୋଗ୍ରାଫର କରୁଣାକର ଶତପଥୀ ମାନପତ୍ର ପଠନ ଓ କାର୍ଯ୍ୟକ୍ରମକୁ ନମ୍ରତା ନାୟକ, ଆକୃତି ଦାସ, ଶ୍ରଦ୍ଧା ସୁମନ ସାହୁ, ତନିଶା ପଣ୍ଡା, କୁଳଦୀପ ବର୍ମା, ଆୟୁଷ୍ମାନ ଦାସ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର କଳା ଶିକ୍ଷକ ପବିତ୍ର ବେରିହା ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବଲପୁରୀ ଲୋକସଙ୍ଗୀତର ପରିଚିତ ଚେହେରା
# ଗାୟିକା ପଦ୍ମିନୀ ଦୋରା

ସମ୍ବଲପୁର,୧୪।୧ (ଭବାନୀ ଶଙ୍କର ଭୋଇ)

କେବଳ ଓଡ଼ିଶା ନୁହେଁ, ସାରା ଦେଶରେ ଲୋକଗୀତ ଗାୟିକା ଭାବରେ ଏକ ପରିଚିତ ଚେହେରା ହେଉଛନ୍ତି ସମ୍ବଲପୁର ତଅଁଲାପଡ଼ାର ପଦ୍ମିନୀ ଦୋରା। ସମ୍ବଲପୁରୀ ଲୋକଗୀତର ପ୍ରଚାର ପ୍ରସାର ଦିଗରେ ତାଙ୍କର ଭୂମିକା ଅତୁଳନୀୟ। ପଦ୍ମିନୀଙ୍କ ପୂରା ପରିବାର କଳା ସଂସ୍କୃତିର ପୂଜାରୀ। ତାଙ୍କ ମା' ଥିଲେ କୀର୍ତ୍ତନ ଗାୟିକା। ସେହିପରି ବାପା ଜଣେ ପ୍ରତିଷ୍ଠିତ ମୃଦଙ୍ଗ ବାଦକ। ତେଣୁ ପଦ୍ମିନୀ ତାଙ୍କର ପ୍ରଥମ ଗୁରୁ ଭାବେ ମା'ବାପାଙ୍କଠାରୁ ଭଜନ ଜଣାଣ ଗାଇବା ଶିକ୍ଷା ଆରମ୍ଭ କରିଥିଲେ। ତାଙ୍କ ବଡଭାଇ ଗଣେଶରାମ ଦୋରା ସେତେବେଳେ ସମ୍ବଲପୁରୀ ସଙ୍ଗୀତ ପାଇଁ ପ୍ରତିଷ୍ଠିତ ଅନୁଷ୍ଠାନ ଯବାନ କ୍ଲବକୁ ପଦ୍ମିନୀଙ୍କୁ ସାଇକେଲରେ ବସାଇ ନେଉଥିଲେ। ସେଠାରେ ସେ ଗୁରୁ ଗଙ୍ଗାଧର ଦାସ, ଗୁରୁ କୃଷ୍ଣଚନ୍ଦ୍ର ବାଗ, ଗୁରୁ ରଞ୍ଜନ ସାହୁଙ୍କଠାରୁ ସମ୍ବଲପୁରୀ ଲୋକଗୀତ ଉପରେ ଅନେକ କିଛି ଶିଖିପାରିଥିଲେ।

ପଦ୍ମିନୀ ସଙ୍ଗୀତକାର ଅଭିଜିତ ମଜୁମଦାରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରଥମଥର ଚହଁରା କ୍ୟାସେଟରେ ଗୀତ ଗାଇବାର ସୁଯୋଗ ପାଇଥିଲେ। ଏହାପରେ ସଙ୍ଗୀତକାର କିଶୋର ବାଗ, ଶ୍ରୀରାମ ଲୁହାର ଓ ସେ ସମୟର ପ୍ରତିଷ୍ଠିତ ସଙ୍ଗୀତ ନିର୍ଦ୍ଦେଶକମାନଙ୍କ ନିର୍ଦ୍ଦେଶନାରେ ଅନେକ ସମ୍ବଲପୁରୀ ଗୀତ ରେକର୍ଡିଂ କରିବାର ସୁଯୋଗ ପାଇଲେ। ଏପରି କି ତାଙ୍କ କଣ୍ଠରେ ନିର୍ମିତ ସମ୍ବଲପୁରୀ କ୍ୟାସେଟ ଲୋକଙ୍କ ଦ୍ୱାରା ବ୍ୟାପକ ଆଦୃତ ହୋଇ ବଜାରରେ ଏକ ପ୍ରକାର ହଇଚଇ ସୃଷ୍ଟି କରିଥିଲା। ସେହିପରି ଯୁବ ଗାୟିକା ଭାବେ ସମ୍ବଲପୁରର ପ୍ରତିଷ୍ଠିତ ଗାୟକ ଫକୀର ପଟ୍ଟନାୟକ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ସହ ବିଭିନ୍ନ ମଞ୍ଚରେ ଗୀତ ଗାଇ ନିଜର ସ୍ୱତନ୍ତ୍ର ପରିଚୟ ପାଇପାରିଥିଲେ। ଏହି ସମୟରେ ପଦ୍ମିନୀ ସମ୍ବଲପୁରୀ ଲୋକଗୀତକୁ ଅଧିକ ଗୁରୁତ୍ୱ ଦେଇ ଆଗକୁ ବଢିଥିଲେ। ସମ୍ବଲପୁରୀ ଲୋକସଙ୍ଗୀତ ପାଇଁ ସେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ତରଫରୁ ୨୦୧୨ରେ ଉସ୍ତାଦ ବିସ୍ମିଲ୍ଲା ଖାଁ ଯୁବ ପୁରସ୍କାର ପାଇଥିଲେ। ୨୦୨୨ଅଗଷ୍ଟ ୧୫ରେ



ପଦ୍ମିନୀ ଦୋରା।

ଭାରତ ସରକାରଙ୍କଠାରୁ ନିମନ୍ତ୍ରଣ ପାଇ ପଦ୍ମିନୀ ଆଜାଦୀକା ଅମୃତ ମହୋତ୍ସବରେ ସାମିଲ ହୋଇଥିଲେ। ଏହାବାଦ ସମ୍ବଲପୁରୀ ଲୋକ ସଙ୍ଗୀତ ପାଇଁ ଓଡିଆ ସୋସାଇଟି ଅଫ ଆମେରିକା ତରଫରୁ ପଦ୍ମିନୀଙ୍କୁ ସମ୍ମାନିତ କରାଯାଇଥିଲା। ୨୦୨୩ରେ ଭାରତ ସରକାର ସେଣ୍ଟ୍ରାଲ ଭିଷ୍ଟା ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଓ ଭାରତ ମଣ୍ଡପମଠାରେ ଆୟୋଜିତ ଜି–୨୦ ଆଦି କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ସେ ନିମନ୍ତ୍ରିତ ହୋଇଥିଲେ।

ସମାପାଲୁର ରଘୁ ସିନେମାରେ ଏ ନନୀ ସୁଲୋଚନା... ଗୀତ ଗାଇ ସେ ବେଶ ଲୋକପ୍ରିୟ ହୋଇପାରିଥିଲେ। ସମ୍ପ୍ରତି ସେ ସମ୍ବଲପୁରୀ ଲୋକନୃତ୍ୟ ଅନୁଷ୍ଠାନ ଲହରି ଏବଂ ପଶ୍ଚିମା ମ୍ୟୁଜିକ ସହ ଜଡିତ ରହି ସମ୍ବଲପୁରୀ ସଙ୍ଗୀତ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଗୁରୁ ରତନ ପୂଜାରୀ ଓ ବିଜୟ ବେହେରାଙ୍କଠାରୁ ସମ୍ବଲପୁରୀ ଲୋକ ସଙ୍ଗୀତ ଶିକ୍ଷା କରି ଆଜି ସେ ଜଣେ ପ୍ରତିଷ୍ଠିତ ଲୋକଗାୟିକା ହୋଇପାରିଛନ୍ତି। ତାଙ୍କ ସ୍ୱାମୀ ଡ. ମୋହିତ ସ୍ୱାଇଁ ମଧ୍ୟ ଜଣେ ସମ୍ବଲପୁରୀ ଲୋକନୃତ୍ୟ ଗୁରୁ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଦର୍ଶନ କଳା ବିଭାଗର ସହକାରୀ ଅଧ୍ୟାପକ। ସ୍ୱାମୀଙ୍କ ସହଯୋଗରେ ସେ ଲୋକଗୀତ କ୍ଷେତ୍ରରେ ଏତେଦୂର ଯାଇପାରିଛନ୍ତି ବୋଲି ପଦ୍ମିନୀ ସ୍ୱୀକାର କରନ୍ତି। ଆଧୁନିକତା ନାଁରେ ଲୋକ ପରମ୍ପରାକୁ ପରିବର୍ତ୍ତନ କଲେ ଲୋକ ସଂସ୍କୃତିର ଅସ୍ତିତ୍ୱ ହଜିଯାଏ। ତେଣୁ ଲାଳିତ୍ୟ, ମାଧୁର୍ଯ୍ୟ ଓ ମୌଳିକତାକୁ ବଞ୍ଚାଇ ରଖିବାକୁ ସେ ପରବର୍ତ୍ତୀ ପିଢିର ଲୋକକଳାକାର ମାନଙ୍କୁ ଆହ୍ୱାନ ଦେଇଛନ୍ତି।

# ଏସ୍‌ୟୁ ବିସିଏ ପରୀକ୍ଷା ଫଳ ପ୍ରକାଶିତ

**ବଦ୍ରି ପ୍ରସାଦ କଲେଜ ଅଫ କମ୍ପ୍ୟୁଟର ଟେକ୍‌ନୋଲୋଜି ଛାତ୍ରୀଛାତ୍ରଙ୍କ ସଫଳତା**



ତନୁ ସୋନୀ



ମୌସୁମୀ ପାଣିଗ୍ରାହୀ



ଅନ୍ୱେଷ ପଟ୍ଟନାୟକ



ଈଶ୍ୱର ମେହେର



ଖୁସବୁ ସେନାପତି



ଭିଜି ମୋନିକା



ଶ୍ରେୟା ଘୋଷ



ଶ୍ରୀତମ ଦାସ



ଦୀପକ କୁମାର ବିଶ୍ୱାଳ

ସମ୍ବଲପୁର,୧୪।୧(ବି.ଶଙ୍କର)

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ପକ୍ଷରୁ ବିସିଏ ପଞ୍ଚମ ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏଥିରେ ସମ୍ବଲପୁର ମାଝିପାଲି ଦେବେପାଲିସ୍ଥିତ ବଦ୍ରି ପ୍ରସାଦ କଲେଜ ଅଫ କମ୍ପ୍ୟୁଟର ଟେକ୍‌ନୋଲୋଜିର ବିସିଏ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ପରୀକ୍ଷାରେ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରୁ ବଦ୍ରି ପ୍ରସାଦ କଲେଜର ୯ଜଣ ଛାତ୍ରୀଛାତ୍ର ରହିଛନ୍ତି। ସେମାନଙ୍କ ମଧ୍ୟରେ ତନୁ ସୋନୀ ୯.୫୦ ଏସଜିପିଏ (ସେମିଷ୍ଟର ଗ୍ରେସ ପଏଣ୍ଟ ଆଭରେଜ) ରଖି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ମୌସୁମୀ ପାଣିଗ୍ରାହୀ (୯.୨୫ ଏସଜିପିଏ), ଅନ୍ୱେଷ ପଟ୍ଟନାୟକ (୯ ଏସଜିପିଏ), ଈଶ୍ୱର ମେହେର (୯ ଏସଜିପିଏ), ଖୁସବୁ ସେନାପତି (୮.୭୫ ଏସଜିପିଏ), ଭିଜି ମୋନିକା (୮.୫ଏସଜିପିଏ), ଶ୍ରେୟା ଘୋଷ (୮.୨୫ ଏସଜିପିଏ), ଶ୍ରୀତମ ଦାସ (୮.୨୫ ଏସଜିପିଏ), ଦୀପକ କୁମାର ବିଶ୍ୱାଳ (୮ ଏସଜିପିଏ) ସଫଳତା ହାସଲ କରିଛନ୍ତି। ସଫଳତା ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ସମ୍ପାଦକ ସଞ୍ଜିବ କୁମାର ଅଗ୍ରୱାଲଙ୍କ ସମେତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ, ଅଧ୍ୟାପିକା ଓ ଅଧ୍ୟାପକ ଶୁଭେଚ୍ଛା ଜଣାଇଛନ୍ତି।

# ମହୁଲ ପୋଚ ନଷ୍ଟ, ମଦ ଜବତ: ଜଣେ ଗିରଫ

କୁଚିଣ୍ଡା,୧୪।୧(ବିରଞ୍ଚି ଦର୍ଶା)

କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ଥାନା ଅଞ୍ଚଳରେ ପୋଲିସ ଚଢାଉ କରି ମଦରନ୍ଧା ପାଇଁ ପ୍ରସ୍ତୁତ ମହୁଲ ପୋଚ ନଷ୍ଟ କରିଛି। ଏହାସହ ଦେଶୀମଦ ଜବତ କରି ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ମକରଯାତ୍ରା ଅବସରରେ ମଦ ରାନ୍ଧିବା ପାଇଁ ମହୁଲ ପୋଚ ପ୍ରସ୍ତୁତ ହୋଇଥିବା ପୋଲିସକୁ ଖବର ମିଳିଥିଲା। କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡାଙ୍କ ଆଦେଶକ୍ରମେ ଗୋବିନ୍ଦପୁର ଆଇଆଇସି ରାଜେନ୍ଦ୍ର କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ପୋଲିସ ଟିମ୍ ଚଢାଉ କରି ଯୋଗିମୁଣ୍ଡା ଓ ହରିପଡାରୁ ବିପୁଳ ପରିମାଣର ମହୁଲ ପୋଚ ନଷ୍ଟ କରାଯାଇଥିଲା। ସେହିପରି ଜମନକିରା ଆଇଆଇସି ପଦ୍ମାଳୟା ସାହୁଙ୍କ ତତ୍ତ୍ୱାବଧାନରେ ବର୍ହାମୁଣ୍ଡି ଜଙ୍ଗଲ ଓ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବ୍ୟାପକ ମହୁଲ ପୋଚ ନଷ୍ଟ କରାଯାଇଥିଲା। କୁଚିଣ୍ଡା ଆଇଆଇସି ଦିଲିପ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପୋଲିସ ଟିମ୍ ବାବେୟୁରି, ବାମଣ୍ଡାଗଡ, ଲେପେଇକାନିରେ ଚଢାଉ କରି ୧୩ କୁଇଣ୍ଟାଲ ମହୁଲ ପୋଚ ନଷ୍ଟ ସହ ମଦରନ୍ଧା ସାମଗ୍ରୀ ଜବତ କରିଛି। ଉପଖଣ୍ଡର ବିଭିନ୍ନ ସ୍ଥାନରୁ ପୋଲିସ ଟିମ୍ ୩୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ମହୁଲ ପୋଚ ନଷ୍ଟ କରିଥିବା ଏସ୍‌ଡିପିଓ ପଣ୍ଡା କହିଛନ୍ତି। ମହୁଲପାଲି ଥାନା ସୋଲବଗା ଛକରେ ରବିବାର ପୋଲିସ ୨୦ଲିଟର ଦେଶୀ ମଦ ଜବତ କରି ଜଣଙ୍କୁ ଗିରଫ କରିଛି। ସେ ହେଲେ କେଶାଇବାହାଲ ଗ୍ରାମର ଆକାଶ ଗୌଡ(୩୦)।



ପୋଲିସ ଟିମ୍ ଦ୍ୱାରା ମହୁଲ ପୋଚ ନଷ୍ଟ କରାଯାଉଛି।

## ବାଳିକା ବିଦ୍ୟାଳୟରେ ଶିକ୍ଷକ ଅଭିଭାବକ ବୈଠକ

ସମ୍ବଲପୁର,୧୪।୧(ପ୍ରମୋଦ ବହିଦାର)

ସମ୍ବଲପୁର ଲେଡିଲୁଇସ୍ ଉଚ୍ଚ ବାଳିକା ବିଦ୍ୟାଳୟରେ ଶିକ୍ଷକ ଓ ଅଭିଭାବକଙ୍କ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରଧାନ ଶିକ୍ଷକ ସୁଜିତ କୁମାର ଲୁହାଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓଏସ୍‌ଇପିଏ) ପକ୍ଷରୁ ଜାରି ପତ୍ର ଆଧାରରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା ହୋଇଥିଲା। ଆଲୋଚନାରେ କମଳିନୀ ଆଚାର୍ଯ୍ୟ, ରୀତାରାଣୀ ହୋତା, ସୁନୀତା ପୁରୋହିତ, ସ୍ୱାଗତିକା ପଣ୍ଡା, ସୀମା ଦାଶ, ଅନୁପମା ପଣ୍ଡା ପ୍ରମୁଖ ଶିକ୍ଷୟିତ୍ରୀମାନେ ସାମିଲ ହୋଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ଲିଲିମା ମଲ୍ଲିକ, ଉପସଭାପତି ଶିବ ମହାରଣା ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଛାତ୍ରୀଛାତ୍ରଙ୍କ ମାତାପିତାଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ବୈଠକରେ ୪ଶହରୁ ଅଧିକ ଅଭିଭାବକ ଯୋଗଦେଇଥିଲେ। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ବୀଣାପାଣି ପଣ୍ଡା ଧନ୍ୟବାଦ ଦେଇଥିଲେ।

## ରୋଟାରି କ୍ଲବ ପକ୍ଷରୁ ସହଯୋଗ କାର୍ଯ୍ୟକ୍ରମ

ସମ୍ବଲପୁର,୧୪।୧ (ଭବାନୀ ଶଙ୍କର ଭୋଇ)

ରୋଟାରି କ୍ଲବ ସମ୍ବଲପୁର ଗ୍ରେଟର ପକ୍ଷରୁ ଫୁଲଝରଣସ୍ଥିତ ଡ. ଆଇଜାକ ସାନ୍ତ୍ରା ବାଳନିକେତନଠାରେ ରବିବାର ସହଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଳନିକେତନରେ ରହୁଥିବା ୬୧ ଅନ୍ତେବାସୀ ସେମାନଙ୍କ ଅନୁଭୂତି ବିଷୟରେ କ୍ଲବ୍ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ବାଳନିକେତନର ଉପଦେଷ୍ଟା କୁଳଧର ପ୍ରଧାନ, ସଭାପତି ଜ୍ୟୋତ୍ସ୍ନା ଗୁରୁ, ସମ୍ପାଦକ ସନ୍ଧ୍ୟାରାଣୀ ପ୍ରଧାନଙ୍କ ଉପସ୍ଥିତିରେ କ୍ଲବ ପକ୍ଷରୁ ବର୍ଷକର ରାଶନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ସମସ୍ତେ କର୍ମକ୍ଷେତ୍ରରେ ବ୍ୟସ୍ତ ଜୀବନ କାଟୁଥିବା ବେଳେ ଅନ୍ତେବସୀଙ୍କ ସହ ସମୟ ଅତିବାହିତ କରି ସେମାନଙ୍କ ମନୋଭାବକୁ ବୁଝିବାକୁ ଚେଷ୍ଟା କରିବା ଭିନ୍ନ ଏକ ଅନୁଭୂତି ବୋଲି କ୍ଲବର ସଭାପତି ଡ. ମନୋରଞ୍ଜନ ସାହୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସମ୍ପାଦକ ସମ୍ବିତ ସ୍ୱାଇଁ, ସୁବୋଧ କୁମାର ଦୋରା, ପ୍ରଶାନ୍ତ ରଥ, ଘନଶ୍ୟାମ ମେହେର, ରାଜୀବ ଜୈନ, ସନ୍ତୋଷ ରାଓ, ସନ୍ତୋଷ ହୋତା, ଲିପିକା ଦାସ, ଗିଦାମ ଗୋଲାର ପ୍ରମୁଖ ସାମିଲ ହୋଇଥିଲେ।

# କୈଶୋର ସ୍ୱାସ୍ଥ୍ୟ ଓ ବାଲ୍ୟ ବିବାହ ସଚେତନତା



ଶପଥ ଗ୍ରହଣ କରିବା ଅବସରରେ କିଶୋରୀକିଶୋର ଓ ଅନ୍ୟମାନେ।

ଜମନକିରା,୧୪।୧(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ଟିକିଲିପଡା ଗ୍ରାମ ପଞ୍ଚାୟତ ଘୋଷରାଗୁଡାଠାରେ ରବିବାର ସମ୍ବଲପୁର ସମନ୍ୱିତ ବିକାଶ ସଂସ୍ଥା ପକ୍ଷରୁ କୈଶୋର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୈଶୋର ବୟସ ହିଁ ସମୃଦ୍ଧ ଭବିଷ୍ୟତର ମାପକାଠି। ଏହି ବୟସରେ ସ୍ୱାସ୍ଥ୍ୟ, ଆଚାର ବ୍ୟବହାର, ଚାଲିଚଳନ, ଖାଦ୍ୟପେୟ, ଶିକ୍ଷା ଦୀକ୍ଷା ପ୍ରଭୃତି ଦିଗରେ ସଚେତନ ହୋଇ ଭବିଷ୍ୟତ ଗଢିବାର ପ୍ରକୃଷ୍ଟ ସମୟ। ବାଲ୍ୟ ବିବାହର ଅପକାରିତା, ଶିଶୁ ଶ୍ରମିକ ଓ ଶିଶୁ ଚାଲାଣ ଭଳି କୈଶୋର ସଚେତନତା ସୁସ୍ଥ ସମାଜର ପରିଚାୟକ ବୋଲି ବରିଷ୍ଠ ତାଲିମଦାତା ଡା. ରାଜାରାମ ଷଡଙ୍ଗୀ ପ୍ରକାଶ କରିଥିଲେ। କଟଙ୍ଗପାଣି ସିଏସ୍‌ଡବ୍ଲ୍ୟୁ ପ୍ରଦୀପ୍ତ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶେଷରେ ଟିକିଲିପଡା ସିଏସଡବ୍ଲ୍ୟୁ ଶୋଭାଙ୍ଗିନି ସାହୁ ଧନ୍ୟବାଦ ଅର୍ପଣ କରିଥଲେ। ଏହି ଶିବିରରେ ୪୦ରୁ ଉର୍ଦ୍ଧ୍ୱ କିଶୋର କିଶୋରୀ ତାଲିମ ଗ୍ରହଣ କରିବା ସହ ଶେଷରେ ବାଲ୍ୟ ବିବାହ ବିରୋଧରେ ମିଳିତ ଭାବେ ଶପଥ ଗ୍ରହଣ କରିଥିଲେ।

# ସ୍ୱରଚିତ କବିତା ପାଠ କଲେ କବୟିତ୍ରୀକବି

ସମ୍ବଲପୁର,୧୪।୧(ପ୍ରମୋଦ ବହିଦାର)

ସମ୍ବଲପୁର ସାମ୍ବାଦିକ ଭବନରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାପ୍ତାହିକ ପତ୍ରିକା ଜନସମୀକ୍ଷାର ୪୪ତମ ବାର୍ଷିକ ପାଳନ କରାଯାଇଥିଲା। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି ଓ ଖବରଦାତା ହେମନ୍ତ କୁମାର ମହାପାତ୍ର, ଶଶିଭୂଷଣ ତ୍ରିପାଠୀ, ଗୋପୀନାଥ ଷଡ଼ଙ୍ଗୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସୁନ୍ଦରଗଡ଼ର କବୟିତ୍ରୀ ତଥା ସାହିତ୍ୟିକା ପ୍ରତିମା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ମମତା ନାଥଙ୍କ ସଂଯୋଜନାରେ ଗୁଣ ରଞ୍ଜନ ସାଲିମା, ବିଭୁତି ମିଶ୍ର, ବିଚିତ୍ରା ବାଗ, ଡ. ପ୍ରତିମା ମିଶ୍ର, ସୁଷମା ପ୍ରଧାନ, ସବିତା ମିଶ୍ର, ଜ୍ୟୋତିର୍ମୟୀ ପ୍ରଧାନ, ଅରୁଣ କୁମାର ଦାଶ ପ୍ରମୁଖ କବିତା ପାଠ କରିଥିଲେ। ଏହି ଅବସରରେ କବିତା ସାହିତ୍ୟ ସହ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ହେମନ୍ତ କୁମାର ମହାପାତ୍ର, ଗୋପୀନାଥ ଷଡ଼ଙ୍ଗୀ, ସୁବାସ ପାଣିଗ୍ରାହୀ ପ୍ରମୁଖଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଅଂଶଗ୍ରହଣ କରିଥିବା ସମସ୍ତ କବୟିତ୍ରୀ ଓ କବିଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ସଂସ୍କୃତି ତ୍ରିପାଠୀ ଓ ଅର୍ଚ୍ଚନା ପାଣ୍ଡିଆ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ସିଦ୍ଧେଶ୍ୱରୀ ଧର୍ମସଂସଦ ସମ୍ପାଦକ ସୁମନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ସମ୍ବଲପୁର,୧୪।୧ (ଭବାନୀ ଶଙ୍କର ଭୋଇ)

ବୃନ୍ଦ୍ସହିଲସ୍ଥିତ ହନୁମାନ ମନ୍ଦିର ପରିସରରେ ରବିବାରଠାରୁ ବିଶ୍ୱ ଶାନ୍ତି ଶଙ୍କଟ ମୋଚନ ହନୁମାନ ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ କଳସ ଶୋଭାଯାତ୍ରା ବାହାରି ଲକ୍ଷ୍ମୀ ଟକିଜ୍ ଛକ, ଗୋଲବଜାର, ହାଟପଡ଼ା ପରିକ୍ରମା କରିଥିଲା। ପାରମ୍ପରିକ ଦୁଲଦୁଲି ବାଜା ସହ ୨୨୫ ଜଣ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମନ୍ଦିର ପରିସର ଯଜ୍ଞସ୍ଥଳରେ କଳସ ସ୍ଥାପନ କରାଯାଇଥିଲା। ବିଶ୍ୱ ଶାନ୍ତି ମହାଯଜ୍ଞରେ କର୍ତ୍ତା ଭାବେ ରାଜୀବ ଶତପଥୀ ଓ ତାଙ୍କ ସହଧର୍ମିଣୀ ରିନା ଶତପଥୀ ଏବଂ ପୁରୋହିତ ଭାବେ ପଣ୍ଡିତ ବ୍ୟାସଦେବ ପଣ୍ଡା ଦାୟିତ୍ୱରେ ରହିଛନ୍ତି। କଳସ ଶୋଭାଯାତ୍ରାରେ ମନ୍ଦିର କମିଟି ସଭ୍ୟମାନେ ମଧ୍ୟ ସାମିଲ ରହିଥିଲେ। ମକର ସଂକ୍ରାନ୍ତି ଅବସରରେ ସୋମବାର ସକାଳ ୯ଟାରୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇ ବିଶ୍ୱର କଲ୍ୟାଣ ନିମନ୍ତେ ପ୍ରାର୍ଥନା କରାଯିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି।



# ଯୋଗଜ୍ୟୋତି ଆନନ୍ଦ ସ୍ପୋର୍ଟ୍ସ କ୍ଲବ ଚାମ୍ପିୟନ

**ରାଜ୍ୟସ୍ତରୀୟ ଭୀମ ଭୋଇ ଚ୍ୟାଲେଞ୍ଜର ଫୁଟ୍‌ବଲ**

ରେଢ଼ାଖୋଲ,୧୪।୧(ଅଚ୍ୟୁତାନନ୍ଦ ପୁରୋହିତ)

ରେଢ଼ାଖୋଲ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୧୯ତମ ରାଜ୍ୟସ୍ତରୀୟ ଭୀମଭୋଇ ଚ୍ୟାଲେଞ୍ଜର ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଚାଲିଥିବା ଟୁର୍ନାମେଣ୍ଟରେ ସମୁଦାୟ ୮ଟି ଦଳ ଭାଗ ନେଇଥିଲେ। ଅନୁଗୋଳର ଯୋଗଜ୍ୟୋତିଆନନ୍ଦ ସ୍ପୋର୍ଟ୍ସ କ୍ଲବ ଓ ରାଉରକେଲା ଏଫ୍‌ସି ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଶେଷରେ ୨–୧ରେ ଅନୁଗୋଳ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା।



ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

ଓଫାର ସୁଜିତ ରାଜହଂସ, ଭୋଲେଶ୍ୱର ଗାଗରାଇ, ସୁଶୀଳ ବେହେରା ଓ ଅମିତ ନାୟକ ମ୍ୟାଚ ପରିଚାଳନା କରିଥିଲେ। ଉଦ୍ଘାଟନୀ ସମାରୋହରେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ମୁଖ୍ୟଅତିଥି ଓ ଗୋବିନ୍ଦ ଅଗ୍ରୱାଲ, ରାମପୁର ସେବା ସମବାୟ ସମିତି ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ମୁଖ୍ୟଅତିଥି ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ। ରନର୍ସ ଅପ ଦଳକୁ ଝସକେତନ ପ୍ରଧାନ ସ୍ମୃତି ଉଦ୍ଦେଶରେ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ତାଙ୍କ ପିତା କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରଦାନ କରିଥିଲେ। ରେଢାଖୋଲ ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ରମେଶ ସିଂ, ବିଶ୍ୱଜିତ ପଣ୍ଡା, ପ୍ରହ୍ଲାଦ ମୁଣ୍ଡା, ଦେବବ୍ରତ ରାଉତ, ରାଜୀବ ଲୋଚନ ପ୍ରଧାନ, ରମେଶ ଦେହୁରି, ଘାସିନାଥ ସାହୁ, ଜ୍ଞାନରଞ୍ଜନ ପ୍ରଧାନ, ଗୌରୀଶଙ୍କର ପାତ୍ର ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

# ମଣ୍ଡିରେ ପଡ଼ିଛି ଶହ ଶହ କୁଇଣ୍ଟାଲ ଧାନ

## ଖୋଲା ଆକାଶ ତଳେ ଜଗିଛନ୍ତି ଚାଷୀ

ଜୁନାଗଡ଼,୧୪।୧(ଅଂଶୁମାନ ଯୋଶୀ)

କଳାହାଣ୍ଡି ଜିଲାରେ ଚଳିତ ଖରିଫ ଧାନ ଚାଷ ଠିକ ସମୟରେ ଅମଳ ହୋଇଥିଲେ ମଧ୍ୟ ମଣ୍ଡି ଖୋଲିବାରେ ବିଳମ୍ବ ହୋଇଥିଲା। ଫଳରେ ବର୍ତ୍ତମାନ ସୁଦ୍ଧା ମଧ୍ୟ ମଣ୍ଡିରେ ଶହ ଶହ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି। ବିଶେଷ କରି ଜିଲାର ଜୁନାଗଡ଼ ବ୍ଲକର ଦାସିଗାଁ, ମୁଣ୍ଡରାଗୁଡା, ଚିଲକପୁର, ଚିଲିଗୁଡ଼ା, ରାଜପୁର, ବଣିଜରା, ବୁଡିଦର ଭଳି ଅନେକ ମଣ୍ଡିରେ ଧାନ ବିକ୍ରି ନ ହୋଇ ଶହ ଶହ କୁଇଣ୍ଟାଲ ପଡିରହିଛି। ମଣ୍ଡିଗୁଡିକରେ ଧାନ ବସ୍ତା ଚାଷୀଙ୍କୁ ଠିକ ସମୟରେ ଦେଉ ନ ଥିବା ଓ ମିଲର୍ସ ପକ୍ଷରୁ ଗାଡି ଠିକ ସମୟରେ ପଠାଉ ନ ଥିବାରୁ ଏଭଳି ଅନେକ ସମସ୍ୟା ମଣ୍ଡିରେ ଦେଖିବାକୁ



ମଣ୍ଡିରେ ବିକ୍ରି ନ ହୋଇ ପଡି ରହିଥିବା ଧାନ।

ମିଳିଛି। ଖୋଲା ଆକାଶ ତଳେ ଥିବା ମଣ୍ଡିରେ ଚାଷୀମାନେ ଶୀତ କାକରରେ ଧାନ ଜଗି ରହିଛନ୍ତି। ଦାସିଗାଁ ମଣ୍ଡିରେ ମୁଖ୍ୟ ରାସ୍ତା ଉଭୟ ପାର୍ଶ୍ୱରେ ଚାଷୀମାନେ ଧାନକୁ ରଖିଛନ୍ତି। ରାସ୍ତା କଡରେ ହିଁ ଚାଷୀମାନେ ରାତି ଦିନ ଜଗି ବସିଛନ୍ତି। ଏହି ମଣ୍ଡିରେ ଧାନ ବହୁତ ଥିବାରୁ ଅଧିକାଂଶ ଚାଷୀ ଜାଗା ଅଭାବରୁ ଧାନକୁ ଘରେ ରଖିଛନ୍ତି। ଏପଟେ ଚାଷୀମାନେ କଟନୀ ଛଟନୀକୁ ବିରୋଧ କରୁଥିବା ବେଳେ ମନଇଚ୍ଛା କଟନୀ କରୁଛନ୍ତି ମିଲର୍ସ। ଫଳରେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଯାଉଛି। ଚାଷୀମାନେ ଧାର କରଜ କରି ଧାନ ଚାଷ କରୁଥିବା ବେଳେ ଉଚିତ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ରବି ଧାନ ଚାଷ ପାଇଁ କେନାଲରେ ଗତ ୮ ତାରିଖରେ ପାଣି ଛଡାଯାଇଛି। ଏଠାକାର ଚାଷୀ ରବି ଚାଷ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଏପଟେ ଖରିଫ ଧାନ ଚାଷୀ ମଣ୍ଡିରେ ବିକ୍ରି କରି ପାରି ନାହିଁ। ମିଲର୍ସଙ୍କ ଆନ୍ଦୋଳନ ଯୋଗୁ ଗତ ୨ ଦିନ ହେଲା ମଣ୍ଡି କାର୍ଯ୍ୟ ବନ୍ଦ ରହିଛି। ଫଳରେ ଚାଷୀମାନେ ଏବେ ଚିନ୍ତାରେ ପଡ଼ୁଛନ୍ତି।

## ସଂକ୍ଷେପରେ

### ଉପାନ୍ତ ଅଞ୍ଚଳରେ ଖୋଲିଲା ପିଡିଏସ୍ ଗୋଦାମ



କୋକସରା,୧୪।୧(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତର ଜଙ୍ଗଲ ପରିବେଷ୍ଟିତ ଉପାନ୍ତ ଗ୍ରାମ ଧୋବେନ ଚଞ୍ଚରାର ହିତାଧିକାରୀଙ୍କୁ ପିଡିଏସ ସାମଗ୍ରୀ ପାଇଁ ୫ କି.ମି. ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ପଡୁଥିଲା। ସରପଞ୍ଚ ହରିପ୍ରିୟା ନାଗ ଏହି ଗାଁରେ ଗୋଦାମ ଗୃହ ନିର୍ମାଣ ପାଇଁ ପ୍ରଶାସନକୁ ଅନୁରୋଧ କରିଥିଲେ। ଫଳ ସ୍ୱରୂପ ରବିବାର ପିଡିଏସ ଗୋଦାମ ନିର୍ମାଣ ହୋଇ ଉଦଘାଟିତ ହୋଇଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ଗ୍ରାମର ଶତାଧିକ ମହିଳା ଓ ଗ୍ରାମବାସୀ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ନାଚିଗାଇ ପାଛୋଟି ଆଣିଥିଲେ। ସ୍ଥାନୀୟ ସରପଞ୍ଚ ହରିପ୍ରିୟା ନାଗଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋକ୍ଷଧି ବାଗ, ମୁଖ୍ୟବକ୍ତା ଭାବେ ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଜିଲା ପରିଷଦ ସଦସ୍ୟ ଶଙ୍କର ଜୁଏଡ଼, ନାଏକ ସରପଞ୍ଚ ଖଗେଶ୍ୱର ବାଣୁଆ ଓ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ରହିଥିଲେ। ଉପସ୍ଥିତ ଅତିଥିମାନେ ସ୍ଥାନୀୟ ସରପଞ୍ଚ ହରିପ୍ରିୟା ନାଗଙ୍କ ପ୍ରଚେଷ୍ଟାରେ ଗୋଦାମ ଗୃହ ହୋଇଥିବା ଓ ହିତାଧିକାରୀ ଉପକୃତ ହେବେ ବୋଲି ନେତୃବୃନ୍ଦ ମତ ଦେଇଥିଲେ। ମଞ୍ଚ ସଂଯୋଜନା ଖଗେଶ୍ୱର ପାଣିଗ୍ରାହୀ କରିଥିବା ବେଳେ ଦେବିସିଂ ନାଗ, ମଣିରାମ ବାଣୁଆ, ପିଇଓ କିଶୋର ଚନ୍ଦ୍ର ନାଏକ, ଯୋଗାଣ ସହାୟକ ଚନ୍ଦ୍ରମଣି ବେଶ୍ରା, ଗୌରୀ ଖମାରି, ରିତା କଟା, ସନମତି ପୁଝାରି ଓ ଗ୍ରାମବାସୀ ସହଯୋଗ କରିଥିଲେ।

### ବଟକୃଷ୍ଣ ମେମୋରିଆଲ କ୍ରିକେଟ: ଗଡ୍ରାମୁଣ୍ଡା ବିଜୟୀ

ଖଡ଼ିଆଲ,୧୪।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଲ ବ୍ଲକ ସାନମହେଶ୍ୱର ଗ୍ରାମପଞ୍ଚାୟତ ଘରଧରା ଗ୍ରାମରେ ଚାଲିଥିବା ଫାଷ୍ଟ ବଟକୃଷ୍ଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ତୃତୀୟ ଦିବସରେ ପହଞ୍ଚିଛି। ଦମାପଲା ଓ ଗଡ୍ରାମୁଣ୍ଡା ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୧୨ ଓଭରରେ ଦମାପଲା ଦୁଇ ଉଇକେଟ ହରାଇ ୧୫୬ ରନ କରିଥିଲା। ଗଡ୍ରାମୁଣ୍ଡା ୧୧ ଓଭର ୨ ବଲରେ ୧୬୨ ରନ କରି ବିଜୟୀ ହୋଇଥିଲା। ମଗ୍ରାମର ବର୍ଷୀୟାନ ବ୍ୟକ୍ତି ତାରେଶ୍ୱର ବେହେରା, ଲୋକବନ୍ଧୁ ବେହେରା, ଦେବକୁମାର ବନ୍ଦୀଛୋର ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ମୋହିତ କୁମାର କଟା ପାଇଥିଲେ। ଟୁର୍ନାମେଣ୍ଟରେ ବିଜେତା ଦଳକୁ ଟ୍ରଫି ସହିତ ୨୫ ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ କୋଡିଏ ହଜାର ଟଙ୍କା ପୁରସ୍କାର ଦିଆଯିବ। ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତାରେ ୧୬ଟି ଦଳ ଭାଗ ନେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସ୍ୱର୍ଗତ ବଟକୃଷ୍ଣଙ୍କ ସ୍ମୃତିରେ ତାଙ୍କ ପୁତ୍ର ଅରୁଣ କୁମାର ଟୁର୍ନାମେଣ୍ଟ ଆୟୋଜନ କରୁଛନ୍ତି।

# ଲଙ୍କେଶ୍ୱରୀ କ୍ରିକେଟ: ମୁଖୀଗୁଡ଼ା ଚାମ୍ପିୟନ

କୋକସରା,୧୪।୧(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ପାତ୍ରବସା ରାଜୀବ ଯୁବ ଅନୁଷ୍ଠାନ ଆନୁକୂଲ୍ୟରେ ଚାଲିଥିବା ମା' ଲେଙ୍କେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ମୁଖୀଗୁଡା ଓ ପୂଝାରୀଗୁଡା ଟିମ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ମୁଖୀଗୁଡ଼ା ଚାମ୍ପିୟନ ହୋଇଥିଲା। ଟସ ଜିଣି ପୂଝାରୀଗୁଡା ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ବିନିମୟରେ ୮୨ ରନ ସଂଗ୍ରହ କରିଥିଲା। ଜବାବରେ ମୁଖୀଗୁଡା ୪ ଉଇକେଟ ବିନିମୟରେ ୮ ଓଭର ୨ ବଲରେ ବିଜୟୀ ହୋଇଥିଲା। ସୁଶାନ୍ତ ସେଠୀ ଓ ରାଜେନ୍ଦ୍ର ବାଗ ଖେଳ ପରିଚାଳନା କରିଥିଲେ। ସ୍କୋର ଦୁଷ୍ମନ୍ତ କୁମାର୍ ବାଗ ରହିଥିବା ବେଳେ କୁନାଲ କର ଓ ଉମେଶ ଚନ୍ଦ୍ର ବାଗ ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ସିରିଜ ପୂଝାରୀଗୁଡାର ବିନୋଦ, ମ୍ୟାନ ଅଫ ଦି ମ୍ୟାଚ ବିଶାଳ ନାଏକ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲ, ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଆମପାଣି




ଫାଇନାଲ ଖେଳରେ ଖେଳାଳିଙ୍କ ସହ ଉପସ୍ଥିତ ଅତିଥି।

ସରପଞ୍ଚ ରୁକ୍ମିଣୀ ବାଣୁଆ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ବରାଡଙ୍ଗା ସମିତି ଗୁପ୍ତେଶ୍ୱର ବାଗ, ୱାର୍ଡ଼ ସଭ୍ୟା ଡାଲିମ୍ବ ବାଗ, ପ୍ରଭାକର ନାଏକ, ଶିକ୍ଷକ ତୁଳସୀରାମ ବାଗ, ସୋନୁ ଅଗ୍ରୱାଲ, ଜିତୁ ପଣ୍ଡା, ଧରିତ୍ରୀ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଅତିଥିମାନଙ୍କ ଦ୍ୱାରା ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଅନୁଷ୍ଠାନ ସଭାପତି ରେଜକି ଚଲାନ, ସମ୍ପାଦକ କୁନା କର, ହେମନ୍ତ କୁମାର ସୁନା, ଯୁଗଲ କିଶୋର ନାଏକ, ତ୍ରିଲୋଚନ ବାଗ, ରାଜମୋହନ ଧ.ମାଝୀ, ବୈଦ୍ୟନାଥ ମାଝି, ନବୀନ ରାଉତ, ଦୁଷ୍ମନ୍ତ କୁମାର୍ ବାଗ, ଭୁତନାଥ ନାଏକ, ଏକାଙ୍ଗ ଦୁର୍ଗା, ଭୋଲାନାଥ ମଙ୍ଗରାଜ, ବିଶ୍ୱମ୍ଭର ପୂଝାରୀ, ଦୁଷ୍ମନ୍ତ କୁମାର ବାଗ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଧରଣୀ କପ୍ କ୍ରିକେଟ ଉଦ୍ଯାପିତ




ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ।

ନୂଆପଡ଼ା,୧୪।୧(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ମିଛାପାଲି ପାଟଖଲିଏନ ଖେଳ ପଡିଆରେ ୭ତମ ଜୟ ମା' ଧରଣୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳରେ ଖମବାହୀକୁ ହରାଇ ଦର୍ଲିପଡ଼ା ଦଳ ଚାମ୍ପିୟନ ହୋଇଛି। ଖମବାହୀ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୬୦ ରନ ସଂଗ୍ରହ କରିଥିଲା। ଦର୍ଲିପଡା ୪ ଓଭରରେ ୬୧ ରନ ସଂଗ୍ରହ କରି ଖମବାହୀକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଦର୍ଲିପଡା ଚାମ୍ପିୟନ ଓ ରନର୍ ଅପ୍ ଖମବାହୀ ଦଳକୁ ମୁଖ୍ୟଅତିଥି ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଉଦଯାପନୀରେ ଜିଲା ପରିଷଦ ସଦସ୍ୟ ଅବନି ରଞ୍ଜନ ଯୋଶୀ ମୁଖ୍ୟଅତିଥି, ମୁରଲିଧର ଭୋଇ, ସରପଞ୍ଚ କେଶବ ସାହୁ, ପ୍ରଧାନ ଶିକ୍ଷକ ତେଜୁରାମ ତାଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଟିକଚନ ମାଝି ଓ ସୀମାଞ୍ଚଳ ମାଝି ଖେଳ ପରିଚାଳନା କରିଥିବା ବେଳେ ଜଗନ୍ନାଥ ମାଝି, ସରୋଜ ଅହିର ସ୍କୋର ଦାୟିତ୍ୱରେ ଥିଲେ। ଯୋଗେନ୍ଦ୍ର ବିଶ୍ୱାଳ ଧାରା ବିବରଣୀ ଶୁଣାଉଥିଲେ। ଟୁର୍ନାମେଣ୍ଟ ସଭାପତି ଜିତାମିତ୍ର ମାଝି, ସମ୍ପାଦକ ତେଜରାଜ ମାଝି, ପର୍ଶୁରାମ ଧରୁଆ, ପୂର୍ଣ୍ଣଚନ୍ଦ୍ର ଅଦା ଓ ସମସ୍ତ କମିଟି ସଦସ୍ୟ ସହଯୋଗ କରିଥିଲେ।

## ମକର ମେଳାରେ କୃଷି ପ୍ରଦର୍ଶନୀ

ବଲାଙ୍ଗୀର,୧୪।୧
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ତେନ୍ତୁଳିଖୁଣ୍ଟିଠାରେ ମକର ମେଳା ମହୋତ୍ସବ ଅନୁଷ୍ଠିତ ହେଉଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏଇ ମେଳା ରବିବାର ତୃତୀୟ ଦିବସରେ ପହଞ୍ଚିଥିଲା। ଏଇ ଉପଲକ୍ଷେ ଆଞ୍ଚଳିକ କୃଷି ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଜିଲାର ଗୁଡଭେଲା, ଦେଓଗାଁ, ସଇଁତଲା ବ୍ଲକ୍ ସମେତ କଳାହାଣ୍ଡି, ବୌଦ୍ଧ, କନ୍ଧମାଳ ଏବଂ ସୁବର୍ଣ୍ଣପୁର ଜିଲାର ସୀମାନ୍ତ ଅଞ୍ଚଳର ଚାଷୀଙ୍କ ଉପାର୍ଜିତ ଫସଲ, ପନିପରିବା ପ୍ରଦର୍ଶିତ ହୋଇଥିଲା। ତୃତୀୟ ସନ୍ଧ୍ୟାରେ ଘୁମରା ନୃତ୍ୟ, ରାବଣ ଦରବାର ଏବଂ ଆଞ୍ଚଳିକ ଅପେରା ଅନୁଷ୍ଠିତ ହୋଇଥିଲା। ମୀନାବଜାର ଛୋଟ ଶିଶୁ, ଯୁବକ, ଯୁବତୀଙ୍କ ପାଇଁ ଆକର୍ଷଣୀୟ ହୋଇଛି। ଗ୍ରାମପଞ୍ଚାୟତ ମକର ମେଳା ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ମକର ମେଳା ୧୭ ତାରିଖରେ ଉଦ୍ଯାପିତ ହେବ। ଆୟୋଜକ କମିଟି ସଭାପତି ତଥା ତେନ୍ତୁଳିଖୁଣ୍ଟି ସରପଞ୍ଚ ଗୃଦା ନନ୍ଦ ଓ ସମ୍ପାଦକ ଋଷି ବୁଡେକ ଏଠାକାର ମକର ମେଳା ପାରସ୍ପରିକ ସହଯୋଗ ଏବଂ ଭାଇଚାରର ମେଳା ଭାବେ ଖ୍ୟାତି ଅର୍ଜନ କରିଥିବା କହିଥିଲେ। ବଲାଙ୍ଗୀର ଜିଲାର ଗୁଡଭେଲା ଭୂଖଣ୍ଡଟି କଳାହାଣ୍ଡି, କନ୍ଧମାଳ, ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲାର ଏକ ମିଳନ କ୍ଷେତ୍ର ଭାବେ ପରିଚିତ। ଏଇ ଅଞ୍ଚଳଟି କୃଷି ସମୃଦ୍ଧ। ଏଇ କୃଷି ସମୃଦ୍ଧ ଅଞ୍ଚଳର ଚାଷୀପୁଅର ଉପାର୍ଜିତ ଅମଳକୁ ମକର ମେଳାରେ ପ୍ରଦର୍ଶିତ କରି ଚାଷୀଙ୍କୁ ଉତ୍ସାହିତ ଏବଂ ଯୁବପିଢ଼ିଙ୍କୁ ପ୍ରେରିତ କରିବାର ମହାନ ଲକ୍ଷ୍ୟ ନେଇ ଏହା କରାଯାଉଛି ବୋଲି ସେମାନେ କହିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଉପଦେଷ୍ଟା ଯୋଗୀନ୍ଦ୍ର ଗହୀର, ଶଙ୍ଖାଳି ପୁରୋହିତ, ବିଭୁଦତ୍ତ ପାଣିଗ୍ରାହୀ, ସନକ ମହାନନ୍ଦ, ରଞ୍ଜିତ ଦୀପ, କିଶୋର ମନହୀରା, ମାଖନ ମହାନନ୍ଦ, ହେମରାଜ କୁଅଁର, ଅନ୍ତର୍ଯ୍ୟାମୀ ସାହୁ, ରାମପ୍ରସାଦ ମହାନନ୍ଦ ସହଯୋଗ କରୁଛନ୍ତି।

## ରାମନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍ଯାପିତ




କୃତୀଙ୍କୁ ପୁରସ୍କୃତ କରାଯାଉଛି।

ଖଡ଼ିଆଲ,୧୪।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଲ ବ୍ଲକ ଚଲାନପଡ଼ା ରାମନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବରେ ବିଦ୍ୟାଳୟ ପ୍ରତିଷ୍ଠାତା ଦୁଃଖୁ ଭଞ୍ଜନ ବାରିକ ଯୋଗଦାନ କରି ଉଦଘାଟନ କରିଥିଲେ। ବିଦ୍ୟାଳୟର ୧୧୧ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତା ଦୌଡ଼, ସଟପୁଟ, ଯାଭଲିଁ ଥ୍ରୋ, ସୁଜିସୂତା, ରଙ୍ଗୋଲି, ଫେନ୍ସି ଡ୍ରେସ, ମ୍ୟୁଜିକ ଚୈରରେ ଭାଗ ନେଇଥିଲେ। ଜୁନିୟର ଖେଳ ଚାମ୍ପିୟନ ବାଳକ ହୃଷୀକେଶ ବାଗ ଓ ବାଳିକା ସଭ୍ୟା ନିଆଲ ହୋଇଥିବା ବେଳେ ସିନିୟର ଖେଳ ଚାମ୍ପିୟନ ବାଳକ ସୋହନ ରାଉତ ଓ ବାଳିକା ଭାଗ୍ୟ ଲକ୍ଷ୍ମୀ ଜାନିଙ୍କୁ ପୁରସ୍କୃତ କରାଯାଇଥିଲା। ଉଦଯାପନୀ ଉତ୍ସବରେ ସଭାପତି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ଠାକୁର, ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ଦୁଃଖୁ ଭଞ୍ଜନ ବାରିକ, ମୁଖ୍ୟବକ୍ତା ଭାବେ ଜିଲା ଖେଳ ଶିକ୍ଷକ ସଂଘ ସଭାପତି ରାଜ କପୁର ବାରିକ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ରାମ ସମରେନ୍ଦ୍ର ସିଂ ବାରିକ, କମିଟି ସଦସ୍ୟ ପ୍ରଶାନ୍ତ ବାରିକ, ବଟକୃଷ୍ଣ ବାରିକ, ବିଶିଷ୍ଟ ଅତିଥି ଭାବେ ସାମାଜିକ କର୍ମୀ କାହ୍ନୁ ଚରଣ ବେହେରା ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଖେଳୁଆଡ଼ ମନୋଭାବ ନେଇ ଖେଳ ଖେଳିବା ପାଇଁ ଉପଦେଶ ଦେଇଥିଲେ। ସଭାକାର୍ଯ୍ୟ ରାଜା ଆଟର୍ତ୍ତାଣ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଗୌରାଙ୍ଗ ଚରଣ ସାହୁ ପରିଚାଳନା କରିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଭୂତି ଭୂଷଣ ବିଶି ପରିଚାଳନା କରିଥିଲେ। ବିଦ୍ୟାଳୟ ସହକାରୀ ଶିକ୍ଷକ ଫକୀର ମୋହନ ଦାସ, ଗୋପାଳ ଚନ୍ଦ୍ର ଯୋଷୀ, ବିରେନ୍ଦ୍ର ନନ୍ଦ, ଦୀନନାଥ ସାହୁ, ହରିଲାଲ ରଣା, ସୁରେଶ ବେହେରା, ଦୀନନାଥ ବେହେରା, କିରାଣୀ କମଳା ଚଲାନଙ୍କ ସମେତ ପରିଚାଳନା କମିଟି ସମସ୍ତ ସଦସ୍ୟ, ଅଭିଭାବକ ଅଭିଭାବିକା ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ରାଜକପୁର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

**GOVERNMENT OF ODISHA**
**OFFICE OF THE CHIEF ENGINEER-CUM-CHIEF ELECTRICAL INSPECTOR, CENTRAL ZONE, ODISHA, G.D. 2/7, MAITRI VIHAR, CHANDRASEKHARPUR, BHUBANESWAR**
TELEPHONE NO. 2300087, E-mail: cciczbbsr-od@gov.in

**SHORT TENDER CALL NOTICE**

No.46/Dated 08 January 2024

No.B-1597:- Sealed tenders are invited from organizations meeting the minimum eligibility criteria as per tender specification for procurement of **25,000** (Twenty-Five Thousand) Nos. of Polycarbonate Transparent Plastic Seals. The bidders should have valid PAN and GST registration for participation in the tender. The tenders will be received in sealed cover from **10:00 AM of 16.01.2024 upto 12:30 PM of 30.01.2024** in the office of the undersigned by Post (Regd. / Speed Post) or hand delivered with due acknowledgement. The authority will not be responsible for postal delay for whatsoever reason thereof. The tenders shall be opened on 30.01.2024 at 4:00 PM in the presence of tenderers or their authorized representatives if any. The tender document can be obtained from the **Executive Engineer (ED)**, Office of C.E.-cum- CEI, Central Zone, Odisha, G.D. 2/7, Maitri Vihar, Chandrasekharpur, Bhubaneswar-23, from **10:00 AM of 16.01.2024 up to 12:30 PM of 30.01.2024** on payment of cost of tender document. The cost of tender document needs to be paid in shape of Demand Draft of Rs.600/- (Rupees Six Hundred) only drawn in favour of TECH ASST ELECTL INSPR (T & D) drawn on any Nationalized Bank, payable at Bhubaneswar. For further details, please contact E.E. (ED), O/o C.E.-cum-CEI, Central Zone, Odisha, G.D. 2/7, Maitri Vihar, Chandrasekharpur, Bhubaneswar-23. The undersigned reserves the right to reject the tenders without assigning any reason thereof.

**Sd./- C.E.-cum-C.E.I., Central Zone, Odisha, Bhubaneswar**
OIPR--04036/11/0001/2324

GOVERNMENT OF ODISHA
**OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA**
eerw_kpd@yahoo.com
No.O-2173
**INVITATION FOR BIDS (SHORT NOTICE)**
**'E' PROCUREMENT NOTICE NO. RWD/KPD-09/2023-24 DT.09.01.2024**

| | | | |
|---|---|---|---|
| 1 | Name of work | : | Road works in the District of Kendrapara for the year 2023-24 |
| 2 | Total No. of work | : | 06 Numbers of Road work |
| 3 | Estimated cost | : | Rs.8.47 Lac to 33.89 Lakhs approximately |
| 4 | Period of completion | : | As spcified in the Annexure |
| 5 | Class of contractors | : | As specified in the Annexure |
| 6 | Cost of tender paper | : | Cost of tender paper is to be remitted ONLINE as specified in column-5 of the Annexure |
| 7 | Detail projects | : | As specified in the Annexure |

**Other details as follows:**

| | | | |
|---|---|---|---|
| a) | Procurement Officer | : | Executive Engineer, Rural Works Division, Kendrapara |
| b) | Availability of tender online | : | 18.01.2024 at 11.00 A.M. to 31.01.2024 upto 5.00 P.M. |
| c) | Last date & time of seeking of tender clarification | : | 30.01.2024 upto 5.00 P.M. |
| d) | Opening of tender | : | 01.02.2024 at 11.00 A.M. |
| e) | Decision to conduct lottery | : | If required to decide the agency, transparent lottery shall be conducted on dt.09.02.2024 at 11.00 A.M. in Office Chamber of the undersigned. |

Further details can be seen from the Govt. website www.tendersorissa.gov.in
**Sd./- Rajesh Pradhan, Executive Engineer, Rural Works Division, Kendrapara**
OIPR-25064/11/0011/2324

# ବାଗମୁଣ୍ଡା ଆଞ୍ଚଳିକ ଧନୁଯାତ୍ରା ଉଦ୍ଯାପିତ

ନୂଆପଡ଼ା,୧୪।୧(ମକାରୁ ବେମାଲ)



ମହାରାଜା କଂସଙ୍କ ଗହଣରେ ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡ ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ ଧନୁଯାତ୍ରା ପଡିଆରେ ୫ତମ ଅଞ୍ଚଳିକ ଧନୁଯାତ୍ରା ମହୋତ୍ସବ କଂସବଧ ସହ ଉଦଯାପିତ ହୋଇଯାଇଛି। ଧନୁଯାତ୍ରା କମିଟି ସଭାପତି ଶାନ୍ତିଲାଲ ମଟାରୀଙ୍କ ଅଦ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ ବିଧାୟକ ପ୍ରତିନିଧି ଜୟ ଢୋଲକିଆ ମୁଖ୍ୟଅତିଥି, ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜକୁମାର ସାହୁ, ନୂଆପଡା ଏନଏସି ଅଧ୍ୟକ୍ଷ ମହମ୍ମଦ ଆଦାମ, ଜିଲା ପରିଷଦ ସଦସ୍ୟ ଅବନି ରଞ୍ଜନ ଯୋଶୀ, ଜିଲା ଯୁବ ବିଜେଡି ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ଗରିବ ସେନା ଜିଲା ସଭାପତି ରବି ମଙ୍ଗରାଜ, ସରପଞ୍ଚ କାଳିଆ ପ୍ରଧାନ, ପୂର୍ବତନ ସରପଞ୍ଚ ରୁଦ୍ରସିଂ ମାଝି, ଭାଜପା ଜିଲା ସମ୍ପାଦକ ତୁଳସ ପଟେଲ, ଭାଜପା ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ହୋମସିଂ ମାଝି, ଶିକ୍ଷକ ଲାବନ୍ୟ ସୋରୀ, ଧନସିଂ ମାଝି, ମନବୋଧ ଜଗତ, ଧୀବର ଧରୁଆ, କୁମୁଦ ସାହୁ, କୂଳଚନ୍ଦ୍ର ରଣା, ଲୁକେଶ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଧନୁଯାତ୍ରା ଖୋଲା ରଙ୍ଗମଞ୍ଚରେ କୃଷ୍ଣ ଓ ବଳରାମଙ୍କ ହସ୍ତରେ କଂସଙ୍କ ମୃତ୍ୟୁ ନାଟକ ମଞ୍ଚସ୍ଥ ହୋଇଥିଲା। କଂସ ଭୂମିକାରେ ସୁଶାନ୍ତ କୁମାର ମେହେର ଅଭିନୟ କରୁଥିବା ବେଳେ ମହାମନ୍ତ୍ରୀ ଚନ୍ଦନ ପଟେଲ ଅଭିନୟ କରୁଥିଲେ। ଆୟୋଜିକ କମିଟି ସଭାପତି ଶାନ୍ତିଲାଲ ମଟାରୀ, ସମ୍ପାଦକ ଦେଓଲାଲ ବାଗ, ଉପସଭାପତି ଓସରାମ ସାହୁ, ସହସମ୍ପାଦକ ଭୁବନ ସତନାମୀ, କୋଷାଧକ୍ଷ ମିଟୁ ମଟାରୀ, ସହକୋଷାଧକ୍ଷ ଉପେନ୍ଦ୍ର ମଟାରୀ ପ୍ରମୁଖ ଆୟୋଜନ କରିଥିଲେ। ପଞ୍ଚାନନ ମଟାରୀ, ରବିଶଙ୍କର ସାହୁ, ଗଜିନ ମଟାରୀ, ପ୍ରେମଲାଲ ସତନାମୀ, ବିଶ୍ୱାମିତ୍ର ବାଗ, କେଶବ ଦୁରିଆ, ଧନସାଏ ସାହୁ, ଦୁକାଲୁ ସାହୁ, ଇନ୍ଦ୍ରଜିତ ବାଗ, କାନ୍ହୁସ ମଟାରୀ, କିଷାନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

**ODISHA POWER GENERATION CORPORATION LIMITED**
CIN: U40104OR1984SGC001429
Zone-A, 7th Floor, Fortune Towers, Chandrasekharpur, Bhubaneswar, Odisha, India
Phone: +91-674-2303765-66, Fax: +91-674-2303755-56, Website: www.opgc.co.in

**POWER YOUR CAREER WITH OPGC**

**Odisha Power Generation Corporation Ltd. (OPGC)**, a Government of Odisha Company, operates state of the art thermal power plants at Ib Thermal Power Station (ITPS), Banharpalli, Jharsuguda. It has a total generation capacity of 1740 MW (2x210 MW in first phase and 2x660MW in second phase). We are looking for young and dynamic medical professionals for the following positions under **Market Based Salary (MBS) structure and performance-based service conditions** on regular roll for our Hospital at ITPS Township, Banharpalli, Jharsuguda. Reservation laws as notified by Govt. of Odisha will be followed.

| Sl. No. | Name of the Post | Grade | No. of Posts |
|---|---|---|---|
| 1 | Medicine Specialist | E3 (Deputy Manager) | 1 |
| 2 | Medical Officer | E1 (Assistant Manager) | 2 |

For detailed advertisement, please logon to our website: **www.opgc.co.in/careers.** The last date for online application is **30.01.2024 and to receive the hardcopy of application is 06.02.2024**. Candidates are advised to go through the detailed advertisement carefully before applying. Corrigendum, if any will be published in our official website.

No. OPGC/CO/HR/02/2024 Dated: 15/01/2024

## ସଂକ୍ଷେପରେ

### ଖୁଜେନ ସ୍କୁଲରେ ଅଭିଭାବକ, ଶିକ୍ଷକ ସମ୍ମିଳନୀ

ପଦ୍ମପୁର,୧୪।୧(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକ ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ ପ୍ରଧାନ ଶିକ୍ଷକ ମାଧବ ବରିହାଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଶୈକ୍ଷିକ ଅଭିବୃଦ୍ଧି, ସମାପ୍ତି ସୂଚକ ଆକଳନ-୧ର ଉପଲବ୍ଧିକୁ ଅଭିଭାବକଙ୍କ ନିକଟରେ ଉପସ୍ଥାପନ ଓ ବାର୍ଷିକ ପରୀକ୍ଷା ୨୦୨୪ ପାଇଁ ପ୍ରସ୍ତୁତି, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଭୂମିକା, ପିଲାମାନଙ୍କର ମାନସିକ ଚାପ ଓ ଏହାର ଦୂରୀକରଣ, ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଦକ୍ଷତା ହାସଲ କରିବାରେ ପିତାମାତାଙ୍କ ଭୂମିକା, ବିଦ୍ୟାଳୟ ସୁରକ୍ଷା ନିୟମାବଳୀ-୨୦୧୬ ଗଠନମୂଳକ ପ୍ରସ୍ତାବ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଅଭିଭାବକମାନଙ୍କଠାରୁ ବିଦ୍ୟାଳୟ ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ପାଇଁ ମତାମତ ସଂଗ୍ରହ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ସାବିତ୍ରୀ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

### ବିପର୍ଯ୍ୟୟ ପରିଚାଳନାକୁ ଗୁରୁତ୍ୱ

ବରଗଡ଼,୧୪।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ଏଥିରେ ଅଧ୍ୟକ୍ଷତା କରିଥିଲେ। ଗ୍ରାମ୍ୟସ୍ତରରେ ବିପର୍ଯ୍ୟୟ ପରିଚାଳନା ଉପରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମରୁଡ଼ି, ବଜ୍ରପାତ, ଅଂଶୁଘାତ, ଜଙ୍ଗଲରେ ନିଆଁ, ସଡ଼କ ଦୁର୍ଘଟଣା, ବିଦ୍ୟୁତ୍ ଦୁର୍ଘଟଣା, ସର୍ପାଘାତ, ପାଣିରେ ବୁଡ଼ିବା ଆଦି ଉପରେ ସଚେତନତା ସୃଷ୍ଟି ଉପରେ ଆଲୋଚନା ହୋଇଥିଲା। ଡେପୁଟି କଲେକ୍ଟର ପ୍ରଜ୍ଞାନାନନ୍ଦନ ଗିରି, ଜିଲା ପ୍ରକଳ୍ପ ଅଧିକାରୀ ରାକେଶ କୁମାର ମଲ୍ଲିକ, ରାଜ୍ୟ ସଂଯୋଜକ ଅସିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆସିଷ୍ଟାଣ୍ଟ କଲେକ୍ଟର ନିଶିକାନ୍ତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ଜିଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଧିକାରୀ, କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

### ଶିକ୍ଷକ, ଅଭିଭାବକ ସଂଘ ବୈଠକ

ବରଗଡ଼,୧୪।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ରାଣାପ୍ରତାପ ସ୍କୁଲରେ ଶିକ୍ଷକ, ଅଭିଭାବକ ସଂଘ ବୈଠକ ଅନୁଷ୍ଠିତ ହୋଇଛି । ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଅଭିବୃଦ୍ଧି, ସମାପ୍ତି ସୂଚକ ଆକଳନ, ଉପଲବ୍ଧି, ଉପସ୍ଥାନ, ମାନସିକ ଚାପ ଓ ଦୂରୀକରଣ ଉପାୟ, ବୃତ୍ତି ନିର୍ଦ୍ଧାରଣ, ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ହାସଲ, ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ, ସ୍କୁଲ ସୁରକ୍ଷା ଆଦି ଉପରେ ଆଲୋଚନା ହୋଇଥିଲା। ଚାପମୁକ୍ତ ଶିକ୍ଷା ଅନ୍ତର୍ନିହିତ ଗୁଣାବଳୀ ପରିପ୍ରକାଶର ସୁଯୋଗ ସୃଷ୍ଟି କରେ ବୋଲି ମତପ୍ରକାଶ ପାଇଥିଲା। ବୈଠକରେ ଅଭିଭାବକମାନେ ଉପସ୍ଥିତ ରହି ୫-ଟି ସ୍କୁଲ ରୂପାନ୍ତରଣ ଓ ମୋ ସ୍କୁଲ ଅଭିଯାନର ସଫଳ ରୂପାୟନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହ ଅବସରରେ ବିଦ୍ୟାଳୟରେ ନୂତନ ଭାବେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଦୀପିକା କୁଲୁ, ଜ୍ୟୋତି ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଶିକ୍ଷା ସହିତ ଶିଶୁଙ୍କ ବୌଦ୍ଧିକ ଜ୍ଞାନର ବିକାଶ ଉପରେ ଗୁରୁତ୍ୱ

ସୋନପୁର,୧୪।୧(ମୃତ୍ୟୁଞ୍ଜୟ ଶତପଥୀ)



ବାର୍ଷିକ ଉତ୍ସବ ଉଦୟନରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୁବର୍ଣ୍ଣପୁର ସହର ଢେରାପଡାସ୍ଥିତ ଦୟାନନ୍ଦ ପ୍ଲେ/ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବୁଢୀମା ସାଂସ୍କୃତିକ ମଣ୍ଡପରେ ଆୟୋଜିତ ବାର୍ଷିକ ଉତ୍ସବ ଉଦୟନରେ ସୁବର୍ଣ୍ଣପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଉତ୍ତମ ଶିକ୍ଷା ସହିତ ଶିଶୁଙ୍କ ବୌଦ୍ଧିକ ଜ୍ଞାନର ବିକାଶ ଉପରେ ମୁଖ୍ୟଅତିଥି ଗୁରୁତ୍ୱାରୋପ କରିଥିଲେ। ପାଢୀ କହିଥିଲେ, ଛାତ୍ର ସମାଜ ଦେଶର ଭବିଷ୍ୟତ । ତେଣୁ ସେମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ସୁନାଗରିକ ଭାବେ ଗଢି ତୋଳିବା ଉଚିତ। ଏ ଦିଗରେ ଶିକ୍ଷାନୁଷ୍ଠାନ ଓ ଅଭିଭାବକମାନେ ଯତ୍ନବାନ ହେବା ଆବଶ୍ୟକ। ସ୍କୁଲର ପରିଚାଳନା କମିଟି ସଭାପତି ଆଇନଜୀବୀ ରାଜ କିଶୋର ଅଗ୍ରୱାଲ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଡିଏଭି ଇଷ୍ଟର୍ଣ୍ଣ ଜୋନର ଉପଦେଷ୍ଟା ଆଚାର୍ଯ୍ୟ କୃଷ୍ଣାନନ୍ଦ ଶାସ୍ତ୍ରୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ଉପରେ ଆଲୋଚନା କରିଥିଲେ। ଦୟାନନ୍ଦ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁଟ୍‌ର ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ ବକ୍ତା ଭାବେ ଯୋଗଦାନ କରି ସ୍କୁଲର ଶିକ୍ଷା ପ୍ରଣାଳୀ ଓ ଶୈକ୍ଷିକ ବାତାବରଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସ୍କୁଲର ଅଧ୍ୟକ୍ଷ କେ କୁମାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅଙ୍କିତା ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ସ୍କୁଲର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ବୌଦ୍ଧ ଚନ୍ଦ୍ରଚୂଡ ମନ୍ଦିର ପରିସର ସଫେଇ

ବୌଦ୍ଧ,୧୪।୧(ଅଜିତ କୁମାର ବାରିକ)

ଅଯୋଧ୍ୟା ଧାମରେ ଭବ୍ୟ ରାମମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଥିବା ବେଳେ ରବିବାର ଠାରୁ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ସମସ୍ତ ମନ୍ଦିର ଓ ତୀର୍ଥ ସ୍ଥାନକୁ ସ୍ୱଚ୍ଛ ରଖିବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଦିନ ବୌଦ୍ଧକୁ ବରିଷ୍ଠ ଭାଜପା ନେତା ତଥା ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଆସି ସହରର ବାବା ଚନ୍ଦ୍ରଚୂଡ ମନ୍ଦିର ପରିସର ସଫେଇ କରିଥିଲେ । ସଫେଇ ସମୟରେ ପଣ୍ଡା କହିଥିଲେ ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି । ଏଥିପାଇଁ ସାରା ଦେଶରେ ଶ୍ରୀରାମଙ୍କୁ ସ୍ୱାଗତ କରିବା ପାଇଁ ଜନସାଧାରଣ ଉତ୍ସାହିତ ଅଛନ୍ତି। ଏଣୁ ବାବା ଚନ୍ଦ୍ରଚୂଡଙ୍କ ମନ୍ଦିରର ସଫେଇ କାର୍ଯ୍ୟକ୍ରମରେ ସାମିଲ ହେବା ମୋର ସୌଭାଗ୍ୟ ବୋଲି କହିଥିଲେ । ଏହି ଅବସରରେ ଆସନ୍ତା ୨୨ ତାରିଖ ଦିନ ଦୀପ ଜାଳି ଉତ୍ସବ ପାଳନ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ସଫେଇ ସମୟରେ ଜିଲା ସଭାପତି ବିପ୍ରଚରଣ ମହାନ୍ତି, ବରିଷ୍ଠ ନେତା କହ୍ନେଇ ଚରଣ ଡାଙ୍ଗ, ସଚ୍ଚିଦାନନ୍ଦ ଦଲାଲା, କୃଷ୍ଣଚନ୍ଦ୍ର ମିଶ୍ର, ଶ୍ୟାମସୁନ୍ଦର ପୁରୋହିତଙ୍କ ସମେତ ବହୁ ଦଳୀୟ ନେତା ସାମିଲ ଥିଲେ ।

# ପ୍ରସିଦ୍ଧ ପାତାଳୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଅମରପାଲି,୧୪।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା କୋଟସମଲାଇଠାରେ ୧୯ତମ ପ୍ରସିଦ୍ଧ ପାତାଳୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହା ଆସନ୍ତା ଫେବୃଆରୀ ୧୦ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଫେବୃଆରୀ ୯ ତାରିଖରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ମହୋତ୍ସବ ଅବସରରେ ପ୍ରତିବର୍ଷ ଭଳି ଚଳିତଥର ମଧ୍ୟ ୫୬ ପ୍ରହରୀ ନାମଯଜ୍ଞ, ଭାଗବତ ସପ୍ତାହ ପାରାୟଣ, ଧର୍ମ ସଭା, ଘୃତ ଯଜ୍ଞ, ସାଂସ୍କୃତିକ ସନ୍ଧ୍ୟା ଓ ଜଗନ୍ନାଥଙ୍କ ପଦ୍ମ ମୁଖ ବେଶ ଦର୍ଶନ ଆଦି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ କ୍ଷେତ୍ରର ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ପାନୀୟ ଜଳ, ଆଲୋକୀକରଣ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ପାତାଳୀ କ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଉତ୍ତର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଟ୍ରଷ୍ଟର ପୂର୍ବତନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ସଂଯୋଜନା କରିଥିଲେ। ଟ୍ରଷ୍ଟର ସଦସ୍ୟ ଜାନକୀରାମ ଦେହୁରୀ, ମହାଦେବ ସାହୁ, ଜଗଦୀଶ କର୍ଣ୍ଣ, ଗଡତ୍ୟା ଚମରା ଅମାତ, ରେଡମ ଗୌନ୍ତିଆ ନରସିଂହ ପ୍ରଧାନଙ୍କ ସମେତ କୋଟସମଲାଇ, ଖୁଣ୍ଟଲାପାଲି, ରେଡମ, ଗୋଲାବନ୍ଧ, ବାଘପାଲି ଆଦି ଗ୍ରାମବାସୀ ଯୋଗ ଦେଇଥିଲେ। ଆସନ୍ତା ବୈଠକରେ ମହୋତ୍ସବର ଚୂଡାନ୍ତ ରୂପରେଖ ପ୍ରସ୍ତୁତ ହେବ ବୋଲି ଜଣାଯାଇଛି।

### ଦ୍ୱିତୀୟ ମା' ମାହେଶ୍ୱରୀ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବାଉଁଶୁଣୀ,୧୪।୧(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତ ଡିମିରିପାଲି ଆମ୍ବତୋଟା ପଡିଆଠାରେ ରବିବାର ଏକ ଦିବସୀୟ ଦ୍ୱିତୀୟ ମା' ମାହେଶ୍ୱରୀ ଭଲିବଲ ଟୁର୍ନାମେଣ୍ଟ ହୋଇଯାଇଛି। ଏହି ଖେଳ ମା' ମାହେଶ୍ୱରୀ ଭଲିବଲ କମିଟି ତରଫରୁ ଆୟୋଜନ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ଜିଲା ସାଧାରଣ ସମ୍ପାଦକ ସରୋଜ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଡିମିରିପାଲି ୱାର୍ଡ ମେମ୍ବରଙ୍କ ପ୍ରତିନିଧି ସାନ ସେଠୀ ଯୋଗଦେଇ ଫିତା କାଟି ଖେଳ ଆରମ୍ଭ କରିଥିଲେ । ଭଲିବଲ ଟୁର୍ନାମେଣ୍ଟରେ ୧୬ ଗୋଟି ଦଳ ଭାଗ ନେଇଥିଲେ । ପ୍ରଥମ ମ୍ୟାଚ ରାଜନପାଲି ବୁଢିପଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରେଫରି ଭାବେ ସୁଶାନ୍ତ ମେହେର ଥିବା ବେଳେ ଲାଇନ୍ସମ୍ୟାନ ଭାବରେ ରଞ୍ଜିତ ନାଏକ ଓ ସେକ୍‌ସାଜିତ ଖେଳ ପରିଚାଳନା କରିଥିଲେ।

### ବଟକୃଷ୍ଣ ମେମୋରିଆଲ କ୍ରିକେଟ: ଗଡ୍ରାମୁଣ୍ଡା ବିଜୟୀ

ଖଡ଼ିଆଳ,୧୪।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ସାନମହେଶ୍ୱର ଗ୍ରାମପଞ୍ଚାୟତ ଘରଧରା ଗ୍ରାମରେ ଚାଲିଥିବା ଫାଷ୍ଟ ବଟକୃଷ୍ଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ତୃତୀୟ ଦିବସରେ ପହଞ୍ଚିଛି। ଦମାପଲା ଓ ଗଡ୍ରାମୁଣ୍ଡା ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୧୨ ଓଭରରେ ଦମାପଲା ଦୁଇ ଉଇକେଟ ହରାଇ ୧୫୬ ରନ କରିଥିଲା। ଗଡ୍ରାମୁଣ୍ଡା ୧୧ ଓଭର ୨ ବଲରେ ୧୬୨ ରନ କରି ବିଜୟୀ ହୋଇଥିଲା। ମଗ୍ରାମର ବର୍ଷୀୟାନ ବ୍ୟକ୍ତି ତାରେଶ୍ୱର ବେହେରା, ଲୋକବନ୍ଧୁ ବେହେରା, ଦେବକୁମାର ବନ୍ଦୀଛୋର ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ମୋହିତ କୁମାର କଟା ପାଇଥିଲେ। ଟୁର୍ନାମେଣ୍ଟରେ ବିଜେତା ଦଳକୁ ଟ୍ରଫି ସହିତ ୨୫ ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ କୋଡିଏ ହଜାର ଟଙ୍କା ପୁରସ୍କାର ଦିଆଯିବ। ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତାରେ ୧୬ଟି ଦଳ ଭାଗ ନେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସ୍ୱର୍ଗତ ବଟକୃଷ୍ଣଙ୍କ ସ୍ମୃତିରେ ତାଙ୍କ ପୁତ୍ର ଅରୁଣ କୁମାର ଟୁର୍ନାମେଣ୍ଟ ଆୟୋଜନ କରୁଛନ୍ତି।

# ବଡଙ୍ଗୋମୁଣ୍ଡାକୁ ହରାଇ ଆଟଗାଁ ଚାମ୍ପିୟନ

ଘଣ୍ଟାପଡ଼ା,୧୪।୧(ପ୍ରଭାତ କୁମାର ସାହୁ)

**ଚତୁର୍ଥ ମା' କନ୍ଧେନ ବୁଢ଼ୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ଅଧୀନ ଖମନମୁଣ୍ଡା ପଞ୍ଚାୟତର ବଲାଙ୍ଗିଯୋର ଖେଳ ପଡ଼ିଆରେ ମା' କନ୍ଧେନବୁଢୀ କ୍ଲବ ଦ୍ୱାରା ଆୟୋଜିତ ଚତୁର୍ଥ ମା' କନ୍ଧେନ ବୁଢୀ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ଖେଳ ସହ ଉଦଯାପିତ ହୋଇଯାଇଛି। ରବିବାର ଫାଇନାଲ ମ୍ୟାଚ ଆଟଗାଁ ଏବଂ ବଡଙ୍ଗୋମୁଣ୍ଡା ମଧ୍ୟରେ ହୋଇଥିଲା। ଟସ୍ ଜିତି ଆଟଗାଁ ଦଳ ୮ ଓଭରରେ ୬ ଉଇକେଟ ହରାଇ ୭୨ରନ କରିଥିଲା। ଜବାବରେ ବଡ଼ଙ୍ଗୋମୁଣ୍ଡା କ୍ରିକେଟ ଦଳ ନିର୍ଦ୍ଧାରିତ ଓଭରରେ ୬୧ରନ କରିବାକୁ ସମର୍ଥ ହୋଇଥିଲା। ଫଳରେ ଆଟଗାଁ ଦଳ ୧୦ରନରେ ବିଜୟ ହାସଲ କରି ଚଳିତବର୍ଷର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ଅତିଥି ଭାବେ ଶିକ୍ଷାବିତ୍ ନୀଳାଚଳ ଭୋଇ, କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ, ଆଦିବାସୀ ନେତା ବିବସ ଭୋଇ ଓ ସତ୍ୟନାରାୟଣ ମାଝୀ, ସାମାଜିକ କର୍ମୀ ପ୍ରହଲ୍ଲାଦ ଭୋଇ, ସମ୍ବାରୁ ରଣା ପୁରସ୍କାର ବିବରଣୀ ଉତ୍ସବରେ ଉପସ୍ଥିତ ରହି ବିଜେତା ଓ ଉପ-ବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ଆଜିର ମ୍ୟାଚକୁ ମୋହନ ଆଡ଼ୁଆଡ଼ି ଓ କୁନା କହଁର ପରିଚାଳନା କରିଥିଲେ। ସେହିପରି ଧାରା ବିବରଣୀ ରାମଦାସ ରଣା ପ୍ରଦାନ କରିଥିବା ବେଳେ ନୃତ୍ତମ ନାଗ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମା' କନ୍ଧେନ ବୁଢ଼ୀ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ସୁବର୍ଣ୍ଣପୁରରେ ବ୍ୟାସକବିଙ୍କ ଜୟନ୍ତୀ ପାଳିତ

ସୋନପୁର,୧୪।୧(ମୃତ୍ୟୁଞ୍ଜୟ ଶତପଥୀ)

ବ୍ୟାସକବି ସାହିତ୍ୟ ସଂସଦ, ଗୋଡିଶୂଳ, ବାଲେଶ୍ୱର ଆନୁକୂଲ୍ୟରେ ସୁବର୍ଣ୍ଣପୁର ଜିଲା ସଦର ମହକୁମାର ରାମଜୀ ନଗରଠାରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଉକ୍ତ ସାହିତ୍ୟ ସଭାରେ ଅନୁଷ୍ଠାନର ଉପ ସଭାନେତ୍ରୀ ଅନିତା ମେହେର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡ. ଦେବାଶିଷ ପାଣ୍ଡିଆ, ଅଧ୍ୟାପକ ଉଲ୍ଲୁଣ୍ଡା ମହାବିଦ୍ୟାଳୟ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ସୌରଭ ଖମାରି, ସୋନପୁର ମହାବିଦ୍ୟାଳୟ, ସମ୍ମାନିତ ଅତିଥି ଭାବେ ଚନ୍ଦ୍ର ଶେଖର ଶବର, ଶ୍ରୀଧର ବାଗ ଯୋଗଦେଇ ଫକୀର ମୋହନ ସେନାପତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ସଭା କାର୍ଯ୍ୟ ପରିଚାଳନା କରିଥିଲେ କବି ଡ. ଅନିରୁଦ୍ଧ କୁରୁକୁରିଆ। ଆଧୁନିକ ଓଡ଼ିଆ ସାହିତ୍ୟ ଓ ଫକୀର ମୋହନ ସେନାପତି ଶୀର୍ଷକରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। କବିତା ସଂଯୋଜନା କରିଥିଲେ କବି ଅଦ୍ୱୈତ ପଣ୍ଡା ଓ ଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହୁ । ସନ୍ତୋଷିନୀ ନନ୍ଦ, ବ୍ରତାନନ୍ଦ ଭୋଇ, ବିଘ୍ନରାଜ ପଣ୍ଡା, ସର୍ଣ୍ଣଲତା ମହାପାତ୍ର , ରଞ୍ଜୁ ଅମାତ, ଶିବଲୁ ସାହୁ, ମନୋରଞ୍ଜନ ନାୟକ, ସୁଶିଲ ପ୍ରଧାନ, ଭାଗ୍ୟବତୀ, ଗିରୀଶ ତ୍ରିପାଠୀଙ୍କ ସମେତ ବହୁ କବିସ୍ୱରଚିତ କବିତା ଆବୃତ୍ତିକରିଥିଲେ। ଶିକ୍ଷକ ଉମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଅର୍ଥାଭାବରୁ ପାଠପଢ଼ାରେ ଡୋରି

ପଦ୍ମପୁର,୧୪।୧(ପ୍ରଦୀପ୍ତ ଦାଶ)


ରୋଗିଣା ପୁଅ ସହିତ ମା' ବାପା।

ପଦ୍ମପୁର ସରେଇକେଲା ଗ୍ରାମର ଭୂମିସୂତା ପୋଢ଼। ସ୍ୱାମୀ ପ୍ୟାରୀ ପୋଢ଼ ଓ ଦୁଇପୁଅକୁ ନେଇ ତାଙ୍କ ସଂସାର। ଉକ୍ତ ଦମ୍ପତି ମଜୁରି କାମ କରି ପରିବାର ପ୍ରତିପୋଷଣ କରୁଥିବାବେଳେ ହଠାତ ଦୁଃଖ ମାଡି ଆସିଲା। ବଡ଼ ପୁଅ ଯୁକ୍ତ ୨ ପଢୁଥିବା ବେଳେ ଅଜଣା ରୋଗରେ ଆକ୍ରାନ୍ତ ହେବାରୁ ଅଧାରୁ ପାଠପଢ଼ା ବନ୍ଦ ହୋଇଗଲା। ପୁଅର ଚିକିତ୍ସା ପାଇଁ ପରିବାରର ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ବିଗିଡି ଯାଇଛି। ଏପରି ଦୁର୍ଦ୍ଦିନ ସମୟରେ ଭୂମିସୂତା ରୋଗାକ୍ରାନ୍ତ ହୋଇ କଷ୍ଟ ଭୋଗୁଛନ୍ତି। ଅନ୍ୟର ସହାୟତା ବିନା ସେ କିଛି କରିପାରୁନାହାନ୍ତି। ଯୁକ୍ତ୨ ପଢୁଥିବା ସାନ ପୁଅ ଘରର ରୋଷେଇ, ମା'ଙ୍କ ସେବା କରୁଛନ୍ତି। ଅଭାବ ଅନଟନ, ପ୍ରତିକୂଳ ପରିସ୍ଥିତି ଗତି କରୁଥିବା ଏହି ପରିବାରର ବଡ଼ ପୁଅ ଓ ସ୍ତ୍ରୀର ଯତ୍ନ ନେବା, ସାନ ପୁଅର ପାଠପଢ଼ା ପାଇଁ ଅର୍ଥ ଯୋଗାଡ଼ କରିବା ପ୍ୟାରୀଙ୍କ ଅସମ୍ଭବ ହୋଇ ପଡିଛି। ପରିବାରର ଏକମାତ୍ର ରୋଜଗାରକ୍ଷମ ସ୍ତ୍ରୀ ଓ ବଡ଼ ପୁଅର ଚିକିତ୍ସା ଓ ସାନ ପୁଅର ପାଠପଢାରେ ଅର୍ଥ ବାଧକ ସାଜିଛି। ବଡ଼ପୁଅର ଚିକିତ୍ସା ଓ ସାନପୁଅର ପାଠପଢା ପାଇଁ ପ୍ରଶାସନ କିମ୍ବା ବଦାନ୍ୟ ବ୍ୟକ୍ତି ସହାୟତା କରିବାକୁ ପ୍ୟାରୀ ନିବେଦନ କରିଛନ୍ତି ।

# ବାଗମୁଣ୍ଡା ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଯାପିତ

ନୂଆପଡ଼ା,୧୪।୧(ମକାରୁ ବେମାଲ)


ମହାରାଜା କଂସଙ୍କ ଗହଣରେ ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡ ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଳଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ ଧନୁଯାତ୍ରା ପଡିଆରେ ୫ତମ ଅଞ୍ଚଳିକ ଧନୁଯାତ୍ରା ମହୋତ୍ସବ କଂସବଧ ସହ ଉଦଯାପିତ ହୋଇଯାଇଛି। ଧନୁଯାତ୍ରା କମିଟି ସଭାପତି ଶାନ୍ତିଲାଲ ମଟାରୀଙ୍କ ଅଦ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ ବିଧାୟକ ପ୍ରତିନିଧି ଜୟ ଢୋଲକିଆ ମୁଖ୍ୟଅତିଥି, ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜକୁମାର ସାହୁ, ନୂଆପଡା ଏନଏସି ଅଧ୍ୟକ୍ଷ ମହମ୍ମଦ ଆଦାମ, ଜିଲା ପରିଷଦ ସଦସ୍ୟ ଅବନି ରଞ୍ଜନ ଯୋଶୀ, ଜିଲା ଯୁବ ବିଜେଡି ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ଗରିବ ସେନା ଜିଲା ସଭାପତି ରବି ମଙ୍ଗରାଜ, ସରପଞ୍ଚ କାଳିଆ ପ୍ରଧାନ, ପୂର୍ବତନ ସରପଞ୍ଚ ରୁଦ୍ରସିଂ ମାଝି, ଭାଜପା ଜିଲା ସମ୍ପାଦକ ତୁଳସ ପଟେଲ, ଭାଜପା ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ହୋମସିଂ ମାଝି, ଶିକ୍ଷକ ଲାବନ୍ୟ ସୋରୀ, ଧନସିଂ ମାଝି, ମନବୋଧ ଜଗତ, ଧୀବର ଧରୁଆ, କୁମୁଦ ସାହୁ, କୂଳଚନ୍ଦ୍ର ରଣା, ଲୁକେଶ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଧନୁଯାତ୍ରା ଖୋଲା ରଙ୍ଗମଞ୍ଚରେ କୃଷ୍ଣ ଓ ବଳରାମଙ୍କ ହସ୍ତରେ କଂସଙ୍କ ମୃତ୍ୟୁ ନାଟକ ମଞ୍ଚସ୍ଥ ହୋଇଥିଲା। କଂସ ଭୂମିକାରେ ସୁଶାନ୍ତ କୁମାର ମେହେର ଅଭିନୟ କରୁଥିବା ବେଳେ ମହାମନ୍ତ୍ରୀ ଚନ୍ଦନ ପଟେଲ ଅଭିନୟ କରୁଥିଲେ। ଆୟୋଜିକ କମିଟି ସଭାପତି ଶାନ୍ତିଲାଲ ମଟାରୀ, ସମ୍ପାଦକ ଦେଓଲାଲ ବାଗ, ଉପସଭାପତି ଓସରାମ ସାହୁ, ସହସମ୍ପାଦକ ଭୂବନ ସତନାମୀ, କୋଷାଧ୍ୟକ୍ଷ ମିଟୁ ମଟାରୀ, ସହକୋଷାଧ୍ୟକ୍ଷ ଉପେନ୍ଦ୍ର ମଟାରୀ ପ୍ରମୁଖ ଆୟୋଜନ କରିଥିଲେ। ପଞ୍ଚାନନ ମଟାରୀ, ରବିଶଙ୍କର ସାହୁ, ଗଜିନ ମଟାରୀ, ପ୍ରେମଲାଲ ସତନାମୀ, ବିଶ୍ୱାମିତ୍ର ବାଗ, କେଶବ ଦୁରିଆ, ଧନସାଏ ସାହୁ, ଦୁକାଲୁ ସାହୁ, ଇନ୍ଦ୍ରଜିତ ବାଗ, କାନ୍ହୁସ ମଟାରୀ, କିଷାନ ସାହୁ ପ୍ରମୁଖ ସହଯୋଗ କରିଥିଲେ।


**GOVERNMENT OF ODISHA**
**OFFICE OF THE CHIEF ENGINEER-CUM-CHIEF ELECTRICAL INSPECTOR, CENTRAL ZONE, ODISHA, G.D. 2/7, MAITRI VIHAR, CHANDRASEKHARPUR, BHUBANESWAR**
TELEPHONE NO. 2300087, E-mail: cciczbbsr-od@gov.in
**SHORT TENDER CALL NOTICE**
No.46/Dated 08 January 2024
No.B-1597:- Sealed tenders are invited from organizations meeting the minimum eligibility criteria as per tender specification for procurement of **25,000** (Twenty-Five Thousand) Nos. of Polycarbonate Transparent Plastic Seals. The bidders should have valid PAN and GST registration for participation in the tender. The tenders will be received in sealed cover from **10:00 AM of 16.01.2024 upto 12:30 PM of 30.01.2024** in the office of the undersigned by Post (Regd. / Speed Post) or hand delivered with due acknowledgement. The authority will not be responsible for postal delay for whatsoever reason thereof. The tenders shall be opened on 30.01.2024 at 4:00 PM in the presence of tenderers or their authorized representatives if any. The tender document can be obtained from the **Executive Engineer (ED)**, Office of C.E.-cum- CEI, Central Zone, Odisha, G.D. 2/7, Maitri Vihar, Chandrasekharpur, Bhubaneswar-23, from **10:00 AM of 16.01.2024 up to 12:30 PM of 30.01.2024** on payment of cost of tender document. The cost of tender document needs to be paid in shape of Demand Draft of Rs.600/- (Rupees Six Hundred) only drawn in favour of TECH ASST ELECTL INSPR (T & D) drawn on any Nationalized Bank, payable at Bhubaneswar. For further details, please contact E.E. (ED), O/o C.E.-cum-CEI, Central Zone, Odisha, G.D. 2/7, Maitri Vihar, Chandrasekharpur, Bhubaneswar-23. The undersigned reserves the right to reject the tenders without assigning any reason thereof.
**Sd./- C.E.-cum-C.E.I., Central Zone, Odisha, Bhubaneswar**
OIPR--04036/11/0001/2324

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA**
eerw_kpd@yahoo.com
No.O-2173
**INVITATION FOR BIDS (SHORT NOTICE)**
**'E' PROCUREMENT NOTICE NO. RWD/KPD-09/2023-24 DT.09.01.2024**

| | | | |
|---|---|---|---|
| 1 | Name of work | : | Road works in the District of Kendrapara for the year 2023-24 |
| 2 | Total No. of work | : | 06 Numbers of Road work |
| 3 | Estimated cost | : | Rs.8.47 Lac to 33.89 Lakhs approximately |
| 4 | Period of completion | : | As spcified in the Annexure |
| 5 | Class of contractors | : | As specified in the Annexure |
| 6 | Cost of tender paper | : | Cost of tender paper is to be remitted ONLINE as specified in column-5 of the Annexure |
| 7 | Detail projects | : | As specified in the Annexure |

**Other details as follows:**

| | | | |
|---|---|---|---|
| a) | Procurement Officer | : | Executive Engineer, Rural Works Division, Kendrapara |
| b) | Availability of tender online | : | 18.01.2024 at 11.00 A.M. to 31.01.2024 upto 5.00 P.M. |
| c) | Last date & time of seeking of tender clarification | : | 30.01.2024 upto 5.00 P.M. |
| d) | Opening of tender | : | 01.02.2024 at 11.00 A.M. |
| e) | Decision to conduct lottery | : | If required to decide the agency, transparent lottery shall be conducted on dt.09.02.2024 at 11.00 A.M. in Office Chamber of the undersigned. |

Further details can be seen from the Govt. website www.tendersorissa.gov.in
**Sd./- Rajesh Pradhan, Executive Engineer, Rural Works Division, Kendrapara**
OIPR-25064/11/0011/2324

**ODISHA POWER GENERATION CORPORATION LIMITED**
CIN: U40104OR1984SGC001429
Zone-A, 7th Floor, Fortune Towers, Chandrasekharpur, Bhubaneswar, Odisha, India
Phone: +91-674-2303765-66, Fax: +91-674-2303755-56, Website: www.opgc.co.in
OPGC Power for Progress

**POWER YOUR CAREER WITH OPGC**

**Odisha Power Generation Corporation Ltd. (OPGC)**, a Government of Odisha Company, operates state of the art thermal power plants at Ib Thermal Power Station (ITPS), Banharpalli, Jharsuguda. It has a total generation capacity of 1740 MW (2x210 MW in first phase and 2x660MW in second phase). We are looking for young and dynamic medical professionals for the following positions under **Market Based Salary (MBS) structure and performance-based service conditions** on regular roll for our Hospital at ITPS Township, Banharpalli, Jharsuguda. Reservation laws as notified by Govt. of Odisha will be followed.

| Sl. No. | Name of the Post | Grade | No. of Posts |
|---|---|---|---|
| 1 | Medicine Specialist | E3 (Deputy Manager) | 1 |
| 2 | Medical Officer | E1 (Assistant Manager) | 2 |

For detailed advertisement, please logon to our website: **www.opgc.co.in/careers.** The last date for online application is **30.01.2024 and to receive the hardcopy of application is 06.02.2024**. Candidates are advised to go through the detailed advertisement carefully before applying. Corrigendum, if any will be published in our official website.

No. OPGC/CO/HR/02/2024 Dated: 15/01/2024

## ସଂକ୍ଷେପରେ

### ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସମ୍ବଲପୁର,୧୪।୧(ପ୍ରମୋଦ ବହିଦାର)

ସମ୍ବଲପୁର ପୁଟିଆପାଲି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୀତାରାମ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ମହୁଲପାଲି ଉଚ୍ଚ ବିଦ୍ୟାଳୟର କାହ୍ନୁ ଚରଣ ଦାସ, କ୍ଷିରୋଦ ପଧାନ, ସିଆଇସି ଦାମୋଦର ଭୋଇ, ଅନିରୁଦ୍ଧ ବିଶ୍ୱାଳ, ବିନାୟକ ପାଣିଗ୍ରହୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ କ୍ଷିରୋଦ କୁମାର ପରିଡ଼ା ସଭା ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ଷୁଦ୍ରନାଟକ 'ନିଏ ଅନିଏ' ସହିତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ମାଗଣା ମଧୁମେହ ପରୀକ୍ଷା ଶିବିର

ସମ୍ବଲପୁର,୧୪।୧(ବି.ଶଙ୍କର)

ଲାୟନ୍ସ କ୍ଲବ ସମ୍ବଲପୁର ପକ୍ଷରୁ ଗୋଲବଜାର ପେଟ୍ରୋଲ ପମ୍ପଠାରେ ରବିବାର ମାଗଣା ମଧୁମେହ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୩୦ ଜଣଙ୍କ ମଧୁମେହ ପରୀକ୍ଷା କରାଯାଇଥିଲା। କ୍ଲବର ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଦେବେନ୍ଦ୍ର କୁମାର ଲାଠ୍ ଏହାକୁ ଉଦ୍‌ଘାଟନ କରିଥିଲେ। କ୍ଲବ ସଭାପତି ସଞ୍ଜୟ ଗୁପ୍ତା, ସମ୍ପାଦକ ରାଜକିଶୋର ମୋଦି, କୋଷାଧ୍ୟକ୍ଷ ମହେଶ ସିଙ୍ଘାନିଆ, ପ୍ରୋଜେକ୍ଟ ଚେୟାରମ୍ୟାନ ମନୋଜ ସିଙ୍ଘାନିଆ, ସଭ୍ୟ ସିଦ୍ଧେଶ ଅଗ୍ରୱାଲ, ଶଙ୍କର ଅଗ୍ରୱାଲ, ସୁନିଲ ମସନ, ନବିନ ଦଲୱାନି, ସନ୍ତୋଷ ଶର୍ମା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

### ବଟକୃଷ୍ଣ ମେମୋରିଆଲ କ୍ରିକେଟ: ଗଡ୍ରାମୁଣ୍ଡା ବିଜୟୀ

ଖଡ଼ିଆଲ,୧୪।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଲ ବ୍ଲକ ସାନମହେଶ୍ୱର ଗ୍ରାମପଞ୍ଚାୟତ ଘରଧରା ଗ୍ରାମରେ ଚାଲିଥିବା ଫାଷ୍ଟ ବଟକୃଷ୍ଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ତୃତୀୟ ଦିବସରେ ପହଞ୍ଚିଛି। ଦମାପଲା ଓ ଗଡ୍ରାମୁଣ୍ଡା ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୧୨ ଓଭରରେ ଦମାପଲା ଦୁଇ ଉଇକେଟ ହରାଇ ୧୫୬ ରନ କରିଥିଲା। ଗଡ୍ରାମୁଣ୍ଡା ୧୧ ଓଭର ୨ ବଲରେ ୧୬୨ ରନ କରି ବିଜୟୀ ହୋଇଥିଲା। ମଗ୍ରାମର ବର୍ଷୀୟାନ ବ୍ୟକ୍ତି ତାରେଶ୍ୱର ବେହେରା, ଲୋକବନ୍ଧୁ ବେହେରା, ଦେବକୁମାର ବନ୍ଧୀଛୋର ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ମୋହିତ କୁମାର କଟା ପାଇଥିଲେ। ଟୁର୍ନାମେଣ୍ଟରେ ବିଜେତା ଦଳକୁ ଟ୍ରଫି ସହିତ ୨୫ ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ କୋଡିଏ ହଜାର ଟଙ୍କା ପୁରସ୍କାର ଦିଆଯିବ। ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତାରେ ୧୬ଟି ଦଳ ଭାଗ ନେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସ୍ୱର୍ଗତ ବଟକୃଷ୍ଣଙ୍କ ସ୍ମୃତିରେ ତାଙ୍କ ପୁତ୍ର ଅରୁଣ କୁମାର ଟୁର୍ନାମେଣ୍ଟ ଆୟୋଜନ କରୁଛନ୍ତି।

# ରାଉରକେଲାକୁ ପରାସ୍ତ କରି ଝାରସୁଗୁଡ଼ା ଚାମ୍ପିୟନ

ଦେବଗଡ,୧୪।୧(ଶଶାଙ୍କ ଶେଖର ଝାଙ୍କର)

ପ୍ରଧାନପାଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମରେ ଗତ ୮ ତାରିଖଠାରୁ ଆରମ୍ଭ ହୋଇଥିବା ସର୍ବ ଭାରତୀୟ ପ୍ରଧାନପାଟ୍ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ରାଉରକେଲାର ୱାଇବିସିକୁ ୧-୦ ଗୋଲରେ ପରାସ୍ତ କରି ଝାରସୁଗୁଡାର ଆଦିବାସୀ କ୍ଲବ ଚାମ୍ପିୟନ ହୋଇଥିଲା। ରେଫରୀ ଭାବେ ରାଜକୁମାର ମଣ୍ଡଳ, ନୀଳ ନାୟକ, ଚନ୍ଦ୍ର କିଷାନ, ସୌରଭ କୁମାର ନାୟକ ଓ ଅଶ୍ୱିନୀ ବେରିହା ପରିଚାଳନା କରିଥିଲେ। ହେମନ୍ତ କୁମାର ମହାପାତ୍ର ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଭାଷ୍ୟକାର ଭାବେ ବେଣୁଧର ଗଡନାୟକ ଓ ଫକୀର ମୋହନ ଦଳବେହେରା ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ ନିମନ୍ତେ ଝାରସୁଗୁଡା ଆଦିବାସୀ କ୍ଲବର ଖେଳାଳି ଅମର ଖଡିଆ ମ୍ୟାନ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ।

ରବିବାର ସନ୍ଧ୍ୟାରେ ପ୍ରଧାନପାଟ କପ୍ ଆୟୋଜନ କମିଟିର ସଭାପତି ବିକାଶ କୁମାର ପ୍ରଧାନଙ୍କ ସଭାପତିତ୍ୱ ଓ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ଧିରେନ୍ଦ୍ର ନାୟକଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୌର ପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ସମ୍ମାନିତ ଅତିଥିଭାବେ ଜିଲା



ଅତିଥିଙ୍କ ଗହଣରେ ଖେଳାଳି।

### ପ୍ରଧାନପାଟ କପ୍ ସର୍ବ ଭାରତୀୟ ଫୁଟ୍‌ବଲ ପ୍ରତିଯୋଗିତା

ବିଜେଡି ସଭାପତି ଇଂ.ଚିତରଞ୍ଜନ ପ୍ରଧାନ,ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଉପଦେଷ୍ଟା ନିବେଦିତା ନାୟକ, ବାରକୋଟ ଜିଲା ପରିଷଦ ଜୋନ ୩ର ସଦସ୍ୟା ଗୀତାଞ୍ଜଳି ପାଣି,ଏସ୍ୟୁଜେର ରାଜ୍ୟ ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର ଓ ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ ଯୋଗଦେଇ ଚାମ୍ପିୟନ ଝାରସୁଗୁଡା ଆଦିବାସୀ କ୍ଲବକୁ ଟ୍ରଫି ସହ ନଗଦ ୪୦ ହଜାର ଟଙ୍କା ଓ ରନର୍ସ ଅପ୍ ରାଉରକେଲା ୱାଇବିସିକୁ ଟ୍ରଫି ସହ ୩୦ ହଜାର ଟଙ୍କା ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଝାରସୁଗୁଡା ଆଦିବାସୀ କ୍ଲବର ଖେଳାଳି ଅମର ଖଡିଆ ମ୍ୟାନ ଅଫ୍ ଦ ମ୍ୟାଚ, ରାଉରକେଲା ୱାଇବିସିର ଖେଳାଳି ଦିଲ୍ଲୀପ କିଣ୍ଡୋଙ୍କୁ ମ୍ୟାନ ଅଫ୍ ଦ ଟୁର୍ନାମେଣ୍ଟ, ଶ୍ରେଷ୍ଠ ଗୋଲକିପର ଭାବେ ଝାରସୁଗୁଡା ଆଦିବାସୀ କ୍ଲବର ଶିବଲାଲ ଓରାମ, ଶ୍ରେଷ୍ଠ ଡିଫେନ୍ସ ଭାବେ ଦେବଗଡ ସ୍ଥିତ ପ୍ରଧାନପାଟ କ୍ଲବର ଆଲୋକ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଆୟୋଜକ ପ୍ରଧାନପାଟ କ୍ଲବକୁ ଶୃଙ୍ଖଳିତ ଦଳ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟ ଆୟୋଜନରେ ପ୍ରଧାନପାଟ କ୍ଲବର ସମ୍ପାଦକ ପ୍ରଦୀପ କୁମାର ବେହେରା, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ବେହେରା, ପ୍ରଧାନପାଟ କ୍ଲବର ସମ୍ପାଦକ ସଞ୍ଜୀବ କୁମାର ନାଏକ, ସଦସ୍ୟ ଯୋଗେନ୍ଦ୍ର ସାହୁ, ମଛିନ୍ଦ୍ର ନାୟକ, ରୂପକ କୁମାର ମାଝି, ଶରତ ମେହେର, ବିକାଶ ଅଗ୍ରୱାଲା, ଅନନ୍ତ ମେହେର,ମାନଓ ପ୍ରଧାନ, ଅଲେଖ ନାୟକ, ଯୋଗେଶ ନାୟକ, ବାବୁଲୁ ଜେନା, ଜୟନାରାୟଣ ସାମଲ, ଦୀପକ ବେହେରା ଓ ସନ୍ତୋଷ ଭୋଇଙ୍କ ସମେତ ସମସ୍ତ ସଦସ୍ୟ ଓ କର୍ମକର୍ତା ସକ୍ରୀୟ ସହଯୋଗ କରିଥିଲେ। ଫାଇନାଲ ମ୍ୟାଚ ଦେଖିବାକୁ ପାଖ ପାଖି ଅଞ୍ଚଳରୁ ୨୦ ହଜାରରୁ ଊର୍ଦ୍ଧ୍ୱ ଫୁଟ୍‌ବଲ ପ୍ରେମୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

# ବେଆଇନ ବନ୍ଧୁକ ଜବତ, ୨ ଗିରଫ

ଦେବଗଡ଼,୧୪।୧ (ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ଥାନା ପୋଲିସ ରବିବାର ଔତଲ ଓ କଦଳିଡିହୀ ଗ୍ରାମରେ ଚଢାଉ କରି ୨ ଜଣଙ୍କୁ ଘରୁ ୨ଟି ବେଆଇନ ଦେଶୀ ବନ୍ଧୁକ ଜବତ କରିଛି। ଏଥିସହ ବେଆଇନ ଅସ୍ତ୍ର ରଖିବା ଅଭିଯୋଗରେ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବୃଷଭ ମଣ୍ଡଳ (୩୬)ଓ ମହେଶ୍ୱର ଦେହୁରୀ(୨୨)। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସେମାନେ ଘରେ ବେଆଇନ ଦେଶୀ ବନ୍ଧୁକ ରଖିଥିବା କୌଣସି ସୂତ୍ରରୁ ବାରକୋଟ ଥାନା ପୋଲିସ ଖବର ପାଇ ଚଢ଼ାଉ କରିଥିଲା। ଏଥିସହ ଉଭୟଙ୍କ ବିରୋଧରେ ଆର୍ମ୍ସଆକ୍ଟ ସମେତ ବିଭିନ୍ନ ଦଫାରେ ମାମଲା ରୁଜୁକରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

# ଟାବଡା କ୍ରିକେଟ କ୍ଲବ ଚାମ୍ପିୟନ

ଦେବଗଡ଼,୧୪।୧(ଶଶାଙ୍କ ଶେଖର ଝାଙ୍କର)

ରିଆମାଳ ବ୍ଲକ ଟାବଡା ପଞ୍ଚାୟତ ପେଜଗୋଳା ଗ୍ରାମରେ ମା' ବୀରଜା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ତ୍ରି ଦିବସୀୟ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପାଇକନଗର କ୍ରିକେଟ କ୍ଲବକୁ ୧୬ ରନରେ ପରାସ୍ତ କରି ଟାବଡା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଥିଲା। ଆୟୋଜକ ମା' ବୀରଜା କ୍ରିକେଟ କ୍ଲବର ସଭାପତି ତରଣୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟଅତିଥିଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ସମ୍ମାନିତ ଅତିଥିଭାବେ ଟାବଡା ପଞ୍ଚାୟତର ସମିତି ସଦସ୍ୟା ରଞ୍ଜିତା ନାଥ ଯୋଗଦେଇ ଚାମ୍ପିୟନ ଟାବଡା କ୍ରିକେଟ କ୍ଲବ ଓ ରନର୍ସ ଅପ୍ ପାଇକନଗର କ୍ରିକେଟ କ୍ଲବକୁ ପୁରସ୍କାର ପ୍ରଦାନ କରିଥିଲେ। ଏଥିସହ ଟାବଡା କ୍ରିକେଟ କ୍ଲବର ଖେଳାଳି ହୃଷିକେଶ ଭୋଇଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଓ ସୁଦନ ବିଶ୍ୱାଳଙ୍କୁ ମ୍ୟାନ ଅଫ ଦ ସିରିଜ ପୁରସ୍କାର ପ୍ରଦାନ କରିଥିଲେ।

# ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ

ସମ୍ବଲପୁର,୧୪।୧(ବି.ଶଙ୍କର)

ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ସମ୍ବଲପୁର ଶାଖା ପକ୍ଷରୁ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ରବିବାର ସ୍ୱାମୀ ବିବେକାନନ୍ଦଙ୍କ ୧୬୧ ତମ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟ ଅତିଥି, ଡା. ବିଭୁଦତ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ନୀତି ଆଦର୍ଶ ଉପରେ ଆଲୋଚନା କରିଥିଲେ। ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ସମ୍ବଲପୁର ଶାଖାର ନଗର ସଞ୍ଚାଳକ ପ୍ରଫେସର ମୁରଲିଧର ପ୍ରେମନାଥ ନାଏକ ସଭା ପରିଚାଳନା କରିଥିଲେ।

# ଏକ ଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ


ଅତିଥିଙ୍କ ଗହଣରେ ପ୍ରତିଯୋଗିତାରେ ଭାଗନେଇଥିବା ଖେଳାଳି।

ଦେବଗଡ଼୧୪।୧(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ଦନ୍ତାରିବାହଳ ପଞ୍ଚାୟତ ଗୟାରମୁଣ୍ଡା ଗ୍ରାମରେ ମାଗେପରବ୍ ଫୁଟବଲ କମିଟି ଆନୁକୂଲ୍ୟରେ ରବିବାର ଏକ ଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଶିରଡିହୀ ଫୁଟବଲ ଦଳକୁ ଟାଇବ୍ରେକର ସହାୟତାରେ ୨-୧ ଗୋଲରେ ପରାସ୍ତ କରି ସାମରସାହି ଜାମୁଦା ଫୁଟବଲ ଦଳ ଚାମ୍ପିୟନ ହୋଇଛି। ଅପରାହ୍ନରେ ଆୟୋଜକ ମାଗେପରବ୍ ଫୁଟବଲ କମିଟି ସଭାପତି କୁଣ୍ଡିଆ ହନହାଗାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୌର ପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ସମ୍ମାନିତ ଅତିଥି ଦନ୍ତାରିବାହଳ ପଞ୍ଚାୟତର ସମିତି ସଦସ୍ୟା ମେଘମାଳା ପାତ୍ର ଓ ପୂର୍ବତନ ସରପଞ୍ଚ ବିଦ୍ୟାଧର ବେହେରା ଯୋଗଦେଇ ଚାମ୍ପିୟନ ସାମରସାହି ଜାମୁଦା ଦଳ ଓ ରନର୍ସ ଅପ୍ ଶିରଡିହୀ ଫୁଟବଲ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାର ମ୍ୟାଚ ଗୁଡିକୁ ରେଫରୀ ଭାବେ କୃଷ୍ଣଚନ୍ଦ୍ର ନାୟକ, ହରିଶ ମହାକୁଳ ଓ ହରିଶ ଦେଓଗନ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ସାଲୁକା ଭଦ୍ରା ଓ ଯାଗାଏ ଡାଙ୍ଗିଲ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ନନ୍ଦଲାଲ ଗାଗାରାଇ, ନାଥୁରାମ ହାଂସଦା ଓ ବିଷ୍ଣୁ ସାମାଡଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶେଷରେ କମିଟି ସମ୍ପାଦକ ଚୁମୁରୁ ଗାଗରାଇ ଧନ୍ୟବାଦ ଅର୍ପଣ କରିଥିଲେ।

### କ୍ରିକେଟ: ପ୍ରେସ ଏକାଦଶ ବିଜୟୀ

ସମ୍ବଲପୁର,୧୪।୧(ବି.ଶଙ୍କର)

ସମ୍ବଲପୁର ଶାସନସ୍ଥିତ ବିକାଶ ଖେଳପଡିଆରେ ରବିବାର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଟସ୍ ଜିଣି ବିକାଶ ଏକାଦଶ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୨ ଓଭରରେ ଦଳ ୬ ଉଇକେଟ ହରାଇ ୭୪ରନ ସଂଗ୍ରହ କରିଥିଲା। ପ୍ରେସ ଏକାଦଶ ବୋଲର ଚୈତନ୍ୟ ନାୟକ ୩ ଓଭରରେ ୧୧ ରନ ବ୍ୟୟକରି ୩ ଉଇକେଟ ହାସଲ କରିଥିଲେ। ୭୫ ରନର ବିଜୟ ଲକ୍ଷ୍ୟ ନେଇ ପ୍ରେସ ଏକାଦଶ ପଡିଆକୁ ଓହ୍ଲାଇଥିଲା। ଦଳ ୧୦.୫ ଓଭରରେ ମାତ୍ର ୨ ଉଇକେଟ ହରାଇ ବିଜୟୀ ହୋଇଥିଲା। ଦଳର ବଦସା ୟୁସମନ ରାଣା ୨୪ ବଲରେ ୩୩ ରନ କରିଥିଲେ। ମ୍ୟାଚକୁ ଅମ୍ପାୟାର ଅଭିଷେକ ସାଏ ଓ ବିକ୍ୟାତ ଚୌଧୁରୀ ପରିଚାଳନା କାରିଥିଲେ। ଡାକ୍ତର ଦିଲିପ କୁମାର ନନ୍ଦଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ବିକାଶ ଶିକ୍ଷାନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଜି ଭାସ୍କର ରାଓ, ସମ୍ବଲପୁର ପ୍ରେସକ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନ, ଖବରଦାତା ଶିବପ୍ରସାଦ ମେହେର ଓ ଶ୍ୱେତ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।

# କ୍ରିକେଟ ପ୍ରତିଯୋଗିତା: ବଡେମୁରା ଚାମ୍ପିୟନ

ସମ୍ବଲପୁର,୧୪।୧(ବି.ଶଙ୍କର)

ସମ୍ବଲପୁର ଜିଲା ଧମା ଝାଡେଶ୍ୱରୀ କ୍ଲବ ପକ୍ଷରୁ ଚାଲିଥିବା ପଞ୍ଚ ଦିବସୀୟ ବୁଲୁ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ବଡେମୁରା ଓ ମାନେଶ୍ୱର ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ବଡେମୁରା ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଥିଲା। ସୁବ୍ରତ ମିଶ୍ର, ବିରେନ ରଣା, ଦେବାଶିଷ ଭୋଇ ମ୍ୟାଚ ପରିଚାଳନା କରିଥିଲେ।

ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ।

ସତ୍ୟସ୍ୱରୂପ ସିଟ, ଧମା ସରପଞ୍ଚ ଲଳିତା ପ୍ରଧାନ, ହୁମା ସରପଞ୍ଚ ଇଳାବତୀ ପୂଜାରୀ, ଦେଓଗାଁ ସରପଞ୍ଚ ସରସ୍ୱତୀ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୀଳମଣି କଠାର, ପ୍ରଭାତ ମେହେର, ଶିବ ରେଙ୍ଗୀ, ରାଜେଶ ଲହରିଆ, ଆକାଶ ନାଏକ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।


 କ୍ରିକେଟ ପ୍ରତିଯୋଗିତାରେ ଅତିଥି ଓ ଖେଳାଳିମାନେ।

GOVERNMENT OF ODISHA
OFFICE OF THE CHIEF ENGINEER-CUM-CHIEF ELECTRICAL INSPECTOR,
CENTRAL ZONE, ODISHA, G.D. 2/7, MAITRI VIHAR,
CHANDRASEKHARPUR, BHUBANESWAR
TELEPHONE NO. 2300087, E-mail: cciczbbsr-od@gov.in
SHORT TENDER CALL NOTICE
No.46/Dated 08 January 2024
No.B-1597:- Sealed tenders are invited from organizations meeting the minimum eligibility criteria as per tender specification for procurement of **25,000** (Twenty-Five Thousand) Nos. of Polycarbonate Transparent Plastic Seals. The bidders should have valid PAN and GST registration for participation in the tender. The tenders will be received in sealed cover from **10:00 AM of 16.01.2024 upto 12:30 PM of 30.01.2024** in the office of the undersigned by Post (Regd. / Speed Post) or hand delivered with due acknowledgement. The authority will not be responsible for postal delay for whatsoever reason thereof. The tenders shall be opened on 30.01.2024 at 4:00 PM in the presence of tenderers or their authorized representatives if any. The tender document can be obtained from the **Executive Engineer (ED)**, Office of C.E.-cum- CEI, Central Zone, Odisha, G.D. 2/7, Maitri Vihar, Chandrasekharpur, Bhubaneswar-23, from **10:00 AM of 16.01.2024 up to 12:30 PM of 30.01.2024** on payment of cost of tender document. The cost of tender document needs to be paid in shape of Demand Draft of Rs.600/- (Rupees Six Hundred) only drawn in favour of TECH ASST ELECTL INSPR (T & D) drawn on any Nationalized Bank, payable at Bhubaneswar. For further details, please contact E.E. (ED), O/o C.E.-cum-CEI, Central Zone, Odisha, G.D. 2/7, Maitri Vihar, Chandrasekharpur, Bhubaneswar-23. The undersigned reserves the right to reject the tenders without assigning any reason thereof.
**Sd./- C.E.-cum-C.E.I., Central Zone, Odisha, Bhubaneswar**
OIPR--04036/11/0001/2324

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, KENDRAPARA
eerw_kpd@yahoo.com
No.O-2173
INVITATION FOR BIDS (SHORT NOTICE)
'E' PROCUREMENT NOTICE NO. RWD/KPD-09/2023-24 DT.09.01.2024

| | | | |
|---|---|---|---|
| 1 | Name of work | : | Road works in the District of Kendrapara for the year 2023-24 |
| 2 | Total No. of work | : | 06 Numbers of Road work |
| 3 | Estimated cost | : | Rs.8.47 Lac to 33.89 Lakhs approximately |
| 4 | Period of completion | : | As spcified in the Annexure |
| 5 | Class of contractors | : | As specified in the Annexure |
| 6 | Cost of tender paper | : | Cost of tender paper is to be remitted ONLINE as specified in column-5 of the Annexure |
| 7 | Detail projects | : | As specified in the Annexure |

Other details as follows:

| | | | |
|---|---|---|---|
| a) | Procurement Officer | : | Executive Engineer, Rural Works Division, Kendrapara |
| b) | Availability of tender online | : | 18.01.2024 at 11.00 A.M. to 31.01.2024 upto 5.00 P.M. |
| c) | Last date & time of seeking of tender clarification | : | 30.01.2024 upto 5.00 P.M. |
| d) | Opening of tender | : | 01.02.2024 at 11.00 A.M. |
| e) | Decision to conduct lottery | : | If required to decide the agency, transparent lottery shall be conducted on dt.09.02.2024 at 11.00 A.M. in Office Chamber of the undersigned. |

Further details can be seen from the Govt. website www.tendersorissa.gov.in
Sd./- Rajesh Pradhan, Executive Engineer,
Rural Works Division, Kendrapara
OIPR-25064/11/0011/2324

# ବାଗମୁଣ୍ଡା ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଯାପିତ

ନୂଆପଡ଼ା,୧୪।୧(ମକାରୁ ବେମାଲ)


ମହାରାଜା କଂସଙ୍କ ଦରବାରରେ ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡ ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ ଧନୁଯାତ୍ରା ପଡିଆରେ ୫ତମ ଅଞ୍ଚଳିକ ଧନୁଯାତ୍ରା ମହୋତ୍ସବ କଂସବଧ ସହ ଉଦଯାପିତ ହୋଇଯାଇଛି। ଧନୁଯାତ୍ରା କମିଟି ସଭାପତି ଶାନ୍ତିଲାଲ ମଟାରୀଙ୍କ ଅଦ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ ବିଧାୟକ ପ୍ରତିନିଧି ଜୟ ଢୋଲକିଆ ମୁଖ୍ୟଅତିଥି, ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜକୁମାର ସାହୁ, ନୂଆପଡା ଏନଏସି ଅଧକ୍ଷ ମହମ୍ମଦ ଆଦାମ, ଜିଲା ପରିଷଦ ସଦସ୍ୟ ଅବନି ରଞ୍ଜନ ଯୋଶୀ, ଜିଲା ଯୁବ ବିଜେଡି ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ଗରିବ ସେନା ଜିଲା ସଭାପତି ରବି ମଙ୍ଗରାଜ, ସରପଞ୍ଚ କାଳିଆ ପ୍ରଧାନ, ପୂର୍ବତନ ସରପଞ୍ଚ ରୁଦ୍ରସିଂ ମାଝି, ଭାଜପା ଜିଲା ସମ୍ପାଦକ ତୁଳସ ପଟେଲ, ଭାଜପା ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ହୋମସିଂ ମାଝି, ଶିକ୍ଷକ ଲାବନ୍ୟ ସୋରୀ, ଧନସିଂ ମାଝି, ମନବୋଧ ଜଗତ, ଧୀବର ଧରୁଆ, କୁମୁଦ ସାହୁ, କୂଳଚନ୍ଦ୍ର ରଣା, ଲୁକେଶ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଧନୁଯାତ୍ରା ଖୋଲା ରଙ୍ଗମଞ୍ଚରେ କୃଷ୍ଣ ଓ ବଳରାମଙ୍କ ହସ୍ତରେ କଂସଙ୍କ ମୃତ୍ୟୁ ନାଟକ ମଞ୍ଚସ୍ଥ ହୋଇଥିଲା। କଂସ ଭୂମିକାରେ ସୁଶାନ୍ତ କୁମାର ମେହେର ଅଭିନୟ କରୁଥିବା ବେଳେ ମହାମନ୍ତ୍ରୀ ଚନ୍ଦନ ପଟେଲ ଅଭିନୟ କରୁଥିଲେ। ଆୟୋଜିକ କମିଟି ସଭାପତି ଶାନ୍ତିଲାଲ ମଟାରୀ, ସମ୍ପାଦକ ଦେଓଲାଲ ବାଗ, ଉପସଭାପତି ଓସରାମ ସାହୁ, ସହସମ୍ପାଦକ ଭୁବନ ସତନାମୀ, କୋଷାଧ୍ୟକ୍ଷ ମିଟୁ ମଟାରୀ, ସହକୋଷାଧ୍ୟକ୍ଷ ଉପେନ୍ଦ୍ର ମଟାରୀ ପ୍ରମୁଖ ଆୟୋଜନ କରିଥିଲେ। ପଞ୍ଚାନନ ମଟାରୀ, ରବିଶଙ୍କର ସାହୁ, ଗଜିନ ମଟାରୀ, ପ୍ରେମଲାଲ ସତନାମୀ, ବିଶ୍ୱାମିତ୍ର ବାଗ, କେଶବ ଦୁରିଆ, ଧନସାଏ ସାହୁ, ଦୁକାଲୁ ସାହୁ, ଇନ୍ଦ୍ରଜିତ ବାଗ, କାନ୍ହୁସ ମଟାରୀ, କିଷାନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ODISHA POWER GENERATION CORPORATION LIMITED
OPGC Power for Progress
CIN: U40104OR1984SGC001429
Zone-A, 7th Floor, Fortune Towers, Chandrasekharpur, Bhubaneswar, Odisha, India
Phone: +91-674-2303765-66, Fax: +91-674-2303755-56, Website: www.opgc.co.in

POWER YOUR CAREER WITH OPGC

**Odisha Power Generation Corporation Ltd. (OPGC)**, a Government of Odisha Company, operates state of the art thermal power plants at Ib Thermal Power Station (ITPS), Banharpalli, Jharsuguda. It has a total generation capacity of 1740 MW (2x210 MW in first phase and 2x660MW in second phase). We are looking for young and dynamic medical professionals for the following positions under **Market Based Salary (MBS) structure and performance-based service conditions** on regular roll for our Hospital at ITPS Township, Banharpalli, Jharsuguda. Reservation laws as notified by Govt. of Odisha will be followed.

| Sl. No. | Name of the Post | Grade | No. of Posts |
|---|---|---|---|
| 1 | Medicine Specialist | E3 (Deputy Manager) | 1 |
| 2 | Medical Officer | E1 (Assistant Manager) | 2 |

For detailed advertisement, please logon to our website: **www.opgc.co.in/careers.** The last date for online application is **30.01.2024 and to receive the hardcopy of application is 06.02.2024**. Candidates are advised to go through the detailed advertisement carefully before applying. Corrigendum, if any will be published in our official website.

No. OPGC/CO/HR/02/2024 Dated: 15/01/2024

## ସଂକ୍ଷେପରେ

### ମଧୁମେହ ରୋକିବାକୁ ସଚେତନତା ସାଇକେଲ ରାଲି



ଟିଟିଲାଗଡ,୧୪।୧(ଶରତ ମିଶ୍ର)

ଟିଟିଲାଗଡ ଲାୟନ୍ସ କ୍ଲବ ତରଫରୁ ରବିବାର ସକାଳୁ ସ୍ଥାନୀୟ ବାଳକ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରୁ ଲୋକଙ୍କୁ ମଧୁମେହ ସମ୍ପର୍କରେ ସଚେତନ କରିବା ପାଇଁ ଏକ ସାଇକେଲ ରାଲି ବାହାରି ଥିଲା। ଏଥିରେ ବିଭିନ୍ନ ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ନିୟମିତ ବ୍ୟାୟାମ, ଖାଦ୍ୟପେୟରେ ସନ୍ତୁଳନ ରକ୍ଷା କଲେ ମଧୁମେହକୁ ପ୍ରତିରୋଧ କରିହେବ ବୋଲି କ୍ଲବ ସଭାପତି ସନ୍ତୋଷ ମହାନ୍ତି ଏହି ଅବସରରେ କହିଛନ୍ତି। ଏହି ରାଲିରେ କ୍ଲବ ସମ୍ପାଦକ ଅଜିତ ଚାନ୍ଦ ପାତ୍ର, ରିଜିଓନାଲ ଚେୟାରପର୍ସନ ଦୀପକ ପୃଷ୍ଟି, ମାର୍କେଟିଂ ଚେୟାର ପର୍ସନ ସଞ୍ଜୟ କୁମାର ନାୟକ, ବରିଷ୍ଠ ସଦସ୍ୟ ଈଶ୍ୱର ଜୈନ, କେ.ତ୍ରିନାଥ ରାଓ, ବିଜୟ ଜୈନ, ଆନନ୍ଦ ଜୈନ, ପ୍ରଦୀପ ବାରିକ, ଲିଓ କ୍ଲବ ସଭାପତି ଏମ.ଡି.ରିହାନ, ଲିଓ ଅଙ୍କିତ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରମିକ ଅଭାବ, ବନ୍ଦ ପଡ଼ିଛି କାମ




ଲୋଇସିଂହା, ୧୪।୧(ସୁଶାନ୍ତ ବାରିକ)

ସ୍ୱଚ୍ଛ ଓ ନିରନ୍ତର ପାଇପ ପାଣି ଯୋଗାଇ ଦେବାକୁ ରାଜ୍ୟ ସରକାର ବସୁଧା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିପାଇଁ ଗାଁ ଗାଁରେ ଓଭରହେଡ ଟାଙ୍କି ନିର୍ମାଣ କାମ ଚାଲିଛି। ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଏହି ଯୋଜନାର କାମ କଚ୍ଛପ ଗତିରେ ଚାଲିଛି। ମିଳିଛି। କାମ କରୁଥିବା ଏଜେନ୍ସିଗୁଡ଼ିକ ମାସାଧିକ କାଳ ଶ୍ରମିକଙ୍କୁ ପ୍ରାପ୍ୟ ଦେଉ ନଥିବାରୁ ବ୍ଲକରେ ଚାଲିଥିବା କେତେକ ପ୍ରକଳ୍ପ କାମ ବନ୍ଦ ପଡିଛି। ପଞ୍ଚାୟତି ରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ବ୍ଲକର ଭାଲିଆମୁଣ୍ଡା, ଆଗଲାପାଲି, ଛେଲବାହାଲ, ପତ୍ରପାଲି, ଭୋଇପାଲିରେ ବସୁଧା ପ୍ରକଳ୍ପ କାମ ଅଧାପନ୍ତରିଆ ହୋଇଛି। କୌଣସି କାରଣକୁ ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଏଜେନ୍ସିଗୁଡ଼ିକୁ ବିଲ ପେମେଣ୍ଟ କରୁନାହାନ୍ତି। ଫଳରେ ପ୍ରକଳ୍ପରେ ନିୟୋଜିତ ଶ୍ରମିକଙ୍କୁ ପ୍ରାପ୍ୟ ମିଳି ପାରୁନି। ପ୍ରାପ୍ୟ ନ ପାଇ ଶ୍ରମିକ ପରିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ ବିକଳ୍ପ ଭାବେ ଅନ୍ୟତ୍ର କାମ କରିବାକୁ ବାଧ ହୋଇଛନ୍ତି। ଏଥିରୁ ପ୍ରକଳ୍ପ ଠିକଣା ସମୟର ସରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ଯନ୍ତ୍ରୀ ପ୍ରସାଦ ସାମନ୍ତରାୟଙ୍କୁ ପଚାରିବାରୁ ସମସ୍ୟା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଖୁବ ଶୀଘ୍ର କାମ ତ୍ୱରାନ୍ୱିତ ହେବ ବୋଲି କହିଛନ୍ତି।

### ବିଜୁ ପଟ୍ଟନାୟକ ଜୁନିୟର କଲେଜରେ ଜାତୀୟ ଯୁବ ଦିବସ

ବୋଡେନ,୧୪।୧(ଟିକେଶ୍ୱର ନାଗ)

ନୂଆପଡା ଜିଲା ବୋଡ଼େନ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଯୁବ ରେଡକ୍ରସ ଆନୁକୂଲ୍ୟରେ ଅନୁଷ୍ଠିତ ଜାତୀୟ ଯୁବ ଦିବସରେ ଯୁବ ରେଡକ୍ରସ ସଂଯୋଜକ ଅଧାପକ ଉପେନ୍ଦ୍ର ବଞ୍ଜାରାଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଅଧକ୍ଷ ହେମନ୍ତ କୁମାର ମୁଣ୍ଡ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧାପକ ସାମୁଏଲ ଦାନୀ ଓ ସମ୍ମାନିତ ଅତିଥି ପ୍ରଧାପକ ଗୟାଧର ମହାନ୍ତି ମଞ୍ଚାସୀନ ହୋଇ ଛାତ୍ରୀଛାତ୍ରମାନଙ୍କୁ ସମ୍ବୋଧିତ କରିଥିଲେ। ମଞ୍ଚାସୀନ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଭାରତୀୟ ସଂସ୍କୃତି ଓ ସଭ୍ୟତାର ମୂଲ୍ୟବୋଧ ଭିତ୍ତିକ ଚରିତ୍ର ଗଠନ ନିମନ୍ତେ ଆହ୍ୱାନ କରିଥିଲେ। ସଭାରେ ଉଚ୍ଚ ମାଧମିକ ବିଦ୍ୟାଳୟ ସମସ୍ତ ଅଧାପକ ଓ ଅଧାପିକା ଯୋଗଦେଇଥିଲେ। ଅଧାପକ ଥବୀର ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

# ୪ବର୍ଷ ବିତିଲା, କାର୍ଯ୍ୟକ୍ଷମ ହେଲାନି

## ଆଦିବାସୀ ଛାତ୍ରୀ ନିବାସ

ଲାଠୋର,୧୪।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ଅନ୍ତର୍ଗତ ସରେଇବାହାଲରେ ନିର୍ମିତ ଆଦିବାସୀ ଛାତ୍ରୀ ନିବାସ ନିର୍ମାଣର ୪ବର୍ଷ ବିତିଯାଇଥିଲେ ବି କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ସରେଇବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀମାନେ ରହିବା ପାଇଁ ୧୨୦ଶଯ୍ୟା ବିଶିଷ୍ଟ ଏହି ଆଦିବାସୀ ଛାତ୍ରୀ ନିବାସ ନିର୍ମାଣ କାମ ଆରମ୍ଭ କରାଯାଇଥିଲା। ଠିକାଦାର ୨୦୨୦ମସିହାରେ କାମ ସମ୍ପୂର୍ଣ୍ଣ କରି ତତ୍କାଳୀନ ପ୍ରଧାନଶିକ୍ଷକ ନରହରି ବଳଙ୍କୁ ହସ୍ତାନ୍ତର କରିଥିଲେ। ଏହାକୁ ମୁଖ୍ୟମନ୍ତ୍ରୀ ୨୦୨୧ ମସିହାରେ ଭର୍ଚୁଆଲ ମୋଡ଼ରେ ଉଦ୍‌ଘାଟନ କରିଥିଲେ। ମାତ୍ର ପ୍ରକଳ୍ପ ଆଜିଯାଏ କାର୍ଯ୍ୟକ୍ଷମ ହୋଇପାରିନାହିଁ।


କାର୍ଯ୍ୟକ୍ଷମ ହୋଇ ନ ଥିବା ଆଦିବାସୀ ଛାତ୍ରୀ ନିବାସ

ସେଠାରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ କି ରନ୍ଧାଗୃହ ନିର୍ମାଣ କରାଯାଇନାହିଁ। ଅଦ୍ୟାବଧି ପାଚେରି ନିର୍ମାଣ ହୋଇନାହିଁ। ଆବଶ୍ୟକ ଅନୁସାରେ ଶୌଚାଳୟ ନିର୍ମାଣ ହୋଇ ପାରି ନ ଥିବା ହେତୁ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ଅଞ୍ଚଳର ଆଦିବାସୀ ଛାତ୍ରୀମାନେ ନାନା ସମସ୍ୟା ମଧ୍ୟରେ ରହି ପାଠ ପଢୁଛନ୍ତି। ଛାତ୍ରୀ ନିବାସ କାର୍ଯ୍ୟକ୍ଷମ କରି ସେଠାରେ ଆଡ଼ମିସନ ନେବା ପାଇଁ ବାରମ୍ବାର ଦାବି ହେବାରୁ ଜିଲାପାଳ ତାଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ୧୭୭୨/ ତା ୧୯।୭।୨୦୨୩ରିଖରେ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସମସ୍ତ ସମସ୍ୟାର ସମାଧାନ କରି ଛାତ୍ରୀ ନିବାସ କାର୍ଯ୍ୟକ୍ଷମ କରିବାକୁ ଦାବି ଉଠାଇ ରେଜୋଲେସନ ପାସ କରିଥିଲେ। ଏହା ପରେ ପାଚେରୀ ନିର୍ମାଣ କାମ ଚାଲୁଛି। ବିଦ୍ୟୁତ୍ ସଂଯୋଗ ଏବଂ ରେଷେଇ ଗୃହ ନିର୍ମାଣ କାମ କେବେ ହେବ ତାହା ଅନିଶ୍ଚିତତା ମଧ୍ୟରେ ରହିଛି। ଏନେଇ ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳଙ୍କୁ ପଚାରିବାରୁ ଖପ୍ରାଖୋଲ ଡ଼ବ୍ଲ୍ୟୁଇଓ ସମସ୍ୟାର ଅନୁଧ୍ୟାନ କରି ସମାଧାନ ଦିଗରେ ପଦକ୍ଷେପ ନେବାକୁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଅର୍ପଣ ରଥକୁ ଭବ୍ୟ ସ୍ୱାଗତ

ବଲାଙ୍ଗୀର,୧୪।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୌରାଞ୍ଚଳର ତେଲିଗୋଠପଡାକୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଜୟ ଜଗନ୍ନାଥ ଅର୍ପଣ ରଥ ପହଞ୍ଚିବା ପରେ ଶ୍ରଦ୍ଧାଳୁମାନେ ଭବ୍ୟ ସ୍ୱାଗତ କରିଥିଲେ। ରଥକୁ ପୌରାଧକ୍ଷା ଲିକା ସାହୁ ଓ ୧୬ ନମ୍ବର ୱାର୍ଡ କାଉନସିଲର ସନ୍ତୋଷିନୀ କୁଅଁରଙ୍କ ଉପସ୍ଥିତିରେ ଶତାଧିକ ଲୋକେ ସ୍ୱାଗତ କରିଥିଲେ। ତେଲିଗୋଠପଡା ରାଧାକୃଷ୍ଣ ମନ୍ଦିରରେ ଶ୍ରଦ୍ଧାଳୁମାନେ ଅର୍ପଣ ରଥରେ ଗୁଆ ଓ ରାଉଳ ଅର୍ପଣ କରିଥିଲେ। ମେଣ୍ଡା ଗାଁର ମହିଳା କୀର୍ତ୍ତନ ଦଳଙ୍କ ଭଜନ ଓ ସଂକୀର୍ତ୍ତନରେ ପରିବେଶ ଭକ୍ତିମୟ ହୋଇଯାଇଥିଲା। ପୌରାଧକ୍ଷା ସାହୁ ଓ କାଉନସିଲର କୁଅଁର ରାଧାକୃଷ୍ଣ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହି ସମୟରେ ସହରର ସ୍ୱୟଂ ସହାୟକ ଗୋଷ୍ଠୀ, ପୌର ପରିଷଦର କର୍ମଚାରୀ, ସଂକୀର୍ତ୍ତନ ମଣ୍ଡଳୀ, ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ୧୭ତାରିଖରେ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ ୱାର୍ଡମାନଙ୍କରେ ଏଲଇଡି ପରଦା ମାଧମରେ ଜଣସାଧାରଣ ଦେଖିବାର ବ୍ୟବସ୍ଥା କରାଯାଇଥିବା ସୂଚନା ଦିଆଯାଇଥିଲା।


ତେଲିଗୋଠପଡା ରାଧାକୃଷ୍ଣ ମନ୍ଦିରରେ ଅର୍ପଣ ରଥକୁ ସ୍ୱାଗତ ଅପେକ୍ଷାରେ ଶ୍ରଦ୍ଧାଳୁ।

## ଜିଲା ପରିଷଦ ଅନୁଦାନର ହେଉନି ସଦ୍‌ବିନିଯୋଗ

ଦେଓଗାଁ,୧୪।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ୧୨ ଓ ୧୩ନଂ ଜିଲା ପରିଷଦ ଜୋନ ଅନ୍ତର୍ଗତ ଗାଁମାନଙ୍କରେ ଜିଲା ପରିଷଦ ଅନୁଦାନର ସଦ୍‌ବିନିଯୋଗ କରାଯାଉ ନ ଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର ପ୍ରତ୍ୟେକ ଜିଲା ପରିଷଦ ଜୋନକୁ ବିଜୁ କେବିକେ, କେନ୍ଦ୍ରୀୟ ଅର୍ଥ କମିଶନ, ରାଜ୍ୟ ଅର୍ଥ କମିଶନ ଓ ଡିଭୋଲ୍ୟୁସନ ପାଣ୍ଠି ମାଧମରେ ବର୍ଷକୁ ପ୍ରତ୍ୟେକ ଜିଲା ପରିଷଦ ଜୋନକୁ ଅଞ୍ଚଳର ବିକାଶ ପାଇଁ ପ୍ରାୟ ୫୦ଲକ୍ଷ ଟଙ୍କାର ଅନୁଦାନ ଆସୁଛି। କିନ୍ତୁ ଜିଲା ପରିଷଦ ସଭ୍ୟମାନେ ଉପଯୁକ୍ତ ପ୍ରକଳ୍ପ ପାଇଁ ପ୍ରସ୍ତାବ ଦେଉ ନ ଥିବା ବେଳେ ଅଧିକ ଲାଭାଂଶ ମିଳୁଥିବା ପ୍ରକଳ୍ପଗୁଡିକରେ ସମସ୍ତ ଅନୁଦାନ ଖର୍ଚ୍ଚ କରୁଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର ଏହି ଅନୁଦାନକୁ ପ୍ରାୟତଃ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, କମ୍ୟୁନିଟି ସେଣ୍ଟର, ଗମନା ଗମନ ଓ ବିଦ୍ୟୁତୀକରଣରେ ଖର୍ଚ୍ଚ କରିବା ନିୟମ ରହିଛି । ହେଲେ ଦେଓଗାଁ ବ୍ଲକରେ ଜିଲା ପରିଷଦ ଅନୁଦାନ ଲୋକଙ୍କ କାମରେ ଆସୁ ନ ଥିବା ଅଭିଯୋଗ ହେଉଛି । ବିଦ୍ୟୁତୀକରଣ ଓ ଗମନାଗମନରେ ଅର୍ଥ ଖର୍ଚ୍ଚ କରୁଥିବା ବେଳେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିକାଶ କ୍ଷେତ୍ରରେ ଅନୁଦାନ ଦେଉ ନ ଥିବା ଦେଖିବାକୁ ମିଳୁଛି। ଏପରିକି ପୂର୍ବ ବର୍ଷରେ ଦେଇଥିବା ବିଭିନ୍ନ ପ୍ରସ୍ତାବିତ ପ୍ରକଳ୍ପର ଅନୁଦାନ ଗୁଡିକୁ କେବଳ ବିଦ୍ୟୁତୀକରଣ ପାଇଁ ପରିବର୍ତ୍ତନ କରି ଖର୍ଚ୍ଚ କରୁଥିବା ଜଣାପଡିଛି । ଜିଲାପାଳ ବିନିଯୋଗ ଓ ଆସିଥିବା ପ୍ରକଳ୍ପ ଗୁଡିକର ଅନୁଧ୍ୟାନ କରି ଅଞ୍ଚଳର ସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ବାଇକ ଧକ୍କାରେ ଗୁରୁତରଙ୍କ ମୃତ୍ୟୁ

ଲୋଇସିଂହା,୧୪।୧(ସୁଶାନ୍ତ ବାରିକ)

**ରେଡକ୍ରସ ସହାୟତା ପରେ ରାସ୍ତାରୋକୋ ସ୍ଥଗିତ**

ବଲାଙ୍ଗୀର ଜିଲା ଲୋଇସିଂହା ଚମାର୍‌ପଡ଼ାର ଅଭି ମେହେର(୫୦) ଗତ ୭ତାରିଖ ଏକ ବାଇକ ଧକ୍କାରେ ଗୁରୁତର ହୋଇ ବୁର୍ଲା ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କ ହସ୍ତାନ୍ତର କରାଯାଇଛି। ମୃତଦେହ ଗାଁରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତି ପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାତିରେ ଚମାରପଡା ଆଗରେ ୨୬ ନଂ ଜାତୀୟ ରାଜପଥ ଅବରୋଧ ପାଇଁ ପ୍ରସ୍ତୁତି କରିଥିଲେ। ଖବର ପାଇ ଆଇଆଇସି ଯଜ୍ଞସିନୀ ନାୟକ ସେଠାରେ ପହଞ୍ଚି ମୃତକଙ୍କ ପରିବାର ଓ ଉତ୍ତେଜିତ ଲୋକଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ରେଡକ୍ରସରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଦୁର୍ଘଟଣା ଘଟାଇ ଥିବା ବାଇକ ଜବତ ହୋଇଛି। ଅଭିଯୁକ୍ତ ଫେରାର ଥିବା କହିଥିଲେ ଥାନା ଅଧିକାରୀ। ବାରମ୍ବାର ଦୁର୍ଘଟଣା ଘଟୁଥିବା ସମ୍ପୃକ୍ତ ଅଞ୍ଚଳରେ ରୋଡ ଡିଭାଡର୍ ଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ସୂଚନା ଅନୁଯାୟୀ, ୨୬ ନଂଜାତୀୟ ରାଜପଥ କଡରେ ଅବସ୍ଥିତ ଲୋଇସିଂହା ଚମାର ପଡ଼ାର ଅଭିଙ୍କ ରାଜପଥ ରାସ୍ତା ପାର୍ଶରେ ଚପଲ ଓ ବାଇକ ସିଟ ସିଲେଇ ଦୋକାନ କରିଥିଲେ। ଗତ ରବିବାର ପୂର୍ବାହ୍ନରେ ଦୋକାନ ଆଗରେ ଅଭି ଛିଡ଼ା ହୋଇଥିଲେ। ଏହି ସମୟରେ ତାଙ୍କୁ ଏକ ବାଇକ ଧକ୍କା ଦେଇଥିଲା। ଅଭି ଓ ବାଇକ ଆରୋହୀ ଆହତ ହେଇଥିଲେ। ଉଭୟଙ୍କୁ ଉଦ୍ଧାର କରି ଲୋକେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅଭିଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ପରିବାର ଲୋକେ ଭାଙ୍ଗି ପଡିଛନ୍ତି।

## ଲେଖୁଛନ୍ତି ଦୁର୍ଲଭ ପାଣ୍ଡୁଲିପି, ହୋଇପାରୁନି ପ୍ରକାଶନ


ପାଣ୍ଡୁଲିପି ସହ କୃଷ୍ଣଚନ୍ଦ୍ର ବାଗ।

ଖପ୍ରାଖୋଲ,୧୪।୧(ଅଭୟ ତ୍ରିପାଠୀ)

- ସାହିତ୍ୟ ସାଧନାରେ କୃଷ୍ଣଚନ୍ଦ୍ର
- ପାଣ୍ଡୁଲିପି ପ୍ରକାଶନରେ ଅର୍ଥ ବାଧକ

ଲେଖୁଛନ୍ତି ଦୁର୍ଲଭ ପାଣ୍ଡୁଲିପି, ହେଲେ ଅର୍ଥାଭାବ ଯୋଗୁ ହୋଇପାରୁନି ପ୍ରକାଶନ। ଏଭଳି ପାଣ୍ଡୁଲିପି ଲେଖୁଥିବା ବ୍ୟକ୍ତି ହେଲେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତର ଗନ୍ଧମାର୍ଦ୍ଦନ ପାହାଡ ତଳି ଗାଁ ଡୁଡୁମଦର୍ହାର କୃଷ୍ଣଚନ୍ଦ୍ର ବାଗ (୫୦)। ଅଞ୍ଚଳରେ ସେ ହରିଶଙ୍କର ବାବା ନାମରେ ପରିଚିତ। ଚାଷ କରି ପରିବାର ପୋଷଣ କରନ୍ତି। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବା ସହ ସାହିତ୍ୟ ସାଧନାରେ ତାଙ୍କର ପ୍ରବଳ ରୁଚି ରହିଛି। ଗତ ୧୨ ବର୍ଷ ମଧ୍ୟରେ ଓଡ଼ିଆ ଓ ଛତିଶଗଡ଼ି ଭାଷାରେ ଲେଖିଛନ୍ତି ଅନେକ ଭଜନ, ଜଣାଣ, ଚଉପଦୀ, ୯ ଖଣ୍ଡ ହରିଶଙ୍କର ପୁରାଣ। ଓଡ଼ିଆ ଭାଷାରେ ଅତି ସୁନ୍ଦର ବୋଧଗମ୍ୟ ହେଲାଭଳି ପୁରାଣ ସେ ଲେଖିଛନ୍ତି। ରଚିତ ପୁରାଣରେ ଗନ୍ଧମାର୍ଦ୍ଦନ ପାହାଡ଼, ନୃସିଂହନାଥ, ହରିଶଙ୍କର ମନ୍ଦିର, ଗନ୍ଧମାର୍ଦ୍ଦନ ପାହାଡ଼ର ଥିବା ବିଭିନ୍ନ ପୌରାଣିକସ୍ଥଳୀ ଓ ଚରିତ୍ର ଉପରେ ସୁନ୍ଦର ଶବ୍ଦବିନ୍ୟାସ ହୋଇଛି। ଇଚ୍ଛା ଅଛି, ପାଣ୍ଡୁଲିପି ଆକାରରେ ଥିବା ଏହି ସବୁ ଲିଖନୀକୁ ପ୍ରକାଶନ କରିବାକୁ। ହେଲେ ଅର୍ଥାଭାବରୁ ପ୍ରକାଶ କରିପାରୁ ନ ଥିବା କହିଛନ୍ତି କୃଷ୍ଣଚନ୍ଦ୍ର। ହରିଶଙ୍କର ବାବାଙ୍କ ଆଶୀର୍ବାଦରୁ ଏସବୁ ଲେଖିବା ସମ୍ଭବ ହେଉଥିବା କହିଛନ୍ତି। ଏସବୁ ବ୍ୟତୀତ ଔଷଧୀୟ ଗୁଳ୍ମଲତା ଉପରେ ତାଙ୍କର ପାଣ୍ଡିତ୍ୟ ରହିଛି। ଯଦି କୌଣସି ପ୍ରକାଶନ ସଂସ୍ଥା ତାଙ୍କ ପାଣ୍ଡୁଲିପି ପ୍ରକାଶ ପାଇଁ ଆଗେଇ ଆସନ୍ତା ତେବେ ଦୁର୍ଲଭ ପାଣ୍ଡୁଲିପିଗୁଡ଼ିକର ପ୍ରଚାର ପ୍ରସାର ହୋଇପାରନ୍ତା।

## ସାନଖଲା ଶୁଲିଆ ଶକ୍ତିପୀଠ ମଣ୍ଡପ ଉଦ୍‌ଘାଟିତ


କୁମୁରିଆ ସାନଖଲା ଶୁଲିଆ ମଣ୍ଡପକୁ ବିଧାୟକ ନରସିଂହ ମିଶ୍ର ଉଦ୍‌ଘାଟନ କରୁଛନ୍ତି।

ଦେଓଗାଁ,୧୪।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡା ପଞ୍ଚାୟତ ଅନ୍ତର୍ଗତ କୁମୁରିଆ ସାନଖଲାରେ ନବନିର୍ମିତ ଶୁଲିଆ ଶକ୍ତିପୀଠ ମଣ୍ଡପ ଉଦ୍‌ଘାଟିତ ହୋଇଛି। ପୀଠର ମୁଖ୍ୟ ଦେହୁରୀ ହରିହର ଝାଙ୍କରଙ୍କ ନେତୃତ୍ୱରେ ମୁଖ୍ୟ ଅତିଥିଭାବେ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ମଣ୍ଡପର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଚଳିତ ମାସ ୧୬ ତାରିଖରେ ହେବାକୁ ଥିବା ପ୍ରସିଦ୍ଧ ଶୁଲିଆ ଯାତ୍ରାର ସୁପରିଚାଳନା ପାଇଁ କର୍ମକର୍ତ୍ତା ମାନଙ୍କ ସହ ଆଲୋଚନା କରିଥିଲେ । ଶୁଲିଆ ଯାତ୍ରାରେ ଟ୍ରାଫିକ ନିୟନ୍ତ୍ରଣ ଓ ପାନୀୟ ଜଳ ସମସ୍ୟା ଉପରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ କର୍ମକର୍ତ୍ତା । କାର୍ଯ୍ୟକ୍ରମରେ ଆଦିବାସୀ ନେତା ମୟ ପ୍ରଧାନୀ, ମାନଧାତା କୁଅଁର, ଲଳିତ କୁଅଁର, ତପନ କୁଅଁର, ହେମନ୍ତ କୁଅଁର, ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ, ପୂର୍ବତନ ବ୍ଲକ ଅଧକ୍ଷ କୈଳାସ ତାଣ୍ଡି, କମ୍ପ ସେଠ, ପ୍ରଫୁଲ୍ଲ ଦାଶ, ଅନନ୍ତ ଚୌହାନ, ମନବୋଧ ହରପାଲ, କଂସାବୀର ବାଗ, ଶଶୀଭୂଷଣ ଗଡତ୍ୟା ପ୍ରମୁଖ ଉପସ୍ଥିତ ଥିଲେ ।

## ଅଭିଭାବକ, ଶିକ୍ଷକ ବୈଠକ

ଖଡ଼ିଆଳ,୧୪।୧(ସୁଜିତ୍ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ୪ର୍ଥ ଅଭିଭାବକ–ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟି ବୈଠକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଗୌରାଙ୍ଗ କୁମାର ସାହୁ ପିଲାଙ୍କ ମାନସିକ ଚାପ ଓ ଏହାର ଦୂରୀକରଣ, କ୍ୟାରିୟର ମାର୍ଗଦର୍ଶନ ଉପରେ ପିତାମାତାଙ୍କ ନିମନ୍ତେ ଉପାଦେୟ ତଥ୍ୟ, ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ ୨୦୧୨ ସମ୍ବନ୍ଧୀୟ ସଚେତନତା, ବିଦ୍ୟାଳୟ ସୁରକ୍ଷା ନିୟମାବଳୀ, ବାର୍ଷିକ ପରୀକ୍ଷା ପାଇଁ ପ୍ରସ୍ତୁତିରେ ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟ ଶିକ୍ଷକ ରତନ ସିଂ ବାରିକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ଅତିଥି ଶିକ୍ଷକ ଅକ୍ଷୟ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା, ଶ୍ୟାମ ନାରାୟଣ ମୁଣ୍ଡ, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଅଭିଭାବକମାନଙ୍କ ଠାରୁ ବିଦ୍ୟାଳୟ ଶିକ୍ଷାର ସର୍ବାଙ୍ଗୀନ ଉନ୍ନତିନିମନ୍ତେ ଗଠନ ମୂଳକ ପ୍ରସ୍ତାବମାନ ପ୍ରଧାନ ଶିକ୍ଷକ ସାହୁ ଗ୍ରହଣ କରିଥିଲେ। ଏଥିରେ ୨୧୩ଜଣ ଅଭିଭାବକ ଅଭିଭାବିକା ଉପସ୍ଥିତ ଥିଲେ।

## କୁଶମେଲରେ ସାଂସ୍କୃତିକ ଦିବସ ପାଳିତ

ଲୋଇସିଂହା,୧୪।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମେଲ ଗ୍ରାମରେ ସାଂସ୍କୃତିକ ଦିବସ ରବିବାର ପାଳିତ ହୋଇଯାଇଛି। ଜାତୀୟ ଯୁବ ସପ୍ତାହ ଉପଲକ୍ଷେ ବଲାଙ୍ଗୀର ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟ ଓ ମା’ କୁଶଙ୍ଗାଇ ଦେବୀ ସାଂସ୍କୃତିକ କଳା ପରିଷଦ ସହାୟତାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମହେନ୍ଦ୍ର ସିଂ ନୀନା ଅଧକ୍ଷତା କରିଥିଲେ। ଏଥିରେ ରବୀନ୍ଦ୍ର ସିଂ ମୁଖ୍ୟଅତିଥି, ବରିଷ୍ଠ କଳାକାର କାଶୀନାଥ ସିଂ, ଈଶ୍ୱରଚନ୍ଦ୍ର ସିଂ, ରାଜକିଶୋର ସେଠ, ନାରାୟଣ ବାରିକ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ପ୍ରିତିମୟୀ ସିଂ ନୀନା, ରାକ୍ଷୀ ପଧାନ, ଶିବାନୀ ସେଠ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ପୁରସ୍କୃତ ହୋଇଛନ୍ତି। ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦିଆଯାଇଛି। ଲମ୍ବୋଦର ସାହୁ ଧାନ୍ୟବାଦ ଅର୍ପଣ କରିଥିଲେ।


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

# ଶୁଲିଆ ମହୋତ୍ସବ ଉଦ୍‌ଘାଟିତ

ଦେଓଗାଁ,୧୪।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡା ପଞ୍ଚାୟତ ଅନ୍ତର୍ଗତ ଖଇରଗୁରା ନିକଟ ଶୁଲିଆ ପାହାଡ ପାଦଦେଶରେ ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ତୃତୀୟ ଶୁଲିଆ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ମୟ ପ୍ରଧାନୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଅଧାପକ କୌତୁକ ପନ୍ଦର, ସମ୍ମାନୀତ ଅତିଥିଭାବେ ଜିଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ମିଶ୍ର, ଉତ୍କଳ କନ୍ଧ ସମାଜ ରାଜ୍ୟ ସଭାପତି ଚିନ୍ତାମଣୀ ଭୋଇ, ବ୍ଲକ ଉପାଧକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ, ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ଗୁଡୁଖାପଲା ସରପଞ୍ଚ ଜୀବନୀ ଦାଶ ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାରେ ଖଇରଗୁରା ଓ କୁମୁରିଆ ମୁଖ୍ୟ ଶୁଲିଆପୀଠରୁ ମଶାଲ ଶୋଭାଯାତ୍ରାରେ ଆଣି ମହୋତ୍ସବ ମଞ୍ଚରେ ସ୍ଥାପନ କରି ମହୋତ୍ସବକୁ ଉଦ୍‌ଘାଟନ କରାଯାଇଥିଲା। ଦୀର୍ଘ ତିନିବର୍ଷ ଧରି ଆଦିବାସୀ ପରମ୍ପରାକୁ ଲୋକାଭିମୁଖୀ କରିବାପାଇଁ ଉଦ୍ୟୋକ୍ତାମାନେ ମହୋତ୍ସବକୁ ଏକ ମାଧ୍ୟମ କରି ସାମାଜିକ ବିକାଶର ପରିବର୍ତ୍ତନର ବାହକ ସାଜିଛନ୍ତି ବୋଲି ଅତିଥିମାନେ ମତ ରଖିଥିଲେ । ପରେ ଅନୀଲ କୁମାର ନାଏକ ଓ ସାଥିଙ୍କ ଦ୍ୱାରା ରାବଣ ଦରବାର ଅନୁଷ୍ଠିତ ହୋଇଥିଲା। ପରେ କେନ୍ଦ୍ରାପଡାର ନୃତ୍ୟପ୍ରିୟା ଡ୍ୟାନ୍ସ ଏକାଡେମୀ ଓ ବଲାଙ୍ଗୀର ଘୁଙ୍ଗୁରୁ କଳାପରିଷଦ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁଲିଆ ଯାତ୍ରା ଓ ମହୋତ୍ସବରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବଲାଙ୍ଗୀର ଏସ୍‌ଡିପିଓ ତୋଫାନ ବାଗଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମକୁ ଉପସଭାପତି ପ୍ରଫୁଲ୍ଲ ଦାଶ, ଅନନ୍ତ ଚୌହାନ, ସମ୍ପାଦକ ପ୍ରଭାତ କୁମାର ପାତ୍ର, ସହସମ୍ପାଦକ ରାଜେନ୍ଦ୍ର ପାଣି, ଝସକେତନ କାଲସାଏ, କୋଷାଧକ୍ଷ ସୂର୍ଯ୍ୟକାନ୍ତ ରଣା, ମନବୋଧ ହରପାଲ, ହିମାଂଶୁ ଗଡତ୍ୟା, ମଙ୍ଗଳୁ ପାଣି, ଚକ୍ରଧର ମଲ୍ଲିକ, ପରମେଶ୍ୱର ରାଉତ, ଶ୍ରୀପତି ପଧାନ, ଲୋକନାଥ ନନ୍ଦ ଓ ଶୁଲିଆ ମହୋତ୍ସବ କମିଟି କର୍ମକର୍ତ୍ତା ସହଯୋଗ କରୁଛନ୍ତି।


ବଲାଙ୍ଗୀର ଘୁଙ୍ଗୁର କଳା ପରିଷଦ କଳାକାରଙ୍କ ପାରମ୍ପରିକ ନୃତ୍ୟ ପରିବେଷଣ।

## ସଂକ୍ଷେପରେ

### ରାଜ୍ୟରେ ବ୍ରାହ୍ମଣ ଉନ୍ନୟନ ବୋର୍ଡ ଗଠନ ଦାବି

**ବରପାଲି,୧୪।୧(ଚିତ୍ତରଞ୍ଜନ ସାହୁ)**

ବରପାଲି ଯୋଗୀ ମୁଣ୍ଡା ଶିବ ମନ୍ଦିରଠାରେ ଜିଲା ସ୍ତରୀୟ ବ୍ରାହ୍ମଣ ମହାସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ବ୍ରାହ୍ମଣ ଉନ୍ନୟନ ବୋର୍ଡ ଗଠନ କରାଯାଉ ବୋଲି ଏହି ମହାସଭାରେ ଦାବି ହୋଇଥିଲା। ସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହାସଭାରେ ଅଖିଳ ଓଡ଼ିଶା ବ୍ରାହ୍ମଣ ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରେମାନନ୍ଦ ଦାଶ, ବରଗଡ଼ ଜିଲା ସଭାପତି ଗୋପବନ୍ଧୁ ଦାଶ, କୀର୍ତ୍ତି ଚନ୍ଦ୍ର ପଣ୍ଡା, ବରପାଲି ଶାଖା ସଭାପତି ପିନାକୀ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ରାହ୍ମଣ ଏକତା ସଂଗଠନକୁ କିପରି ଦୃଢ଼ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଜିଲାର ୧୦ଟି ବ୍ଲକରୁ ପ୍ରାୟ ୮ଶହ ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ଡ.ସରୋଜ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମେଘନାଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଲ କିଶୋର ଖାଡଙ୍ଗା ସଭା ସଂଯୋଜନା କରିଥିବା ବେଳେ ସଦାନନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ମହର୍ଷି ଦୟାନନ୍ଦ ସରସ୍ୱତୀ ଗୁରୁକୁଳ ଯୋଗାଶ୍ରମରେ ବିଶ୍ୱଶାନ୍ତି ମହାଯଜ୍ଞ

**ପାଇକମାଲ,୧୪।୧(ବଡ଼ଶତପଥି)**

ବରଗଡ଼ ଜିଲା ପାଇକମାଲ ମହର୍ଷି ଦୟାନନ୍ଦ ସରସ୍ୱତୀ ଗୁରୁକୁଳ ଯୋଗାଶ୍ରମ ପରିସରରେ ମହର୍ଷି ଦୟାନନ୍ଦଙ୍କ ୨୦୦ବର୍ଷ ପୂର୍ତ୍ତି ଅବସରରେ ରବିବାର ୨୦୧କୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗୁରୁକୁଳ ପରିସରରେ ମୁଖ୍ୟ ଯଜ୍ଞକୁଣ୍ଡ ସହ ଆହୁରି ୨୦୦ଟି ଯଜ୍ଞକୁଣ୍ଡ ନିର୍ମାଣ କରାଯାଇଥିଲା। ଏଥିରେ ୨୦୧ଯୋଡି ସ୍ୱାମୀସ୍ତ୍ରୀ ଯଜ୍ଞ କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟକର୍ତ୍ତା ଭାବେ ରଜତ ହାଥୀ, ବିଯୁଟି ହାଥୀ ଓ ବଡ ଶତପଥି, ରୁକ୍ମିଣୀ ଶତପଥି ମୁଖ୍ୟ କୁଣ୍ଡରେ ଯଜମାନ ଭାବେ ପୂଜା କରିଥିଲେ। ସ୍ୱାମୀ ସୁରେଶ୍ୱରାନନ୍ଦ ସରସ୍ୱତୀ ମନ୍ତ୍ରପାଠ କରି ଯଜ୍ଞ ପୂର୍ଣ୍ଣାହୁତି କରିଥିଲେ। ଏନେଇ ଅନୁଷ୍ଠିତ ସଭାରେ ଅଭିଷେକ ଶାସ୍ତ୍ରୀ ସଭାପତିତ୍ୱ କରିଥିବାବେଳେ, ରାମ ମିଶ୍ର, (ମୁମ୍ବାଇ), ଗୋପାଳ ସୌରୀ ଜି (ଇଂଲଣ୍ଡ) ପ୍ରକାଶ ବଲେଶ୍ୱର (ଇଂଲଣ୍ଡ ), ନରେନ୍ଦ୍ର ଯଜୁର୍ବେଦୀ, ବିଦ୍ୟା ଶତପଥି (ରାଇପୁର) ସୁରେଶ ମୁନି, ସଚେତନ ମୁନି, ନରଦେବ ଯଜୁର୍ବେଦୀ, ସମ୍ମାନିତ ଅତିଥିଭାବେ ଯୋଗଦେଇ ବର୍ତ୍ତମାନ ଯୁଗରେ କିପରି ସମାଜରେ ଭଲ ମଣିଷ ହେବ ସେ ନେଇ ବିଷଦ ଭାବରେ ଦିଗଦର୍ଶନ ଦେଇଥିଲେ। ସଭାର ଉଦ୍ଦେଶ୍ୟ ଜ୍ଞାପନ ସହ ଅତିଥି ପରିଚୟ ପ୍ରଦାନ ସାରଦା ବିଦ୍ୟାଲଙ୍କର କରିଥିଲେ। ଘୁଚାପାଲି କନ୍ୟା ଗୁରୁକୁଳର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରା ଯାଇଥିଲା। ଶେଷରେ ଅନନ୍ତ ଶାସ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଉପସ୍ଥିତ ଥିବା ସମସ୍ତ ଯଜ୍ଞପ୍ରେମୀଙ୍କୁ ଅନ୍ନଭୋଗ ପ୍ରସାଦ ବଣ୍ଟନ କରାଯାଇ ଥିଲା। ଏହି ଯଜ୍ଞରେ ହଜାର ହଜାର ଜନସାଧାରଣ ଯୋଗ ଦେଇଥିଲେ।

# ଧନୁଯାତ୍ରା ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା


ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ଚାଲିଥିବା ଧନୁଯାତ୍ରା ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା।

**ବରଗଡ଼,୧୪।୧(ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ସୋମବାରରୁ ଆରମ୍ଭ ହେବ। ଏଥିପାଇଁ ଧନୁଯାତ୍ରା ପ୍ରଚାର ପ୍ରସାର କମିଟି ପକ୍ଷରୁ ରବିବାର ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ଧନୁଯାତ୍ରା ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ସମାଜସେବୀ ବୀଣାପାଣି ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସେହିପରି ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ, ବିଡିସିଆନ ମିନତୀ ସାହୁ, ମହାବିଦ୍ୟାଳୟର ଅଧ୍ୟକ୍ଷ ଦଧିବାମନ ଦାଶ, ଚିତ୍ରଶିଳ୍ପୀ କୁଶ ଭୂୟାଁ, ପ୍ରଚାର ପ୍ରସାର କମିଟିର ସହଆବାହକ ରବି ନାରାୟଣ ପଣ୍ଡା, ପ୍ରତିଯୋଗିତାର ଆବାହକ ସଞ୍ଜୀବ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସବଜୁନିୟର, ଜୁନିୟର ଏବଂ ସିନିୟର ବର୍ଗରେ ପ୍ରତିଯୋଗିତା ହୋଇଥିବାବେଳେ ପ୍ରଚାର ପ୍ରସାର କମିଟିର କର୍ମକର୍ତ୍ତା, ସଭ୍ୟବୃନ୍ଦ ଏହାକୁ ପରିଚାଳନା କରିଥିଲେ ।

# ଅତାବିରା ଗ୍ରାମ୍ୟ ନ୍ୟାୟାଳୟର ଶିଳାନ୍ୟାସ

**ସରଣ୍ଡା,୧୪।୧(ଯୁଧିଷ୍ଠିର ମହାପାତ୍ର)**



ମୁଖ୍ୟ ବିଚାରପତିଙ୍କ ଦ୍ୱାରା ଅତାବିରା ଗ୍ରାମ୍ୟ ନ୍ୟାୟାଳୟ କୋର୍ଟର ଶିଳାନ୍ୟାସ।

ଅତାବିରା ଗ୍ରାମ୍ୟ କୋର୍ଟର ଶିଳାନ୍ୟାସ କରିଛନ୍ତି ହାଇକୋର୍ଟର ମୁଖ୍ୟ ବିଚାରପତି ଡ.ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଏବଂ ବିଚାରପତି ଚିତ୍ତରଞ୍ଜନ ଦାଶ। ନିର୍ମାଣ ସ୍ଥଳରେ ପହଞ୍ଚିବା ପରେ ମୁଖ୍ୟ ବିଚାରପତି ଏବଂ ବିଚାରପତିଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟଦେଇ ସମ୍ମାନିତ କରାଯାଇଥିଲା। ପରେ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ପୂଜାର୍ଚ୍ଚନା ପରେ ଫଳକ ଉନ୍ମୋଚନ କରାଯାଇଥିଲା। ପଣ୍ଡିତ ଜୟକୁମାର ଦାଶ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଜିଲାପାଳ ମନୀଷା ବାନାର୍ଜୀ, ଆରକ୍ଷୀ ଅଧିକ୍ଷକ ମୀନା ସାହାଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଟି.କେ.ମହାନ୍ତି, ଅତାବିରା ତହସିଲଦାର ରାଜ କିଶୋର ସାହୁ,ଜିଲାର ଉଚ୍ଚ ପଦସ୍ଥ କର୍ମଚାରୀ, ବରଗଡ କୋର୍ଟର କର୍ମଚାରୀ, ଅତାବିରା ଓକିଲ ସଂଘ ସଭାପତି ଦୁର୍ଯ୍ୟୋଧନ ଛତରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସ୍ଥାନ ଅଭାବରୁ ବହୁ ଦିନରୁ କୋର୍ଟ ଗୃହ ନିର୍ମାଣ ହୋଇପାରି ନ ଥିବାରୁ ଲୋକଙ୍କ ମଧ୍ୟରେ ଆଶଙ୍କା ରହିଥିଲା। ଅତାବିରା ତହସିଲଦାର ଏଥିପାଇଁ ୩ଏକର ଜମି ଦେଇଥିବାରୁ ଏଥିରେ କୋର୍ଟ ନିର୍ମାଣ ହେବାକୁ ଯାଉଛି। ସୂଚନା ଯୋଗ୍ୟଯେ, ଅତାବିରା ଗ୍ରାମ୍ୟ ନ୍ୟାୟାଳୟ ୨୦୦୬ରେ ବରଗଡ଼ ମୁଖ୍ୟାଳୟରେ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଅତାବିରା ଡାକବଙ୍ଗଳାରେ ଅସ୍ଥାୟୀ ଭାବେ ଚାଲୁଛି।

# ଶ୍ରେଷ୍ଠଦଳ ବୀରମହାରାଜପୁର

## ସୁବଳ ସାହୁ ସ୍ମୃତି ଫୁଟ୍‌ବଲ

**ବରପାଲି,୧୪।୧(ଚିତ୍ତରଞ୍ଜନ ସାହୁ)**

ବରପାଲି ଆଥେଲେଟିକ୍ ଆସୋସିଏଶନ ପକ୍ଷରୁ ଆୟୋଜିତ ସୁବଳସାହୁ ସ୍ମୃତି ଫୁଟ୍‌ବଲ ପ୍ରତିଯୋଗିତାର ଫାଇନାଲରେ ଶ୍ରେଷ୍ଠଦଳଭାବେ ବିର ମହାରାଜପୁର ବିବେଚିତ ହୋଇଛି। ଦ୍ୱିତୀୟ ଦଳଭାବେ ବିହାର ବସ୍ତର ଦଳ ପୁରସ୍କୃତ ହୋଇଥିଲା। କମିଟି ଅଧ୍ୟକ୍ଷ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରିତା ସାହୁଙ୍କ ତତ୍ତ୍ୱାଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ରବିବାର ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଦିବସରେ ବିରମହାରାଜପୁର ଓ ବିହାର ବସ୍ତର ମଧ୍ୟରେ ଖେଳ ହୋଇଥିଲା। ବିଏମପୁର ୪ ଗୋଲରେ ଅଗ୍ରଣୀ ହେବା ସହ ଶ୍ରେଷ୍ଠଦଳର ଆଖ୍ୟା ହାସଲ କରିଥିଲା। କାର୍ତ୍ତିକ ଦାଶ, ଦେବାଶିଷ ବାଗ, ଶୁଭମ ପାତ୍ର, ଅଜୟ ପଧାନ ଏବଂ ମନୋଜ କୁମାର ସାହୁ ଖେଳ ପରିଚାଳନା କରିଥିଲେ। ଅତିଥିଭାବେ ପୂର୍ବତନ ଜାତୀୟ ହକି ଅଧିନାୟକ ଦିଲ୍ଲୀପ ତିର୍କୀ,ଏସଆର୍ ପରିଜା, ଡିଏସଓ ତୁଷାରକାନ୍ତ ମିଶ୍ର,ଏନଏସି ଅଧ୍ୟକ୍ଷ ଦିନେଶ ଗହିର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ଫୁଟ୍‌ବଲ ଖେଳାଳି ଅଥିନ୍ଦ୍ରନାଥ ସେନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସେହିପରି ଖେଳ ପଡିଆରେ ନବନିର୍ମିତ ଦ୍ୱିତୀୟ ଦର୍ଶକ ଗ୍ୟାଲେରି ଅତିଥିଙ୍କ ଗହଣରେ ଉଦ୍‌ଘାଟିତ ହୋଇଥିଲା। ଏହି ପରିପେକ୍ଷୀରେ ମାନସ ଏକାଡେମୀ ପକ୍ଷରୁ କୁନିକୁନି କଳାକାରଙ୍କୁ ନେଇ ଭିନ୍ନଭିନ୍ନ ଶୈଳିର ନୃତ୍ୟ ପରିବେଷଣ ହୋଇଥିଲା। ସାଙ୍ଗଠନିକ ସମ୍ପାଦକ ସୌରଭ ସାହୁଙ୍କ ସଭାପତିତ୍ୱରେ ପରିଚାଳିତ ସଭାକାର୍ଯ୍ୟରେ ଆଥେଲେଟିକ ଆସୋସିଏଶନ ସଭାପତି ଉପଗୁପ୍ତ ତ୍ରିପାଠୀ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ଅଶୋକ କୁମାର ପଣ୍ଡା ଓ ମଧୁ ମଙ୍ଗଳ ମିଶ୍ରଙ୍କ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା।


ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି ଓ ଅନ୍ୟମାନେ।

### ସମ୍ଭାଗସ୍ତରୀୟ ଖେଳକୁଦ ସମାରୋହ ଉଦ୍‌ଯାପିତ

**ପଦ୍ମପୁର,୧୪।୧ (ପ୍ରଦୀପ୍ତ ଦାଶ)**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ଧୂମାଭଟା ପଡ଼ିଆରେ ସମ୍ଭାଗସ୍ତରୀୟ ଖେଳକୁଦ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ପ୍ରିତେଶ କୁମାର ବହିଦାର ଯୋଗଦେଇଥିଲେ। ସହପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶିବାନନ୍ଦ ଦାଶ ସମ୍ଭାଗ ଶାରୀରିକ ପ୍ରମୁଖ ବୃତ୍ତ କଥନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସହ ଜିଲା ପ୍ରମୁଖ ମନୋଜ କୁମାର ପଣ୍ଡା, ପଶ୍ଚିମ ସମ୍ଭାଗ କୋଷାଧ୍ୟକ୍ଷ ଶିବ ପ୍ରସାଦ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତିରଞ୍ଜନ ମିଶ୍ର, ଆଶିଷ କମାର ରଥ, ସୁଶାନ୍ତ କୁମାର ପାଣିଗ୍ରାହୀ, ଲୋକନାଥ ମିଶ୍ର, ଦ୍ୱାଦଶ କୁମାର ପଧାନ, ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନ ପ୍ରମୁଖ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭାପତି ପୃଥିରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ୫ଟି ଜିଲାରୁ ୨୯୮ ଭଉଣୀଭାଇ ଖେଳକୁଦରେ ଭାଗନେଇ ଥିଲେ। ଏଥିରେ ୩୦ ଜଣ କ୍ରୀଡ଼ା ପରିଚାଳକ ସହଯୋଗ କରିଥିଲେ। ପ୍ରାନ୍ତ ଶାରୀରିକ ପ୍ରମୁଖ ଦିଲୀପ ସାଥୁଆ ଓ ସମ୍ଭାଗ ଶାରୀରିକ ପ୍ରମୁଖ ଶିବାନନ୍ଦ ଦାଶ କ୍ରୀଡ଼ା ପରିଚାଳନା କରିଥିଲେ।

### ପଦ୍ମପୁରକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ପ୍ରଦାନରେ ସରକାର ଠକିଚାଲିଛନ୍ତି: ଡକ୍ଟର ହମିଦ ହୁସେନ

**ପଦ୍ମପୁର,୧୪।୧(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲାର ମରୁଡ଼ି ପ୍ରପିଡ଼ିତ ପଦ୍ମପୁର ଉପଖଣ୍ଡକୁ ସ୍ୱତନ୍ତ୍ର ଜିଲା ଘୋଷଣା ପାଇଁ ଗତ ଉପନିର୍ବାଚନରେ ଖୋଦ୍ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସେ ପ୍ରତିଶ୍ରୁତି ପାଳନ ନ କରି ପଦ୍ମପୁରବାସୀଙ୍କୁ ପ୍ରତାରଣା କରିଛନ୍ତି ବୋଲି କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ଡକ୍ଟର ହମିଦ ହୁସେନ ପଦ୍ମପୁରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ମୁଖ୍ୟମନ୍ତ୍ରୀ କୌଣସି ପଦକ୍ଷେପ ଗ୍ରହଣ ନ କରି ଅଞ୍ଚଳବାସୀଙ୍କୁ ପ୍ରତାରଣା କରିଛନ୍ତି ବୋଲି ସେ କହିଥିଲେ। ତେଣୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ନିଜ ପ୍ରତିଶ୍ରୁତି ପାଳନ କରି ପଦ୍ମପୁରକୁ ଏକ ସ୍ୱତନ୍ତ୍ର ଜିଲା ମାନ୍ୟତା ପ୍ରଦାନ କରିବା ପାଇଁ ଦାବି କରିଥିଲେ।

# ଛାତ୍ରୀଙ୍କୁ ପରିଭ୍ରମଣ ଶିକ୍ଷା ପ୍ରଦାନ


ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ଛାତ୍ରୀ।

**ପାଇକମାଲ,୧୪।୧(ବଡ ଶତପଥି)**

ବରଗଡ ଜିଲା ପାଇକମାଲ ଯମୁନା କାନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ପ୍ରୟାସରେ ଏବଂ ପ୍ରଧାନ ଶିକ୍ଷକଙ୍କ ନେତୃତ୍ୱରେ ରବିବାର ବିଦ୍ୟାଳୟର ୯୭ ଜଣ ଛାତ୍ରୀଙ୍କ ସହିତ ମୋଟ ୧୧୫ ଜଣ ବସରେ ବିଭିନ୍ନ ଐତିହାସିକ ସ୍ଥଳୀ ପରିଭ୍ରମଣ କରିଥିଲେ। ଏଥିସହ ଛାତ୍ରୀଙ୍କୁ ପରିଭ୍ରମଣ ଶିକ୍ଷା ପ୍ରଦାନ କରିଥିଲେ। ସ୍ୱାଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମସ୍ଥଳୀ ବରଗଡ ଜିଲା ବରପାଲି ଗ୍ରାମର ବାସସ୍ଥଳୀ ଓଡ଼ିଆ ଶିକ୍ଷୟିତ୍ରୀ ଅନିମା ରାଉତ ପରିଦର୍ଶନ କରାଇଥିଲେ। ସୋନପୁର ଜିଲା ତ୍ରିବେଣୀ ଘାଟ ଯାହାକି ମହାନଦୀ, ତେଲ ନଦୀ, ଜିରା ନଦୀର ମିଳନ ସ୍ଥଳ, ପାପକ୍ଷୟ, ମେଟାକାନୀ ମନ୍ଦିର, ପାତାଳି ଶ୍ରୀକ୍ଷେତ୍ର, ସୁବର୍ଣ୍ଣପୁର ମନ୍ଦିର, ରାମେଶ୍ୱର ମନ୍ଦିର, ସୁରେଶ୍ୱରୀ ମନ୍ଦିର, ଶିକ୍ଷକ ମନୋଜ ସାହୁ ଏବଂ ସେବକ ସେଠ, ସଙ୍ଗୀତା ସାହୁ ପ୍ରମୁଖ ପିଲାଙ୍କୁ ଏହି କ୍ଷେତ୍ରମାନଙ୍କ ଐତିହ୍ୟ ବୁଝାଇ ଥିଲେ। ସନ୍ଥ କବି ଭୀମଭୋଇଙ୍କ ସମାଧି ପିଠ, ଖଲିଆପାଲିକୁଯାଇ ଶିକ୍ଷୟିତ୍ରୀ ଉଷା ଦାସ, ନମିତା ସାହୁ, ରଞ୍ଜିତା ସାହା, ସତ୍ୟଭୂଷଣ ସାହୁ ପରିଦର୍ଶନ କରାଇଥିଲେ। ପରିଚାଳନା କମିଟି ସଦସ୍ୟ ଯୋଗେନ୍ଦ୍ର ଭୋଇ ଏବଂ ଅଭିଭାବିକା ଅଞ୍ଜଳି ସେଠ ଶିକ୍ଷାଦାନ କାର୍ଯ୍ୟକୁ ସରସ, ସୁନ୍ଦର କରିବା ପାଇଁ ପ୍ରୟାସ କରିଥିଲେ ।

# ସିଭିଲ କୋର୍ଟର ଶିଳାନ୍ୟାସ କଲେ ହାଇକୋର୍ଟ ମୁଖ୍ୟ ବିଚାରପତି


ସିଭିଲ କୋର୍ଟ ଶିଳାନ୍ୟାସ ଅବସରରେ ଉପସ୍ଥିତ ମୁଖ୍ୟ ବିଚାରପତି,ବିଚାରପତି ଓ ଅନ୍ୟମାନେ।

**ବରପାଲି,୧୪।୧( ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲିରେ ସିଭିଲ କୋର୍ଟ ଗୃହ ନିର୍ମାଣ ପାଇଁ ଓଡିଶା ହାଇକୋର୍ଟର କାର୍ଯ୍ୟ ନିର୍ବାହୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ବିଚାରପତି ଚିତ୍ତରଞ୍ଜନ ଦାଶ ରବିବାର ଶିଳାନ୍ୟାସ କରିଛନ୍ତି। ଏହି ଶିଳାନ୍ୟାସ ଉତ୍ସବରେ ଜିଲାପାଳ ମୋନିଶା ବାନାର୍ଜୀ, ପୋଲିସ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନା, ଜିଲା ଦୌରା ଜଜ୍ ଲୁନା ମହାନ୍ତିଙ୍କ ସମେତ ଜିଲାର ସମସ୍ତ ବିଚାରପତି, ବରପାଲି ଓକିଲ ସଂଘ ସଭାପତି ଆନନ୍ଦ ଚନ୍ଦ୍ର ସାହୁ, ଉପ ସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ଈଶ୍ୱର ନାଗ, ବରିଷ୍ଠ ଓକିଲ ତାରାପଦ ତ୍ରିପାଠୀ, ବିକ୍ରମ ସିଂହ, ଅଚ୍ୟୁତାନନ୍ଦ ଦାଶ,ରବିନ୍ଦ୍ର କୁମାର ପଣ୍ଡା, ହିମାଂଶୁ ଶେଖର ସାହୁ, ଗୋକୁଳାନନ୍ଦ ସ୍ୱାଇଁ ପ୍ରମୁଖ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ଉଦ୍‌ଘାଟନ ହୋଇପାରିଲାନି କୋର୍ଟ



କୋର୍ଟ ଉଦ୍‌ଘାଟନ ପାଇଁ ସୁସଜ୍ଜିତ ତୋରଣ ।

**ବରଗଡ଼,୧୪।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବିଜେପୁରରେ ସୋମବାର ଦେୱାନୀ ଓ ଫୌଜଦାରୀ ଅଦାଲତ ସୋମବାର ଉଦ୍‌ଘାଟନ କାର୍ଯ୍ୟକ୍ରମ ଥିଲା। ସେହିପରି ଏହି କୋର୍ଟର ସ୍ଥାୟୀ କାର୍ଯ୍ୟାଳୟ ପାଇଁ ନିରୂପିତ ସ୍ଥାନର ଶିଳାନ୍ୟାସ କାର୍ଯ୍ୟକ୍ରମ ରହିଥିଲା। ଏଥିପାଇଁ ତୋରଣ, ଫୁଲ ସାଜସଜ୍ଜା ଏବଂ ଅତିଥିଙ୍କ ପାଇଁ ମଞ୍ଚ ଆଦିର ବ୍ୟବସ୍ଥା ହୋଇଥିଲା। ମାତ୍ର ଶେଷ ମୁହୂର୍ତ୍ତରେ କୋର୍ଟ ଉଦ୍‌ଘାଟନ କିମ୍ବା ସ୍ଥାୟୀ କାର୍ଯ୍ୟାଳୟର ଶିଳାନ୍ୟାସ ହୋଇପାରି ନ ଥିବା ଯୋଗୁ ଅଞ୍ଚଳବାସୀଙ୍କୁ ନିରାଶ ହେବାକୁ ପଡ଼ିଛି। ଏଭଳି ଏକ ବିଚାର ବିଭାଗୀୟ ବ୍ୟବସ୍ଥା ଉପରେ ରାଜନୈତିକ ହସ୍ତକ୍ଷେପ ଯୋଗୁ ସେଭଳି ପରିସ୍ଥିତି ଉପୁଜିଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଚାରପତି ଏବଂ ବିଚାର ବିଭାଗୀୟ କର୍ମଚାରୀ ମଞ୍ଚାସୀନ ହେବାର କାର୍ଯ୍ୟକ୍ରମ ଥିବାବେଳେ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକମାନେ ସେମାନଙ୍କ ଜନପ୍ରତିନିଧିଙ୍କୁ ମଞ୍ଚାସୀନ କରିବାକୁ ଅଡ଼ି ବସିଥିଲେ ଏବଂ ସେଥିପାଇଁ ଏହା ବିବାଦୀୟ ହୋଇପଡ଼ି ଶେଷରେ ଉଦଘାଟନ କିମ୍ବା ଶିଳାନ୍ୟାସ କାର୍ଯ୍ୟକ୍ରମ ହୋଇପାରି ନ ଥିବା ସାଧାରଣରେ ଆଲୋଚିତ ହେଉଛି।

# ସେମିଫାଇନାଲରେ ରାଉରକେଲା

**ପଦ୍ମପୁର,୧୪।୧(ପ୍ରଦୀପ୍ତ ଦାଶ )**

ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର ଖେଳପଡିଆଠାରେ ଚାଲିଥିବା ୨୮ତମ ସର୍ବଭାରତୀୟ ବୋରାସମ୍ବର କ୍ରିକେଟ କପର ରବିବାର ଦ୍ୱିତୀୟ ଦିବସରେ ସେଲ ରାଞ୍ଚି ଓ ଆର୍‌ଉଆଇସିସି ରାଉରକେଲା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ରାଞ୍ଚି ଦଳ ଟସ୍ ଜିଣି ରାଉରକେଲା ଦଳକୁ ବେଟିଂ କରିବାର ସୁଯୋଗ ଦେଇଥିଲା। ରାଉରକେଲା ଦଳ ୨୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୮୨ ରନ୍ ସଂଗ୍ରହ କରିଥିଲା। ରାଉରକେଲା ଦଳ ତରଫରୁ ଅଶୋକ ବାରିକ ୩୫ ରନ ଓ ସତୀଶ ମିଞ୍ଜ ୩୭ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷରେ ରାଞ୍ଚି ଦଳ ସମସ୍ତ ଉଇକେଟ ହରାଇ ମାତ୍ର ୧୦୨ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ରାଞ୍ଚିକୁ ହରାଇ ରାଉରକେଲା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ରାଉରକେଲା ଦଳର ଆଶିଷ ମିତ୍ର ୪ଟି ଉଇକେଟ ନେଇ ଖେଳକୁ ଆକର୍ଷିତ କରିପାରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ପଦ୍ମପୁର ଆଦର୍ଶ ଥାନା ଅଧିକାରୀ ମମତା ନାୟକ ଯୋଗଦେଇ ଆଶିଷଙ୍କୁ ମେନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚକୁ ଆମ୍ପାୟର ଚୂଡ଼ାମଣି ପାଢ଼ୀ ଓ ଅନୀଲ ଦାଶ ପରିଚାଳନା କରିଥିବାବେଳେ ସ୍କୋରର ଅମରେଶ ବେହେରା, ରିଙ୍କୁ ବରିହା ଓ ଦିବ୍ୟ ପଣ୍ଡା, ରୋହିଣୀ ପାଣ୍ଡେ, ଏସ ଜୟକିସନ, କୁମାର ଆନନ୍ଦ ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ। ସୋମବାର ୟୁନିୟନ ସ୍କୋଟିଂ କଟକ ଓ ଏମ୍‌ଏମ୍‌ସିସି ସମ୍ବଲପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## ବୋରାସମ୍ବର କ୍ରିକେଟ କପ୍ ଟୁର୍ନାମେଣ୍ଟ



ପଦ୍ମପୁର ଥାନା ଅଧିକାରୀ ମମତା ନାଏକ ମ୍ୟାନ ଅଫ ଦି ମ୍ୟାଚଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

# ବରିଷ୍ଠଙ୍କୁ ସମ୍ମାନ ଦେଲେ ସମାଜ ସୁଧୁରିବ

**ବରଗଡ଼,୧୪।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ତୋରା ଡିଗ୍ରୀ କଲେଜ ସମ୍ମିଳନୀ କକ୍ଷରେ ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଅଶ୍ୱିନୀ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରମୋଦ ଝାଙ୍କର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ବରିଷ୍ଠମାନଙ୍କୁ ସମ୍ମାନ ଦେଲେ ସାମାଜିକ ସୁଧାର ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ ଏବଂ ବରିଷ୍ଠଙ୍କୁ ସମ୍ମାନ ଦେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ସରୋଜ କୁମାର ଦେବତା ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବରିଷ୍ଠ ନାଗରିକ ସଂଘର ଉପସଭାପତି ନିର୍ମଳ କିଶୋର କର, ସମ୍ପାଦକ ଗୋବିନ୍ଦ ଦାଶ, ସଙ୍ଗଠନ ସମ୍ପାଦକ କେଦାର ମିଶ୍ର, ଉପଦେଷ୍ଟା ଗୌରଚନ୍ଦ୍ର କର ପ୍ରମୁଖ ମଞ୍ଚାସୀନ ଥିଲେ। ତୁଳସୀ ଚରଣ ଦାଶ, ଅଭିଜିତ ପ୍ରତିହାର, ଦେବୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଛାତ୍ରୀଛାତ୍ର ବରିଷ୍ଠମାନଙ୍କୁ ଫୁଲ, ଚନ୍ଦନ ସହିତ ସ୍ୱାଗତ କରିଥିଲେ। ଅଧ୍ୟାପକ ନାରାୟଣ ଭୋଇ ସଭା ସଂଯୋଜନା କରିଥିଲେ। ଧନପତି ପାତ୍ର, ସନାତନ ସାହୁ, ମନୋରଞ୍ଜନ ବିଶ୍ୱାଳ, ଜୟଶ୍ରୀ ଦାଶ, କାମାକ୍ଷୀ ପାତ୍ର, ଗୀତା ଭୋଇ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

## ସଂକ୍ଷେପରେ

### ଟ୍ରକ୍‌ରୁ ଡିଜେଲ ଚୋରି

ବଡ଼ଗାଁ,୧୪।୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅଞ୍ଚଳରେ ସକ୍ରିୟ ହୋଇଛନ୍ତି ଡିଜେଲ ଚୋର। ଶନିବାର ବିଳମ୍ବିତ ରାତିରେ ବାଇବାଇ ଗାଁ ନିକଟ ରାସ୍ତା ପାର୍ଶ୍ୱ ପ୍ରକାଶ ଢାବା ସମ୍ମୁଖରେ ଥିବା ଏକ ଟ୍ରକ୍ ( ସିଜି ୪ଏନୟୁ ୨୦୫୭) ରୁ ଚୋରମାନେ ଟାଙ୍କି ତାଲା ଭାଙ୍ଗି ଡିଜେଲ ଚୋରି କରି ନେଇଥିବା ଚାଳକ ସୋନୁ କୁମାର୍ କଶ୍ୟପ କହିଛନ୍ତି। ସେ ବଡ଼ବିଲରୁ ଆଇରନ ଓର୍ ନେଇ ରାଇଗଡ ଯାଉଥିଲାବେଳେ ରାତି ୨ଟାରେ ଢାବା ସମ୍ମୁଖରେ ଗାଡ଼ି ରଖି ଶୋଇ ପଡ଼ିଥିଲେ। ଉଠିଲା ପରେ ଗାଡିରୁ ତେଲ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ।

### ମୋବାଇଲ୍ ଚୋରି ଅଭିଯୋଗରେ ୫ କୋର୍ଟ ଚାଲାଣ

କୁଆଁରମୁଣ୍ଡା,୧୪।୧(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କୁଆଁରମୁଣ୍ଡାର ମକବୁଲ ହୁସେନଙ୍କ ଘରୁ ୫ ହଜାର ଟଙ୍କା ଓ ଏକ ମୋବାଇଲ ଚୋରି ଅଭିଯୋଗରେ ପୋଲିସ ରବିବାର ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଉରକେଲା ରଘୁନାଥପଲ୍ଲୀ ଥାନା ଅନ୍ତର୍ଗତ ଗାଡ଼ାଟୋଲିର ଅର୍ଜୁନ ସାହୁ(୪୨), ଶୁକଦେବ ଗୋଛାୟତ(୧୭), ଗୋଲୁ ରାଏ(୧୭), ବିନୋଦ ଗର୍ଡିଆ(୧୭) ଓ କୁଆଁରମୁଣ୍ଡାର ଦୀପକ ସୋନି(୩୩)। ଗତ ଜୁଲାଇ ୧୭ରେ ୫ ହଜାର ଟଙ୍କା ସହ ଏକ ମୋବାଇଲ୍ ଚୋରି କରି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଏ ନେଇ ମକବୁଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ୫ ମାସ ପରେ ପୋଲିସ ସେମାନଙ୍କୁ ଧରିବାରେ ସଫଳ ହୋଇଛି।



ସୁନ୍ଦରଗଡ ସରକାରୀ କଲେଜରେ ଅନୁଷ୍ଠିତ ପଥ ଉତ୍ସବ ଖୁଏଲ୍ ଯତ୍ରାରେ ଛାତ୍ରୀମାନେ ଆଦିବାସୀ ନୃତ୍ୟ ପରିବେଷଣ କରୁଛନ୍ତି।



ଛାତ୍ରମାନେ ବାଲୁକା କଳା ପ୍ରଦର୍ଶନ କରୁଛନ୍ତି।



ବିଧାୟିକା ଟିଟେ ,ଅଧ୍ୟାପକ ଅଧ୍ୟାପିକାଙ୍କ ଗହଣରେ ଉପସ୍ଥିତ ଛାତ୍ରୀ।



ବିଶିଷ୍ଟ ଚିତ୍ରଶିଳ୍ପୀ ଓ ସରକାରୀ ମହିଳା କଲେଜର ଅବସରପ୍ରାପ୍ତ ଅଧକ୍ଷାଙ୍କୁ ବିଧାୟିକା ଟେଟେ ସମ୍ବର୍ଦ୍ଧିତ କରୁଛନ୍ତି।

# ଖୁଏଲ୍ ଯତ୍ରାରେ ଝୁମିଲେ ଛାତ୍ରୀଛାତ୍ର

ସୁନ୍ଦରଗଡ,୧୪।୧ (ଜୟ ନାରାୟଣ ମେଶ୍ଚୁଲି)

ଆଧୁନିକତାର ପ୍ରଭାବରେ କ୍ରମଶଃ ହଜିଯାଉଥିବା ଲୋକ କଳା, ସଂସ୍କୃତି, ପରମ୍ପରା, ଖାଦ୍ୟପେୟ ଓ ଖେଳକୁଦକୁ ଉଜ୍ଜିବୀତ କରିବା ପାଇଁ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ତରଫରୁ ନିଆରା ପ୍ରୟାସ ପଥଷୋବ ଖୁଏଲ ଯତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଆୟୋଜିତ ଏହି ପଥ ଉତ୍ସବରେ ଛାତ୍ରୀଛାତ୍ର ଢୋଲ, ନିଶାନ୍, ତାସା, ମାଦଳର ତାଳେ ତାଳେ ପାରମ୍ପରିକ ଆଦିବାସୀ, ସମ୍ବଲପୁରୀ ନାଚ ଗୀତ ସାଙ୍ଗକୁ ଓଡ଼ିଆ ପାରମ୍ପରିକ ଖାଦ୍ୟପେୟ, ପ୍ରଥା, ପରମ୍ପରା, ପୂଜା ପାଠ,ଜଗନ୍ନାଥ ସଂସ୍କୃତି, ଚିତ୍ର କଳା କର୍ମଶାଳା, ପ୍ରଭୁ ଜଗନ୍ନାଥ, ରାମ, ଲକ୍ଷ୍ମଣ,ସୀତା, ହନୁମାନଙ୍କ ପ୍ରତିକୃତି ଅଙ୍କନ କରାଯାଇଥିଲା। ସେହିପରି ସ୍ୱାଧୀନତା ଆନ୍ଦୋଳନର ବୀର ସଂଗ୍ରାମୀଙ୍କ ବେଶ ଭୂଷାରେ ସଜ୍ଜିତ ହୋଇ ଛାତ୍ରୀଛାତ୍ରମାନେ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ବୀରଯୋଦ୍ଧାଙ୍କ ଅବଦାନକୁ ମନେ ପକାଇଥିଲେ। ଏହି ପଥ ଉତ୍ସବ ଖୁଏଲ୍ ଯତରା ଦେଖିବା ପାଇଁ ଦର୍ଶକଙ୍କ ବେଶ ଭିଡ ଜମିଥିଲା। ମହାବିଦ୍ୟାଳୟ ଅଧକ୍ଷ ଡ. ଲଳିତ ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପଥଷୋବରେ ସ୍ଥାନୀୟ ବିଧାୟିକା କୁସୁମ ଟେଟେ, ପୂର୍ବତନ ବିଧାୟକ ଯୋଗେଶ ସିଂହ, ପୌରାଧକ୍ଷା ତନୟା ମିଶ୍ର, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧକ୍ଷ ସନ୍ତୋଷ ଅମାତ, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ସ୍ୱାସ୍ଥ୍ୟ ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶିକା ଡା. ବିକ୍ରାନ୍ତ କିଣ୍ଡୋ, ପ୍ରଫେସର ଡକ୍ଟର ସରୋଜ କୁମାର ପଟେଲ, ସରକାରୀ ମହିଳା ମହାବିଦ୍ୟାଳୟର ଅବରପ୍ରାପ୍ତ ଅଧକ୍ଷା ଡକ୍ଟର କୁମୁଦିନୀ ରାଉତରାୟ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଜୟ ନାରାୟଣ ତ୍ରିପାଠୀ, ମହାବିଦ୍ୟାଳୟ ଆଲୁମିନି କମିଟିର ସଭାପତି ଡକ୍ଟର ଚିରବ୍ରତ ଦତ୍ତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରି ଏଭଳି ନିଆରା ପ୍ରୟାସକୁ ପ୍ରଂଶସା କରିଥିଲେ। ଏହି ଅବସରରେ ଚିତ୍ର ଶିଳ୍ପୀ ଶୀତଳ ମହାପାତ୍ର ଓ ସରକାରୀ ମହିଳା ମହାବିଦ୍ୟାଳୟର ଅବରପ୍ରାପ୍ତ ଅଧକ୍ଷା ଡ.କୁମୁଦିନୀ ରାଉତରାୟଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଓଷ୍ଟାର ବନ୍ଧୁ ମିଳନ



ବନ୍ଧୁ ମିଳନରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ।

କୁତ୍ରା,୧୪।୧(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଓଡିଶା ମାଧ୍ୟମିକ ଶିକ୍ଷକ ସଂଘ(ଓଷ୍ଟା) ତରଫରୁ ଝାଡ଼ଖଣ୍ଡର ଗୁମଲା ଜିଲା ଅନ୍ତର୍ଗତ ଦାନଗଦି ଜଳ ପ୍ରପାତ ପର୍ଯ୍ୟଟନସ୍ଥଳିରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଶିକ୍ଷକ ସଂଘ ତରଫରୁ ନୂତନ କରି ଯୋଗଦେଇଥିବା ଓ ବ୍ଲକରୁ ଅବସର ନେଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ନିଜନିଜ ମତ ପ୍ରକାଶ କରିଥିଲେ। ଏହି ଅବସରରେ କୁତ୍ରା ବ୍ଲକର ବରିଷ୍ଠ ଖବରଦାତାମାନେ ଉପସ୍ଥିତ ଥିଲେ। ଜିଲା ସଭାପତି ବିଭୀଷଣ ବାରିକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିତ୍ୟାନନ୍ଦ ବେହେରା, ବ୍ଲକ ସଭାପତି ଲୋକନାଥ ପ୍ରଧାନ, ଉପ ସଭାପତି ରବିନ୍ଦ୍ର ପଣ୍ଡା, କୁତ୍ରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ବିରିଙ୍ଗାଟୋଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକୟତ୍ରୀ ସୁନିତା ଶରୋନିଆ, ଖଟକୁରବାହାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚିନାରାୟଣ ସାହୁ, ବିମଳ କୁମାର ନାଏକ, ଦୀପିକା କେର୍କେଟା, ଗୋପାଳକୃଷ୍ଣ ଦାଶ, ଜନ୍ମଜୟ ବେହେରା, ସରୋଜ ମହାରଣା, ନିରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମକୁ ବ୍ଲକ ସଂପାଦକ ମହେନ୍ଦ୍ର ସିଂ ପରିଚାଳନା କରିଥିଲେ।

## ଶକ୍ତି ସଂରକ୍ଷଣ ସଚେତନତା ଶୋଭାଯାତ୍ରା

କୁତ୍ରା,୧୪।୧(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ତୁନମୁରାଠାରେ ଅବସ୍ଥିତ ସର୍ଗୁ କିଶାନ ସରକାରୀ ଉଚ୍ଚ ବିଦ୍ୟାଳୟର ଏନର୍ଜି କ୍ଲବ ଆନୁକୂଲ୍ୟରେ ଏକ ଶକ୍ତି ସଂରକ୍ଷଣ ସଚେତନତା ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ତଥା ଏନର୍ଜି କ୍ଲବ ଇନଚାର୍ଜ ଅମରେଶ ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରେ ବିଦ୍ୟାଳୟ ପରିସରରୁ ଜନସାଧାରଣଙ୍କୁ ଶକ୍ତି ସଂରକ୍ଷଣ ନେଇ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ସ୍ଲୋଗାନ ଦେଇ ଛାତ୍ରୀଛାତ୍ର ମାନେ ଏକ ଶୋଭାଯାତ୍ରାରେ ବାହାରି ତୁନମୁରା ଗ୍ରାମ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଶ୍ରୀକାନ୍ତ ବାଗ ଓ ତୁଷାର ତାଣ୍ଡି ପରିଚାଳନା କରିଥିଲେ। ପ୍ରିୟଦର୍ଶିନୀ ପାଢ଼ି, ରିଙ୍କୁ ଭୋଇ, ସୁମିତ୍ରା ବାର୍ଲା, କିରଣ ଏକ୍କା, ରାମେଶ୍ୱର ଲାକଡା,ଉମାଶଙ୍କର ମଲ୍ଲିକ, ମନଭାଙ୍ଗୀ ନାଏକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ସହ ମିଶି ଜନସାଧାରଣଙ୍କୁ ଶକ୍ତି ସଂରକ୍ଷଣ ନେଇ ସଚେତନ କରିଥିଲେ।




ବିଦ୍ୟାଳୟ ପରିସରରୁ ବାହାରିଥିବା ଶୋଭାଯାତ୍ରା।

## ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

ନୂଆଗାଁ,୧୪।୧(ବିଜୟ ତ୍ରିପାଠୀ)

ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ରବିବାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବହୁ ପ୍ରତିକ୍ଷୀତ ଖୁଣ୍ଟାଗାଁ ଠାରୁ ମିଟକୁନ୍ଦରୀ ୧୫.୯୩ କୋଟି ଏବଂ ଖୁଣ୍ଟାଗାଁଠାରୁ ନୂଆଗାଁ ପର୍ଯ୍ୟନ୍ତ ଆରଡି ରାସ୍ତାକୁ ପିଡବ୍ଲୁଡିକୁ ହସ୍ତାନ୍ତର ହୋଇ ୧୮.୯୭କୋଟି ଟଙ୍କା ବ୍ୟୟରେ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ସେହିପରି ଝିରପାଣିଠାରୁ ବନ୍ଧମୁଣ୍ଡା ରାସ୍ତା ଭାୟା ସାରଳା ଛକ ସିଡବ୍ଲୁଏସ୍ ହସ୍ପିଟାଲ ୨୩.୫୭ କୋଟି ଏବଂ ସେକ୍ଟର -୨ ବସଷ୍ଟାଣ୍ଡ ଠାରୁ ସିଡବ୍ଲୁଏସ୍ ହସ୍ପିଟାଲ ୦୨.୪୬ କୋଟି ପର୍ଯ୍ୟନ୍ତ ରାସ୍ତାର ଉନ୍ନତି ଓ ପ୍ରଶସ୍ତି କରାଯାଇ କାମ ଆରମ୍ଭ ହେବାକୁ ଥିବା ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଶ୍ରମମନ୍ତ୍ରୀ ନାୟକ କରିଥିଲେ। ନୂଆଗାଁ ବ୍ଲକର ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଗାଡି ଯାତାୟତ କରିଥାଏ। ବହୁ ବାର ଦୁର୍ଘଟଣା ମଧ୍ୟ ହେଉଛି। ଏହି ରାସ୍ତାଟି ଚଉଡ଼ା ହେବା ଦ୍ୱାରା ନୂଆଗାଁ, ବିଶ୍ରା ବ୍ଲକର ଜନ ସାଧାରଣ ଉପକୃତ ହୋଇ ପାରିବେ। ଏହି କାର୍ଯ୍ୟକ୍ରମରେ ବିରମିତ୍ରପୁର ବିଧାୟକ ଶଙ୍କର ଓରାମ, ବ୍ଲକ ଅଧକ୍ଷ ରାଉରକେଲା ସଂଗଠନିକ ଜିଲା ସଭାପତି ହାଲୁ ମୁଣ୍ଡାରୀ, ପୂର୍ବତନ ବ୍ଲକ ଅଧକ୍ଷ ମଖିଲୁ ଏକ୍କା, ବ୍ଲକ ସଭାପତି ଦିଗାମ୍ବର ଦାସ, ରାଜ୍ୟ ଯୁଗ୍ମ ସମ୍ପାଦକ ହିମାଂଶୁ ପଣ୍ଡା, ଛାତ୍ର ସଭା ପତି , ଯୁବ ନେତା ପ୍ରଦୀପ ସାହୁ, ମୁନା ଆଚାର୍ଯ୍ୟ, ବିନୋଦ ସାହୁ, ଭରତ ମାହାତ,ଖୁଣ୍ଟାଗାଁ ସରପଞ୍ଚ ସୁମିତ୍ରା ଓରାମ, ସମିତି ସଭ୍ୟା, ମହିଳା ସଭା ନେତ୍ରୀ ଏମ୍ମା ଏକ୍କା, ସମ୍ବଲପୁର ଜନ କାର୍ଯ୍ୟକାରୀ ସଭାପତି ସନ୍ଧ୍ୟା ରାଣୀ ଲାକ୍ରା,ଜିଲା ପରିଷଦ ଜ୍ୟୋତି ଟେଟେ,ବ୍ଲକ ଉପାଧକ୍ଷ ଇଦ୍ରୁସ କୁଲା, ଏସସିଆର୍ ଆଣ୍ଡ ବି ମନୋଜ ମହାନନ୍ଦିଆ ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରମ ମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## ସହର ପରିକ୍ରମା କଲା ସିରିଡି ସାଇ ପାଲିଙ୍କି

ବ୍ରଜରାଜନଗର,୧୪।୧(ବିଜୟ ବରାଡ଼)

ବ୍ରଜରାଜନଗର ସିରିଡି ସାଇ ଟ୍ରଷ୍ଟ ଆନୁକୂଲ୍ୟରେ ସିରିଡି ସାଇଙ୍କ ୧୨ତମ ପାଲିଙ୍କି ଶୋଭାଯାତ୍ରା ରବିବାର ସମ୍ପନ୍ନ ହୋଇଛି। ସକାଳ ୬ଟା ସମୟରେ ସ୍ଥାନୀୟ ଇଏସ୍ଆଇ ଛକଠାରେ ବାବାଙ୍କ ଆରତି ପରେ ହଜାରରୁ ଅଧିକ ସଂଖ୍ୟକ ଭକ୍ତଙ୍କ ଗହଣରେ ଶୋଭାଯାତ୍ରା ବାହାରିଥିଲା। ତେଲେନାପାଲି, ରେମଜା, ମହାବୀର ନଗର, ମଣ୍ଡଳୀୟା କାଳୀନଗର ଦେଇ ଶୋଭାଯାତ୍ରା ଓରିଏଣ୍ଟ କୋଲିଆରିଠାରେ ପହଞ୍ଚିଥିଲା। ସେଠାରେ ବାବାଙ୍କ ମଧ୍ୟାହ୍ନ ଆରତି କରାଯାଇଥିଲା। ଏକ ଘଣ୍ଟାର ବିଶ୍ରାମ ପରେ ପୁନର୍ବାର ଶୋଭାଯାତ୍ରା ବାହାରି ଲମତିବାହାଲ ଦେଇ ଠାକୁରପଡ଼ା ପହଞ୍ଚିଥିଲା। ସନ୍ଧ୍ୟା ଆରତି ପରେ ମୁଖ୍ୟ ବଜାର ଦେଇ ଇଏସ୍ଆଇ ଛକ ପ୍ରତ୍ୟାବର୍ତ୍ତନ କରିଥିଲା। ସେଠାରେ ବାବାଙ୍କ ଆରତି କରାଯାଇଥିଲା। ଶୋଭାଯାତ୍ରାରେ ଛତିଶଗଡ, ବରଗଡ଼, ଝାରସୁଗୁଡା ଓ ବ୍ରଜରାଜନଗର ଅଞ୍ଚଳର ବାଦ୍ୟକାର, ସଂକୀର୍ତ୍ତନ ମଣ୍ଡଳୀ, ସମ୍ବଲପୁରୀ ନୃତ୍ୟ, ଓଡିଶୀ ନୃତ୍ୟ ଦଳ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ସିରିଡି ସାଇ ଟ୍ରଷ୍ଟ ସଦସ୍ୟ ଶଶାଙ୍କ ଦୀକ୍ଷିତ, କ୍ଷିରୋଦ ରାଉତ, ଦିଲୀପ କାରିଗର, ଜୟନ୍ତ ଦୀକ୍ଷିତ ପ୍ରମୁଖ ପରିଚାଳନା କରିଥିଲେ।



ଶୋଭାଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ।

## ଏ-୧ ଆଶାୟୀ ଛାତ୍ରୀଛାତ୍ରଙ୍କ ପ୍ରଶିକ୍ଷଣ ଶିବିର

କୋଲାବିରା,୧୪।୧(ଚିନ୍ମୟ କୁମାର ବହିଦାର)

କୋଲାବିରା ବ୍ଲକ ସମାସିଂହା ସ୍ଥିତ କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲା ଶିକ୍ଷା ବିଭାଗ ଓ ସମଗ୍ର ଶିକ୍ଷା ଝାରସୁଗୁଡା ପକ୍ଷରୁ ୨ ଦିନିଆ ଏ-୧ ଆଶାୟୀ ଛାତ୍ରୀଛାତ୍ରଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଘୁଟା ମୁଖ୍ୟଅତିଥି, କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ମୁଖ୍ୟବକ୍ତା ଓ ପ୍ରଧାନ ଶିକ୍ଷକ ନିର୍ମଳ ଚାନ୍ଦ, ବିଜ୍ଞାନ ଶିକ୍ଷା ନିରୀକ୍ଷକ ନିରୋଜ କୁମାର ପଟେଲ ଅତିଥି ଭାବେ ଯୋଗଦେଇଥିଲେ। ଗିରିଧାରୀଲାଲ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଚିନ୍ଦ୍ର ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୁପ୍ରଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ଲଖନପୁର, ଝାରସୁଗୁଡ଼ା, କୋଲାବିରା, ଲଇକେରା ଓ କିର୍ମିରା ବ୍ଲକରୁ ୭୪ଜଣ ଏ-୧ ଆଶାୟୀ ଛାତ୍ରୀଛାତ୍ର ଓ ୨୬ ଜଣ ପ୍ରଧାନ ଶିକ୍ଷକ ଯୋଗଦାନ କରିଥିଲେ। ସାଧନ କର୍ମୀ ଭାବରେ ଓଡିଆ ବିଷୟ ପାଇଁ କ୍ଷେତ୍ରପାଳ ମେହେର, ଇଂରାଜୀ ଭାଷା ପାଇଁ ଶଚିନ୍ଦ୍ର ପଟେଲ, ଜୀବ ବିଜ୍ଞାନ ପାଇଁ ରାଜେନ୍ଦ୍ର ସାହୁ, ସାଧାରଣ ବିଜ୍ଞାନ ପାଇଁ ଲଳିତ କୁମାର ହୋତା, ରାଜେଶ ମେହେର ଗଣିତ, ସାରିକା ତ୍ରିପାଠୀ ହିନ୍ଦୀ, ଭାରତୀ ଭୋଇ ସଂସ୍କୃତ ବିଷୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ଯୋଗଦେଇ ଦୃଢ ଇଚ୍ଛାଶକ୍ତି ବଳରେ ଛାତ୍ରୀଛାତ୍ର ସଫଳତା ହାସଲ କରିପାରିବେ ବୋଲି କହିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ସା ଯୋଗଦେଇଥିଲେ।



ପିଲାମାନଙ୍କୁ ଶିକ୍ଷାଦାନ କରୁଛନ୍ତି ଶିକ୍ଷକ।

## ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକୋତ୍ସବ

ଲହୁଣୀପଡ଼ା,୧୪।୧(ଦଶରଥୀ ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ତୁମକଳାରେ ଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୮ମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି।ଏହିଉତ୍ସବରେବିଦ୍ୟାଳୟର ପରିଚାଳନା କମିଟି ସଭାପତି ବିଭୂତି ଭୂଷଣ କର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ମାନିତ ଅତିଥିଭାବେ କୁମାର ଗୌତମ ବାରିକ, ତୁମକଳା ଗ୍ରାମ୍ୟ ବିକାଶ କମିଟି ସଭାପତି ଦୟାନିଧି କର, ମୁଖ୍ୟ ବକ୍ତା ବଣାଇଁ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ପ୍ରତିଷ୍ଠାତା ପ୍ରଦୀପ କୁମାର ମିଶ୍ର ଯୋଗ ଦେଇ ବିଧାୟକ ପାଣ୍ଠିରେ ନିର୍ମାଣ ହୋଇଥିବା ନୂତନ ଗୃହକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଗୋବିନ୍ଦ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସଂଗୀତ ରାଣୀ ଦେଓ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗାୟତ୍ରୀ ଜାନୀ, ମନିଷା ସିଂ,ରୋଜିନା ନାଏକ, ନମ୍ରତା ମିଶ୍ର, ପ୍ରମୋଦ ରଣା, ଗଣେଶ କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପ୍ରଶାନ୍ତ କୁମାର ଜିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ଉତ୍କଳ ଆଗମନର ସ୍ମୃତି ମହୋତ୍ସବ

**ପୁରୀ, ୧୪।୧(ଅଜିତ୍ ମହାନ୍ତି)**

ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୦୨ତମ ଉତ୍କଳ (ପୁରୀ) ଆଗମନୀ ସ୍ମୃତି ମହୋତ୍ସବ ରବିବାର ପୁରୀରେ ମହାସମାରୋହରେ ପାଳିତ ହୋଇଯାଇଛି। ଚକ୍ରତୀର୍ଥରୋଡସ୍ଥିତ ସତ୍‌ସଙ୍ଗ ଠାକୁରବାଡ଼ିରେ ପ୍ରତ୍ୟୁଷରୁ ବେଦ ମାଙ୍ଗଳିକ, ଊଷା କୀର୍ତ୍ତନ, ପ୍ରାର୍ଥନା ଓ ଗ୍ରନ୍ଥ ପାଠ କରାଯାଇଥିଲା। ପରେ ଅତିଥିମାନେ ଠାକୁରଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉତ୍ସବ କମିଟି ସଭାପତି ତଥା ଆୟକର ବିଭାଗର





ପୁରୀ ରେଳଷ୍ଟେଶନ ନିକଟରୁ ବାହାରିଥିବା ଠାକୁର ଅନୁକୂଳଚନ୍ଦ୍ରଙ୍କ ବିଗ୍ରହ ଶୋଭାଯାତ୍ରା ଠାକୁରବାଡ଼ି ଅଭିମୁଖେ ଯାଉଛି।

ପୂର୍ବତନ ମହାନିର୍ଦ୍ଦେଶକ ଡ. ନୃସିଂହ ପ୍ରସାଦ ତ୍ରିପାଠୀ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବରୀ ବିଧାୟିକା ସୁନନ୍ଦା ଦାସ, ପୂର୍ବାଞ୍ଚଳ ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳାଇ, ପୁରୀ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଏବଂ ସହପ୍ରତିଋତିକ୍ ବୈରାଗ ଚରଣ ଦ୍ୱିବେଦୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଠାକୁର ଅନୁକୂଳଚନ୍ଦ୍ରଙ୍କ ଉତ୍କଳ ଆଗମନୀର ପୁଣ୍ୟ ସ୍ମୃତିଚାରଣ କରିବା ସହ ତାଙ୍କ ଭାବାଦର୍ଶ ସମ୍ବନ୍ଧରେ ଆଲୋଚନା କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ସକାଳ ପ୍ରାୟ ସାଢେ ୮ଟାରେ ଏକ ସୁସଜ୍ଜିତ ରଥରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ବିଗ୍ରହ ରଖାଯାଇ ରେଳଷ୍ଟେଶନ ନିକଟରୁ ବିଶାଳ ଶୋଭାଯାତ୍ରା ବାହାରିଥିଲା। ସେଠାରୁ ଭିଆଇପି ରୋଡ୍ ଓ ସୁଭାଷ ବୋଷ ଛକ ଦେଇ ରଥ ସତସଙ୍ଗ ଠାକୁର ବାଡ଼ିକୁ ପ୍ରତ୍ୟାବର୍ତ୍ତନ କରିଥିଲା। ତାଳବଣିଆ ପଡ଼ିଆରେ ୩ଟି ମଞ୍ଚ



ଉତ୍ସବରେ ଅତିଥିମାନେ ଅନୁଷ୍ଠାନର ମୁଖପତ୍ର 'ଆବିର୍ଭାବ' ଏବଂ ଡାଏରି 'ମଞ୍ଜୁଷା'କୁ ଲୋକାର୍ପଣ କରୁଛନ୍ତି।

ନିର୍ମାଣ କରାଯାଇଥିଲା। ପ୍ରଥମ ମଞ୍ଚରେ ଶ୍ରୀ ଶ୍ରୀ ଠାକୁର, ଶ୍ରୀ ଶ୍ରୀ ବଡ଼ମା, ଶ୍ରୀ ଶ୍ରୀ ବଡ଼ଦା ଏବଂ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବଙ୍କ ବିଗ୍ରହଙ୍କୁ ଅବସ୍ଥାନ କରାଯାଇଥିଲା। ଏହି ଅବସରରେ କଣ୍ଠଶିଳ୍ପୀମାନେ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଦ୍ୱିତୀୟ ମଞ୍ଚରେ କିଶୋର ଚନ୍ଦ୍ର, ଦୀକ୍ଷାପତ୍ର ସମ୍ମିଳନୀ, ସାଧାରଣ ସଭା, ଅନୁଭୂତି ଗଳ୍ପ, ଚିକିତ୍ସକ ସମ୍ମିଳନୀ, ମାତୃ ସମ୍ମିଳନୀ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତୃତୀୟ ମଞ୍ଚରେ ଶିଳ୍ପୀମାନଙ୍କ ସମେତ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଅଞ୍ଚଳରୁ ୬୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସ୍ୱାସ୍ଥ୍ୟ ଶିବରରେ ୧ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେହିପରି ପ୍ରାୟ ଦୁଇହଜାର ଲୋକ ଦୀକ୍ଷାପାତ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଠାକୁରଙ୍କ ଅଣନାତି ଅରଣୀ ଦାଦା ଉତ୍ସବରେ ଉପସ୍ଥିତ ରହି ଭକ୍ତଙ୍କ ଦର୍ଶନ ଓ ପ୍ରଣାମ ଗ୍ରହଣ କରିଥିଲେ। ସତ୍‌ସଙ୍ଗ ଦେଓଘର ଆଶ୍ରମର ପ୍ରତି ଋତିକ୍ ଡା. ବିନାୟକ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ସବ ଅନୁଷ୍ଠିତ ହୋଇଥିଲା।




ପୁରୀ ତାଳବଣିଆରେ ଆୟୋଜିତ ସମାବେଶସ୍ଥଳ।



ପୁରୀ ଚକ୍ରତୀର୍ଥ ରୋଡ୍‌ସ୍ଥିତ ସତ୍‌ସଙ୍ଗ ଠାକୁରବାଡ଼ି ପରିସରରେ ଥିବା ମନ୍ଦିର।



ଠାକୁରବାଡ଼ି ପରିସରରେ ଶ୍ରଦ୍ଧାଳୁଙ୍କ ସମାଗମ। (ଫଟୋ: ଯଜ୍ଞେଶ୍ୱର)

# ୩୪ ବର୍ଷ ଭଡ଼ାଘରେ ପାଣିପାଗ କାର୍ଯ୍ୟାଳୟ

**ଚାନ୍ଦବାଲି, ୧୪।୧(ଅଶୋକ କୁମାର ପଣ୍ଡା)**

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସୋମବାର ୧୫୦ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଛି। ପାରାଦୀପ ଓ ଗୋପାଳପୁର ବନ୍ଦରର ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ଭଦ୍ରକ ଜିଲା ଚାନ୍ଦବାଲି ପାଣିପାଗ ଅଫିସରେ ମଧ୍ୟ ପ୍ରତିଷ୍ଠା ଦିବସ ପାଳନ କରାଯିବ। ଝଡ଼ ବତାସ ସମ୍ପର୍କରେ ବିଭିନ୍ନ ତଥ୍ୟ ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା ଏହି ଅଫିସ୍‌ର ନିଜସ୍ୱ ଗୃହ ନାହିଁ। ୩୪ବର୍ଷ ହେଲା ଭଡ଼ାଘରେ କାର୍ଯ୍ୟାଳୟ ଚାଲୁଛି। କ୍ୱାର୍ଟର୍ସ ନ ଥିବାରୁ କର୍ମଚାରୀମାନେ ବାହାରେ ଭଡ଼ାଘର ନେଇ ରହୁଛନ୍ତି।

୧୮୮୧ ମସିହାରେ ଚାନ୍ଦବାଲି ବନ୍ଦର ପ୍ରତିଷ୍ଠା ହୋଇଥିବା ବେଳେ ଏହା ଅଧୀନରେ ଚାନ୍ଦବାଲି ଥାନା କାର୍ଯ୍ୟାଳୟ ଛାତ ଉପରେ ପାଣିପାଗର ଆବଶ୍ୟକ ଯନ୍ତ୍ରପାତି ଲଗାଯାଇଥିଲା। ଟେଲିଗ୍ରାଫ ମାଧ୍ୟମରେ ଦୈନିକ ରିପୋର୍ଟ କୋଲକାତାର ଆଲିପୁରକୁ ପଠାଯାଉଥିଲା। ସ୍ଥାନୀୟ ନାବିକଙ୍କ ସୂଚନା ପାଇଁ ଚାନ୍ଦବାଲି ବନ୍ଦର ଅଫିସ୍ ଷ୍ଟାଣ୍ଡପୋଷ୍ଟରେ ପାଣିପାଗର ବିଭିନ୍ନ ସତର୍କ ସୂଚନାର ଚିହ୍ନ ଝୁଲାଯାଉଥିଲା ବୋଲି ମୃତ୍ତିକା ସଂରକ୍ଷଣ ବିଭାଗର ଅବସରପ୍ରାପ୍ତ ରେଞ୍ଜ୍ ଅଫିସର ତାରାପଦ ମହାନ୍ତି କହନ୍ତି। ୧୯୮୯ ମସିହାରୁ ପାଣିପାଗ ବିଭାଗର ସ୍ୱତନ୍ତ୍ର ଅଫିସ୍ ଶାସ୍ତ୍ରୀଘାଟ ଅଞ୍ଚଳରେ ଭଡ଼ାଘରେ ଚାଲୁଛି। ପ୍ରଥମେ ଏକ ଘର ଭଡ଼ାରେ ନେଇ ଅଫିସ୍ କାର୍ଯ୍ୟ କରାଯାଉଥିଲା। ୨୦୦୦ ମସିହାରୁ ଉକ୍ତ ଅଞ୍ଚଳର ଜଣେ ମହିଳାଙ୍କ ଘର ଭଡ଼ା ସୂତ୍ରରେ ନିଆଯାଇ ସେଠାରେ କାର୍ଯ୍ୟାଳୟ ଚାଲିଛି। ୪ କୋଠରି ବିଶିଷ୍ଟ ଉକ୍ତ ଗୃହକୁ ୧୧ ହଜାର ଟଙ୍କା ଭଡ଼ା ଦିଆଯାଉଛି। ସେହିପରି ଏଠାରେ ୧୦ ଜଣ କର୍ମଚାରୀ ଆବଶ୍ୟକ ଥିବାବେଳେ ଏବେ ମୋଟ ୭ଜଣ ଅଛନ୍ତି।

ବଙ୍ଗୋପସାଗର ଉପକୂଳରେ ଅବସ୍ଥିତ ଚାନ୍ଦବାଲିର ଭୌଗୋଳିକ ସ୍ଥିତି ଚାନ୍ଦବାଲିକୁ ଅଧିକ ବାତ୍ୟାପ୍ରବଣ କରିଛି।




ଚାନ୍ଦବାଲି ପାଣିପାଗ ଅଫିସ।

ବର୍ଷର ମୁଖ୍ୟତଃ ଅକ୍ଟୋବରରୁ ନଭେମ୍ବର ମଧ୍ୟରେ ବାତ୍ୟା ଆଶଙ୍କା ଲାଗିରହିଛି। ରାଜ୍ୟ ପାଣିପାଗ କାର୍ଯ୍ୟାଳୟର ୮ ନଂ. ଗ୍ରୀଡ୍‌ରେ ଅବସ୍ଥିତ ଚାନ୍ଦବାଲି ପାଣିପାଗ ଅଫିସର ଗୁରୁତ୍ୱ ଅନେକ। ଏହା ସ୍ୱଳ୍ପ ଆର୍ଦ୍ର ତଥ୍ୟ ଉପରେ ପର୍ଯ୍ୟବସିତ। ଚାନ୍ଦବାଲିର ତଥ୍ୟ ଭଦ୍ରକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା ଓ କଟକ ଜିଲାର ପାଣିପାଗ ସହ ସମ୍ପୃକ୍ତ। ବର୍ଷର ଅଧିକାଂଶ ସମୟରେ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କାରଣରୁ କୋଲକାତା ଓ ଦିଲ୍ଲୀର ପାଣିପାଗ କାର୍ଯ୍ୟାଳୟ ପୂର୍ବାନୁମାନ ଚାନ୍ଦବାଲି ଅଫିସ୍‌ର ତଥ୍ୟ ଉପରେ ନିର୍ଭରଶୀଳ। ଏହି ଅଫିସରୁ ପ୍ରତିଦିନର ବର୍ଷା ପରିମାଣ, ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା, ବାୟୁର ବେଗ, ଦିଗ, ଚାପ ଓ ଆର୍ଦ୍ରତା ପରି ପାଣିପାଗ ସମ୍ବନ୍ଧୀୟ ତଥ୍ୟ ସାଧାରଣ ଦିନରେ ପ୍ରତି ୩ ଘଣ୍ଟାରେ ଥରେ ଏବଂ ପାଗ ଖରାପ ରହିଲେ ପ୍ରତି ଘଣ୍ଟାଏ ଅନ୍ତରରେ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ଭୁବନେଶ୍ୱରକୁ ପଠାଯାଇଥାଏ। ଚାନ୍ଦବାଲି ପାଣିପାଗ କାର୍ଯ୍ୟାଳୟର ଗୁରୁତ୍ୱ ଥିବାବେଳେ ନିଜସ୍ୱ ଗୃହ ନ ଥିବାରୁ ଏହାର ଆଧୁନିକୀକରଣ, ଅତ୍ୟାଧୁନିକ ଯନ୍ତ୍ରପାତି ଓ ରାଡାର ବସାଯିବା ସମ୍ଭବ ହେଉନାହିଁ ବୋଲି ପାଣିପାଗ ବିଶେଷଜ୍ଞ ରମେଶ ଚନ୍ଦ୍ର ଗର୍ଡ଼ିଆ କହିଛନ୍ତି। ଜାଗା ସମସ୍ୟା ଓ ସରକାରୀ ଅନୁଦାନ ମିଳି ନ ଥିବାରୁ କାର୍ଯ୍ୟାଳୟର ନିଜସ୍ୱ ଗୃହ ନିର୍ମାଣ ହୋଇପାରୁ ନ ଥିଲା। ତେବେ ଏହି ଗୃହ ପାଇଁ ଚାନ୍ଦବାଲି ସହର ସନ୍ନିକଟ ବୈତରଣୀ ନଦୀକୂଳରେ ୧ ଏକର ୫୦ ଡିସିମିଲ ଜମି ଅଧିଗ୍ରହଣ କରାଯାଇଛି ଓ ଖୁବ୍‌ଶୀଘ୍ର ଏଠାରେ ନିର୍ମାଣ ଆରମ୍ଭ ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ସୂଚନାଥାଉ କି, ଏହି କାର୍ଯ୍ୟାଳୟ ସଫଳତା ପାଇଁ ୨୦୧୮ରେ ସର୍ବଭାରତୀୟ ସ୍ତରରେ ପୁରସ୍କୃତ ହୋଇଥିଲା।

# ତୀର୍ଥସ୍ଥାନ ସ୍ୱଚ୍ଛ, ପବିତ୍ର ରଖ: ଧର୍ମେନ୍ଦ୍ର

## ମା' ହିଙ୍ଗୁଳାଙ୍କ ପୀଠରେ କଲେ ସଫେଇ କାର୍ଯ୍ୟ



ତାଳଚେରସ୍ଥିତ ମା' ହିଙ୍ଗୁଳାଙ୍କ ମନ୍ଦିରରେ ସଫେଇ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କ ସ୍ତ୍ରୀ ମୃଦୁଳା ଠାକୁର ପ୍ରଧାନ।

**ତାଳଚେର,୧୪।୧(ମନୋଜ ନନ୍ଦ)**

ଉତ୍ତରପ୍ରଦେଶର ଅଯୋଧ୍ୟା ଧାମରେ ଆସନ୍ତା ୨୨ ତାରିଖରେ ଭବ୍ୟ ରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଥିବା ବେଳେ ଦେଶ ଏବେ ରାମମୟ ହୋଇଛି। ତେଣୁ ସମସ୍ତେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପ୍ରତି ସମର୍ପିତ ହୋଇ ସେବା କାମରେ ଲାଗିବା ସହ ନିକଟସ୍ଥ ଦେବାଳୟ, ଶକ୍ତିପୀଠ, ଗ୍ରାମ ଦେବତୀଙ୍କ ମନ୍ଦିର ତଥା ତୀର୍ଥସ୍ଥାନ ସ୍ୱଚ୍ଛ ଓ ପବିତ୍ର ରଖନ୍ତୁ। ରବିବାର ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିସ୍ୱରୂପା ମା' ହିଙ୍ଗୁଳାଙ୍କ ପୀଠରେ ସଫେଇ କାର୍ଯ୍ୟ କରିବା ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଆହ୍ୱାନ ଦେଇଛନ୍ତି।

ମା' ହିଙ୍ଗୁଳାଙ୍କ ଦର୍ଶନ କରିବା ସହ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଲେ, ଆସନ୍ତା ୨୨ ତାରିଖରେ ୫ଶହ ବର୍ଷ ଅପେକ୍ଷାର ଅନ୍ତ ଘଟିବାକୁ ଯାଉଛି। ଏହି ପବିତ୍ର ଦିନ ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସମଗ୍ର ସାଧୁ ସନ୍ଥ ସମାଜ ଏକତ୍ରିତ ହୋଇ ଏହି ଭବ୍ୟ ମୁହୂର୍ତ୍ତର ମୁକସାକ୍ଷୀ ହେବେ। ପ୍ରଭୁ ଶ୍ରୀରାମଙ୍କ ସ୍ୱାଗତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ରବିବାର ଠାରୁ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଭାରତବର୍ଷର ସବୁ ମନ୍ଦିର ଓ ତୀର୍ଥକ୍ଷେତ୍ରକୁ ସ୍ୱଚ୍ଛ ରଖିବା ପାଇଁ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ଏଥିରେ ଜନସାଧାରଣ ସାମିଲ ହେବାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ନିବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀଙ୍କ ସହ ତାଙ୍କ ସ୍ତ୍ରୀ ମୃଦୁଳା ଠାକୁର ପ୍ରଧାନ ମଧ୍ୟ ସାମିଲ ହୋଇ ହିଙ୍ଗୁଳା ମନ୍ଦିର ସଫେଇ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପାର ବରିଷ୍ଠ ନେତା କାଳନ୍ଦୀ ସାମଲ, ରତ୍ନାକର ସାହୁ, ରାଜେନ୍ଦ୍ର ସିଂହ, ପର୍ଶୁରାମ ବାରିକ, ନରେଶ ଚନ୍ଦ୍ର ବେହେରା, ଗୋପାଳ ସାହୁ, ବିରଞ୍ଚି ସାହୁ, ମନୋଜ ପ୍ରଧାନ, ବିଭୂତି ସାହୁ, ନରେନ୍ଦ୍ର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ଠକେଇ: ଉଚ୍ଚଶିକ୍ଷିତ ମନୋଜ ପୁଣି ଗିରଫ

## ଭିଜିଲାନ୍ସ ଏସ୍‌ପି ପରିଚୟ ଦେଇ କଣ୍ଟ୍ରାକ୍ଟରଙ୍କଠୁ ନେଇଥିଲେ ୭.୬୦ ଲକ୍ଷ

**ଭୁବନେଶ୍ୱର,୧୪।୧(ସତ୍ୟଜିତ୍ ରାଉତ)**

କେମିଷ୍ଟ୍ରିରେ ମାଷ୍ଟର ଡିଗ୍ରୀ ସହ ପିଏଚ୍.ଡି.। ଉଚ୍ଚଶିକ୍ଷିତ ହୋଇଥିଲେ ବି ଠକେଇ କରି ଟଙ୍କା ରୋଜଗାର କରିବାର ତରିକା ଥିଲା ଭିନ୍ନ। କେତେବେଳେ ଭିଜିଲାନ୍ସ ଏସ୍‌ପି ତ ଆଉ କେତେବେଳେ ଚାକିରି ଆଶାୟୀ, ସରକାରୀ ଅଧିକାରୀ ଓ କଣ୍ଟ୍ରାକ୍ଟରଙ୍କୁ ଫସାଇ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏହି ଉଚ୍ଚଶିକ୍ଷିତ ମନୋଜ କୁମାର ମାଝୀ (୩୪) ପୁଣି ଠକେଇ କରି ଧରାପଡ଼ିଛନ୍ତି। ଭିଜିଲାନ୍ସ ଏସ୍‌ପିଙ୍କ ପରିଚୟ ଦେଇ ରାୟଗଡ଼ାର କଣ୍ଟ୍ରାକ୍ଟର ମନୋଜ କୁମାର ଚୌଧୁରୀଙ୍କଠୁ ୭.୬୦ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ତାଙ୍କୁ ଗିରଫ କରିଛି। ମନୋଜଙ୍କ ଘର ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଫୁଲବାରୀ ଗ୍ରାମରେ। ତାଙ୍କଠାରୁ ନଗଦ ୨ ଲକ୍ଷ ୬୦ ହଜାର ଟଙ୍କା, ବିଭିନ୍ନ ବ୍ୟାଙ୍କର ୬ଟି ଏଟିଏମ୍ କାର୍ଡ ଓ ଗୋଟିଏ ମୋବାଇଲ ଫୋନ୍ ଜବତ କରାଯାଇଛି। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ



ମନୋଜ କୁମାର ମାଝୀ

ଦିଆଯାଇଛି। ମନୋଜଙ୍କ ନାମରେ ବିଭିନ୍ନ ଥାନାରେ ୫ ମାମଲା ରହିଛି। ଏହାପୂର୍ବରୁ ମନୋଜ ନିଜକୁ ଭିଜିଲାନ୍ସ ଏସ୍‌ପି ପରିଚୟ ଦେଇ ପୂର୍ତ୍ତ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଅଜିତ ପ୍ରସାଦ ମହାପାତ୍ରଙ୍କୁ ଧମକ ଦେଇ ୧ କୋଟି ଟଙ୍କା ଦାବି କରିବା ଅଭିଯୋଗରେ ଗତବର୍ଷ ମେ'ରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ତାଙ୍କୁ ଗିରଫ କରିଥିଲା। ସେ କିଛିମାସ ଜେଲରେ ରହି ଜାମିନରେ ମୁକୁଳିଥିଲେ।

# ବେଙ୍ଗାଲୁରୁରେ ଓଡ଼ିଆ ନାବାଳିକାଙ୍କୁ ହତ୍ୟା

**ଜଗତ୍‌ସିଂହପୁର,୧୪।୧**
**(ପ୍ରମୋଦ କୁମାର ନାୟକ)**

କର୍ନାଟକର ରାଜଧାନୀ ବେଙ୍ଗାଲୁରୁରେ ଶନିବାର ଜଣେ ଓଡ଼ିଆ ନାବାଳିକାଙ୍କୁ ହତ୍ୟା କରାଯାଇଛି। ସେ ହେଲେ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ବଡ଼ବାଗ ଗାଁର ସସ୍ମିତା ବେହେରାଙ୍କ ଝିଅ ଶୁଭସ୍ମିତା (୧୨)। ଏନେଇ ବେଙ୍ଗାଲୁରୁ ରାଜନାଖୁଣ୍ଟି ଥାନାରେ ମାମଲା ରୁଜୁ ହେବା ସହ ୩ ଜଣଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି।

ଅଭିଯୋଗ ଅନୁଯାୟୀ, ସସ୍ମିତା ନୟାଗଡ଼ ଜିଲା ଦଶପଲ୍ଲା ଅଞ୍ଚଳରେ ସନ୍ତୋଷ ବେହେରାଙ୍କୁ ବିବାହ କରିଥିଲେ। ସେମାନଙ୍କର ଏକ ଝିଅ ଓ ପୁଅ ସନ୍ତାନ ଅଛି। ଦୁର୍ଭାଗ୍ୟବଶତଃ ରାଉରକେଲାରେ ସନ୍ତୋଷଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଏହାପରେ ସସ୍ମିତା ବାପଘର ବଡ଼ବାଗ ଚାଲି ଯାଇଥିଲେ।



ମୃତ ଶୁଭସ୍ମିତା ବେହେରା

ସେଠାରେ ପାଖାପାଖି ୨ ବର୍ଷ ରହିବା ଭିତରେ ଭଦ୍ରକ ଜିଲାର ପପୁ ନାମଧାରୀ ଜଣେ ଯୁବକଙ୍କ ସହ ସସ୍ମିତାଙ୍କର ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଉଭୟ ବିବାହ କରିବାକୁ ସ୍ଥିର କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବିବାହ ହୋଇ ନ ଥିଲେ ସୁଦ୍ଧା ପପୁ ସସ୍ମିତାଙ୍କ ବାପଘରେ ରହୁଥିଲେ। ପାଖାପାଖି ୮ ମାସ ହେଲା ପପୁ ଓ ସସ୍ମିତା ବେଙ୍ଗାଲୁରୁ ଯାଇ ଘର ଭଡା ନେଇ ରହିବା ସହ ଶ୍ରମିକ ଭାବେ କାମ କରି ଚଳୁଥିଲେ। ଗତ ୧୨ ତାରିଖ ରାତିରେ ପରିବାର ଲୋକେ ଖାଇବା ପରେ ଶୋଇଥିଲେ। ସସ୍ମିତା ସକାଳୁ ଉଠିଲାବେଳକୁ ଝିଅ ଶୁଭସ୍ମିତା ନ ଥିଲେ। ଏହା ପରେ ସେ ଖୋଜାଖୋଜି କଲାବେଳେ କିଛି ଦୂର ରାସ୍ତା ପାର୍ଶ୍ୱରେ ଶୁଭସ୍ମିତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ଦେଖିବା ପରେ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସସ୍ମିତାଙ୍କ ପରିବାର ପକ୍ଷରୁ କୁହାଯାଇଛି ଶୁଭସ୍ମିତାଙ୍କୁ ପପୁ ଅନେକ ସମୟରେ ହଇରାଣ କରୁଥିଲେ। ଏପରି କି ଝିଅ ବୋଲି ଭାବୁ ନ ଥିଲେ। ଏହି କାରଣରୁ ସେ ହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଅଧିକ ତଦନ୍ତ ପରେ ସତ୍ୟାସତ୍ୟ ପଦାକୁ ଆସିବ। ଯିଏ ହତ୍ୟାକାରୀ ହୋଇଥାନ୍ତୁ ନା କାହିଁକି କଠୋର ଦଣ୍ଡ ଦିଆଯାଉ ବୋଲି ସସ୍ମିତାଙ୍କ ପରିବାର ପକ୍ଷରୁ ଦାବି କରାଯାଇଛି।

# ଟିପ୍ପରର ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

**କଳିଙ୍ଗନଗର,୧୪।୧(ଶୁଭାଶିଷ ରାଉତ)**

ଯାଜପୁର ଜିଲା ଟମକା ଥାନା ନିକଟରେ ରବିବାର ଅପରାହ୍ନରେ ଏକ ଟିପ୍ପର ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଟମକା ଥାନା ଗୁଙ୍ଗେଇଶୁଣି ଗ୍ରାମର ସୁପାଇ ସୋରେନ(୫୦)। ସେ ଡୁବୁରୀ ଅଭିମୁଖେ ଯାଉଥିବାବେଳେ ଟମକା ବଜାର ଅତିକ୍ରମ କରୁଥିବା ସମୟରେ ଟିପ୍ପର (ଓଆର୍-୦୯-ଜି-୨୪୫୮) ତାଙ୍କୁ ଧକ୍କା ଦେଇ ସ୍କୁଟି ଉପରେ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ସୁପାଇଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପରେ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇ ଯାଇଛନ୍ତି। ଏନେଇ ଥାନାରେ ନଂ.୧୫।୨୪ରେ ଏକ ମାମଲା ରୁଜୁ ହୋଇଛି।

## ଅତ୍ୟଧିକ ମିଠା ଖାଉଥିଲେ...



ମିଠା ଦେଖିଲେ ତାହାକୁ ଖାଇବାକୁ ପ୍ରାୟ ସମସ୍ତେ ଆଗ୍ରହ ପ୍ରକାଶ କରିଥାଆନ୍ତି। କେବଳ ସେତିକି ନୁହେଁ, ଲୋଭ ସମ୍ବରଣ କରି ନ ପାରି ଅଧିକ ପରିମାଣରେ ମିଠା ଖାଇବାର ଉଦାହରଣ ଅନେକ ରହିଛି। ଏହା ମଧ୍ୟ କେତେକଙ୍କର ଅଭ୍ୟାସ ପାଲଟି ଯାଇଥାଏ। କିନ୍ତୁ ଅତ୍ୟଧିକ ମିଠା ଖାଉଥିଲେ ତାହାର ପ୍ରଭାବ ସ୍ମରଣ ଶକ୍ତି ଉପରେ ପଡିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଲଣ୍ଡନ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ସତର୍କ କରାଇ ଦେଇଛନ୍ତି। 'ଅତ୍ୟଧିକ ମିଠା ଓ ସ୍ମରଣ ଶକ୍ତି' ଶୀର୍ଷକ ବିଷୟକୁ ନେଇ ହୋଇଥିବା ଏକ ସର୍ଭେରୁ ଏକଥା ଜଣାପଡିଛି। ଏଭଳି ମତବ୍ୟକ୍ତ କରିବା ପୂର୍ବରୁ ଉକ୍ତ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ କିଛି ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରିଥିଲେ । ସେମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରି ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଭାବରେ ମିଠା ଖାଇବାକୁ ଏବଂ ଅନ୍ୟ ଗ୍ରୁପ ବ୍ୟକ୍ତିମାନଙ୍କୁ ମନଇଚ୍ଛା ମିଠା ଖାଇବାକୁ ପରାମର୍ଶ ଦେଇଥିଲେ । ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କ ସ୍ମରଣଶକ୍ତିରେ ତାରତମ୍ୟତା ଦେଖିବାକୁ ମିଳିଥିଲା।

## ଦନ୍ତ କ୍ଷୟରୁ ରକ୍ଷା ପାଇବାର ସହଜ ଉପାୟ



ଦନ୍ତ କ୍ଷୟରୁ ରକ୍ଷା ପାଇବାର ଏକ ସରଳ ତଥା ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ କ୍ଷୀର ପିଅନ୍ତି ତେବେ ତାଙ୍କର ଦାନ୍ତ ଦୃଢ଼ ରହିଥାଏ। ତା'ସହ ଏହା ସହଜରେ କ୍ଷୟ ହୋଇ ନ ଥାଏ। 'ଦାନ୍ତ କ୍ଷୟ ଏବଂ କ୍ଷୀର' ଶୀର୍ଷକ ବିଷୟକୁ ନେଇ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, କ୍ଷୀରରେ ଏଭଳି ଉପକାରୀ ତତ୍ତ୍ୱ ରହିଛି ଯାହା ଦାନ୍ତ ପାଇଁ ବେଶ୍ ଉପକାରୀ। ଏହାକୁ ନିୟମିତ ପିଇବା ଦ୍ୱାରା ସେଥିରେ ଥିବା ତତ୍ତ୍ୱ ଦାନ୍ତ ସନ୍ଧିରେ ଲୁଚି ରହିଥିବା ଜୀବାଣୁଗୁଡ଼ିକୁ ମାରିଦିଏ। କେବଳ ସେତିକି ନୁହେଁ, କ୍ଷୀରରେ ଆହୁରି ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହା ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ବଢ଼ାଇଥାଏ। ଏହାର ଆଉ ଏକ ଖାସ୍ ଉପକାରୀ ଗୁଣ ହେଲା ଏହାଦ୍ୱାରା ପାଚନ କ୍ରିୟା ଆହୁରି ଦୃଢ଼ ହୋଇଥାଏ। ଏହାକୁ ନିୟମିତ ପିଇବା ଫଳରେ ତାହା ଶରୀରକୁ ଶକ୍ତି ଯୋଗାଇଥାଏ। ମସ୍ତିଷ୍କ କାର୍ଯ୍ୟକୁ ଆହୁରି କ୍ରିୟାଶୀଳ କରାଇଥାଏ କ୍ଷୀର।

# ଜୀବନୀୟ ତତ୍ତ୍ୱବିହୀନ ଖାଦ୍ୟ ଓ ସ୍ୱାସ୍ଥ୍ୟ ସମସ୍ୟା



ଡା. ଆଶିଷ ବାନାର୍ଜୀ

"ଆମ ଶରୀର ଓଜନର ୭୦ ଭାଗ ହେଉଛି ଜଳ । ତେଣୁ ସୁସ୍ଥ ଶରୀର ପାଇଁ ଶରୀରରେ ଜଳୀୟଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ଏଭଳି ଆବଶ୍ୟକତା ପୂରଣ କରିବା ଲାଗି ବେଶି ଜଳୀୟଅଂଶ ଥିବା ଖାଦ୍ୟ ଖାଇବା ଦରକାର। କାରଣ ଏଭଳି ଖାଦ୍ୟ ଶରୀର ପାଇଁ ହିତକର ଅଟେ। ତେଣୁ ଦୈନନ୍ଦିନ ଖାଦ୍ୟ ତାଲିକାରେ କାକୁଡି, ଅଙ୍ଗୁର, ବେଦନା, ତରଭୁଜ, କମଳା,ଅମୃତଭଣ୍ଡା, ସେଓ ଇତ୍ୟାଦି ସାମିଲ କରନ୍ତୁ। ତଟକା ଫଳମୂଳରେ ପ୍ରସ୍ତୁତ ସାଲାଡ୍ ଆମ ଶରୀର ପାଇଁ ଆହୁରି ଉପକାରୀ ସାବ୍ୟସ୍ତ ହୋଇଥାଏ। ଏଗୁଡିକ ହଜମ ହେବାକୁ ପ୍ରାୟ ଚାରି ଘଣ୍ଟା ସମୟ ନିଏ। ପନିପରିବା, ଶାଗ ଆଠ ଘଣ୍ଟା, ଗହମ, ଚାଉଳ ଇତ୍ୟାଦି ବାର ଘଣ୍ଟା ସମୟ ନେଇଥାଏ। ତେଣୁ ଏଗୁଡିକ ଖାଇବା ପରେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ହିଁ ଅନ୍ୟ ଖାଦ୍ୟ ଖାଇବା ଦରକାର।"





ପ୍ରକୃତି ତାହାର ସନ୍ତାନମାନଙ୍କ ପାଇଁ ଋତୁ ଅନୁଯାୟୀ ଆହାର ସାଇତି ରଖିଛି। ଏଥିରେ ଜୀବନତତ୍ତ୍ୱ ଭରପୂର ହୋଇ ରହିଛି। ତା'ସହ ଏଥିରେ ଆବଶ୍ୟକ ଅନୁପାତରେ ଶ୍ୱେତସାର, ସ୍ନେହସାର, ପ୍ରୋଟିନ, ଭିଟାମିନ୍ ଏବଂ ଖଣିଜ ଲବଣ ବା ମିନେରାଲସ। ଏଥିରେ ଜୀବନତତ୍ତ୍ୱ ଥିବାରୁ ମାଟିରେ ପଡ଼ିଲେ ପୁଣି ବୀଜରୁ ଅଙ୍କୁରୋଦଗମ ହୋଇଥାଏ। ମାତ୍ର ପ୍ୟାକେଟ୍, ଡବା, ବୋତଲରେ ପ୍ୟାକିଂ ହୋଇ ରହିଥିବା ପ୍ରୋସେସିଂ ଖାଦ୍ୟରେ ଏହି ଜୀବନତତ୍ତ୍ୱ ବହୁ ପୂର୍ବରୁ ଏବଂ ବହୁ ମାତ୍ରାରେ ନଷ୍ଟ ହୋଇଯାଇଥାଏ। କେବଳ ଏଗୁଡିକୁ ସତେଜ ରଖିବା ଲାଗି ସୁଗନ୍ଧିତ ମସଲା, କେମିକାଲ ଦେଇ ସୁରକ୍ଷିତ ରଖାଯାଇଥାଏ। ତେଣୁ ସେଗୁଡିକ ଶରୀର ପକ୍ଷେ କ୍ଷତିକାରକ। ଏପରି କି ବାସି ଏବଂ ଫ୍ରିଜ୍‌ରେ ଅଧିକ ଦିନ ଥିବା ଖାଦ୍ୟ ମଧ୍ୟ ଖାଇବା ଅନୁଚିତ।

ନାଲି ଚାଉଳ ଚୋକଡମିଶ୍ରିତ ଅଟେ। ଏହାକୁ ଦୈନନ୍ଦିନ ଖାଦ୍ୟରେ ସାମିଲ କରିବା ଉଚିତ। କାରଣ ଏଥିରେ ଶ୍ୱେତସାର ପରିମାଣ ବେଶି ଥାଏ। କେବଳ ସେତିକି ନୁହେଁ, ଖାଦ୍ୟକୁ ହଜମ କରିବା ପାଇଁ ଏଭଳି ଚାଉଳ ଉପରେ ଏକ ଆବରଣ ରହିଛି। ମାତ୍ର ଆମେ ତାହାକୁ ବାହାର କରିଦେବା ଦ୍ୱାରା ଖାଦ୍ୟର ଗୁଣବତ୍ତା ନଷ୍ଟ ହୁଏ। ଏହାସହ ରୋଗର କାରଣ ମଧ୍ୟ ସାଜିଥାଏ। ତେଣୁ ମଇଦା, ଧଳା ଚାଉଳ ଓ ପ୍ରୋସେସିଂ ଖାଦ୍ୟ ଶରୀରର ହିତ ପରିବର୍ତ୍ତେ କ୍ଷତି କରାଇଥାଏ। ଏହି ସଂରକ୍ଷିତ ଓ ପ୍ରୋସେସିଂ ଖାଦ୍ୟଗୁଡ଼ିକରେ କୌଣସି ଜୀବନତତ୍ତ୍ୱ ନ ଥାଏ। ଏହାକୁ ଖାଇଲେ ତାହା କ୍ଷୁଦ୍ରାନ୍ତ୍ରକୁ ଯାଇ ଏହାର ଭିତର କାନ୍ଥରେ ଲାଗି ରହିଯାଏ। ଏପରି କି ଖାଦ୍ୟଗୁଡିକର ଆସ୍ତରଣ ଧୀରେ ଧୀରେ ବୃଦ୍ଧି ପାଏ। ଫଳରେ କୃମି ଉତ୍ପନ୍ନ ହୁଏ। ସେଥିରୁ ବାହାରୁଥିବା ବିଷାକ୍ତ ପଦାର୍ଥଗୁଡିକ ଅନ୍ତନଳୀରୁ ଅବଶୋଷିତ ହୋଇ ରକ୍ତରେ ମିଶେ। ପରବର୍ତ୍ତୀ ସମୟରେ ତାହା ଗାଢ଼ ହୋଇ ରକ୍ତନଳୀର ଭିତର କାନ୍ଥ ଏବଂ ଅନ୍ୟାନ୍ୟ ଅବୟବରେ ପହଞ୍ଚେ। ସେଠାରେ ଏଗୁଡିକ ଜମାହୋଇ ରହିବା ଦ୍ୱାରା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ସେଭଳି ପ୍ରମୁଖ ସମସ୍ୟାଗୁଡିକ ମଧ୍ୟରେ ରହିଛି ଉଚ୍ଚ ରକ୍ତଚାପ (ହାଇ ବ୍ଲଡପ୍ରେସର), କୋଲେଷ୍ଟରଲରେ ବୃଦ୍ଧି, ଲିଭର ସମସ୍ୟା, ହୃଦ୍‌ଜନିତ ସମସ୍ୟା, କିଡ୍‌ନୀରେ ପଥୁରୀ ବା ଷ୍ଟୋନ୍, କିଡ୍‌ନୀ ଶୋଥ, ଗର୍ଭାଶୟରେ ପଲିପ ପଲିସିଷ୍ଟିକ ଓଭାରିଆନ୍ ସିଣ୍ଡ୍ରୋମ (PCOS), କୁଚ୍ଛାର୍ଭବ ବାଧକ, ଅନ୍ତସ୍ରାବୀ ଗ୍ରନ୍ଥିଜନିତ ରୋଗ ଏପରି ଡାଇବେଟିସ ବା ମଧୁମେହ। ଏଗୁଡିକ ବହୁ ଦିନ ଧରି ଜମି ରହିଲେ ଗର୍ଭାଶୟରେ ପଲିପ, ଅର୍ବୁଦ ଏପରିକି କ୍ୟାନ୍‌ସରର କାରଣ ସାଜିପାରେ। ଏହି କାରଣରୁ ଝାଡ଼ା ପରିଷ୍କାର ନ ହେବା, ଅରୁଚି, ଅଜୀର୍ଣ୍ଣ, ବାନ୍ତି ଲାଗିବା, ଗ୍ୟାଷ୍ଟ୍ରିକ, ପେଟ ଯନ୍ତ୍ରଣା, ଉଣ୍ଡୁକ ପୁଚ୍ଛ ଶୋଥ, ଅନ୍ତନଳୀ ଶୋଥ ଇତ୍ୟାଦି ବିଭିନ୍ନ ରୋଗ ହେବାର ଆଶଙ୍କା ରହିଛି।

ଆମ ଶରୀର ଓଜନର ୭୦ ଭାଗ ହେଉଛି ଜଳ। ତେଣୁ ସୁସ୍ଥ ଶରୀର ପାଇଁ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ଏଭଳି ଆବଶ୍ୟକତା ପୂରଣ କରିବା ଲାଗି ବେଶି ଜଳୀୟ ଅଂଶ ଥିବା ଖାଦ୍ୟ ଖାଇବା ଦରକାର। କାରଣ ଏଭଳି ଖାଦ୍ୟ ଶରୀର ପାଇଁ ହିତକର ଅଟେ। ତେଣୁ ଦୈନନ୍ଦିନ ଖାଦ୍ୟ ତାଲିକାରେ କାକୁଡି, ଅଙ୍ଗୁର, ବେଦନା, ତରଭୁଜ, କମଳା, ଅମୃତଭଣ୍ଡା, ସେଓ ଇତ୍ୟାଦି ସାମିଲ କରନ୍ତୁ। ତଟକା ଫଳମୂଳରେ ପ୍ରସ୍ତୁତ ସାଲାଡ୍ ଆମ ଶରୀର ପାଇଁ ଆହୁରି ଉପକାରୀ ସାବ୍ୟସ୍ତ ହୋଇଥାଏ। ଏଗୁଡିକ ହଜମ ହେବାକୁ ପ୍ରାୟ ଚାରି ଘଣ୍ଟା ସମୟ ନିଏ। ପନିପରିବା, ଶାଗ ଆଠ ଘଣ୍ଟା, ଗହମ, ଚାଉଳ ଇତ୍ୟାଦି ବାର ଘଣ୍ଟା ସମୟ ନେଇଥାଏ। ତେଣୁ ଏଗୁଡିକ ଖାଇବା ପରେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ହିଁ ଅନ୍ୟ ଖାଦ୍ୟ ଖାଇବା ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜଣେ ରୋଗୀ ନିଜର ହଜମ ଶକ୍ତିକୁ ଦେଖି ହିଁ ଖାଦ୍ୟ ଖାଇବା ଆବଶ୍ୟକ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ଆମେ ମନେ ରଖିବା ନିହାତି ଦରକାର। କୌଣସି ଖାଦ୍ୟ ରୋଷେଇ ହେବାର ତିନି ଘଣ୍ଟା ପର୍ଯ୍ୟନ୍ତ ସେଥିରେ ଜୀବନତତ୍ତ୍ୱ ରହିଥାଏ। ତେଣୁ ଏହି ସମୟ ମଧ୍ୟରେ ଖାଇବା ଉଚିତ। ଏହି ସମୟ ଅତିକ୍ରାନ୍ତ ହେବା ସହ ଖାଦ୍ୟ ଧୀରେ ଧୀରେ ନଷ୍ଟ ହେବାକୁ ଲାଗେ। ଯଦି ଆପଣ ଖାଦ୍ୟକୁ ବାରମ୍ବାର ଗରମ କରି ଖାଆନ୍ତି ତା'ହେଲେ ସେଥିରେ ଭିଟାମିନ୍, ମିନେରାଲ୍‌ସ ଏବଂ ଫ୍ରିରେଡିକାଲ ତତ୍ତ୍ୱ ନଷ୍ଟ ହୋଇଯାଏ। ଏଭଳି ଖାଦ୍ୟ ଖାଇଲେ ତାହା ଶରୀର ଉପରେ ଖରାପ ପ୍ରଭାବ ପକାଇଥାଏ।

ଜଣେ ବ୍ୟକ୍ତି ଦୈନନ୍ଦିନ ଖାଦ୍ୟ ତାଲିକାରେ କଞ୍ଚା ବୁଟ, ମୁଗ, ଅଙ୍କୁରିତ ଶସ୍ୟ ଏବଂ ପ୍ରତି ଋତୁରେ ଉତ୍ପାଦିତ ହେଉଥିବା ଫଳ ଏବଂ ଶୁଷ୍କ ଶାଦ୍ୟ ରୂପେ କାଜୁ, ପେସ୍ତା, ବାଦାମ, ଅଖରୋଟ ଅଳ୍ପ ପରିମାଣରେ ସାମିଲ କରିବା ଦରକାର। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ, ଭିଟାମିନ୍, କ୍ୟାଲସିୟମ ଆବଶ୍ୟକ ମୁତାବକ ଥାଏ। ଏହା ଶରୀର ସତେଜତାକୁ ବଜାୟ ରଖିଥାଏ। ଖେଳ କସରତ କରୁଥିବା, ଜିମ୍ ଯାଉଥିବା ଏବଂ ପରିଶ୍ରମ କରୁଥିବା ବ୍ୟକ୍ତିମାନଙ୍କର ପାଚନ କ୍ରିୟା ଅଧିକ ଥାଏ। ତେଣୁ ସେମାନେ ଏଭଳି ଖାଦ୍ୟ ଅଳ୍ପ ପରିମାଣରେ ନେଇପାରିବେ। ଅନ୍ୟମାନେ ନଡିଆ ରସ ମଧ୍ୟ ନେଇପାରିବେ। ବଜାରରେ ମିଳୁଥିବା ଚା', କଫି, ମୃଦୁପାନୀୟ ବଦଳରେ ଜୁସ୍, କାଢ଼ା, ଲେମ୍ବୁ ପାଣି ପିଅନ୍ତୁ। ମାସରେ ଅନ୍ତତଃ ଦୁଇ ଥର ଉପବାସ କରିବା ଦ୍ୱାରା ହଜମ ଶକ୍ତି ଓ ଭୋକ ବୃଦ୍ଧି ହୋଇଥାଏ।

ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବା ପାଇଁ ଆୟୁର୍ବେଦରେ ଶରୀରର ରୋଗ ଚିକିତ୍ସା ପ୍ରାରମ୍ଭରୁ ବଡି ଡିଟକ୍ସିଫେକେସନ କରାଯାଏ। ଏଥିରେ ଝାଡ଼ା କରାଇବା, ମାଲିସ, ବାମ୍ଫ, ସେକ ଇତ୍ୟାଦି ପଞ୍ଚକର୍ମ ଚିକିତ୍ସା କରାଯାଇ ରୋଗୀକୁ ଶୋଧନ କରିବା ପରେ ଔଷଧ ପ୍ରୟୋଗ କରାଯାଏ। ତେଣୁ ଔଷଧ ଶୀଘ୍ର କାମ କରେ ଏବଂ ରୋଗକୁ ସମ୍ପୂର୍ଣ୍ଣ ଭଲ କରେ। ଜଣେ ସୁସ୍ଥ ବ୍ୟକ୍ତି ମଧ୍ୟ ମଝିରେ ମଝିରେ ଆୟୁର୍ବେଦିକ ଡାକ୍ତରଙ୍କ ପରାମର୍ଶ ନେଇ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଦେବା ଉଚିତ। ଏହାଦ୍ୱାରା ଆଉ ରୋଗର ଭୟ ରହେ ନାହିଁ। ଫଳରେ ଜଣେ ବ୍ୟକ୍ତି ସୁସ୍ଥ, ନୀରୋଗ ଜୀବନ ଅତିବାହିତ କରିଥାଏ।

-ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ,ମୋ : ୯୮୬୧୩୭୪୩୮୫

## ମନେ ରଖନ୍ତୁ



➤ସକାଳର ସୂର୍ଯ୍ୟକିରଣ ଆମ ଶରୀର ପାଇଁ ବେଶ୍ ଉପକାରୀ। ତେଣୁ ପ୍ରତିଦିନ ସକାଳୁ କିଛି କିଛି ସମୟ ସୂର୍ଯ୍ୟାଲୋକରେ ଛିଡ଼ା ହୁଅନ୍ତୁ। ଏହା ଭିଟାମିନ୍ 'ଡି'ର ଅନ୍ୟତମ ପ୍ରମୁଖ ଉତ୍ସ।

➤ଖାଦ୍ୟ ତାଲିକାରେ ଶାଗ ଜାତୀୟ ଖାଦ୍ୟ ଏବଂ ତଟକା ଫଳମୂଳ ସାମିଲ୍ କରନ୍ତୁ। ଏହା ଶରୀରକୁ ସତେଜ ରଖିବା ସହ ଶକ୍ତି ଯୋଗାଇଥାଏ।

➤ନିଜକୁ ଅବସାଦଠାରୁ ଦୂରେଇ ରଖିବାକୁ ହେଲେ ସାଙ୍ଗ କିମ୍ବା ପରିବାର ସଦସ୍ୟଙ୍କ ସହ କିଛି ସମୟ ବିତାନ୍ତୁ। ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।

➤ଯେ କୌଣସି କାର୍ଯ୍ୟ କରିବା ବେଳେ ମଝିରେ ମଝିରେ ବିରତି ନିଅନ୍ତୁ। ଫଳରେ ଏଥିଯୋଗୁ ମାନସିକ ଶାନ୍ତି ମିଳିବା ସହ ଅଧିକ କାମ କରିବାକୁ ଆଗ୍ରହ ସୃଷ୍ଟି ହୁଏ।

➤ଉଚ୍ଚ ରକ୍ତଚାପ କମାଇବାକୁ ଚାହୁଁଥିଲେ, ନିୟମିତ କିଛି ସମୟ ଯୋଗ, ପ୍ରାଣାୟାମ କରନ୍ତୁ। ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➤ବାହାର ଜିନିଷ କେବେ ବି ଖାଆନ୍ତୁ ନାହିଁ। ଏହା ଶରୀରରେ ଏସିଡିଟି ସୃଷ୍ଟି କରିପାରେ। ତେଣୁ ଯଥାସମ୍ଭବ ଏହାଠାରୁ ଦୂରେଇ ରୁହନ୍ତୁ।

## ଦୀର୍ଘକାଳୀନ ରୋଗରୁ ଉପଶମ ଦିଏ ଭିଟାମିନ୍ 'ସି'



ଭିଟାମିନ୍ 'ସି'ରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ସବୁଠାରୁ ଖାସ୍ କଥା ହେଲା, ଦୀର୍ଘକାଳନୀ ରୋଗ (କ୍ରୋନିକ୍ ଡିଜିଜ୍)ରେ ପୀଡିତ ବ୍ୟକ୍ତିଙ୍କ ପାଇଁ ଏହା ଲାଭପ୍ରଦ ହୋଇଥାଏ। ଏପରି ସମସ୍ୟାର ସମ୍ମୁଖୀନ ହୋଇଥିବା କେତେକ ବ୍ୟକ୍ତିଙ୍କୁ ନିୟମିତ ଭିଟାମିନ୍ 'ସି' ଯୁକ୍ତ ଖାଦ୍ୟ ଖାଇବାକୁ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଦୀର୍ଘକାଳୀନ ରୋଗ ପାଇଁ ଏହା ଆଣ୍ଟି ଅକ୍ସିଡାଣ୍ଟ ଭଳି କାମ କରିଥାଏ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ଉଚ୍ଚ ରକ୍ତଚାପ ସମସ୍ୟା ସହ ଜଡିତ ବ୍ୟକ୍ତିଙ୍କ ପାଇଁ ମଧ୍ୟ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ହୃତ୍‌ପିଣ୍ଡକୁ ମଧ୍ୟ ଏହା ସୁସ୍ଥ ରଖିବାରେ ସାହାଯ୍ୟ କରେ। ରକ୍ତରେ ୟୁରିକ୍ ଏସିଡ୍‌ର ସ୍ତରକୁ ମଧ୍ୟ ଏହା ସନ୍ତୁଳିତ ରଖେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ଏହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ। ନିୟମିତ ବ୍ୟାୟାମ କରୁଥିଲେ, ଏଭଳି ଖାଦ୍ୟକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବାକୁ ଭୁଲନ୍ତୁ ନାହିଁ। ଆମେ ଖାଉଥିବା ଅମୃତଭଣ୍ଡା, ପିଜୁଳି, ବ୍ରକୋଲି, ଲିଚି, ଷ୍ଟ୍ରବେରୀ, କମଳା ଆଦିରେ ଭିଟାମିନ୍-ସି ଭରି ରହିଛି।

## ସ୍ୱାସ୍ଥ୍ୟ ସୂଚନା



➤ଯେଉଁ ଋତୁ ହେଉନା କାହିଁକି, ଖାଦ୍ୟପେୟ ପ୍ରତି ସବୁବେଳେ ସତର୍କ ରୁହନ୍ତୁ। ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। କାରଣ ଏଭଳି ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଉପକାରୀ ସାବ୍ୟସ୍ତ ହେବା ସହ ପାଚନ କ୍ରିୟାକୁ ସକ୍ରିୟ ରଖେ।

➤ଦୃଷ୍ଟିଶକ୍ତିଜନିତ କୌଣସି ସମସ୍ୟାର ଲକ୍ଷଣ ଜାଣିବାକୁ ପାଇଲେ ବିଳମ୍ବ ନ କରି ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ଯଦି ଚଷମା ବ୍ୟବହାର କରୁଛନ୍ତି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଆଖି ପରୀକ୍ଷା କରାଇ ନିଅନ୍ତୁ।

➤କେତେକ ରୋଗର ବାହକ ହେଉଛି ପାଣି। ସବୁବେଳେ ପାଣିକୁ ଫୁଟାଇ ପିଅନ୍ତୁ। ଏହାଦ୍ୱାରା ଆମେ ନିଜକୁ କେତେକ ରୋଗଠାରୁ ଦୂରେଇ ରଖିପାରିବା।

➤ଶୋଇବା ପୂର୍ବରୁ ଟିଭି ଦେଖନ୍ତୁ ନାହିଁ। କାରଣ ଏହା ନିଦ୍ରାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ରାତ୍ରଭୋଜନ ପରେ କିଛି ସମୟ ଚାଲବୁଲ କରନ୍ତୁ। ଏହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ।

➤ନିଜର ଯଦି କୌଣସି ଆଲର୍ଜିଜନିତ ସମସ୍ୟା ରହିଛି ତେବେ ଡାକ୍ତରଙ୍କ ସହ ଆଲୋଚନା ସମୟରେ ସେ ନେଇ ସୂଚନା ଦିଅନ୍ତୁ। ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରିବା ସମୟରେ ସେ ଯାହା ଜାଣିବାକୁ ଚାହୁଁଛନ୍ତି ସେ ନେଇ ତାଙ୍କୁ ସହଯୋଗ କରନ୍ତୁ।

➤ଆପଣଙ୍କ ବୟସ ୪୦ ଟପି ଗଲାଣି କି ? ଯଦି ହଁ, ତେବେ ପ୍ରଥମେ ନିଜର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରିବା ସହ ନିୟମିତ ବ୍ୟାୟାମ କରନ୍ତୁ।

## ହାର୍ଟକୁ ସୁସ୍ଥ ରଖେ ସକାରାତ୍ମକ ମାନସିକତା



ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି ହାର୍ଟ ବା ହୃତ୍‌ପିଣ୍ଡ। ଏହା ସୁସ୍ଥ ରହିବା ନିହାତି ଜରୁରୀ। ସେଥିପାଇଁ ସନ୍ତୁଳିତ ଖାଦ୍ୟ ଏବଂ ରୁଟିନ୍ ଜୀବନଶୈଳୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନ୍ୟପକ୍ଷରେ ଆଉ ଏକ ଜିନିଷ ହାର୍ଟକୁ ସକ୍ରିୟ ରଖିଥାଏ। ତାହା ହେଲା ସକାରାତ୍ମକ ମାନସିକତା। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରି ଏ କଥା ଜାଣିପାରିଛନ୍ତି। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କର ମାନସିକତା କିପରି ରହୁଛି ତାହାକୁ ତନ୍ନ ତନ୍ନ କରି ଅଧ୍ୟୟନ କରାଯାଇଥିଲା। ଯେଉଁମାନଙ୍କର ମାନସିକତା ଅନେକ ସମୟ ସକାରାତ୍ମକ ରହୁଥିଲା ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ହାର୍ଟ ପୂର୍ବାପେକ୍ଷା ଅଧିକ ସକ୍ରିୟ ରହୁଥିବାର ଜଣାପଡିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ନିଜକୁ ଟେନସନମୁକ୍ତ ରଖନ୍ତୁ। ତା'ସହ ପ୍ରତିଦିନ କିଛି ସମୟ ବ୍ୟାୟାମ କରିବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ସ୍ୱାସ୍ଥ୍ୟୋପକାରୀ

## କଲରା



କଲରାର ସ୍ୱାଦ ସିନା ପିତା ହେଲେ ଏଥିରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏହା ଭିଟାମିନ୍ 'ସି'ର ଅନ୍ୟତମ ଉତ୍ସ। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହାର ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ବାହାର ଜୀବାଣୁକୁ ଶରୀର ଭିତରକୁ ଯିବାକୁ ଦିଏ ନାହିଁ। ଏଥିରେ ଭିଟାମିନ୍-ଏ ଥିବାରୁ ଏହା ଶରୀରରେ ଚର୍ମ ଗଠନ କରିଥାଏ। ପ୍ରତିଦିନ କଲରା ଖାଇବା ଦୃଷ୍ଟି ଶକ୍ତି ପାଇଁ ମହୌଷଧି ସଦୃଶ କାମ କରେ। ହାର୍ଟ ଏବଂ ଡାଇବେଟିସ ରୋଗୀମାନେ ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ କରିବା ନିହାତି ଆବଶ୍ୟକ। କାରଣ ଏହାକୁ ଖାଇବା ଦ୍ୱାରା ରକ୍ତରେ ଶର୍କରାର ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ। ଏମାନଙ୍କ ପାଇଁ କଲରା ଜୁସ୍ ଆହୁରି ଉପକାରୀ। ଇନ୍‌ସୁଲିନ୍ କ୍ଷରଣକୁ ସନ୍ତୁଳିତ ରଖି ରକ୍ତ ସଞ୍ଚାଳନକୁ ଶରୀରରେ ଠିକ୍ ଭାବେ କରାଇଥାଏ କଲରା। ଉଚ୍ଚ ରକ୍ତଚାପ, ଆଜ୍‌ମାକୁ ଏହା କିଛି ମାତ୍ରାରେ ନିୟନ୍ତ୍ରଣରେ ରଖିଥାଏ। କଲରାରେ କ୍ୟାଲୋରୀ, ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟ୍ ରହିଛି। ଏହାକୁ ନିୟମିତ ଖାଇବା ଦ୍ୱାରା ଓଜନ ସନ୍ତୁଳିତ ରହିଥାଏ। ଆପଣ ଆଲର୍ଜିଜନିତ ସମସ୍ୟା ସହ ଜଡିତ କି ? ଏହାକୁ ଖାଇଲେ ତାହା ଆଲର୍ଜିକୁ କେତେକାଂଶରେ ପ୍ରତିହତ କରିଥାଏ। କ୍ୟାନ୍‌ସର୍ ସେଲକୁ କେତେକାଂଶରେ ରୋକିବାରେ ସହାୟକ ହୋଇଥାଏ। କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତ ପରିଷ୍କାର କରେ ଓ ଖାଦ୍ୟ ହଜମରେ ବି ସାହାଯ୍ୟ କରେ କଲରା।

## ଆମେରିକା ନାଭି ସିଲ୍‌ର ୨ ସଦସ୍ୟ ସମୁଦ୍ରରେ ନିଖୋଜ

**ୱାଶିଂଟନ,୧୪।୧:** ଆମେରିକା ନାଭି ସିଲ୍‌ର ୨ ସଦସ୍ୟ ଶନିବାର ସୋମାଲିଆ ଉପକୂଳରୁ ନିଖୋଜ ହୋଇଯାଇଛନ୍ତି। ଜାହାଜରେ ଚଢ଼ିବାକୁ ଉଦ୍ୟମ କରୁଥିବାବେଳେ ସେମାନେ ଶିଡ଼ିରୁ ଖସିପଡ଼ି ସମୁଦ୍ରରେ ନିଖୋଜ ହୋଇଯାଇଥିଲେ। ଉକ୍ତ ଅଞ୍ଚଳରେ ତଲାସି ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ତେବେ ୟେମେନ୍‌ର ହୋଉଥି ଆତଙ୍କବାଦୀଙ୍କ ସହ ଏହି ଦୁର୍ଘଟଣାର କୌଣସି ସମ୍ପର୍କ ନ ଥିବା ପେଣ୍ଟାଗନ୍ ପକ୍ଷରୁ କୁହାଯାଇଛି। ନିଖୋଜ ନାଭି ସିଲ୍ ସଦସ୍ୟଙ୍କ ପରିଚୟ ମିଳି ନ ଥିବାବେଳେ ସେମାନେ କେଉଁ ଜାହାଜରେ ଚଢ଼ିବାକୁ ଉଦ୍ୟମ କରୁଥିଲେ ତାହା ସ୍ପଷ୍ଟ ହୋଇନାହିଁ। ସୋମାଲିଆ ଉପକୂଳରେ ଏକ ସନ୍ଦିଗ୍ଧ ଜାହାଜ ନିକଟରେ ପହଞ୍ଚିବା ପାଇଁ ନାଭି ସିଲ୍ ଟିମ୍ ସଦସ୍ୟ ଗୁରୁବାର ବାହାରିଥିଲେ ବୋଲି ପେଣ୍ଟାଗନ୍‌ର ଜଣେ ଅଧିକାରୀ କହିଛନ୍ତି।

## ମାଲେ ମେୟର ନିର୍ବାଚନରେ ହାରିଲା ମୁଇଜ୍ଜୁଙ୍କ ଦଳ

**ମାଲେ,୧୪।୧(ପି.ଟି.):** ମାଳଦ୍ୱୀପ ରାଜଧାନୀ ମାଲେରେ ଅନୁଷ୍ଠିତ ମେୟର ନିର୍ବାଚନରେ ରାଷ୍ଟ୍ରପତି ମୋହମ୍ମଦ ମୁଇଜ୍ଜୁଙ୍କ ଦଳ ପରାଜିତ ହୋଇଛି। ଅନ୍ୟପକ୍ଷରେ ଭାରତ ସପକ୍ଷବାଦୀ ବିରୋଧୀ ଦଳ ମାଳଦ୍ୱୀପ ଡେମୋକ୍ରାଟିକ୍ ପାର୍ଟି (ଏମ୍‌ଡିପି) ନିର୍ବାଚନରେ ବଡ଼ ବିଜୟ ହାସଲ କରିଛି। ଭାରତ ସହ କୂଟନୈତିକ ବିବାଦ ଦେଖାଦେଇଥିବାବେଳେ ଶାସକ ଦଳ ପରାଜିତ ହେବା ମୁଇଜ୍ଜୁଙ୍କ ପାଇଁ ଶକ୍ତ ଧକ୍କା ବୋଲି କୁହାଯାଉଛି। ଏମ୍‌ଡିପି ପ୍ରାର୍ଥୀ ଆଦାମ ଅଜିମ୍ ମାଲେର ନୂଆ ମେୟର ନିର୍ବାଚିତ ହୋଇଛନ୍ତି। ରାଷ୍ଟ୍ରପତି ନିର୍ବାଚନ ଲଢ଼ିବା ପୂର୍ବରୁ ମୁଇଜ୍ଜୁ ମାଲେ ମେୟର ପଦବୀରେ ଥିଲେ। ମେୟର ନିର୍ବାଚନରେ ଅଜିମ୍‌ଙ୍କୁ ୪୫% ଭୋଟ ମିଳିଥିବାବେଳେ ମୁଇଜ୍ଜୁଙ୍କ ପ୍ରାର୍ଥୀ ଅଜିମା ଶକୁରଙ୍କୁ ୨୯% ଭୋଟ ମିଳିଛି।



ମୁମ୍ବାଇ ଏୟାର ଶୋ'ବେଳେ ଭାରତୀୟ ବାୟୁସେନାର ସୂର୍ଯ୍ୟକିରଣ ଏରୋବେଟିକ୍ ଟିମ୍ କୌଶଳ ପ୍ରଦର୍ଶନ କରୁଛନ୍ତି।

# ହିଟ୍ ଆଣ୍ଡ ରନ୍ କ୍ଷତିପୂରଣ ବଢ଼ାଅ

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୪।୧(ପି.ଟି.)

ହିଟ୍ ଆଣ୍ଡ ରନ୍ ଦୁର୍ଘଟଣାରେ ମୃତକ ଓ ଗୁରୁତରଙ୍କ କ୍ଷତିପୂରଣ ବର୍ଷକୁ ବର୍ଷ ବଢ଼ାଇବା ପାଇଁ ବିଚାର କରିବା ନିମନ୍ତେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ସରକାର ୮ ସପ୍ତାହ ମଧ୍ୟରେ ଏହା ଉପରେ ଉପଯୁକ୍ତ ନିଷ୍ପତ୍ତି ନେବାକୁ କୋର୍ଟ ନିର୍ଦ୍ଦେଶ ଦେବା ସହ ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୨କୁ ଧାର୍ଯ୍ୟ କରିଛନ୍ତି।

ମୋଟର ଯାନ ଆଇନ, ୧୯୮୮ର ବ୍ୟବସ୍ଥା ଅନୁଯାୟୀ ହିଟ୍ ଆଣ୍ଡ ରନ୍ ଦୁର୍ଘଟଣାରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ ୨ ଲକ୍ଷ ଟଙ୍କା ଏବଂ ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା ରହିଛି। ମୃତ୍ୟୁ ଘଟଣାରେ କେନ୍ଦ୍ର ସରକାର ଅଧିକ କ୍ଷତିପୂରଣ ନିର୍ଦ୍ଧାରଣ କରିପାରିବେ ବୋଲି ସେଥିରେ ଉଲ୍ଲେଖ ରହିଛି। ଉକ୍ତ କ୍ଷତିପୂରଣ ଯୋଜନା ସମ୍ପର୍କରେ ପୋଲିସ ଦୁର୍ଘଟଣାରେ ମୃତାହତଙ୍କ ପରିବାର ସଦସ୍ୟଙ୍କୁ ଜଣାଇବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ଜଷ୍ଟିସ୍ ଏ.ଏସ୍. ଓକା ଏବଂ ପଙ୍କଜ ମିଥଲଙ୍କ ଖଣ୍ଡପୀଠ କହିଥିଲେ, ୨୦୧୬ରେ ୫୫,୯୪୨ ହିଟ୍ ଆଣ୍ଡ ରନ୍ ମାମଲା ଘଟିଥିବାବେଳେ ୨୦୨୨ରେ ତାହା ୬୭,୩୮୭କୁ ବୃଦ୍ଧି ପାଇଥିବା ସଡ଼କ ପରିବହନ ମନ୍ତ୍ରଣାଳୟର ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ଗତ ୫ ବର୍ଷରେ ହିଟ୍ ଆଣ୍ଡ ରନ୍ ମାମଲାରେ ୬୬୦ ଜଣଙ୍କ ମୃତ୍ୟୁ ଘଟିବା ସହ ୧୧୩ ଜଣ ଆହତ ହୋଇଛନ୍ତି। କ୍ଷତିପୂରଣ ବାବଦରେ ୧୮୪.୬୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ମନ୍ତ୍ରଣାଳୟ ଜଣାଇଥିଲା। ଖୁବ୍ କମ୍ ମୃତାହତଙ୍କ ପରିବାର କ୍ଷତିପୂରଣ ପାଇଥିବା ଉକ୍ତ ରିପୋର୍ଟରୁ ସ୍ପଷ୍ଟ ହୋଇଛି। କ୍ଷତିପୂରଣ ଯୋଜନା ସମ୍ପର୍କରେ ମୃତାହତଙ୍କ ପରିବାର ଜାଣି ନ ଥିବା ଯୋଗୁ ଏପରି ହୋଇଥାଇପାରେ ବୋଲି ଖଣ୍ଡପୀଠ କହିଥିଲେ। ଟଙ୍କାର ମୂଲ୍ୟ ଇତିମଧ୍ୟରେ ଯଥେଷ୍ଟ ହ୍ରାସ ପାଇଛି। ତେଣୁ କ୍ଷତିପୂରଣ ରାଶି ବଢ଼ାଇବା ନିମନ୍ତେ ସରକାର ବିଚାର କରିବା ପାଇଁ ଖଣ୍ଡପୀଠ ପରାମର୍ଶ ଦେଇଥିଲେ।



## କଂଗ୍ରେସ ଛାଡ଼ି ଏକନାଥଙ୍କ ଶିବସେନାରେ ମିଳିନ୍ଦ ଦେଓରା

ନୂଆଦିଲ୍ଲୀ,୧୪।୧(ପି.ଟି.)



ପୂର୍ବତନ କେନ୍ଦ୍ରମନ୍ତ୍ରୀ ମିଳିନ୍ଦ ଦେଓରା କଂଗ୍ରେସ ସହ ଦୀର୍ଘ ଦଶନ୍ଧିର ସମ୍ପର୍କ ତୁଟାଇ ରବିବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଛନ୍ତି। ମିଳିନ୍ଦଙ୍କ ବାପା ମୁରଲୀ ଦେଓରା ବରିଷ୍ଠ କଂଗ୍ରେସ ନେତା ଏବଂ କେନ୍ଦ୍ରମନ୍ତ୍ରୀ ଥିଲେ। କଂଗ୍ରେସ ସହ ତାଙ୍କ ପରିବାରର ୫୫ ବର୍ଷର ସମ୍ପର୍କ ତୁଟାଇ ମିଳିନ୍ଦ ଇସ୍ତଫା ଦେଇଥିବା ସୂଚନା ଦେଇଥିଲେ। ସେ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇ ବିକାଶର ମାର୍ଗ ବାଛିବାକୁ ଯାଉଥିବା ଦକ୍ଷିଣ ମୁମ୍ବାଇର ପୂର୍ବତନ ଏମ୍‌ପି ଏକ୍ସ'ରେ ପୋଷ୍ଟ କରିଥିଲେ। ରାଜନୈତିକ ଭବିଷ୍ୟତ ନେଇ ମିଳିନ୍ଦଙ୍କୁ କଂଗ୍ରେସରୁ ପ୍ରତିଶ୍ରୁତି ନ ମିଳିବାରୁ ସେ ଦଳ ଛାଡ଼ିଲେ ବୋଲି ତାଙ୍କର ଜଣେ ସହଯୋଗୀ କହିଛନ୍ତି।

କଂଗ୍ରେସ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆରମ୍ଭ କରିବା ପୂର୍ବରୁ ମିଳିନ୍ଦଙ୍କ ଇସ୍ତଫା ଦଳ ପାଇଁ ଏକ ଝଟକା। ତେବେ ଯାତ୍ରାକୁ ମୁକାବିଲା ପାଇଁ ହେଡ୍‌ଲାଇନ ପରିଚାଳନା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଳିନ୍ଦଙ୍କ ଇସ୍ତଫା ସମୟ ନିର୍ଦ୍ଧାରଣ କରିଥିବା କଂଗ୍ରେସ ଅଭିଯୋଗ କରିଛି। ତାଙ୍କ ଇସ୍ତଫା ଦଳ ଉପରେ ପ୍ରଭାବ ପକାଇବ ନାହିଁ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

## ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ଭାରତର ଭୂମିକାକୁ ଏନ୍‌ଏସ୍‌ଏମାନଙ୍କ ସ୍ୱୀକାର

### ଡାଭୋସ୍ ବୈଠକ

ନୂଆଦିଲ୍ଲୀ,୧୪।୧

ୟୁକ୍ରେନ୍ ପାଇଁ ଭବିଷ୍ୟତ କାର୍ଯ୍ୟଯୋଜନା ପ୍ରସ୍ତୁତି ନିମନ୍ତେ ଡାଭୋସ୍‌ରେ ବିଭିନ୍ନ ଦେଶର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଏକାଠି ହୋଇଥିବାବେଳେ ଯୁଦ୍ଧ କ୍ଷତିଗ୍ରସ୍ତ ଦେଶରେ ଶାନ୍ତି ପ୍ରତିଷ୍ଠା ଉପରେ ସମସ୍ତେ ଜୋର୍ ଦେଇଛନ୍ତି। ଏହି ପ୍ରକ୍ରିୟାରେ ଭାରତର ସମ୍ଭାବ୍ୟ ଭୂମିକାକୁ ଆୟୋଜକ ରାଷ୍ଟ୍ର ଉପସ୍ଥାପନ କରିଥିଲା। ଭାରତ ରୁଷିଆ ସହ ଭଲ ସମ୍ପର୍କ ରଖିଥିବାବେଳେ ଯୁଦ୍ଧ ବନ୍ଦ କରିବା ପାଇଁ ମସ୍କୋକୁ ପ୍ରଭାବିତ କରିଥିଲା। ଯୁଦ୍ଧ ସମାଧାନର ମାର୍ଗ ହୋଇ ନ ପାରେ ବୋଲି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ମନ୍ତବ୍ୟକୁ ସମସ୍ତେ ପ୍ରଶଂସା କରିଥିଲେ। ସ୍ଥିତି ସମାଧାନ ପାଇଁ ଆଲୋଚନାର ଆବଶ୍ୟକତା ଉପରେ ଭାରତ ଗୁରୁତ୍ୱାରୋପ କରିଥିଲା। ଯୁଦ୍ଧରେ ଭାରତ ନିରପେକ୍ଷ ଆଭିମୁଖ୍ୟ ରଖିଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦି ଆଲୋଚନା ମାଧ୍ୟମରେ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ବାରମ୍ବାର କହିଥିଲେ। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଏକ କାର୍ଯ୍ୟକ୍ରମରେ ମୋଦି କହିଥିଲେ, ଏହାର ଯୁଦ୍ଧର ଯୁଗ ନୁହେଁ। ଜି୨୦ ଘୋଷଣାନାମାରେ ଏହାକୁ ସ୍ଥାନ ଦିଆଯାଇଥିଲା।

## ନାରାୟଣ ମୂର୍ତ୍ତିଙ୍କ ନିଯୁକ୍ତି ଆବେଦନକୁ ଖାରଜ କରିଥିଲେ ପ୍ରେମ୍‌ଜୀ

ନୂଆଦିଲ୍ଲୀ,୧୪।୧

ଇନ୍‌ଫୋସିସ୍‌ର ସହପ୍ରତିଷ୍ଠାତା ତଥା ଭାରତର ଆଇଟି ଶିଳ୍ପର ଆଇକନ୍ ନାରାୟଣ ମୂର୍ତ୍ତି ଏକଦା ଚାକିରି କରିବା ପାଇଁ ୱିପ୍ରୋରେ ଆବେଦନ କରିଥିଲେ। ତତ୍କାଳୀନ ୱିପ୍ରୋ ମୁଖ୍ୟ ଅଜିମ୍ ପ୍ରେମଜୀ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ ବୋଲି ନାରାୟଣ ଏକ ସାକ୍ଷାତ୍କାରରେ କହିଛନ୍ତି। ତେବେ ତାଙ୍କୁ ନିଯୁକ୍ତି ନ ଦେଇ ଭୁଲ କରିଥିବା ପ୍ରେମଜୀ ପରେ ସ୍ୱୀକାର କରିଥିଲେ। ଯଦି ସେ ୱିପ୍ରୋରେ ନିଯୁକ୍ତି ପାଇଥାନ୍ତେ, ତେବେ ଭିନ୍ନ ସ୍ଥିତି ହୋଇଥାନ୍ତା। ପ୍ରେମ୍‌ଜୀ ତାଙ୍କ ଆବେଦନକୁ ଅଗ୍ରାହ୍ୟ କରିଦେଇ ପରୋକ୍ଷରେ ତାଙ୍କୁ ଇନ୍‌ଫୋସିସ୍ ପ୍ରତିଷ୍ଠା କରିବା ଲାଗି ସୁଯୋଗ ଦେଇଥିଲେ। ୧୯୮୧ରେ ନାରାୟଣ ଇନ୍‌ଫୋସିସ୍ ପ୍ରତିଷ୍ଠା କରିଥିଲେ, ଯାହା ଏବେ ଏକ ମଲ୍ଟିନ୍ୟାଶନାଲ କର୍ପୋରେଶନ। ଏହାର ଭାରତର ଅନ୍ୟତମ ଶୀର୍ଷ ଆଇଟି କନ୍‌ସଲ୍ଟିଂ କମ୍ପାନୀ ହୋଇଥିବାବେଳେ ୱିପ୍ରୋ ଏବଂ ଟାଟା କନ୍‌ସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍) ସହ ପ୍ରତିଦ୍ୱନ୍ଦ୍ୱିତା କରୁଛି।



ନାରାୟଣ ମୂର୍ତ୍ତି

### ଦିଲ୍ଲୀରେ ଘନ କୁହୁଡ଼ି

## ୧୦୦ ବିମାନ ଉଡ଼ାଣରେ ବିଳମ୍ବ

ନୂଆଦିଲ୍ଲୀ,୧୪।୧



ଦିଲ୍ଲୀରେ ପ୍ରବଳ ଶୀତ ସାଙ୍ଗକୁ ଘନ କୁହୁଡ଼ିରେ ଦୂର ସ୍ଥାନ ଦୃଶ୍ୟ ହେଉ ନ ଥିବାରୁ ରବିବାର ସକାଳେ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଦିଲ୍ଲୀ ଆସିବାକୁ ଥିବା ୧୦ଟି ବିମାନକୁ ଅନ୍ୟ ବିମାନବନ୍ଦର ପଠାଯାଇଥିବାବେଳେ ସ୍ଥାନୀୟ ଏୟାରପୋର୍ଟରୁ ପାଖାପାଖି ୧୦୦ ବିମାନ ଉଡ଼ାଣରେ ବିଳମ୍ବ ହୋଇଛି ଓ କେତେକ ବିମାନକୁ ବାତିଲ କରିଦିଆଯାଇଛି। ୨ଟି ଅନ୍ତର୍ଜାତୀୟ ବିମାନ ସମେତ ୧୦ଟି ବିମାନକୁ ଜୟପୁର ପଠାଯାଇଥିଲା। ଖରାପ ପାଗ ଯୋଗୁ ବିମାନ ଚଳାଚଳ ସମୟ ପ୍ରଭାବିତ ହେବ ବୋଲି ଏୟାରଲାଇନ୍ସଗୁଡ଼ିକ ସୋସିଆଲ ମିଡିଆ ଜରିଆରେ ଜଣାଇଦେଇଥିଲେ। ଦିଲ୍ଲୀରୁ ଭାଙ୍କୋଭର ଯିବାକୁ ଥିବା ଏୟାର ଇଣ୍ଡିଆ ବିମାନ ଉଡ଼ାଣ ସମୟ ପରିବର୍ତ୍ତନ ହୋଇଥିଲା। ବିମାନ ଭିତରେ ଯାତ୍ରୀମାନେ ବହୁ ସମୟ ଅପେକ୍ଷା କରିବା ପରେ ଓହ୍ଲାଇଯାଇଥିଲେ। ପ୍ରସ୍ଥାନ ସମୟ ସମ୍ପର୍କରେ ସମ୍ପୃକ୍ତ ଏୟାରଲାଇନ୍ସଗୁଡ଼ିକ ସହ ଯୋଗାଯୋଗ କରିବାକୁ ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଥିଲା।

ରବିବାର ସକାଳେ ଦିଲ୍ଲୀ ଓ ଉତ୍ତର ଭାରତର ଅନେକ ଅଞ୍ଚଳ ଘନ କୁହୁଡ଼ିରେ ଆବୃତ୍ତ ହୋଇ ରହିଥିଲା। କେତେକ ସ୍ଥାନରେ ଦୃଶ୍ୟତା ସ୍ତର ଶୂନ ମିଟରକୁ ଖସିଆସିଥିଲା। ନିର୍ଦ୍ଧାରିତ ସମୟରେ ବିମାନ ଉଡ଼ାଣ ସମ୍ଭବ ନୁହେଁ ବୋଲି ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଥିଲା।

### ପୁଣି ଫେରିଲା ପ୍ରଦୂଷଣ କଟକଣା

ଦିଲ୍ଲୀ- ଜାତୀୟ ରାଜଧାନୀ ଅଞ୍ଚଳରେ ବାୟୁର ମାନ ନିକୃଷ୍ଟତର ହେବା ପରେ ପୁଣିଥରେ କଟକଣା ଲାଗୁ କରିବାକୁ କେନ୍ଦ୍ର ସରକାର ରବିବାର ନିର୍ଦ୍ଦେଶ ଦେଇଛନ୍ତି। ଜରୁରୀ ନ ଥିବା ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ଏବଂ ବିଏସ୍-୩ ପେଟ୍ରୋଲ ଓ ବିଏସ୍-୪ ଡିଜେଲ୍ ଚାରିଚକିଆ ଯାନ ଚଳାଚଳ ନିଷେଧ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସକାଳ ୧୦ଟା ଏବଂ ୧୧ଟା ମଧ୍ୟରେ ଦିଲ୍ଲୀର ବାୟୁର ମାନ ସୂଚକାଙ୍କ (ଏକ୍ୟୁଆଇ) ଯଥାକ୍ରମେ ୪୫୮ ଏବଂ ୪୫୭ ରହିଥିଲା ବୋଲି ବାୟୁ ମାନ ପରିଚାଳନା ଆୟୋଗ ରିପୋର୍ଟ ଦେଇଛି। ପ୍ରତିକୂଳ ଜଳବାୟୁ ଏବଂ ସ୍ଥାନୀୟ ପ୍ରଦୂଷଣ ଉତ୍ସ ପାଇଁ ବାୟୁ ମାନ ଅଧିକ ଖରାପ ହେଉଛି। ଏହାକୁ ତୁରନ୍ତ ରୋକା ନ ଗଲେ ସ୍ଥିତି ଶୋଚନୀୟ ହୋଇପଡ଼ିବ। ତେଣୁ ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ ତୃତୀୟ ପର୍ଯ୍ୟାୟ କଟକଣା ଲଗାଇବାକୁ କମିଟି ନିଷ୍ପତ୍ତି ନେଇଛି।

### ଫୁରସତ୍

## ଟେସ୍‌ଲା କାର୍ ଲାଇଟ୍ ଶୋ'ରେ ରାମ ନାମ

ୱାଶିଂଟନ

ଅଯୋଧ୍ୟାରେ ରାମ ମନ୍ଦିରର ପ୍ରାଣପ୍ରତିଷ୍ଠା ସମାରୋହକୁ ମାତ୍ର ୭ ଦିନ ରହିଛି। ଏହାକୁ ନେଇ କେବଳ ଦେଶରେ ନୁହେଁ, ବିଦେଶରେ ମଧ୍ୟ ଲୋକେ ବିଭିନ୍ନ ପ୍ରକାର ଐତିହାସିକ କାର୍ଯ୍ୟକ୍ରମର ଖୁସି ଉଠାଉଛନ୍ତି। ଏହି ଅବସରରେ ଆମେରିକାରେ ବିଶ୍ୱ ହିନ୍ଦୁ ପରଷଦ ପକ୍ଷରୁ ଶନିବାର ଆୟୋଜିତ ଟେସ୍‌ଲା ମ୍ୟୁଜିକାଲ ଲାଇଟ୍ ଶୋ' ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଛି। ଏହି ଲାଇଟ୍ ଶୋ'ରେ ପ୍ରାୟ ୧୫୦ ଟେସ୍‌ଲା କାର୍ ସାମିଲ ହୋଇଥିଲା। ମେରିଲାଣ୍ଡର ଅଯୋଧ୍ୟା ରାସ୍ତାରେ ଥିବା ଶ୍ରୀ ଭକ୍ତ ଅଞ୍ଜନେୟ ମନ୍ଦିରଠାରେ ଟେସ୍‌ଲା କାର୍ ରାମଙ୍କ ନାମରେ ସଜ୍ଜିତ ହୋଇଥିଲା, ଯାହା ରାମଙ୍କ ନାମ ଦର୍ଶାଇବା ସହିତ 'ଜୟ ଶ୍ରୀରାମ' ସଙ୍ଗୀତରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଆମେରିକାର ୱାଶିଂଟନ, ଭର୍ଜିନିଆ ଏବଂ ମେରିଲାଣ୍ଡରେ ଭାରତୀୟମାନେ ଟେସ୍‌ଲା କାର୍‌ରେ ସଙ୍ଗୀତ ଲାଇଟ୍ ଶୋ'ର ଆୟୋଜନ କରିଥିଲେ। ଏଥିସହ ଭାରତୀୟମାନେ ନ୍ୟୁଜର୍ସିର ଏଡିଶନରେ ଏକ ବଡ଼ କାର୍ ରାଲିର ଆୟୋଜନ କରିଥିଲେ। ରାଲିରେ ପ୍ରାୟ ୩୫୦ କାର୍ ସାମିଲ ହୋଇଥିଲା। ଆମେରିକାରେ ହିନ୍ଦୁ ସମୁଦାୟର କାର୍ ରାଲିରେ ସମସ୍ତଙ୍କ ହାତରେ ରାମଙ୍କ ଚିତ୍ର ଥିବା ପତାକା ଥିଲା। ଏହି ଅବସରରେ କିଛି ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଛି।



## ପୁଅ ପାଇଁ ଇମ୍ରାନ୍‌ଙ୍କ ଭାବପ୍ରବଣ ପୋଷ୍ଟ

**ମୁମ୍ବାଇ:** ନିକଟରେ ରିଲିଜ୍ ହୋଇଥିବା ସଲ୍‌ମାନଙ୍କ ଫିଲ୍ମ 'ଟାଇଗର'ରେ ଅଭିନେତା ଇମ୍ରାନ୍ ହାସ୍‌ମୀ ନିଜର ବଳିଷ୍ଠ ଅଭିନୟ ଦେଖାଇ ଚର୍ଚ୍ଚାରେ ରହିଛନ୍ତି। ହେଲେ ବର୍ତ୍ତମାନ ସେ ନିଜ ବ୍ୟକ୍ତିଗତ କାରଣ ପାଇଁ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଇମ୍ରାନ୍ ତାଙ୍କ ୧୩ ବର୍ଷୀୟ ପୁଅ ଆୟାନ୍‌ଙ୍କ ପାଇଁ ଏକ ଭାବପ୍ରବଣ ପୋଷ୍ଟ ଲେଖିଛନ୍ତି। ଆୟାନ୍‌ଙ୍କୁ ୨୦୧୪ରେ କର୍କଟ ହୋଇଥିବା ଜଣାପଡ଼ିଥିଲା। ଏବେ ଇମ୍ରାନ୍ ସୋସିଆଲ ମିଡିଆରେ ଆୟାନ୍‌ଙ୍କ ସହ ଅନେକ ଫଟୋ ଓ ଭିଡିଓ ଶେୟାର କରିଛନ୍ତି। କ୍ୟାପ୍ସନରେ ଲେଖିଛନ୍ତି 'ଆୟାନ୍‌ଙ୍କ ନିରାକରଣର ୧୦ ବର୍ଷ ପୂରଣ ହୋଇଛି। ଏହି ସମୟତକ ଆମ ଜୀବନର ସବୁଠାରୁ କଠିନ ଥିଲା। କିନ୍ତୁ ଆମେ ଏହାକୁ ବିଶ୍ୱାସ ଏବଂ ଭରସା ସହିତ ଅତିକ୍ରମ କରିଥିଲୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେ ଏହାକୁ ଅତିକ୍ରମ କରି ଦୃଢ଼ଭାବରେ ଠିଆ ହୋଇଛନ୍ତି। ସମସ୍ତଙ୍କ ଭଲପାଇବା ତାଙ୍କ ସହିତ ରହିଥିବାରୁ ଇମ୍ରାନ୍ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ତେବେ ଇମ୍ରାନ୍ ୨୦୦୩ରୁ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ସେ ଅନେକ ଫିଲ୍ମ ଭେଟି ଦେଇ ଦର୍ଶକଙ୍କ ହୃଦୟ ଜିତିପାରିଛନ୍ତି।



## ଇରାଙ୍କ ଲେହେଙ୍ଗାରେ ୭ ମାସର ପରିଶ୍ରମ

ମୁମ୍ବାଇ

ନିକଟରେ ବଲିଉଡ୍ ଅଭିନେତା ଆମିର ଖାନ୍‌ଙ୍କ ଝିଅ ଇରା ଖାନ୍‌ଙ୍କୁ ତାଙ୍କ ଫିଟ୍‌ନେସ୍ କୋଚ୍ ନୂପୁର ଶିଖରେଙ୍କ ବିବାହ କରିଛନ୍ତି। ଇରା ଏବଂ ନୂପୁର ତାଙ୍କ ବିବାହର ଅନେକ କାର୍ଯ୍ୟକ୍ରମରେ ସାଦା ଲୁକ୍‌ରେ ନଜରକୁ ଆସିଛନ୍ତି। ଏମିତି କି ବିବାହ ପାଇଁ ନୂପୁର ବିବାହ ମଣ୍ଡପକୁ ଏକ ଗଞ୍ଜି ଏବଂ ହାଫ୍ ପ୍ୟାଣ୍ଟରେ ଆସିଥିଲେ। ବିବାହରେ ମଧ୍ୟ ଦୁହିଁଙ୍କୁ ସାଧାରଣ ପୋଷାକରେ ଦେଖିବାକୁ ମିଳିଥିଲା। ମୁମ୍ବାଇରେ ହେଉଥିବା ରିସେପ୍ସନ ପାର୍ଟିରେ ଇରା ଏକ ଲାଲ୍‌ରଙ୍ଗର ଲେହେଙ୍ଗା ଏବଂ ନୂପୁର ଏକ କଳା ରଙ୍ଗର ଶେହବାନିରେ ନଜର ଆସିଛନ୍ତି। ତେବେ ଇରାଙ୍କ ଏହି ଲେହେଙ୍ଗା କୌଣସି ସାଧାରଣ ପୋଷାକ ନୁହେଁ। ଲମ୍ବା ସମୟର ପରିଶ୍ରମ ପରେ ଏହା ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି। ମିଡିଆ ରିପୋର୍ଟ ଅନୁସାରେ, ଇରା ସେରିୟା ଡିଜାଇନ୍ ଷ୍ଟୁଡିଓର ମୋନାଲି ରୟଙ୍କ ଦ୍ୱାରା ପ୍ରସ୍ତୁତ ଲେହେଙ୍ଗା ତାଙ୍କ ରିସେପ୍‌ଶନରେ ପିନ୍ଧିଥିଲେ। ଏହି ଲେହେଙ୍ଗା ତିଆରି କରିବାକୁ ୭ ମାସର ସମୟ ଲାଗିଛି ଏବଂ ଏଥିରେ ୩ଶହ ଘଣ୍ଟାର ପରିଶ୍ରମ ହୋଇଥିବା ଜଣାପଡ଼ିଛି। ଏଥିରେ ଶୁଦ୍ଧ ସିଲ୍କ ବ୍ୟବହାର କରାଯାଇଛି। ତେବେ ତାଙ୍କର ଏହି ରିସେପ୍‌ଶନ ପାର୍ଟିରେ ଶାହରୁଖ୍ ଖାନ୍, କ୍ୟାଟ୍ରିନା କୈଫ୍, ନାଜୟା ବଚ୍ଚନ, ନାଗା ଚୈତନ୍ୟ, ଫର୍‌ହାନ ଅଖ୍‌ତର, କଙ୍ଗନା ରଣାୱତ୍, ସଲ୍‌ମାନ ଖାନ୍, ରିତେଶ ଦେଶ୍‌ମୁଖ ପ୍ରମୁଖ ସାମିଲ ହୋଇଥିଲେ।



## ଆଖିରେ ପଟି ବାନ୍ଧି ରଙ୍ଗୋଲି

**ଲକ୍ଷ୍ନୌ:** ମହାଭାରତରେ ଧୃତରାଷ୍ଟ୍ର ଅନ୍ଧ ଥିବାବେଳେ ସ୍ତ୍ରୀ ଗାନ୍ଧାରୀ ତାଙ୍କ ସ୍ୱାମୀଙ୍କ ପାଇଁ ନିଜ ଆଖିରେ ପଟି ବାନ୍ଧି ସାରାଜୀବନ ଅତିବାହିତ କରିଥିଲେ। ତେବେ ରାମ ମନ୍ଦିରର ପ୍ରାଣପ୍ରତିଷ୍ଠା ହେବାକୁ ଥିବାବେଳେ ଜଣେ ଯୁବତୀ ତାଙ୍କ ଆଖିରେ ପଟି ବାନ୍ଧି ଏକ କାରନାମା ଦେଖାଇଛନ୍ତି, ଯାହା ସମସ୍ତଙ୍କୁ ଚକିତ କରିଛି। ବିହାରର ଦରଭଙ୍ଗାର ୨୧ ବର୍ଷୀୟା ମୋନିକା ଗୁପ୍ତା ନିଜ ଆଖିରେ ପଟି ବାନ୍ଧି ରଙ୍ଗୋଲି ମାଧ୍ୟମରେ ଅଯୋଧ୍ୟାରେ ଭଗବାନ୍ ରାମଙ୍କ ମନ୍ଦିର ଆଙ୍କିଛନ୍ତି। ମୋନିକା ରସାୟନ ବିଜ୍ଞାନରେ ସ୍ନାତକ କରିଥିବାବେଳେ ଏବେ ସେ ସ୍ନାତକୋତ୍ତର ପଢୁଛନ୍ତି। ସେ ୪୫୦ କି.ମି. ଦୂର ଦରଭଙ୍ଗାରୁ ରାମଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବରେ ଯୋଗଦେବାକୁ ଆସି ଅଯୋଧ୍ୟାରେ ପହଞ୍ଚିଛନ୍ତି। ମୋନିକା କହିଛନ୍ତି, ଏଠାରେ ତାଙ୍କୁ ୬ଷ୍ଠ ଇନ୍ଦ୍ରିୟକୁ ଜାଗ୍ରତ ରଖିବାକୁ ପଡ଼ିଥାଏ। ଏହା ପରେ ଯାଇ ଆଖିରେ ପଟି ବାନ୍ଧିଲେ ବି ତାଙ୍କୁ ସଫା ସଫା ଦେଖାଯାଏ। ସେ ଆଖି ବନ୍ଦ କରି କିଛି ବି କରିପାରିବେ ବୋଲି ଦାବି କରିଛନ୍ତି। ମୋନିକା ମହାଭାରତର ଅର୍ଜୁନ ଏବଂ ସଞ୍ଜୟଙ୍କଠାରୁ ପ୍ରେରିତ ହୋଇଛନ୍ତି। ସେ ୮ ବର୍ଷ ବୟସରୁ ଆଖିରେ ପଟି ବାନ୍ଧି ସବୁକିଛି ଦେଖିପାରିବା ସହ ସମସ୍ତ କାର୍ଯ୍ୟ ମଧ୍ୟ କରିପାରନ୍ତି। ଆସନ୍ତା ୨୨ ତାରିଖରେ ଉତ୍ସବ ହେବାକୁ ଥିବାବେଳେ ଏଥିରେ ବାବା ରାମଦେବ, ମୋହନ୍ ଭାଗବତ, ଖେଳାଳି ସଚିନ ତେନ୍ଦୁଲକର, ବିରାଟ କୋହଲିଙ୍କ ସମେତ ଅନେକ ଭିଆଇପି ଅତିଥି, କଳାକାର ସାମିଲ ହେବେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଅଭିଷେକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାଜପା ଆଶାୟୀଙ୍କ ମଧ୍ୟରେ ଲଢ଼େଇ

**ଯାଜପୁର/କାଏମା(ହର୍ଷବର୍ଦ୍ଧନ ବେହେରା/ଶିବପ୍ରସାଦ ମହାନ୍ତି),୧୪।୧ :**

## ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀ



ହିମାଂଶୁ ଶେଖର ସାହୁ



ସ୍ମୃତିରେଖା ପହି

ଯାଜପୁର ଜିଲା ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀରେ ୨୦୦୦ ମସିହାରୁ ବିଜେଡି ପ୍ରାର୍ଥୀ ବିଜୟୀ ହୋଇ ଆସୁଛନ୍ତି। ଏବେ ବିଜେଡିରୁ ପ୍ରଣବ କୁମାର ବଳବନ୍ତରାୟ ବିଧାୟକ ଅଛନ୍ତି। ଭାରତୀୟ ଜନତା ପାର୍ଟି(ଭାଜପା) ଏଠାରୁ ଅଦ୍ୟାବଧି ଖାତା ଖୋଲିପାରି ନାହିଁ। ତେଣୁ ଆଗାମୀ ନିର୍ବାଚନରେ ଶାସକ ଦଳକୁ କଡ଼ା ଜବାବ ଦେବା ଲାଗି ଦଳ ପ୍ରାର୍ଥୀ ଖୋଜୁଛି। ଏଭଳି ସ୍ଥଳେ ଭାଜପା ଆଶାୟୀଙ୍କ ମଧ୍ୟରେ ଲଢ଼େଇ ଚାଲୁଥିବା ଘଟଣା ବାହାରକୁ ଆସିବାରେ ଲାଗିଛି।

ଟିକେଟ୍ ଦୌଡ଼ରେ ଧର୍ମଶାଳା ଭାଜପାରେ ଚାଲିଛି ଛକାପଞ୍ଝା। ୨୦୧୯ ନିର୍ବାଚନର କଂଗ୍ରେସ ପ୍ରାର୍ଥୀ ସ୍ମୃତିରେଖା ପହି ପରବର୍ତ୍ତୀ ସମୟରେ ଭାଜପାରେ ଯୋଗ ଦେଇଥିଲେ। ସେ ଏବେ ଭାଜପାର ସାଙ୍ଗଠନିକ ବୈଠକ କରୁଥିବାବେଳେ ସାମାଜିକ କର୍ମୀରୁ ଭାଜପା ନେତା ହୋଇଥିବା ହିମାଂଶୁ ଶେଖର ସାହୁ ପଦଯାତ୍ରାରେ ମାତିଛନ୍ତି। ଭାଜପା କର୍ତ୍ତୃପକ୍ଷଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଉଭୟେ ନିଜ ନିଜ ସମର୍ଥକଙ୍କୁ ନେଇ ପ୍ରତିଯୋଗିତା କରୁଥିବା ଦେଖିବାକୁ ମିଳିଛି। ଏମିତିରେ ଭାଜପା କର୍ମୀ ଓ ନେତା କୁଆଡ଼େ ଯିବେ ସେ ନେଇ ଚିନ୍ତାରେ ପଡ଼ି ଯାଇଛନ୍ତି। କୌତୂହଳର ବିଷୟ, ବରିଷ୍ଠ ଭାଜପା ନେତା ସର୍ବେଶ୍ୱର ବେହୁରା ଉଭୟ ନେତାଙ୍କ କାର୍ଯ୍ୟକ୍ରମରେ ପାଳି କରି ଯୋଗ ଦେଉଥିବା ଦେଖିବାକୁ ମିଳିଛି। ନିକଟରେ ହିମାଂଶୁ ଶତାଧିକ କର୍ମୀଙ୍କୁ ନେଇ ପଦଯାତ୍ରା କରିଥିବା ବେଳେ ଭାଜପା ନେତ୍ରୀ ସ୍ମୃତିରେଖା ପାଟପୁର ଗ୍ରାମରେ କେତେକ କର୍ମୀଙ୍କୁ ନେଇ ବୈଠକ କରିଥିଲେ। ଉଭୟ ନେତା ସମାନ୍ତରାଳ ଭାବେ କାର୍ଯ୍ୟକ୍ରମ କରୁଥିବାର ଦେଖି ବିଜେଡି ନେତାମାନେ ଖୁସ୍। ୧୫ ନମ୍ବର ଜୋନର ମଙ୍ଗଳପୁର, ଦେଓଦା ଏବଂ ଉତ୍ତରପ୍ରତାପ ପଞ୍ଚାୟତରେ ହିମାଂଶୁଙ୍କ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରାର ଆୟୋଜନ କରାଯାଇଥିଲା। ଏହା ମଙ୍ଗଳପୁର ପଞ୍ଚାୟତରୁ ଆରମ୍ଭ ହୋଇ ଦେଓଦା ମଧ୍ୟ ଦେଇ ଉତ୍ତରପ୍ରତାପ ପଞ୍ଚାୟତର ନରସିଂହପୁର ପଡ଼ିଆଠାରେ ପହଞ୍ଚିଥିଲା। କିନ୍ତୁ ଏହି ପଦଯାତ୍ରାରେ ପୂର୍ବରୁ ଜିଲା ପରିଷଦ ଉପନିର୍ବାଚନ ଲଢ଼ିଥିବା ଭାଜପା ପ୍ରାର୍ଥୀ ମହେଶ୍ୱର ତରାଇ ଓ ତାଙ୍କ ସମର୍ଥକଙ୍କୁ ଦେଖିବାକୁ ମିଳି ନ ଥିଲା। ମହେଶ୍ୱର ଏହି ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ଭାବେ ୬,୪୪୦ ଖଣ୍ଡ ଭୋଟ ପାଇଥିଲେ। କିନ୍ତୁ ତାଙ୍କୁ ପଦଯାତ୍ରା ବିଷୟରେ କୌଣସି ସୂଚନା ମିଳି ନ ଥିବା ସେ କହିଛନ୍ତି । ସେହିପରି ୧୫ନମ୍ବର ଜୋନର ମଣ୍ଡଳ ସଭାପତି କୁଳମଣି ମଲିକ, ମଙ୍ଗଳପୁର ପଞ୍ଚାୟତର ଭାଜପା କର୍ମୀ ପୀତାମ୍ବର ମଲ୍ଲିକ ଓ ତାଙ୍କ କର୍ମୀମାନେ ଉପସ୍ଥିତ ଥିଲେ। ଏହା ବର୍ତ୍ତମାନ ଭାଜପାର ଗୋଷ୍ଠୀ କନ୍ଦଳକୁ ପଦାରେ ପକାଇଥିବା ଚର୍ଚ୍ଚା ହେଉଛି। ଅନ୍ୟପଟରେ କବାଟବନ୍ଧ ମଣ୍ଡଳ ଏଣ୍ଡଲବା ଗ୍ରାମପଞ୍ଚାୟତର ପାଟପୁର ଗ୍ରାମରେ ଥିବା ଶିବ ମନ୍ଦିର ନିକଟରେ ସ୍ମୃତିରେଖାଙ୍କ ନେତୃତ୍ୱରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। କବାଟବନ୍ଧ ମଣ୍ଡଳର ମଣ୍ଡଳ ସଭାପତି ହେମନ୍ତ ଆଚାର୍ଯ୍ୟଙ୍କ ସମେତ ଏକାଧିକ କର୍ମୀ ଏଥିରେ ଯୋଗଦେଇଥିଲେ।

ଅନ୍ୟପକ୍ଷରେ ଭାଜପାକୁ ଏକାଠି କରିବାକୁ ହିମାଂଶୁ ନୂଆ ରଣନୀତି ପ୍ରସ୍ତୁତ କରି ମିଶ୍ରଣ ପର୍ବ ମାଧ୍ୟମରେ ନିଜର ଶକ୍ତି ପ୍ରଦର୍ଶନ କରୁଛନ୍ତି। ହେଲେ ଦଳର ସଙ୍ଗଠନ ଦାୟିତ୍ୱ ସ୍ମୃତିରେଖାଙ୍କ ହାତରେ ରହିଛି। ଯଦି ଦେଖିବା ଏଇ କିଛିଦିନ ମଧ୍ୟରେ ଭାଜପା ପକ୍ଷରୁ ଦୁଇ ଥର ମିଶ୍ରଣ ପର୍ବ ହୋଇଥିଲେ ମଧ୍ୟ ସ୍ମୃତିରେଖାଙ୍କୁ ସେହି ମଞ୍ଚରେ ଦେଖିବାକୁ ମିଳି ନ ଥିଲା। ଅନ୍ୟପକ୍ଷରେ ଭାଜପାର ଆଉ ଜଣେ ଟାଣୁଆ ନେତା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଦଳ ମଧ୍ୟରେ ଏପଟ ସେପଟ ହେଉଥିବା ଦେଖିବାକୁ ମିଳୁଛି । ସେଥିପାଇଁ ଭାଜପା କର୍ମୀମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଦେଇଛି। କିଛି ଦିନ ତଳେ ହିମାଂଶୁ ଯେବେ ଭୁବନେଶ୍ୱର ଯାଇ ଦଳରେ ସାମିଲ ହୋଇଥିଲେ, ଉକ୍ତ ଦିନ ସର୍ବେଶ୍ୱର ଓ ସ୍ମୃତିରେଖା ଗୋଟିଏ ମଞ୍ଚରେ ରହି ରସୁଲପୁର ବ୍ଲକ ଘେରାଉ କରିଥିଲେ। ବର୍ତ୍ତମାନ କିନ୍ତୁ ହିମାଂଶୁଙ୍କ ମଞ୍ଚରେ ସର୍ବେଶ୍ୱର ଅତିଥି ଭାବେ ଭାଷଣ ଦେଉଥିବା ଦେଖିବାକୁ ମିଳିଛି। ପୂର୍ବରୁ ହୋଇଥିବା ଧର୍ମଶାଳା ଭାଜପାର ଏହି ତିନି ପ୍ରମୁଖ ନେତାଙ୍କୁ ଗୋଟିଏ ମଞ୍ଚରେ ରସୁଲପୁର ବ୍ଲକ ଘେରାଉ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା। କିନ୍ତୁ ସେଠାରେ ଭାଜପାର ବ୍ୟାନର ଚିରିବା ପରି ଘଟଣା ଦଳର କନ୍ଦଳକୁ ପଦାରେ ପକାଇଥିଲା। ସେବେଠାରୁ ଆଉ ତିନି ଜଣଙ୍କୁ ଏକାଠି ଦେଖିବାକୁ ମିଳୁନି ବୋଲି ଚର୍ଚ୍ଚା ହେଉଛି।

# କଂଗ୍ରେସ କ୍ଷମତାକୁ ଆସିଲେ ପାଟକୁରାର ବିକାଶ ହେବ



ପାଟକୁରା ନିର୍ବାଚନମଣ୍ଡଳୀସ୍ତରୀୟ ସମାବେଶରେ କଂଗ୍ରେସ ନେତା ଓ କର୍ମୀ।

**ଡେରାବିଶ, ୧୪।୧(ବେବର୍ତ୍ତା ଅଜୟ ଦାସ)**

ପାଟକୁରା ନିର୍ବାଚନମଣ୍ଡଳୀସ୍ତରୀୟ କଂଗ୍ରେସର କର୍ମୀ ସମାବେଶ ରବିବାର ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ କଲେଜ ଛକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନଦୀନାଳଘେରା ପାଟକୁରା ନିର୍ବାଚନମଣ୍ଡଳୀ ଦୀର୍ଘବର୍ଷ ହେବ ଅବହେଳିତ ଅବସ୍ଥାରେ ରହିଛି ବୋଲି କହିଥିଲେ। ବର୍ତ୍ତମାନର ବିଜେଡି ସରକାର ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଭୁଲି ଦଳୀୟ କର୍ମୀଙ୍କ ସ୍ୱାର୍ଥକୁ କେବଳ ଦୃଷ୍ଟି ଦେଉଛି। କଂଗ୍ରେସ କ୍ଷମତାକୁ ଆସିଲେ ଅବହେଳିତ ପାଟକୁରାର ବିକାଶ ପାଇଁ ସଂଗ୍ରାମ କରାଯିବ ବୋଲି ସେ କହିଥିଲେ। ଏଥିରେ କେନ୍ଦ୍ରାପଡ଼ା ଜିଲା ସଂସଦୀୟ କ୍ଷେତ୍ର ଦଳୀୟ ପର୍ଯ୍ୟବେକ୍ଷକ ମାନସ ଚୌଧୁରୀ ଯୋଗଦେଇ ସାଧାରଣ ଲୋକଙ୍କ ସ୍ୱାର୍ଥ ପ୍ରତି କଂଗ୍ରେସ ସବୁବେଳେ ଦୃଷ୍ଟିଦେଇ ଆସିଛି। ଆସନ୍ତା ନିର୍ବାଚନରେ ପାଟକୁରା ନିର୍ବାଚନମଣ୍ଡଳୀରେ କଂଗ୍ରେସ ଭଲ କରିବ ବୋଲି ସେ କହିଥିଲେ। ଯେଉଁ ବ୍ୟକ୍ତି ଭୁବନେଶ୍ୱରରେ ବସି ଦଳୀୟ ନେତୃତ୍ୱଙ୍କ ସହ ଫଟୋ ଉଠାଇ ଦଳରେ ବିଶୃଙ୍ଖଳା କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କ ବିଶୃଙ୍ଖଳିତ ଆଚରଣକୁ ବରଦାସ୍ତ କରାଯିବ ନାହିଁ ବୋଲି ଚୌଧୁରୀ କହିଛନ୍ତି। ସମାବେଶରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଜିଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି, ରାଜ୍ୟ ସାମାଜିକ ଗଣମାଧ୍ୟମ ପ୍ରବକ୍ତା ଅମିୟ ପାଣ୍ଡବ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟରେ ଥିବା ଦୁର୍ନୀତିଗ୍ରସ୍ତ ଭାଜପା ଓ ବିଜେଡି ସରକାର ଶ୍ରୀରାମ ଓ ଶ୍ରୀଜଗନ୍ନାଥଙ୍କୁ ନେଇ କରୁଥିବା ହୀନ ରାଜନୀତିକୁ ସାଧାରଣ ଲୋକ ନାପସନ୍ଦ କରିବା ଆରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ଯୁବନେତା ସିଦ୍ଧାର୍ଥସ୍ୱରୂପ ଦାଶ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ୍, ବରିଷ୍ଠ କଂଗ୍ରେସ ନେତା ଅନନ୍ତ ଚରଣ ପାତ୍ର, ଜୟଦେବ ପରିଡ଼ା, ରଶ୍ମିତା ମହାନ୍ତି, କୃଷ୍ଣପ୍ରିୟା ବାରିକ, ମାତା ବେହେରା, ନିରଞ୍ଜନ ରାଉତ ପ୍ରମୁଖ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପିସିସି ସଭାପତି ଶରତ ପଟ୍ଟନାୟକ ଓ ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବ୍ଲକ ଅଧୀନସ୍ଥ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ସମିତିସଭ୍ୟ ଫନୀନ୍ଦ୍ର ବେହେରାଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ କଂଗ୍ରେସରେ ଯୋଗ ଦେଇଛନ୍ତି। ଏହାର ପରିଚାଳନାରେ କଂଗ୍ରେସ ନେତା ସୁଖଦାନନ୍ଦ ପ୍ରଧାନ, ରାଜୀବ ଲୋଚନ ମିଶ୍ର, ଗୋଲକ ସ୍ୱାଇଁ, ରଶ୍ମିରଞ୍ଜନ ପଣ୍ଡା ସହଯୋଗ କରିଥିଲେ।


## ଜନ୍ମଦିନ ଶୁଭେଚ୍ଛା



ଅଭିଷେକ ପାଇଁ ଜନ୍ମଦିନର ଶୁଭେଚ୍ଛା
ତୋପରି ସୁପୌତ୍ର ବିଦେଶରେ ରହି ଆମ ପରିବାରର ନେତୃତ୍ୱ ଓ ଭ୍ରାତୃତ୍ୱ ନେଇ ଭାଇ ଓ ଭଉଣୀମାନଙ୍କର ପ୍ରଗତିରପଥ ତୁ ଉନ୍ମୁକ୍ତ କରୁଛୁ। ସୃଷ୍ଟି ଓ ତୋର ସୁଖ, ଶାନ୍ତି ଓ ଦୀର୍ଘ ଜୀବନ ପାଇଁ ଡାଡି, ବୋଉ, ବାପା, ମାମା, ମଉସା, ମାଉସୀ, ମାମୁ, ମାଇଁ ଓ ଭାଇ, ଭଉଣୀମାନେ ଜଗନ୍ନାଥଙ୍କ ପଦ୍ମପାଦରେ ନିବେଦନ କରୁଛୁ।
ଧ-୨୨୭୫

## Happy 1st Marriage Anniversary



Snehashree
&
Jagnyasena
Best Wishes Family & Relatives.
ଧ-୬୭୪୩୨


# କଂଗ୍ରେସରେ ମିଶିଲେ ଭାଜପା, ବିଜେଡି କର୍ମୀ



କଂଗ୍ରେସରେ ସାମିଲ ହୋଇଥିବା ନୂତନ କର୍ମୀମାନେ।

**ଚାନ୍ଦବାଲି,୧୪।୧(କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମୌସୁଧା ପଞ୍ଚାୟତ ଗୌଡୁଣିପୋଖରୀ ଗ୍ରାମରେ ରବିବାର କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଓ ଭାଜପା ଛାଡ଼ି ୨୫ରୁ ଊର୍ଦ୍ଧ୍ୱ ପରିବାର କଂଗ୍ରେସରେ ସାମିଲ ହୋଇଛନ୍ତି। ବ୍ଲକ କଂଗ୍ରେସ କମିଟି ସଭାପତି ବୈଲୋଚନ ପଣ୍ଡାଙ୍କ ସଭାପତିତ୍ୱରେ ମିଶ୍ରଣ ପର୍ବ ହୋଇଥିଲା। ବରିଷ୍ଠ ନେତା ଅମୀୟ ମହାପାତ୍ର, ନିର୍ବାଚନମଣ୍ଡଳୀ ନେତା ଦିଗମ୍ବର ଦାସ, ଯୁବନେତା ସତ୍ୟାନନ୍ଦ ରାଉତ, ଯୁବ ସଭାପତି ଶକ୍ତି ପ୍ରତାପ ବିଶ୍ୱାଳ, ସମବାୟ ସଭାପତି ସୁଦର୍ଶନ ମାହୁନ୍ତ ପ୍ରମୁଖ ଯୋଗଦେଇ ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈଳାସ ସୂତାର, ଭରତ ଜେନା, ଧନେଶ୍ୱର ଓଝା, ଜଗନ୍ନାଥ ରାଉତ, ସୁରେନ୍ଦ୍ର ଜେନା, ସୁଦର୍ଶନ ଦାଶ, ପ୍ରଫୁଲ୍ଲ ଦାଶ, ସୁକାନ୍ତ ମହାଳିକ, ସୁରେଶ ଓଝା, ଦୁଃଶାସନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ପ୍ରତି ପଞ୍ଚାୟତରେ କଂଗ୍ରେସ କର୍ମୀ ସମ୍ମିଳନୀ କରିବା ସହ ପ୍ରତିଦିନ ମିଶ୍ରଣ ପର୍ବ କରି ନିଜର ଶକ୍ତି ପ୍ରଦର୍ଶନ କରିବାରେ ଲାଗିଛି।

# କରୋନା ସମୟରେ ରାଜକୋଷ ଲୁଟୁଥିଲା ବିଜେଡି: ଭାଜପା

**ଭୁବନେଶ୍ୱର, ୧୪।୧(ସୁନିତ୍ ମିଶ୍ର)**

## ଅଡିଟ୍ ରିପୋର୍ଟକୁ ରାଜ୍ୟ ସରକାର ଲୁଚାଇ ରଖିଥିଲେ

ଓଡ଼ିଶାରେ ୫୦% ପିସି କାରବାର ଚାଲିଛି ବୋଲି ଯାହା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଥିଲେ, ତାହା ବର୍ତ୍ତମାନ ସରକାରଙ୍କ ଅଡିଟ ରିପୋର୍ଟରୁ ସ୍ପଷ୍ଟ ହୋଇଛି। କ୍ଷମତାରେ ରହି ବିଜେଡି ଲୁଟ୍‌ର ଚରମସୀମାରେ ପହଞ୍ଚିଛି। ସରକାର ଓଡ଼ିଶାକୁ ରୂପାନ୍ତରୀକରଣ କରି କୁଆଡେ ନୂଆ ଯୁଗରେ ପରିଣତ କରିଥିବା କହୁଛନ୍ତି। ହେଲେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ୨୪ ବର୍ଷ ଶାସନରେ ବିଜେଡି ଯେଉଁ ଦୁର୍ନୀତି କରିଛି ତାହା କଳ୍ପନା କରିବା ଅସମ୍ଭବ ବୋଲି ଭାଜପା ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନୋଜ କହିଛନ୍ତି ଯେ, ୨୦୨୦-୨୨ରେ ରାଜ୍ୟବାସୀ କରୋନା ସହ ଲଢୁଥିବାବେଳେ ରାଜ୍ୟ ରାଜକୋଷକୁ ବିଜେଡି ଲୁଟ୍ କରୁଥିଲା। ଏକଥା ଭାଜପା ନୁହେଁ ବରଂ ୨୦୨୦-୨୧ ଏବଂ ୨୦୨୧-୨୨ ସରକାରଙ୍କ 'ଲୋକାଲ ଫଣ୍ଡ ଅଡିଟ' ରିପୋର୍ଟରୁ ତଥ୍ୟ ସାମ୍ନାକୁ ଆସିଛି। ରାଜ୍ୟ ସରକାର ଏହି ଦୁଇ ବର୍ଷରେ ଅଡିଟ ରିପୋର୍ଟକୁ ଲୁଚାଇବା ସହ ତାଙ୍କ ୱେବସାଇଟ୍‌ରେ ସମସ୍ତ ତଥ୍ୟ ଦେଇନାହାନ୍ତି। ଓଡ଼ିଶାର ୩୧୪ ବ୍ଲକ, ୬୭୯୮ ଗ୍ରାମପଞ୍ଚାୟତ, ୫ ମ୍ୟୁନିସିପାଲିଟି କର୍ପୋରେଶନ, ୪୭ ମ୍ୟୁନିସିପାଲିଟି, ଏନ୍‌ଏସିରେ ଖର୍ଚ୍ଚ ହୋଇଥିବା ୪୦ ହଜାର କୋଟି ଟଙ୍କାର 'ୟୁସି' ନାହିଁ। ଦୁର୍ନୀତି ଓ ଅନିୟମିତତା ଯୋଗୁ ବ୍ଲକ କର୍ମଚାରୀଙ୍କ ଉପରେ ୪ ଶହରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ ଅଭିଯୋଗ ଆସିଛି, ହେଲେ ଫାଇନ ଆଦାୟ କରୁନାହାନ୍ତି ସରକାର। ବିଜେଡି ସରକାର ଦୁର୍ନୀତିର ପାହାଡ଼ରେ ଛିଡ଼ା ହୋଇଛି। ପ୍ରତି ବ୍ଲକରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ହରିଲୁଟ୍ ହୋଇଛି। ବିଜେଡି ସରକାରରେ ବିଡିଓଙ୍କଠାରୁ କିରାଣି ପର୍ଯ୍ୟନ୍ତ ସମସ୍ତେ ଘୋଟାଲାରେ ସମ୍ପୃକ୍ତ। ୨୫୦ ବ୍ଲକରେ ୧୬ ହଜାର ୪ ଶହ ୮୩ କୋଟି ଟଙ୍କାର କ'ଣ ଖର୍ଚ୍ଚ ହୋଇଛି ତାହାର ହିସାବ ନାହିଁ। ପ୍ରତ୍ୟେକ ପଞ୍ଚାୟତ ଓ ବ୍ଲକରେ ଏହି ପ୍ରସଙ୍ଗକୁ ନେଇ ଭାଜପା ଲୋକଙ୍କ ପାଖକୁ ଯିବ ବୋଲି ମନୋଜ କହିଛନ୍ତି।


# Classified Everyday
0674-2580101, 2549949



REAL ESTATE
SALE

Duplex sale at Bhubaneswar @ 57 lakhs only. Contact: 9777433701. D-75294



Newly open SPA positively health benefits with expert therapist. 9938843929. D-75184

Spa Kerala body Massage best Therapist @699/- Bhubaneswar. kajal-9337672475. D-2252

Refreshments Rejuvenation body massage therapy with experience therapists, Ashirvad Panchakarma Herbal Spa, Keshari Mall, Bhubaneswar, 8926173473. D-2235

Newly open health benefits SPA special offer @ 999 Bapujinagar. 8018429809. D-75189

Newly open SPA positively health benefits (expert therapist). Contact: 9124527170. D-75188

**Relax, Refresh your Body, Mind at Saikrupa Spa with best therapies. 8984068077.** D-2209

Newly health benefited SPA expert therapist at Mastercanteen. Contact: 7749034655. D-75185

Newly open health benefits SPA special offer @ 799 Bapuji Nagar. 8018429809. D-75183

Newly open Jyoti SPA positively health benefits (expert therapist). 8458067955. D-75182


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମନେ ପଡ଼ନ୍ତି

## ନବମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



୰ରାଜଲକ୍ଷ୍ମୀ ମିଶ୍ର
ପତି: ୰ପ୍ରଫେସର ତ୍ରିଲୋଚନ ମିଶ୍ର (ପୂର୍ବତନ କୁଳପତି)
୩୧୬ ଏ, ସହିଦ ନଗର
ଆବିର୍ଭାବ: ୧୫।୦୧।୧୯୨୯
ତିରୋଧାନ: ୨୬।୧୨।୨୦୧୪
ଛାତି ତଳେ ଚାପି ଦୁଃଖର ପାହାଡ଼
ପାରି ହୋଇଗଲ ସଂସାରର ବାଡ଼
ତୁମ ଆଶୀର୍ବାଦ ତୁମ ସ୍ନେହ, ପ୍ରେମ
ଆମ ଜୀବନରେ ହେଉ ସଦା କାମ୍ୟ
ଲଭୁ ତୁମ ଆତ୍ମା ସଦା ଶାନ୍ତି ମୁକ୍ତି,
ପ୍ରଭୁ ପାଦେ ଢାଳୁ ଏତିକି ପ୍ରଣତି।
ପୁତ୍ର, କନ୍ୟା, ପୁତ୍ରବଧୂ, ଜାମାତା, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୨୨୭୩

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ନଟବର ଦାଶ
ଆବିର୍ଭାବ: ୧୯୨୯
ତିରୋଧାନ: ୦୫।୦୧।୨୦୨୪
ଖଇରଙ୍ଗ, ଆଶ୍ରମପାଟଣା, ଜଗତ୍‌ସିଂହପୁର
ଆପଣଙ୍କ ଅମର ଆତ୍ମାର ଶାନ୍ତି ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
ଆପଣଙ୍କ: ପତ୍ନୀ: କମଳା ବାଳା ଦାଶ, ପୁତ୍ର: ପ୍ରଭାତ, ବିଭୂତି, ବୋହୂ: ଜଲି, ଟୁନି, ଝିଅ: ନିରୁ, ଜ୍ୱାଇଁ: ଅକ୍ଷୟ, ନାତୁଣୀ/ନାତି: ଜିନୁ-ପ୍ରିୟ, ବୁବୁନ୍, ପାପୁନା, ଡୁଗୁଲା, ଗୁଡୁଲୀ, ଲିଟିଲି, ନାତୁଣୀବୋହୂ: ମାମା, ରିତୁ, ଦିପା, ଅଣନାତୁଣୀ/ନାତି: କୋକଲ, ମଗୁଲୁ
ଧ-୨୨୭୪



ଶ୍ରୀ ରଜନୀକାନ୍ତ ମହାନ୍ତି
ଜନ୍ମ: ୨୧/୦୮/୧୯୩୨
ଦେହାନ୍ତ: ୦୬/୦୧/୨୦୨୪
BHU ରୁ ୧୯ ବର୍ଷରେ M.Sc ଓ I.I.Sc. ରୁ ଇଂଜିନିୟରିଂ, ଆମେରିକାର କାର୍ଣ୍ଣେଗୀ ମେଲନ୍ ବିଶ୍ୱବିଦ୍ୟାଳୟରୁ ବିଶେଷ ତାଲିମ ପରେ ରାଉରକେଲା ଷ୍ଟିଲ୍ ପ୍ଲାଂଟରେ କର୍ମଜୀବନ। ଅବସର ଜୀବନ ଏନ ୪/୯୦, ଆଇ.ଆର.ସି. ଭିଲେଜ୍ ଭୁବନେଶ୍ୱରରେ। ସ୍ଫଟିକ ସ୍ୱଚ୍ଛ ଆଚରଣ ଓ ଉଚ୍ଚାରଣ, ଶ୍ରୀରାମଙ୍କ ପ୍ରତୀକ, ଆପଣ ଥିଲେ ଆମର ଦିଶାରୀ, ଆଦର୍ଶ ଓ ପ୍ରଭୁ। ଆମର ବିଶ୍ୱାସ ଓ ପ୍ରାର୍ଥନା ଚୈତ୍ୟଜଗତରେ ପ୍ରଭୁପାଦପଦ୍ମରେ ବିଶ୍ରାମ ପର୍ବରେ ଆପଣ ସାରା ସଂସାର ପାଇଁ ଅହରହ ଢାଳୁଥିବେ ଆଶୀର୍ବାଦ ଧାରା।
ଚିରକୃତଜ୍ଞ: ସ୍ମୃତି ଓ ଲକ୍ଷ୍ମୀକାନ୍ତ (କନ୍ୟା, ଜାମାତା), ସ୍ୱାତୀ ଓ ଶ୍ରୁତି (କନ୍ୟା) ମଧୁଲିକା ଓ ଶଶାଙ୍କ (ନାତୁଣୀ ଓ ଜୋଇଁ), ଅଙ୍କିତା (ନାତୁଣୀ), ଭାରତ ଭୂଷଣ (ଅନୁଜ) ଓ ବନ୍ଧୁ ପରିଜନ।
ଧ-୬୫୫୧୧


## ଅନ୍ୟାନ୍ୟ ଖବର

# ଆସନ୍ତା ୧୭ରୁ ୧୫ ଜିଲାରୁ ପୁରୀକୁ ଗଡ଼ିବ ଏସି ବସ୍

**ଭୁବନେଶ୍ୱର, ୧୪।୧(ସୁନିତ୍ ମିଶ୍ର)**

ଲକ୍ଷ୍ମୀ ଯୋଜନାରେ ଆସନ୍ତା ୧୭ ତାରିଖରୁ ୧୫ ଜିଲାରୁ ଓଏସ୍ଆର୍‌ଟିସି ପକ୍ଷରୁ ପୁରୀକୁ ସ୍ୱତନ୍ତ୍ର ଏସି ବସ୍ ଆରମ୍ଭ ହେବ। ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ଅବସରରେ ପ୍ରଥମ ପର୍ଯ୍ୟାୟରେ ୧୫ଟି ଚାଲିବ। ଏନେଇ କିଣାଯାଇଥିବା ୧୫ଟି ନୂଆ ବସ୍ ବର୍ତ୍ତମାନ ଭୁବନେଶ୍ୱରରେ ପହଞ୍ଚିସାରିଛି। ପରବର୍ତ୍ତୀ ପର୍ଯ୍ୟାୟରେ ଅଧିକ ଜିଲାରୁ ଏହି ବସ୍ ଚଳାଚଳ ଆରମ୍ଭ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସୂଚନାଯୋଗ୍ୟ ଯେ, ଲକ୍ଷ୍ମୀ ଯୋଜନାର ଟାୟାର-୧ ଅନୁଯାୟୀ ପ୍ରତ୍ୟେକ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳ କରିବ। ଟାୟାର-୨ ଅନୁଯାୟୀ ପ୍ରତ୍ୟେକ ବ୍ଲକସ୍ତରରୁ ଜିଲାକୁ ଲକ୍ଷ୍ମୀ ଯୋଜନାରେ ବସ୍ ଚାଲିବ। ଟାୟାର-୩ ଅନୁଯାୟୀ ପ୍ରତ୍ୟେକ ଜିଲାରୁ ଭୁବନେଶ୍ୱର ଦେଇ କିଛି ସ୍ୱତନ୍ତ୍ର ସ୍ଥାନକୁ ବସ୍ ଚଳାଚଳ କରିବ। ପ୍ରଥମ ପର୍ଯ୍ୟାୟରେ ବଲାଙ୍ଗୀର, ବରଗଡ, ଗଜପତି, ଗଞ୍ଜାମ, ଝାରସୁଗୁଡା, କୋରାପୁଟ, କଳାହାଣ୍ଡି, କେନ୍ଦୁଝର, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡା, ରାୟଗଡ଼ା, ସମ୍ବଲପୁର ଏବଂ ସୁନ୍ଦରଗଡରୁ ପୁରୀକୁ ବସ୍ ଚଳାଚଳ କରିବ।

# ଭାରତୀୟ ମହିଳା ହକି ଦଳର ବିଜୟ

**ରାଞ୍ଚି, ୧୪।୧ (ପି.ଟି.)**

ଏଫ୍ଆଇଏଚ୍ ମହିଳା ଅଲିମ୍ପିକ କ୍ୱାଲିଫାୟର ଟୁର୍ନାମେଣ୍ଟର ପୁଲ୍ 'ବି'ରେ ଭାରତ ରବିବାର ୩-୧ ଗୋଲ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଦଳ ପକ୍ଷରୁ ସଙ୍ଗୀତା କୁମାରୀ, ଉଦିତା ଦୁହାନଓ ବିୟୁଟି ଡୁଙ୍ଗ୍‌ଡୁଙ୍ଗ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଛନ୍ତି। ନ୍ୟୁଜିଲାଣ୍ଡ ପକ୍ଷରୁ ମେଗାନ ହଲ୍ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଏକମାତ୍ର ଗୋଲ୍ ସ୍କୋର କରିଥିଲେ। ଭାରତ ଶନିବାର ଏହାଠାରୁ ନିମ୍ନ ର୍‍ୟାଙ୍କିଙ୍ଗପ୍ରାପ୍ତ ୟୁଏସ୍ଏ ନିକଟରୁ ୧-୦ ଗୋଲରେ ପରାଜିତ ହୋଇଥିଲା। ନ୍ୟୁଜିଲାଣ୍ଡ ବିପକ୍ଷରେ ଚମତ୍କାର ବିଜୟ ଦ୍ୱାରା ଭାରତର ପ୍ୟାରିସ ଗେମ୍ସ ପାଇଁ ଯୋଗ୍ୟତା ହାସଲ ଆଶା ଉଜ୍ଜୀବିତ ହୋଇଛି। ରବିବାର ସୁଦ୍ଧା ପୁଲ୍ 'ବି' ଟେବୁଲରେ ୟୁଏସଏ ୨ଟି ମ୍ୟାଚରୁ ପୁରା ୬ ପଏଣ୍ଟ ଅର୍ଜନ କରି ପ୍ରଥମ ସ୍ଥାନରେ ରହିଛି। ଭାରତ ଓ ନ୍ୟୁଜିଲାଣ୍ଡ ସମାନ ୩ ପଏଣ୍ଟ ଅର୍ଜନ କରିଥିଲେ ହେଁ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଏବଂ ଭାରତ ତୃତୀୟ ସ୍ଥାନରେ ରହିଛି।

# ଭାରତୀୟ ଶୁଟର ପୁଣି ଜିତିଲେ ସ୍ୱର୍ଣ୍ଣ

**ଜାକର୍ତ୍ତା, ୧୪।୧(ପି.ଟି.)**

ଭାରତୀୟ ଶୁଟରମାନେ ଏଠାରେ ଚାଲିଥିବା ଏସିଆ ଅଲିମ୍ପିକ କ୍ୱାଲିଫାୟର୍ସରେ ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ଯୋଗେଶ ସିଂ ରବିବାର ପୁରୁଷ ୨୫ମିଟର ବ୍ୟକ୍ତିଗତ ଷ୍ଟାଣ୍ଡାର୍ଡ ପିସ୍ତଲ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏହାପୂର୍ବରୁ ସେ ଅମିତ୍ କୁମାର ଏବଂ ଓମ୍ ପ୍ରକାଶଙ୍କୁ ସାଥୀକରି ଟିମ୍ ଇଭେଣ୍ଟ ଜିତିଛନ୍ତି। ଯୋଗେଶ ୫୭୨ ଶଟ୍ ସହ ଷ୍ଟାଣ୍ଡାର୍ଡ ପିସ୍ତଲ ସ୍ୱର୍ଣ୍ଣ ଜିତିଥିବା ବେଳେ ଅମିତ୍(୫୬୫) ଓ ପ୍ରକାଶ(୫୫୩)ଙ୍କୁ ପାର୍ଟନର କରି ଟିମ୍ ସ୍ୱର୍ଣ୍ଣ ହାସଲ କରିଛନ୍ତି। ଚାମ୍ପିୟନଶିପ୍‌ରେ ଭାରତ ୧୪ ସ୍ୱର୍ଣ୍ଣ ଓ ୧୦ ରୌପ୍ୟ ସହ ମୋଟ ୩୨ ପଦକ ଜିତିସାରିଲାଣି। ଏହି କଣ୍ଟିନେଣ୍ଟାଲ ଇଭେଣ୍ଟରେ ଭାରତର ଏହା ହେଉଛି ଶ୍ରେଷ୍ଠ ପ୍ରଦର୍ଶନ।

# ଶନ୍ ମାର୍ଶଙ୍କ ଅବସର

**ସିଡ୍‌ନୀ,୧୪।୧(ପି.ଟି.)**

ଅଷ୍ଟ୍ରେଲୀୟ କ୍ରିକେଟର ଶନ୍ ମାର୍ଶ ପ୍ରଫେସନାଲ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ରବିବାର ସେ ନିଜର ଅବସର ଘୋଷଣା କରିଥିବା ବେଳେ ବୁଧବାର ଅନ୍ତିମ ମ୍ୟାଚ୍ ଖେଳିବେ। ବିଗ୍ ବାସ୍ ଲିଗ୍‌ରେ ମେଲବର୍ନ ରେନେଗେଡ୍ସ ପକ୍ଷରୁ ସିଡ୍‌ନୀ ଥଣ୍ଡର୍ସ ବିପକ୍ଷରେ ସେ ଏହି ମ୍ୟାଚ୍ ଖେଳିବେ। ରେନେଗେଡ୍ସ ପାଇଁ ଖେଳିବା ମୋ ଲାଗି ଅତ୍ୟନ୍ତ ଗର୍ବର ବିଷୟ। ଏଠାରେ ଗତ ୫ ବର୍ଷ ମଧ୍ୟରେ କିଛି ବନ୍ଧୁ ମିଳିଛନ୍ତି, ଯେଉଁମାନେ ସାରା ଜୀବନ ବନ୍ଧୁ ହୋଇ ରହିବେ ବୋଲି ୪୦ ବର୍ଷୀୟ ମାର୍ଶ ଏକ ବିବୃତିରେ କହିଛନ୍ତି। ଏହାସହ ସେ ଫ୍ରାଞ୍ଚାଇଜ୍‌ର କୋଚିଂ ଓ ଅନ୍ୟାନ୍ୟ ସପୋର୍ଟ ଷ୍ଟାଫ୍‌ଙ୍କୁ ମଧ ଧନ୍ୟବାଦ ଜଣାଇଛନ୍ତି। ଚଳିତ ସିଜନରେ ସେ ୫ଟି ମ୍ୟାଚ୍ ଖେଳି ୪୫.୨୫ର ଆଭରେଜ୍ ଓ ୧୩୮.୧୬ର ଷ୍ଟ୍ରାଇକ୍‌ରେଟ୍‌ରେ ୧୮୧ ରନ୍ ସ୍କୋର କରିଛନ୍ତି। ପୂର୍ବରୁ ୨୦୧୧-୧୯ ଯାଏ ପର୍ଥ ସ୍କର୍ଚର୍ସ ଟିମ୍‌ରେ ରହିଥିବା ବେଳେ ନିଜ ପୂର୍ବ ଫ୍ରାଞ୍ଚାଇଜ୍‌କୁ ମଧ ଧନ୍ୟବାଦ ଜଣାଇଛନ୍ତି ମାର୍ଶ। ଅଷ୍ଟ୍ରେଲିଆ ଦଳ ପାଇଁ ୧୩ ଶତକ ସହ ୫୨୦୦ ରନ୍ ସ୍କୋର କରିଥିବା ମାର୍ଶ ୨୦୧୯ ଦିନିକିଆ ବିଶ୍ୱକପ୍‌ରେ ଶେଷଥର ଅଷ୍ଟ୍ରେଲିଆ ଲାଗି ଖେଳିଥିଲେ।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରେ ରବିବାର ମୋହନ ବାଗାନ ସୁପର ଜାଏଣ୍ଟ୍ସ ଓ ହାଇଦ୍ରାବାଦ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

# ଶ୍ରୀନିଡ଼ିକୁ ହରାଇଲା ଇଷ୍ଟ ବେଙ୍ଗଲ

**ଭୁବନେଶ୍ୱର, ୧୪।୧**
**(ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଇଷ୍ଟ ବେଙ୍ଗଲ ୨-୧ ଗୋଲରେ ଶ୍ରୀନିଡି ଡେକାନ ଫୁଟବଲ କ୍ଲବକୁ ପରାସ୍ତ କରିଛି। ଇଷ୍ଟ ବେଙ୍ଗଲ ପକ୍ଷରୁ ହିଜାଜି ମାହେର ଅବୁ ସଇଦ ୧୨ ଓ ଜଭିଅନ ସିଭେରିଓ ଟୋରୋ ୩୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିବାବେଳେ ଶ୍ରୀନିଡ଼ି ପକ୍ଷରୁ ୱିଲିୟମ ଆଲଭେସ ଡି ଓଲିଭେରା ୯୦+୧ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଇଷ୍ଟ ବେଙ୍ଗଲ ୩ ମ୍ୟାଚରୁ କ୍ରମାଗତ ଦ୍ୱିତୀୟ ବିଜୟ ସହ ୬ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଶ୍ରୀନିଡ଼ି କ୍ରମାଗତ ଦ୍ୱିତୀୟ ପରାଜୟ ସହ ଟେବୁଲର ନିମ୍ନରେ ରହିଛି। ଗ୍ରୁପ୍ 'ଏ'ରେ ମୋହନ ବାଗାନ ସୁପର ଜାଏଣ୍ଟ୍ସ ମଧ୍ୟ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି।

# ମୋହନ ବାଗାନ ଏସ୍‌ଜିର ଦ୍ୱିତୀୟ ବିଜୟ

**କଳିଙ୍ଗ ସୁପର କପ୍**

**ଭୁବନେଶ୍ୱର, ୧୪।୧**
**(ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରେ ମୋହନ ବାଗାନ ସୁପର ଜାଏଣ୍ଟ୍ସ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରବିବାର ଅନୁଷ୍ଠିତ ଦିବସର ପ୍ରଥମ ମ୍ୟାଚ୍‌ରେ ଏହି ଦଳ ହାଇଦ୍ରାବାଦ ଏଫ୍‌ସିକୁ ୨-୧ ଗୋଲରେ ପରାସ୍ତ କରିଛି। ଅନ୍ୟ ପକ୍ଷରେ ଏହି ମ୍ୟାଚରେ ଭଲ ଖେଳିବା ସତ୍ତ୍ୱେ ଭାଗ୍ୟ ସାଥ୍ ନ ଦେବାରୁ ହାଇଦ୍ରାବାଦ ଏଫ୍‌ସି କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ଫଳରେ ଗ୍ରୁପ୍ 'ଏ'ରେ ୬ ପଏଣ୍ଟ ସହ ମୋହନ ବାଗାନ ସୁପର ଜାଏଣ୍ଟ୍ସ ଟେବୁଲର ୨ୟ ସ୍ଥାନରେ ରହି ନକ୍‌ଆଉଟ ପ୍ରବେଶ ସମ୍ଭାବନା ଉଜ୍ଜୀବିତ କରିଛି। ମ୍ୟାଚ୍‌ର ୭ମ ମିନିଟରେ ଏକ ଗୋଲ ଦେଇ ହାଇଦ୍ରାବାଦ୍ ଏଫ୍‌ସିକୁ ଅଗ୍ରଣୀ କରିଥିଲେ ରାମଲୁଚୁଙ୍ଗା। ମୋହନ ବାଗାନ ଦଳ ଗୋଲ ପରିଶୋଧ ପାଇଁ ଜୋରଦାର ଉଦ୍ୟମ କରିଥିଲେ ହେଁ ପ୍ରଥମାର୍ଦ୍ଧ ଶେଷ ବେଳକୁ ହାଇଦ୍ରାବାଦ ଅଗ୍ରଣୀ ବଳବତ୍ତର ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ହାଇଦ୍ରାବାଦ ପ୍ରଭାବୀ ପ୍ରଦର୍ଶନ କରିଥିଲା। ତେବେ ମ୍ୟାଚର ଶେଷ ପର୍ଯ୍ୟାୟରେ ମୋହନ ବାଗାନ ଏସ୍‌ଜିକୁ ଭାଗ୍ୟ ସାଥ୍ ଦେଇଥିଲା। ୮୮ତମ ମିନିଟରେ ହାଇଦ୍ରାବାଦ ବକ୍ସ ଏରିଆରେ ବଲ୍ ପାଇଁ ସଂଘର୍ଷ ଚାଲିଥିବାବେଳେ ଜେରେମି ଜୋମିଙ୍ଗଲୁଆଙ୍କ ଆତ୍ମଘାତୀ ଗୋଲ ଯୋଗୁ ମାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୨ ମିନିଟରେ ଡିମିଟ୍ରୋସ ପେଟ୍ରାଟୋସ ଏକ ଗୋଲ ଦେଇ ମୋହନ ବାଗାନ ସୁପର ଜାଏଣ୍ଟ୍ସକୁ ବିଜୟୀ କରିଥିଲେ। ବିପଜ୍ଜନକ ଖେଳ ପାଇଁ ହାଇଦ୍ରାବାଦ ଏଫ୍‌ସିର ୫ ଓ ମୋହନ ବାଗାନ ସୁପର ଜାଏଣ୍ଟ୍ସର ଜଣେ ଖେଳାଳି ୟେଲୋ କାର୍ଡ ପାଇଥିଲେ। ତେବେ ହାଇଦ୍ରାବାଦ ଦଳ ପରାଜିତ ହୋଇଥିଲେ ହେଁ ପୂରା ମ୍ୟାଚରେ ଉତ୍ତମ ଖେଳ ପ୍ରଦର୍ଶନ ପାଇଁ ରାମଲୁଚୁଙ୍ଗା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ବିଜେଇଏମ୍‌କୁ ଆନ୍ତଃ ସ୍କୁଲ କ୍ରିକେଟ ଟାଇଟଲ

**ଭୁବନେଶ୍ୱର, ୧୪।୧**
**(ତପନ ସ୍ୱାଇଁ)**

ୟୁନିଟ-୨ ବାଳିକା ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ବିଜେଇଏମ୍ ସ୍କୁଲ ଚାମ୍ପିୟନ ହୋଇଛି। ରବିବାର ଫାଇନାଲରେ ଏହି ଦଳ ଖଣ୍ଡଗିରୀର ସେଣ୍ଟ ଜାଭିଅର ସ୍କୁଲକୁ ପରାସ୍ତ କରିଛି। ବିଜେଇଏମ୍ ୩୦ ଓଭରରେ ୪ ଉଇକେଟ ହରାଇ ୨୩୨ ରନ କରିଥିବାବେଳେ ଜାଭିଅର ୧୬.୬ ଓଭରରେ ୬୩ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ସିଦ୍ଧାର୍ଥ ଶଙ୍କର ବେହେରା ଶତକ (୧୦୧ ରନ) ହାସଲ କରିଥିବାରୁ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ରାଜ୍ୟ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ପ୍ରତିଷ୍ଠିତ କୋଚ୍, କିଶୋର ମାଣିଆ ଓ ଲଳିତ ମହାନ୍ତି, ବିଜେଇଏମ୍ ପ୍ରିନ୍ସିପାଲ ସନ୍ଧ୍ୟା ଜେନା, ଓଡ଼ିଶା ଭେଟେରାନ କ୍ରିକେଟ ଆସୋସିଏଶନ ସଭାପତି ଅଶୋକାନନ୍ଦ ଜେନା, ସମ୍ପାଦକ ବିରେନ କୁମାର ଦାସ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ।



ଚାମ୍ପିୟନ ବିଜେଇଏମ୍ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ରାଜ୍ୟ ସ୍କୁଲ୍ସ ଓପନ ଚେସ୍: ସାଇ ରଞ୍ଜନ ଚାମ୍ପିୟନ

**ଭୁବନେଶ୍ୱର, ୧୪।୧ (ତପନ ସ୍ୱାଇଁ)**

କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ରବିବାର ଆୟୋଜିତ ୭ମ ଆର.ଏନ. ଦାସ ସ୍ମାରକୀ ରାଜ୍ୟ ସ୍କୁଲ୍ସ ଓପନ ଚେସ୍ ଚାମ୍ପିୟନଶିପ୍‌ରେ ଯାଜପୁର ଟାଉନ୍ ଡିଏଭିର ସାଇ ରଞ୍ଜନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ଆର.ଏନ. ଦାଶ ଫାଉଣ୍ଡେଶନ ଓ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ ହୋଇଥିଲା। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସାଇ ରଞ୍ଜନ ପୂରା ୫ ପଏଣ୍ଟ ପାଇଥିଲେ। ଆଦିତ୍ୟ ପ୍ରସାଦ ସୁବୁଦ୍ଧି (କେଭି, ଆଇଆଇଟି ଭୁବନେଶ୍ୱର) ୪.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅଞ୍ଜଳି ମିଶ୍ର, ସ୍ୱସ୍ତିକ ରଞ୍ଜନ ସ୍ୱାଇଁ, ଆୟାଭଣ୍ଟ ମହାନ୍ତି, ଅର୍ନଭ ଖୁଣ୍ଟିଆ, ରୁଦ୍ର ପ୍ରତାପ ମିଶ୍ର, ଇହାନ ଚୌଧୁରୀ, ଆୟୁଷ୍ମାନ ବେହେରା ଓ ନମନ ରାଜ ସିଂ ଟପ୍-୧୦ ଫିନିଶ୍ କରିଥିଲେ। ଏମାନଙ୍କ ବ୍ୟତୀତ ୮, ୧୦, ୧୨, ୧୪ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ଏବଂ ୮ ଜଣ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଆର.ଏନ. ଦାଶ ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି ସୁବ୍ରତ ଦାଶ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ରତ୍ନା ଦାଶ ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

# ରତୁପର୍ଣ୍ଣା, ଆଦିତ୍ୟଙ୍କୁ ଟାଇଟଲ

**ଉତ୍କଳ ଓପନ ଟେନିସ ଉଦ୍‌ଯାପିତ**

**ଭୁବନେଶ୍ୱର, ୧୪।୧ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଉତ୍କଳ ଓପନ ଅଲ୍ ଓଡ଼ିଶା ଟେନିସ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ସିଙ୍ଗଲ୍ସରେ ରତୁପର୍ଣ୍ଣା ଚୌଧୁରୀ ଓ ପୁରୁଷ ସିଙ୍ଗଲ୍ସରେ ଆଦିତ୍ୟ ଶତପଥୀ ଟାଇଟଲ ହାସଲ କରିଛନ୍ତି। ମହିଳା ସିଙ୍ଗଲ୍ସ ଫାଇନାଲରେ ରତୁପର୍ଣ୍ଣା ୬-୨, ୬-୩ରେ ପ୍ରୀଶା ଦାସଙ୍କୁ ଏବଂ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଆଦିତ୍ୟ ୬-୦, ୬-୧ରେ ଆଶୁତୋଷ ଦାସଙ୍କୁ ପରାସ୍ତ କରିଛନ୍ତି। ପୁରୁଷ ଡବଲ୍ସ ଫାଇନାଲରେ ସତୀର୍ଥ ପଟ୍ଟନାୟକ ଓ ଆଶୁତୋଷ ଦାସ ଯୋଡ଼ି ୬-୨, ୬-୪ରେ ଶିମୋନ ଶାସ୍ତ୍ରୀ ଓ ସ୍ୱସ୍ତିକ ଏସ. ପ୍ରଧାନଯୋଡ଼ିଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ସାଇ ସ୍ୱସ୍ତିକ ମହାନ୍ତି, ବାଳିକାରେ ଶାଜାଫା ୱାନିଆ ସେକ୍, ୪୦ ବର୍ଷରୁ ଉର୍ଦ୍ଧ୍ୱ ଡବଲ୍ସ ଫାଇନାଲରେ ସତୀର୍ଥ ପଟ୍ଟନାୟକ-ଦୟାଲ ଗଙ୍ଗୱାର, ୫୦+ ଡବଲ୍ସରେ ବିଶ୍ୱଜିତ ମିଶ୍ର-ଶାଶ୍ୱତ ଜେନା ଏବଂ ୬୦+ ଡବଲ୍ସରେ ଏସ.ଏସ. ରଥ-ଅଜୟ ମହାପାତ୍ର ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ପି.କେ. ପ୍ରଧାନ ଓ ଜେ. ଗନ୍ତାଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରୀଶା ଦାସ ଓ ନୀରଜ ମିଶ୍ରଙ୍କୁ ଯଥାକ୍ରମେ ଶ୍ରେଷ୍ଠ ଖେଳୁଆଡ଼ ମନୋଭାବ ଓ ଉତ୍ତମ ପୋଷାକ ପରିଧାନକାରୀ ଖେଳାଳି ପୁରସ୍କାର ମିଳିଥିଲା। ମେଣ୍ଢାଶାଳ ଗ୍ରାମର ଯୁବ ଖେଳାଳି ବଳଭଦ୍ର ବେହେରାଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଇମର୍ଜିଂ ଖେଳାଳି ବିବେଚନା କରାଯାଇଥିଲା। ଏମ୍‌ଏସ୍‌ଏମ୍‌ଇର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଆଇଏଫ୍ଏସ୍-ପିସିସିଏଫ୍ ଆଣ୍ଡ ଏଚ୍ଓଏଫ୍ଏଫ୍ ଦେବୀଦତ୍ତ ବିଶ୍ୱାଳ, ଉତ୍କଳ ବିଲ୍ଡର୍ସର ପ୍ରତିଷ୍ଠାତା ସୁଭାଷ ଚନ୍ଦ୍ର ଭୁରା, ଏସିଇ ଟେନିସ କ୍ଲବ ସଭାପତି ନଭରତନ ବୋଥ୍ରା, ଆୟୋଜକ କମିଟି ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



ଉତ୍କଳ ଓପନ ଟେନିସ ଟୁର୍ନାମେଣ୍ଟର କୃତୀ ପ୍ରତିଯୋଗୀମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଇନିଂସ ଅଗ୍ରଣୀ ପଥରେ ଓଡ଼ିଶା

**ରଣଜୀ ଟ୍ରଫି**

**ଭୁବନେଶ୍ୱର, ୧୪।୧**
**(ତପନ ସ୍ୱାଇଁ)**

ଇନ୍ଦୋରସ୍ଥିତ ଇମରଲାଣ୍ଡ ହାଇଟ୍ସ ଇଣ୍ଟରନ୍ୟାଶନାଲ ସ୍କୁଲ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ଦୃଢ଼ ସ୍ଥିତିରେ ରହିଛି। ପ୍ରଥମ ଇନିଂସରେ ଓଡ଼ିଶାର ୪୯୮ ରନ୍ ଜବାବରେ ମଧ୍ୟ ପ୍ରଦେଶ ରବିବାର ତୃତୀୟ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ୬ ଉଇକେଟ ହରାଇ ୨୪୬ ରନ୍ କରିଛି। ହାତରେ ୪ ଉଇକେଟ ଥାଇ ଘରୋଇ ଦଳ ଆହୁରି ୨୫୨ ରନ ଦୂରରେ ଥିବାରୁ ଓଡ଼ିଶା ଇନିଂସ ଅଗ୍ରଣୀ ପଥରେ ରହିଛି। ସୋମବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାରୁ ଫଳାଫଳ ମିଳିବା ସମ୍ଭାବନା କ୍ଷୀଣ ହୋଇଯାଇଛି।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୪୯୩/୮ରୁ ଖେଳ ଅରମ୍ଭ କରିଥିବା ଓଡ଼ିଶା ଆଉ ମାତ୍ର ୫ ରନ୍ ଯୋଗକରି ଅବଶିଷ୍ଟ ୨ଟି ଉଇକେଟ ହରାଇଥିଲା। ଦ୍ୱିତୀୟ ଦିବସ ସାରା ବ୍ୟାଟିଂକରି କ୍ୟାରିୟର ଶ୍ରେଷ୍ଠ ଇନିଂସ ଖେଳିଥିବା ଶୁଭ୍ରାଂଶୁ ସେନାପତି ତ୍ରିଶତକର ନିକଟତର ହୋଇଥିଲେ ହେଁ ତୃତୀୟ ଦିବସରେ ପ୍ରଥମ ଓଭର ବୋଲିଂ କରିଥିବା କୁମାର କାର୍ତ୍ତିକେୟଙ୍କ ୪ର୍ଥ ବଲ୍‌ରେ ଉଇକେଟକିପରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଅର୍ଥାତ୍ ସେ ପୂର୍ବଦିନର ସ୍କୋର ୨୭୭ ରନ୍‌ରେ ହିଁ ଆଉଟ ହୋଇଥିଲେ। ହର୍ଷିତ ରାଠୋଡ ପୂର୍ବ ଦିନର ସ୍କୋର (୬୦ରନ୍)ରେ ଅପରାଜିତ ଥିବାବେଳେ ଦିବସର ଦ୍ୱିତୀୟ ଓଭରରେ ଜୟନ୍ତ ବେହେରା (୦)ଙ୍କ ଆଉଟ ସହ ଓଡ଼ିଶା ଇନିଂସର ପରିସମାପ୍ତି ଘଟିଥିଲା। ଫଳରେ ଓଡ଼ିଶା ୫୦୦ ରନ୍ ସ୍ପର୍ଶରୁ ୨ ରନ୍ ଦୂରରେ ରହି ଯାଇଥିଲା।





ସୁନୀଲ ରାଉଳ

## ହର୍ଷ ଗାୱ୍ଲିଙ୍କ ଶତକ

ଓଡ଼ିଶା ବୋଲରମାନେ ଚମତ୍କାର ବୋଲିଂ କରି ମଧ୍ୟ ପ୍ରଦେଶର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ମାତ୍ର ୫ ରନରେ ପ୍ରଥମ ଉଇକେଟ ହରାଇଥିବା ମଧ୍ୟ ପ୍ରଦେଶ ସ୍କୋର ୨୪.୧ ଓଭର ବେଳକୁ ୮୯/୪ ହୋଇଯାଇଥିଲା। କେବଳ ସେତିକି ନୁହେଁ, ଆଘାତପ୍ରାପ୍ତ ହୋଇ ଅଭିଜ୍ଞ ଖେଳାଳି ଭେଙ୍କଟେଶ ଆୟାର ରିଟାୟର୍ଡ ହର୍ଟ ହେବା ମଧ୍ୟ ଦଳକୁ ବେଶ୍ ଧକ୍କା ପହଞ୍ଚାଇଥିଲା। ଏପରି କ୍ଷେତ୍ରରେ ସାହସିକ ଇନିଂସ ଖେଳି ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିଥିଲେ ହର୍ଷ ଗାୱ୍ଲି। ସେ ଶତକ ହାସଲ କରିବା ସହ ୫ମ ଉଇକେଟରେ ସାରାଂଶ ଜୈନଙ୍କ ସହ ଶତକୀୟ ଭାଗୀଦାରି ଗଢ଼ି ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ୬୧ତମ ଓଭରର ଦ୍ୱିତୀୟ ବଲ୍‌ରେ ଜୈନଙ୍କୁ ଆଉଟ କରି ଯୋଡ଼ି ଭାଙ୍ଗିଥିଲେ ଓଡ଼ିଶାର ପ୍ରତିଭା ସମ୍ପନ୍ନ ଦ୍ରୁତ ବୋଲର ସୁନୀଲ ରାଉଳ। ଜୈନ ୯୫ ବଲ୍‌ରୁ ୪୦ ରନ୍‌କରି ଆଉଟ ହୋଇଥିବାବେଳେ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ୧୩୭ ରନରେ ଅପରାଜିତ ରହି ଦଳପାଇଁ ଲଢ଼େଇ ଜାରି ରଖିଥିଲେ ଗାୱ୍ଲି। ସେ ୨୪୨ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୧୯ଟି ଚୌକା ମାରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସୁନୀଲ ରାଉଳ ସର୍ବାଧିକ ୩ଟି, ପ୍ରୟାସ ସିଂ ୨ଟି ଓ ସୂର୍ଯ୍ୟକାନ୍ତ ପ୍ରଧାନ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୪୯୮/ଅଲ୍‌ଆଉଟ (ଶୁଭ୍ରାଂଶୁ ସେନାପତି-୨୭୭, ହର୍ଷିତ ରାଠୋଡ-୬୦*, ରାଜେଶ ଧୂପର-୫୧, ପ୍ରୟାସ ସିଂ-୨୭, ସୂର୍ଯ୍ୟକାନ୍ତ ପ୍ରଧାନ-୨୬, ସାରାଂଶ ଜୈନ-୩/୯୦, ଭେଙ୍କଟେଶ ଆୟର-୨/୩୮, ଆର୍ଯ୍ୟନ ପାଣ୍ଡେ-୨/୮୯, କୁମାର କାର୍ତ୍ତିକେୟ-୨/୧୦୯, କୁଲୱନ୍ତ ଖେଜ୍ରୋଲିୟା-୧/୬୮)। ମଧ୍ୟ ପ୍ରଦେଶ ପ୍ରଥମ ଇନିଂସ: ହର୍ଷ ଗାୱ୍ଲି-୧୩୭*, ସାରାଂଶ ଜୈନ-୪୦, ସୁନୀଲ ରାଉଳ-୩/୭୬, ପ୍ରୟାସ ସିଂ-୨/୫୫, ସୂର୍ଯ୍ୟକାନ୍ତ ପ୍ରଧାନ-୧/୪୬)।

# ଫେବୃଆରୀ ୨ରୁ ସନ୍ତୋଷ ଟ୍ରଫି ଫାଇନାଲ ରାଉଣ୍ଡ

**ନୂଆଦିଲ୍ଲୀ, ୧୪।୧ (ପି.ଟି.):** ଇଟାନଗରରେ ଫେବୃଆରୀ ୨୧ରୁ ସନ୍ତୋଷ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ରାଉଣ୍ଡ ଖେଳାଯିବ। ସମସ୍ତ ମ୍ୟାଚ ଗୋଲ୍ଡେନ ଜୁବିଲି ଷ୍ଟାଡିୟମରେ ଖେଳାଯିବ ବୋଲି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ତରଫରୁ ଘୋଷଣା କରାଯାଇଛି। ୧୨ଟି ଦଳକୁ ନେଇ ଅନୁଷ୍ଠିତ ହେବାକୁଥିବା ଏହି ଟୁର୍ନାମେଣ୍ଟ ମାର୍ଚ୍ଚ ୯ରେ ଉଦ୍‌ଯାପିତ ହେବ। ଏଥିରେ ଆୟୋଜକ ଅରୁଣାଚଳ ପ୍ରଦେଶ, କର୍ଣ୍ଣାଟକ ଓ ମେଘାଳୟକୁ ସିଧାସଳଖ ଏଣ୍ଟ୍ରି ମିଳିଛି। ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି।

# ରାଜ୍ୟସ୍ତରୀୟ ମିନିଗଲ୍ଫ: ଭୁବନେଶ୍ୱର ଚାମ୍ପିୟନ

**ଭୁବନେଶ୍ୱର,୧୪।୧ (ତପନ ସ୍ୱାଇଁ)**

ଓଡ଼ିଶା ମିନିଗଲ୍ଫ ଆସୋସିଏଶନ ଆନୁକୂଲ୍ୟରେ ୨ ଦିନିଆ ରାଜ୍ୟସ୍ତରୀୟ ମିନିଗଲ୍ଫ ପ୍ରତିଯୋଗିତ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଭୁବନେଶ୍ୱର ଦଳ ଚାମ୍ପିୟନ ହୋଇଛି। ଖୋର୍ଦ୍ଧା ଜିଲା ରନରଅପ୍ ହୋଇଥିଲା ବେଳେ ପୁରୀ ତୃତୀୟ ସ୍ଥାନ ହାସଲ କରିଛି। ପ୍ରତିଯୋଗିତାରେ ରାଜ୍ୟର ୨୦ଟି ଦଳ ଅଂଶଗ୍ରହଣ କରିଥିଲେ। ସବ୍‌ଜୁନିୟର, ଜୁନିୟର, ଯୁବ ଓ ସିନିୟର ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ୩୨ଟି ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଥିଲା। ଆୟୋଜକ ଆସୋସିଏଶନ ସଭାପତି ସତ୍ୟବ୍ରତ ମୀନକେତନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସମାରୋହରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ମୁଖ୍ୟଅତିଥି ଏବଂ ନବରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମିନିଗଲ୍ଫ ଫେଡେରେଶନ ଅଫ ଇଣ୍ଡିଆର ମହାସଚିବ ସୂରଜ ୟେଟିକର ଓ ଯୁଗ୍ମ ସମ୍ପାଦକ ସୁରେନ୍ଦ୍ର ଚୌହାନ ଓ ରାଜ୍ୟ ଆସୋସିଏଶନ ସମ୍ପାଦକ ବିକାଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ସହ ଟାଇଟଲ ବିଜୟୀ ଭୁବନେଶ୍ୱର ଦଳର ପ୍ରତିଯୋଗୀମାନେ।

# ପଥର ଦେହରେ ଶ୍ରୀଜଗନ୍ନାଥ ସଂସ୍କୃତି ଗାଥା

ପଥର କହିବ ଶ୍ରୀଜଗନ୍ନାଥ ସଂସ୍କୃତିର କଥା। ସେତୁ ବଖାଣିବ ମାଣବସା ଚିତା ପରମ୍ପରାର ଗାଥା। ବିଶ୍ୱସ୍ତରୀୟ ଆଧୁନିକ ସେତୁରେ ଝଲସିବ ପରମ୍ପରାର ଛିଟା। କଳିଙ୍ଗ କଳା ସ୍ଥାପତ୍ୟର ନିଦର୍ଶନ ଭେଟି ଦେବ 'ଶ୍ରୀସେତୁ'। ଭକ୍ତ କେବଳ ଟ୍ରମ୍ପେଟ ସେତୁର ଅନୁଭବ ନେବେ ନାହିଁ ବରଂ ଯାତାୟାତବେଳେ ଓଡ଼ିଶା କାରିଗରଙ୍କ ସୃଜନୀର ସମାହାରରେ ବିଭୋର ହେବେ। ଶ୍ରୀସେତୁରେ ପ୍ରବେଶ ପଥରୁ ନେଇ ଜଗନ୍ନାଥବଲ୍ଲଭ ପାର୍କିଂରେ ପହଞ୍ଚିବା ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ପଥରର କାରୁକାର୍ଯ୍ୟ ଅଟକାଇଦେବ। ସେଲ୍ଫି ନେବାକୁ ବାଧ କରିବ। ଉଭୟ ପାର୍ଶ୍ୱରେ ଦେଖିବାକୁ ମିଳିବ ପଥର ଭାସ୍କର୍ଯ୍ୟରେ। ନୀଳଚକ୍ରର ଶୋଭା ବଢ଼ାଉଥିବା ଫରଫର ପତିତପାବନ ବାନାଠୁ ନେଇ ଗରୁଡ଼, ରାମାନନ୍ଦୀ ତିଳକ, ମହାପ୍ରଭୁଙ୍କ ଶଙ୍ଖ, ଚକ୍ର, ଗଦା, ପଦ୍ମ, କଠଉ, କୁଡୁଆରେ ଶ୍ରୀମନ୍ଦିରର ଭାସ୍କର୍ଯ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଶୋଭା ପାଇବ। ପଥର ନିର୍ମିତ ସିଂହ ମୂର୍ତ୍ତି ଓ ଶଙ୍ଖ ଚକ୍ର ମଧ୍ୟଭାଗରେ ଭକ୍ତଙ୍କୁ ସ୍ୱାଗତ କରିବ। କିଛି ଭାସ୍କର୍ଯ୍ୟ ଏପରି ଭାରସାମ୍ୟରେ ସ୍ୱଳ୍ପ ସ୍ଥାନରେ ପଥର ଉପରେ ଦଣ୍ଡାୟମାନ ହୋଇଛି, ଯାହା ଦେଖିଲେ ଭକ୍ତ ଓ କଳାପ୍ରିୟ ବ୍ୟକ୍ତିମାନେ ଅଭିଭୂତ ହେବେ। ଅବଢ଼ା (ଅଗ୍‌ମେଣ୍ଟେଶନ ବେସିକ ଏମିନିଟିଜ ଆଣ୍ଡ ଡେଭଲପମେଣ୍ଟ ଅଫ୍ ହେରିଟେଜ ଆଣ୍ଡ ଆର୍କିଟେକଚର୍) ଯୋଜନାରେ ପ୍ରଥମ କରି ଓଡ଼ିଶାରେ ୧୬.୪୩ କୋଟି ବ୍ୟୟରେ ଟ୍ରମ୍ପେଟ ସଦୃଶ ଶ୍ରୀସେତୁ ନିର୍ମିତ ହୋଇଥିବା ବେଳେ ସେଥିରେ କିଛି ନୂତନତ୍ୱ ଭରିବା ପାଇଁ ସରକାର ପରିକଳ୍ପନା କରିଥିଲେ। ଏନେଇ '୫-ଟି' ଅଧ୍ୟକ୍ଷ ବାରମ୍ବାର ଶ୍ରୀସେତୁକୁ ନିରୀକ୍ଷଣ କରିବା ସହ ଦୁଇ ପାର୍ଶ୍ୱକୁ ଶ୍ରୀଜଗନ୍ନାଥ ସଂସ୍କୃତିର ଛାପ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ବୈଷୟିକ କମିଟି ସଦସ୍ୟ ତଥା ବିଶିଷ୍ଟ ସ୍ଥପତି ଭବାନୀ ମିଶ୍ରଙ୍କ ପରାମର୍ଶ କ୍ରମେ ପଥର ସ୍ଥାପତ୍ୟ ପ୍ରସ୍ତୁତ କରାଯାଇଥିଲା। ଏସଂକ୍ରାନ୍ତରେ ମିଶ୍ର କହିଛନ୍ତି, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ବାରମ୍ବାର ଶ୍ରୀସେତୁକୁ ନିରୀକ୍ଷଣ ପାଇଁ ଆସୁଥିଲେ। ଉଭୟପାର୍ଶ୍ୱରେ ପଥରର ଭାସ୍କର୍ଯ୍ୟ ନେଇ ଆଲୋଚନା ହେବା ପରେ ସେ ପଥର ସ୍ଥାପତ୍ୟଗୁଡ଼ିକ କେଉଁଠାରେ ସ୍ଥାନିତ ହେବ ଏବଂ କେଉଁଭଳି ସ୍ଥାପତ୍ୟ ଏହି ଶ୍ରୀସେତୁ ମଧ୍ୟରେ ସ୍ଥାନ ପାଇବ ସେ ବାବଦରେ ପରାମର୍ଶ ଦେଇଥିଲେ। ଶ୍ରୀସେତୁର ନିର୍ମାଣ ଶୈଳୀ ଯେତିକି ଚମକ ଆଣିଛି, ତା' ମଧ୍ୟରେ ଭରପୂର କଳା ସ୍ଥାପତ୍ୟ ଏହାର ଶୋଭାକୁ ବହୁଗୁଣିତ କରୁଛି। ଭକ୍ତମାନେ ଗାଡ଼ି ନେଇ ଶ୍ରୀସେତୁକୁ ପ୍ରବେଶ ପଥରେ ପ୍ରଥମେ ଏକ ଶଙ୍ଖାକୃତି ଗାର୍ଡେନ ଦେଖିବେ। ସେଠାରୁ ଆସିବା ପରେ ସେତୁର ଉଭୟ ପାର୍ଶ୍ୱ ବାଡ଼ରେ ମାଣବସା ପାରମ୍ପରିକ ଝୋଟି ଚିତା ସହ ଉଭୟ ପାର୍ଶ୍ୱରେ ପଥରର ସ୍ଥାପତ୍ୟ ଦେଖିବେ। ମଧ୍ୟଭାଗ ଡିଭାଇଡର ଏବଂ ଉଭୟ ପାର୍ଶ୍ୱରେ ସବୁଜିମାର ଆକର୍ଷଣକୁ ମଧ୍ୟ ଉପଭୋଗ କରିପାରିବେ।






ଖଣ୍ଡୋଲାଇଟ ପଥରରେ ୩୦ଟି ବୃହତ୍ ପଥର ଭାସ୍କର୍ଯ୍ୟ ଶୋଭା ପାଇବ। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ମାର୍ଗଦର୍ଶନ ଏବଂ ସ୍ଥପତି ଭବାନୀ ମିଶ୍ରଙ୍କ ପରାମର୍ଶରେ ଶ୍ରୀସେତୁକୁ ଏକ ପର୍ଯ୍ୟଟନ ସ୍ଥାନ ଭାବେ ସୁସଜ୍ଜିତ କରାଯାଉଛି। ଶ୍ରୀଚେତନ୍ୟଙ୍କ ଭକ୍ତି ବିଭୋର ମୁଦ୍ରା ହେଉ ଅବା କାଞ୍ଚି ଅଭିଯାନରେ ଯିବା ବେଳେ ମାଣିକ ଗଉଡୁଣୀର ଦହି ବିକ୍ରି କଥା, ଅବଢ଼ା କୁଡୁଆ ହେଉ ଅବା ତାଳପତ୍ର ଭୋଗେଇ, ବଳରାମ ଦାସଙ୍କ ବାଲି ରଥ ଗଢ଼ିବାର ଦୃଶ୍ୟଠୁ ନେଇ ବିଷ୍ଣୁ ଅବତାର, ସବୁର ନିଦର୍ଶନ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାପର୍ଣ ଉତ୍ସବକୁ ଆଉ କିଛି ଦିନ ବାକିଥିବାବେଳେ ବର୍ତ୍ତମାନଠାରୁ ଶ୍ରୀକ୍ଷେତ୍ର ପୁରୀ ନବବଧୂ ପରି ସଜେଇ ହୋଇଛି। ପୁରୀର ପ୍ରମୁଖ ସାହି ଗଳିକୁ ବିଭିନ୍ନ ଆଲୋକରେ ଆଲୋକିତ କରାଯାଉଛି। ସେହିପରି ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଆଲୋକୀକରଣ କରାଯାଇଛି। ଖାଲି ବଡ଼ଦାଣ୍ଡ ନୁହେଁ ଶ୍ରୀମନ୍ଦିର ଚାରିପାଖ ବିଭିନ୍ନ ଆଲୋକରେ ଆଲୋକିତ ହେଉଛି। ବିଶେଷ କରି ଶ୍ରୀମନ୍ଦିର ଚାରିପାଖରେ ଥିବା ମେଘନାଦ ପାଚେରିର ସୌନ୍ଦର୍ଯ୍ୟ ଦୁଇଗୁଣିତ ହେଉଛି। ରାତିରେ ଆଲୋକରେ ଝଲସୁଛି ମେଘନାଦ ପାଚେରି। ହଳଦିଆ ଆଲୋକରେ ପାଚେରି ବେଶ୍ ରଙ୍ଗାୟିତ ହେଉଛି। ସେହିପରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଆଉଟ୍‌ଡୋର ରାସ୍ତାକୁ ମଧ୍ୟ ବିଭିନ୍ନ ଆଲୋକରେ ଆଲୋକିତ କରାଯାଉଛି, ଯାହାକୁ ଦେଖି ଭକ୍ତ ଓ ଶ୍ରଦ୍ଧାଳୁମାନେ ବେଶ୍ ପ୍ରଶଂସା କରିବା ସହ ଅନେକ ସମୟ ଧରି ସୌନ୍ଦର୍ଯ୍ୟକୁ ଉପଭୋଗ କରୁଛନ୍ତି।

## ଆଲୋକରେ ଝଲସୁଛି ମେଘନାଦ ପାଚେରି



## ଜାଗା ଆଖଡ଼ାରେ ଜିମ୍ ହଲ୍

ଜାଗା ଆଖଡ଼ାରେ କସରତ ପାଇଁ ପ୍ରସ୍ତୁତ ହେବ ଉନ୍ନତ ଭିତ୍ତିଭୂମି। ଆଖଡ଼ାରେ ପ୍ରତିଷ୍ଠା ହେବ ଜିମ୍ ହଲ୍। କୁସ୍ତି ପାଇଁ ଜାଗା ଘରକୁ ଯୋଗାଇ ଦିଆଯିବ ରେସଲିଂ ମ୍ୟାଟ୍। ପୁରୀର ଜାଗା ଆଖଡ଼ା ସଂସ୍କୃତିକୁ ବଳିଷ୍ଠ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। କୁସ୍ତିର ସହର ପୁରୀରେ କିଛି ଜାଗାଘରକୁ ଯୋଗାଇ ଦିଆଯିବ ରେସଲିଂ ମ୍ୟାଟ। ଜାଗା ଘର ଭିତ୍ତିଭୂମି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସରକାରଙ୍କ ଉଦ୍ୟମରେ ଏଭଳି ପଦକ୍ଷେପ ନିଆଯାଇଛି। ମୋଟ ୩୫ ଜାଗା ଆଖଡ଼ାରେ ଜିମ୍ ହଲ୍ ପ୍ରତିଷ୍ଠା କରାଯିବ। ଜିମ୍ ପ୍ରତିଷ୍ଠା ପାଇଁ ୮.୫କୋଟି ଟଙ୍କା ଖର୍ଚ୍ଚ ହେବ। ଜିମ୍ ମଧ୍ୟରେ ଆଧୁନିକ ସରଞ୍ଜାମ ଯୋଗାଇ ଦିଆଯିବ। ଜାଗା ଆଖଡ଼ା ଶ୍ରୀକ୍ଷେତ୍ର ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ। ଏହା ବହୁ ପ୍ରାଚୀନ ହୋଇଥିବାରୁ ସେଗୁଡ଼ିକର ମରାମତି ନିତାନ୍ତ ପ୍ରୟୋଜନ ଥିଲା। ତେଣୁ କିଛି ଜାଗା ଆଖଡ଼ାର ଭିତ୍ତିଭୂମି ସହ ପାରିପାର୍ଶ୍ୱକୁ ନୂଆ ରୂପ ଦିଆଯାଇଛି। ଏହି କ୍ରମରେ ଆଉ ୩୫ ଜାଗା ଘର ଯୋଡ଼ି ହୋଇଛି। ଏବେ ବି ପାରମ୍ପରିକ ସରଞ୍ଜାମରେ ଯୁବକମାନେ ବ୍ୟାୟାମ କରୁଛନ୍ତି। ଅନ୍ୟ ଜିମ୍‌ଗୁଡ଼ିକରେ ଆଧୁନିକ ସରଞ୍ଜାମ ରହିଥିବାରୁ ବହୁ ଯୁବକ ଜାଗା ଆଖଡ଼ା ଛାଡ଼ି ଜିମ୍ ମୁହାଁ ହେଉଥିବାରୁ ଜିମ୍ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୩୫ଟି ଜାଗା ଘରକୁ ଏଥିପାଇଁ ଚୟନ କରାଯାଇଛି। ସେଗୁଡ଼ିକ ହେଲା ମକରଧ୍ୱଜ, ମାଜଣା, ହିଞ୍ଜଳ, ପଞ୍ଚାୟତ, ଗୁରୁଜଙ୍ଗ, ଦୁବେଇ, ଖୁଣ୍ଟିଆ, ଦୀକ୍ଷିତ ବଡ଼ପୋଖରୀ, ମଲ୍ଲୀଗଡ଼, ବଡୁମହାପାତ୍ର, ଚମ୍ପାଗଡ଼, ନୂଆତୋଟା, ଜଗୁ ତିଆଡ଼ି, ଅଡ଼ଗ ତିଆଡ଼ି, ଯମନଗଡ଼, ଖାସ, କୁସନ ଖୁଣ୍ଟିଆ, ମୁଦୁଲି, ଧ୍ୱଜଗଡ଼, ଜମିଖୁଣ୍ଟିଆ, ବାରବାଟୀ, ନୃସିଂହବଲ୍ଲଭ, ଶଙ୍ଖକୋଟ, ତାପଙ୍ଗ, ସୁନ୍ଦରା, ଗଡ଼ମଲ୍ଲ, ରାଜବଲ୍ଲଭ, ବଡ଼ଆଖଡ଼ା, ପାଣ୍ଡ, ସାତବଖରା, ଭଙ୍ଗ, ରାହାସ ମହାନ୍ତି, ବିଶୁନି ଓ ଗୋପାଳବଲ୍ଲଭ ଜାଗା। କିମ୍ବଦନ୍ତୀ ମୁତାବକ, ରାମଚନ୍ଦ୍ର ଦେବଙ୍କ ସମୟରେ ଏହି ଜାଗା ଆଖଡ଼ା ଘର ସଂସ୍କୃତିର ବିରାଟ ବିଦ୍ୟାଳୟ ଭାବେ ପ୍ରତିଷ୍ଠିତ ହୋଇଥିଲା। ଗୀତ, ବାଦ୍ୟ, କୁସ୍ତି, ସଂସ୍କୃତ ଶ୍ଳୋକ ପାଠର ସ୍ଥଳ ଥିଲା ଜାଗା ଘର। ଦୂରଦୃଷ୍ଟିସମ୍ପନ୍ନ ଗଙ୍ଗବଂଶୀୟ ରାଜାମାନଙ୍କ ଶାସନ କାଳରେ ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ସୁରକ୍ଷା ଓ ନୀତି ପରିଚାଳନା ପାଇଁ କୋଟ, ଆଖଡ଼ା, ଜାଗା, ଗଡ଼ମାନ ପ୍ରତିଷ୍ଠା ହୋଇଥିଲା। ସେଠାରେ ଶରୀର ଚର୍ଚ୍ଚା ସହ ଗାନ୍ଧର୍ବ କଳାର ଅଭ୍ୟାସ ହେଉଥିଲା। ମାତ୍ର ଧୀରେଧୀରେ ଗାନ୍ଧର୍ବ କଳା ବିଲୁପ୍ତ ହୋଇଯାଇଥିଲେ ମଧ୍ୟ କୁସ୍ତି ଓ କସରତ କଳା ଶିଖିବା ପାଇଁ ଏବେ ବି ବହୁ ଯୁବକଙ୍କର ଆଗମନ ହୁଏ। ତେଣୁ ଶ୍ରୀକ୍ଷେତ୍ରର ଐତିହ୍ୟ ଭାବେ ପରିଚିତ ଜାଗା ଆଖଡ଼ା ଘରକୁ ନୂଆ ଭାବେ ପୁନରୁଦ୍ଧାର କରିବା ଉଦ୍ଦେଶ୍ୟ ନେଇ ଉନ୍ନତୀକରଣ କରାଯିବାକୁ ନିଷ୍ପତ୍ତି ହୋଇଛି।



## ଭକ୍ତଙ୍କ ପାଇଁ ବାସେଳି ସାହି ଧର୍ମଶାଳା

ମହାପ୍ରଭୁଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତମାନେ ପୁରୀକୁ ଆସିଥାନ୍ତି। ଧନୀ ହେଉକି ଗରିବ ସମସ୍ତ ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରି କୃତାର୍ଥ ହୋଇଥାନ୍ତି। ତେବେ ଦୂରଦୂରାନ୍ତରୁ ଆସୁଥିବା ଅନେକ ଭକ୍ତ ଧର୍ମଶାଳାରେ ରାତ୍ରି ଯାପନ କରିଥାନ୍ତି। କାରଣ ଧର୍ମଶାଳାରେ କମ୍ ମୂଲ୍ୟରେ ସେମାନଙ୍କୁ ରହିବାର ସୁବିଧା ମିଳିଥାଏ। ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ଅନେକ ମଠ ଓ ଧର୍ମଶାଳା ଉଚ୍ଛେଦ କରାଯାଇଥିଲା। ଫଳରେ ଭକ୍ତମାନେ ସୁଲଭ ମୂଲ୍ୟରେ ମୁଣ୍ଡ ଗୁଞ୍ଜିବାକୁ ଆଶ୍ରୟ ସ୍ଥଳ ନ ପାଇ ବଡ଼ଦାଣ୍ଡରେ ଖୋଲା ଆକାଶ ତଳେ ରାତି କାଟୁଥିଲେ। ତେଣୁ ଭକ୍ତଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ଏକାଧିକ ଭକ୍ତ ନିବାସ ନିର୍ମାଣ କରାଯାଇଛି। ଏହି କ୍ରମରେ ଅବଢ଼ା ଯୋଜନା ଅଧୀନରେ ବୃନ୍ଦାବତୀ ଭକ୍ତ ନିବାସ ନିର୍ମାଣ ଶେଷ ହୋଇ ସେଠାରେ ଭକ୍ତମାନେ ରହୁଥିବାବେଳେ ଏବେ ବାସେଳି ସାହିରେ ୩୭୦୦ ଯାତ୍ରୀଙ୍କ ରହଣି ପାଇଁ ଧର୍ମଶାଳା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ମେଗା ପ୍ରକଳ୍ପ ପାଇଁ ୧୩୫.୬ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ବର୍ତ୍ତମାନ ଏହି ଧର୍ମଶାଳାର ଭିତ୍ତିଭୂମି ନିର୍ମାଣ ଚାଲିଛି। ୨୦୨୪ ଶେଷ ସୁଦ୍ଧା ଧର୍ମଶାଳା ନିର୍ମାଣ ସାରିବାକୁ ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏହି ଧର୍ମଶାଳା ମୋଟ ୫ଟି ବ୍ଲକ୍‌ରେ ବିଭକ୍ତ କରାଯାଉଛି। ଗୋଟିଏ ବ୍ଲକରେ ୪ରୁ ୫ ମହଲା ରହିବ। ଉପରକୁ ଯିବା ପାଇଁ ଲିଫ୍ଟ ବ୍ୟବସ୍ଥା ହେବ। ଧର୍ମଶାଳାରେ ଗୋଟିଏ ରୁମ୍‌ରେ ୪, ୬ ଏବଂ ୮ଟି ବେଡ୍ ପଡ଼ିବ। ଶଯ୍ୟା ହିସାବରେ ଯାତ୍ରୀଙ୍କଠାରୁ ଟଙ୍କା ନିଆଯିବ। ପୂର୍ବେ ପୁରୀରେ ଥିବା ବିଭିନ୍ନ ଧର୍ମଶାଳାରେ ଯାତ୍ରୀମାନେ ଯେଉଭଳି ସ୍ୱଳ୍ପମୂଲ୍ୟରେ ରହିପାରୁଥିଲେ ସେହିଭଳି ଏହି ଧର୍ମଶାଳାରେ ମଧ୍ୟ ରହିପାରିବେ।



## ଶ୍ରୀକ୍ଷେତ୍ର ଅନୁଭୂତି...

### ଶ୍ରୀକ୍ଷେତ୍ରର ସାମଗ୍ରିକ ବିକାଶ ହୋଇଛି



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ସ୍ୱାଗତ କରୁଛି। ଏଭଳି ପରିବେଶ ହେବା ଲାଗି ପିଲାଦିନରୁ ସ୍ୱପ୍ନ ରହିଥିଲା। ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କ ଉଦ୍ୟମରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଉନ୍ନତୀକରଣ କରାଯାଇଛି। ତତ୍‌ସହିତ ଶ୍ରୀକ୍ଷେତ୍ରର ସାମଗ୍ରିକ ବିକାଶ ମଧ୍ୟ ହୋଇପାରିଛି।

**- ଶ୍ରୀମନ୍ତ କୁମାର ଦାଶ, ସଭାପତି, ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର**

### ଇତିହାସ ମନେରଖିବ



ଶ୍ରୀକ୍ଷେତ୍ର ଏବେ ନୂଆ ରୂପ ନେଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏହି ପରିବେଶକୁ ଆକର୍ଷଣୀୟ କରିଛି, ଫଳରେ ସେଠାରେ ଅଧିକ ସମୟ ରହିହେବ ଏବଂ ନିଜର ଭକ୍ତିଭାବ ଜାଗ୍ରତ କରିବାକୁ ସମୟ ମିଳିବ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସରକାରଙ୍କ ଏକ ଐତିହାସିକ ପଦକ୍ଷେପ। ଇତିହାସ ଏହାକୁ ନିଶ୍ଚୟ ମନେରଖିବ।

**- ବିପିନ ବିହାରୀ ଦଳାଇ, ସମ୍ପାଦକ, ପ୍ରିୟପତ୍ର, ପୁରୀ**

# ଶ୍ରଦ୍ଧାଳୁଙ୍କ ପାଇଁ ୩ ପ୍ରତୀକାତ୍ମକ ରଥ

ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବରେ ଯୋଗଦେବାକୁ ପୁରୀକୁ ଆସୁଥିବା ଭକ୍ତମାନଙ୍କ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ବିଭିନ୍ନ ନୀତି, ବେଶ, ପରମ୍ପରା ଆଦି ପ୍ରଦର୍ଶିତ କରିବା ପାଇଁ ବ୍ୟବସ୍ଥା କରାଯାଉଛି। ଏଥିପାଇଁ ଶ୍ରୀଜଗନ୍ନାଥ ବଲ୍ଲଭଠାରେ ଭକ୍ତମାନଙ୍କ ପାଇଁ ମହାପ୍ରଭୁଙ୍କ ୨୫ପ୍ରକାର ବେଶ ପ୍ରଦର୍ଶିତ କରାଯିବ। ଏଥିସହ ଶ୍ରୀବିଗ୍ରହମାନଙ୍କ ରଥ ଭକ୍ତମାନେ ଦେଖିପାରିବେ। ଶ୍ରୀମନ୍ଦିର ରୂପକାର ସେବକଙ୍କ ପକ୍ଷରୁ ତିନିଗୋଟି ରଥ ନିର୍ମାଣ କରାଯାଇଛି। ଘୋଷଯାତ୍ରାରେ ନିର୍ମିତ ହେଉଥିବା ବଡ଼ ରଥର ଅବିକଳ ତିନିଗୋଟି କ୍ଷୁଦ୍ର ଆକାରର ରଥ ନିର୍ମାଣ କରାଯାଇଛି। ନନ୍ଦିଘୋଷ ରଥର ରୂପକାର ସେବକ ରାଜେନ୍ଦ୍ର କୁମାର ମହାପାତ୍ରଙ୍କ ନେତୃତ୍ୱରେ ୩ଟି ରଥ ନିର୍ମାଣ ହେଉଛି। ରଥ ନିର୍ମାଣ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମହାପାତ୍ରଙ୍କ ଦ୍ୱାରା ତିଆରି କରାଯାଇଥିବା ପ୍ରତୀକାତ୍ମକ ରଥ ମଧ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଉଚ୍ଚତା ୮ ଫୁଟ ୩ ଇଞ୍ଚ ରହିଛି। ସେହିଭଳି ବଡ଼ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥର ଉଚ୍ଚତା ୮ଫୁଟ ୨ଇଞ୍ଚ ରହିଛି ଓ ମା' ସୁଭଦ୍ରାଙ୍କ ଦେବଦଳନ ରଥର ଉଚ୍ଚତା ୮ ଫୁଟ ୧ଇଞ୍ଚ ରହିଛି। ତିନି ରଥରେ ବିଗ୍ରହମାନଙ୍କୁ ମଧ୍ୟ ଉପବେଶନ କରାଯିବ। ବିଗ୍ରହମାନଙ୍କ ଉଚ୍ଚତା ୧୧ଇଞ୍ଚ ରହିବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି। ତେବେ ବିଧିବିଧାନ ଅନୁଯାୟୀ ଯେପରି ରଥ ନିର୍ମାଣ ହେବା କଥା ସେହିପରି



ପୂଜାର୍ଚ୍ଚନା କରି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରି ପରମ୍ପରା ଅନୁସାରେ ଶୁଦ୍ଧପୂତ ଭାବରେ କାର୍ଯ୍ୟ ଆରମ୍ଭ କରାଯାଇଛି। ପ୍ରାୟ ଦେଢ଼ମାସ ହେବ ୨୦ରୁ ୨୫ ଜଣ କାରିଗରମାନଙ୍କୁ ନେଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ମହାପାତ୍ର କହିଛନ୍ତି। ତେବେ ମହାପ୍ରଭୁଙ୍କ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କାର୍ଯ୍ୟ ଶେଷ ହେବା ପରେ ପ୍ରଶାସନକୁ ହସ୍ତାନ୍ତର କରାଯିବ। ନିୟମାନୁଯାୟୀ ନନ୍ଦିଘୋଷ ରଥର ୧୬ ଚକ, ତାଳଧ୍ୱଜ ରଥର ୧୪ ଚକ, ଦର୍ପଦଳନ ରଥର ୧୨ଚକ ରହିଛି। ଏହି ପରି ସମୁଦାୟ ତିନି ରଥର ୪୨ଗୋଟି ଚକ ନିର୍ମାଣ କରାଯାଇଛି। ଠିକ୍ ସେହିଭଳି ରଥ କପଡ଼ାଗୁଡ଼ିକର ରଙ୍ଗ ମଧ୍ୟ ନନ୍ଦିଘୋଷ ରଥରେ ନାଲି ଓ ହଳଦୀ ରଙ୍ଗ, ତାଳଧ୍ୱଜ ରଥରେ ନାଲି ଓ ସବୁଜ ରଙ୍ଗ, ଆଉ ଦର୍ପଦଳନ ରଥରେ ନାଲି ଓ କଳା ରଙ୍ଗର କନା ଲଗାଯାଇଛି। ସେହିପରି ୩ରଥରେ ଘୋଡ଼ା, ସାରଥି, ହଂସ ପଟା, ପାର୍ଶ୍ୱଦେବତା, ଠେକେରା ବାଡ଼, କଣ ଗୁଜ, ସିଂହ ବିରାଳ, କନ୍ୟା ପଟା, ପାରା ଭାଡ଼ି, ଚାର ପରିଛା, କଳସ, ଧ୍ୱଜାବତା ଆଦି ଲଗାଯାଇ ଅବିକଳ ରଥ ନିର୍ମାଣ କରାଯାଉଛି। ରଥ, ସାରଥି, ଘୋଡ଼ା ନିମ୍ବ କାଠରେ ପ୍ରସ୍ତୁତ ହୋଇଅଛି। ରଥ ନିର୍ମାଣରେ ଶାଳ କାଠ, ଶାଗୁଆନ କାଠ, ଆକାଶି କାଠ, ଗମ୍ଭାରୀ କାଠ ବ୍ୟବହାର କରାଯାଇଛି। ମହାପ୍ରଭୁଙ୍କ କୃପା ଓ ଆଶୀର୍ବାଦରୁ ରଥ ନିର୍ମାଣ କରିବାରେ ସଫଳ ହୋଇଛନ୍ତି ବୋଲି ମହାପାତ୍ର କହଛନ୍ତି।

# ଚଳଚଞ୍ଚଳ ବଡ଼ଦାଣ୍ଡ

## ଲାଇଟ ସାଉଣ୍ଡ ମାଧ୍ୟମରେ ଭକ୍ତ ଦେଖିବେ କାଞ୍ଚି ଅଭିଯାନର କାହାଣୀ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବର ଆଦ୍ୟପର୍ବ ଆରମ୍ଭ ହୋଇଯାଇଛି। ଆଉ ୨ଦିନ ପରେ ଲୋକାର୍ପଣ ଅନୁଷ୍ଠିତ ହେବ। ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୁରୀକୁ ଭକ୍ତଙ୍କ ଆଗମନ ବଢ଼ିବାରେ ଲାଗିଲାଣି। ବଡ଼ଦାଣ୍ଡ ଉତ୍ସବମୁଖର ହେଲାଣି। ଲୋକାର୍ପଣ ଉତ୍ସବକୁ ଆସୁଥିବା ଭକ୍ତମାନେ ଏକ ନୂଆ ଅନୁଭୂତି ନେଇ ପୁରୀରୁ ଯିବେ। ମହାପ୍ରଭୁଙ୍କ ଐତିହ୍ୟକୁ ଲୋକଲୋଚନକୁ ଆଣିବା ସହ ବିଶ୍ୱ ଦରବାରେ ପହଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ନିଆରା ପଦକ୍ଷେପ ନିଆଯାଇଛି। କାଞ୍ଚି ଅଭିଯାନ କାହାଣୀକୁ ଲାଇଟ୍ ସାଉଣ୍ଡ ମାଧ୍ୟମରେ ଏଲ୍ଇଡି ଶୋ' ବା ଲେଜର ଶୋ' ମାଧ୍ୟମରେ ଭକ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରଶାସନ ଅଣ୍ଟା ଭିଡ଼ିଛି। ମାର୍କେଟ ଛକ ନିକଟରେ ନୂତନ ଭାବରେ ନିର୍ମାଣ କରାଯାଇଥିବା ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସଠାରେ ଏହି ଲାଇଟ୍ ସାଉଣ୍ଡ ଓ ଲେଜ୍ର ଶୋ କାର୍ଯ୍ୟକ୍ରମ କରାଯିବା ନେଇ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ମାର୍କେଟ ଛକ କମ୍ପ୍ଲେସ ନିକଟରେ ବଡ଼ ବଡ଼ ଷ୍ଟାଣ୍ଡ ଲଗାଯାଇ ସେଥିରେ ଲାଇଟ୍‌ଗୁଡିକୁ ଖଞ୍ଜା ଯାଇଛି। ଯେପରି ଲାଇଟ ସାଉଣ୍ଡ ଶୋ' ଭଲ ଭାବରେ ଭକ୍ତମାନଙ୍କୁ ଦୃଶ୍ୟମାନ ହେବ ସେଥିପାଇଁ ମାର୍କେଟ କମ୍ପ୍ଲେକ୍ସର ବିଭିନ୍ନ ସ୍ଥାନକୁ ଧଳା ରଙ୍ଗର ପ୍ଲାଇ ସାହାଯ୍ୟରେ ସୁସଜ୍ଜିତ କରାଯାଇଛି। ଲାଇଟ ସାଉଣ୍ଡ ସାହାଯ୍ୟରେ ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ କାହାଣୀପ୍ରଦର୍ଶିତ କରାଯିବ। ଯେଉଁଥିରେ ଗଜପତିଙ୍କ ସହ ରାଜ କୁମାରୀ ପଦ୍ମାବତୀଙ୍କ ସାକ୍ଷାତ୍, କାଞ୍ଚି ବିଜୟ ଆଦିର ଦୃଶ୍ୟ ପରିବେଷଣ କରାଯିବ ବୋଲି ରହିଛି। ଏହା ପୁରୀବାସୀ ତଥା ପର୍ଯ୍ୟଟକଙ୍କ ପାଇଁ ଏକ ନିଆରା ଅନୁଭୂତି ରହିବ। ଏହାପୂର୍ବରୁ ଏପରି ଲାଇଟ ସାଉଣ୍ଡ ଏଲ୍ଇଡି ଶୋ' ପୁରୀରେ କେବେ ହୋଇନାହିଁ।




# ଶ୍ରୀମନ୍ଦିର ପବିତ୍ରତା ଏବଂ ଗରିମା ବଜାୟ ମୂଳ ଲକ୍ଷ୍ୟ

ପୁରୀରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମକୁ ସୁବ୍ୟବସ୍ଥିତ କରିବା ଏବଂ ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନକ୍ସା ପ୍ରସ୍ତୁତ କରିଥିଲେ। ଶ୍ରୀକ୍ଷେତ୍ର ଏବଂ ଶ୍ରୀମନ୍ଦିରକୁ ନେଇ ପ୍ରସ୍ତୁତ ଦୀର୍ଘମିଆଦୀ ରୋଡମ୍ୟାପ ଆଜି ବାସ୍ତବ ରୂପ ନେଇଛି। ୨୦୨୧ ନଭେମ୍ବର ୨୪ ପ୍ରତ୍ୟେକ ଓଡ଼ିଆ ତଥା ଜଗନ୍ନାଥପ୍ରେମୀଙ୍କ ପାଇଁ ଥିଲା ସ୍ମରଣୀୟ ଦିବସ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। ଇତିମଧ୍ୟରେ ଶ୍ରୀମନ୍ଦିରରେ ଅନେକଗୁଡ଼ିଏ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି, ଯାହାକି ମନ୍ଦିରର ପବିତ୍ରତା ଏବଂ ଗରିମାକୁ ବଢ଼ାଇବାରେ ସହାୟକ ହୋଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାଶ କହିଛନ୍ତି।

## ସଂସ୍କାର, କଟକଣାରୁ ଆରମ୍ଭ ଆଧାତ୍ମିକ ପରିକ୍ରମା

ଆଧାତ୍ମିକ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରଥମେ ପୋଷାକ ପରିଧାନରେ ସଂସ୍କାର ଅଣାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ମଧ୍ୟରେ ସେବା ଅପରାଧ ରହିଛି। ମହାପ୍ରଭୁଙ୍କ ପ୍ରତି ହେଉଥିବା ଏହି ସେବା ଅବଜ୍ଞାକୁ ଦୂର କରିବା ପାଇଁ ଏବଂ ମନ୍ଦିରର ଗରିମା, ମର୍ଯ୍ୟାଦାକୁ ବଢାଇବା ପାଇଁ ଅଶାଳୀନ ପୋଷାକ ପରିଧାନ ଉପରେ କଟକଣା ଲାଗୁ କରାଯାଇଛି। ଦ୍ୱିତୀୟତଃ ମନ୍ଦିରକୁ ଦର୍ଶନ କରିବାକୁ ଆସୁଥିବା ଅନେକ ଭକ୍ତ କିମ୍ବା ସେବାୟତ ପାନ, ଗୁଟ୍‌ଖା ଆଦି ସେବନ କରି ମନ୍ଦିରରେ ଛେପ ପକାଉଥିଲେ, ଯାହାକି ମନ୍ଦିରର ପବିତ୍ର ବାତାବରଣକୁ ଦୂଷିତ କରୁଥିଲା। ତେଣୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହା ଉପରେ ମଧ୍ୟ କଟକଣା ଲଗାଯାଇଛି। ତୃତୀୟରେ ପ୍ଲାଷ୍ଟିକ୍ ବ୍ୟବହାରକୁ ମନ୍ଦିରରେ ବ୍ୟାନ୍ କରାଯାଇଛି। ମନ୍ଦିରକୁ ଭୋଗ ଆଣୁଥିବା ଭକ୍ତ ପଲିଥିନ ବଦଳରେ ବର୍ତ୍ତମାନ ବାଉଁଶ ଚାଙ୍ଗୁଡି କିମ୍ବା କାଗଜ ଠୁଙ୍ଗା ବ୍ୟବହାର କରୁଛନ୍ତି। ସେବାୟତଙ୍କୁ ମଧ୍ୟ ପ୍ଲାଷ୍ଟିକ୍ ବ୍ୟବହାର ନ କରିବାକୁ କୁହାଯାଇଛି। ଏଭଳି ସଂସ୍କାରମୂଳକ ପଦକ୍ଷେପଗୁଡ଼ିକୁ ଆମେରିକା, ୱାଶିଂଟନ୍ ଡିସିର ଏକ ସଂଗଠନ ସାଧୁବାଦ ଜଣାଇବା ସହ ପ୍ରଶଂସାପତ୍ର ମଧ୍ୟ ପ୍ରଦାନ କରିଛି, ଯାହା ଆମ ପାଇଁ ଗୌରବର ବିଷୟ। ଅନେକ ପ୍ରତିବନ୍ଧକ ପରେ ୨୦୨୧ରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ପ୍ରକ୍ରିୟାରେ ସବୁଠୁ ବଡ ଆହ୍ୱାନ ଥିଲା ଜମି ଅଧିଗ୍ରହଣ। ମାତ୍ର ଜମି ଅଧିଗ୍ରହଣ ପ୍ରକ୍ରିୟାରେ ପୁରୀବାସୀଙ୍କ ଅକୁଣ୍ଠ ସହଯୋଗ ରହିଥିଲା। ଏହାଏକ ଲୋକାଭିମୁଖୀ ଯୋଜନା, ଏହା ଦ୍ୱାରା ଭକ୍ତମାନେ ଅଧିକ ଉପକୃତ ହେବେ। ଉକ୍ତ ପ୍ରକଳ୍ପରେ ଭକ୍ତଙ୍କ ସମସ୍ତ ପ୍ରକାର ସୁବିଧାକୁ ଦୃଷ୍ଟି ଦିଆଯିବା ସହ ମନ୍ଦିର ସୁରକ୍ଷାକୁ ମଧ୍ୟ ଧ୍ୟାନରେ ରଖାଯାଇଛି। ପୂର୍ତ୍ତ ବିଭାଗ, ଓବିସିସି, ଜିଲାପ୍ରଶାସନ ଆଦି ବିଭିନ୍ନ ବିଭାଗର ମିଳିତ ସହଯୋଗରେ ପ୍ରକଳ୍ପର ନିର୍ମାଣ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହୋଇପାରିଛି।



## ଜଗନ୍ନାଥପ୍ରେମୀଙ୍କୁ ସମର୍ପିତ ପରିକ୍ରମା ପ୍ରକଳ୍ପ

ଏହି ପ୍ରକଳ୍ପରେ ଭକ୍ତଙ୍କୁ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଛି। ପୂର୍ବରୁ ଧାଡ଼ି ବାନ୍ଧି ଖରାରେ ଠିଆ ହୋଇ ଦର୍ଶନପାଇଁ ଭକ୍ତମାନେ ଅପେକ୍ଷା କରିରହୁଥିଲେ ମାତ୍ର ଏହି ପ୍ରକଳ୍ପରେ ଭକ୍ତଙ୍କ ପାଇଁ ଅଭ୍ୟର୍ଥନା କକ୍ଷର ବ୍ୟବସ୍ଥା କରାଯାଇଥିବାବେଳେ ସେମାନଙ୍କ ଯିବା ପଥରେ ଛାଇ ଓ ଶୀତଳୀକରଣ ଯନ୍ତ୍ରର ମଧ୍ୟ ବ୍ୟବସ୍ଥା କରାଯାଇଛି। ଦ୍ୱିତୀୟରେ ପୁରୀରେ ସୃଷ୍ଟି ହେଉଥିବା ପାର୍କିଂ ସମସ୍ୟାକୁ ଏହି ପ୍ରକଳ୍ପ ମାଧ୍ୟମରେ ସମାଧାନ କରାଯିବାକୁ ଚେଷ୍ଟା କରାଯାଇଛି। ବଡଦାଣ୍ଡକୁ ପ୍ରଶସ୍ତ କରାଯିବା ସହ ଏହାର ସୌନ୍ଦର୍ଯ୍ୟକରଣ କରାଯାଇଛି। ଜଗନ୍ନାଥ ବଲ୍ଲଭ ପାର୍କିଂ ଠାରୁ ଆରମ୍ଭ କରି ମନ୍ଦିର ପର୍ଯ୍ୟନ୍ତ ଶ୍ରୀମାର୍ଗ ପ୍ରସ୍ତୁତ କରାଯାଇଛି। ଗ୍ରୀନ୍ ଟନେଲ୍ ଭଳି ଶ୍ରୀମାର୍ଗକୁ ନିର୍ମାଣ କରାଯାଇଛି। ସେଠାରେ ଟ୍ରାଫିକ୍ ପରିଚାଳନାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ପ୍ରାକୃତିକ ପରିବେଶ ମଧ୍ୟରେ ଆଧ୍ୟାତ୍ମିକ ବାତାବରଣ ଦେଇ ଭକ୍ତମାନେ ଶ୍ରୀଜୀଉଙ୍କ ନିକଟରେ ପହଞ୍ଚି ପାରିବେ। ଏଥିସହିତ ମେଘନାଦ ପ୍ରାଚୀରର ୭୫ ମିଟର ବ୍ୟାସାର୍ଦ୍ଧ ମଧ୍ୟରେ ପରିକ୍ରମା ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହି ପ୍ରକଳ୍ପରେ ୯ଟି ସ୍ତର ରହିଛି।

ରାଜ୍ୟ ସରକାରଙ୍କ ଇଚ୍ଛାଶକ୍ତି, ମହାପ୍ରଭୁଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଭଲପାଇବା କାରଣରୁ ଆଜି ଏହି ପ୍ରକଳ୍ପ ବାସ୍ତବରୂପ ନେଇପାରିଛି। ଏହି ପ୍ରକଳ୍ପର ଉଦ୍‌ଘାଟନ ରାଜ୍ୟବାସୀଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ହେବ। ତେଣୁ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ସେବାନୁଷ୍ଠାନ, ମନ୍ଦିର ଆଦିକୁ ନିମନ୍ତ୍ରଣ ଦିଆଯାଇଛି। ମୁଖ୍ୟ କାର୍ଯ୍ୟକ୍ରମରେ ସମଗ୍ର ଭାରତବର୍ଷ ଏଥିରେ ସାମିଲ ହେବେ ବୋଲି ଆଶା ରହିଛି। ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଆଧାର କରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କରାଯାଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଦର୍ଶନାର୍ଥୀ ଶ୍ରୀମନ୍ଦିର ଚାରିପାର୍ଶ୍ୱରୁ ହିଁ ଜାଣିପାରିବେ ଜଗନ୍ନାଥ ସଂସ୍କୃତିର ଇତିହାସ। ପ୍ରକଳ୍ପର ପ୍ରତିଟି କାରୁକାର୍ଯ୍ୟରେ ରହୁଛି ଓଡିଆ ସଂସ୍କୃତି, ପରମ୍ପରା ଓ ଐତିହ୍ୟର ଛାପ।

**– ରଞ୍ଜନ କୁମାର ଦାସ, ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ**

# ୬୨ ଭୋଇ ସେବକ ଥଇଥାନ

ବଦଳୁଛି ଶ୍ରୀକ୍ଷେତ୍ର ରୂପ। ସରକାରଙ୍କ ବିକାଶନ୍ମୁଖୀ ପରିକଳ୍ପନାରେ ହାତ ମିଳାଇଛନ୍ତି ସହରବାସୀ। ଅନେକେ ନିଜର ଜମି ଦେଇଛନ୍ତି। ଦୀର୍ଘବର୍ଷର ଭିଟାମାଟିକୁ ଛାଡ଼ିଛନ୍ତି। ଭକ୍ତ ଓ ମହାପ୍ରଭୁଙ୍କ ମଧ୍ୟରେ ସେତୁ ସାଜିବା ପାଇଁ ଭକ୍ତିପୂତ ଭାବେ ଜମି ସମର୍ପି ଦେଇଛନ୍ତି। ସରକାର ମଧ୍ୟ ବିସ୍ଥାପିତଙ୍କୁ ନିରାଶ କରିନାହାନ୍ତି। ଘର କରିବାକୁ ଜମି, ଘର ଖର୍ଚ୍ଚ କରିଥିବା କ୍ଷତିପୂରଣ ଏବଂ ଘର ନିର୍ମାଣ ପାଇଁ ମୁଣ୍ଡପିଛା(ସାବାଳକଙ୍କ ଉଦ୍ଦେଶ୍ୟରେ) ନିର୍ଦ୍ଦିଷ୍ଟ ଅର୍ଥରାଶି ସରକାର ପ୍ରଦାନ କରିଛନ୍ତି। ଫଳସ୍ୱରୂପ ସରକାରଙ୍କ ବହୁପ୍ରତୀକ୍ଷିତ ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପର ସ୍ୱପ୍ନ ଏବେ ସାକାର ହୋଇଛି। ଏହିକ୍ରମରେ ୬୨ଜଣ ରଥ ଭୋଇ ସେବକଙ୍କୁ ଜଗନ୍ନାଥ ବଲ୍ଲଭ ପରିସରରେ ଥଇଥାନ କରାଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ହେଉ ଅବା ଶ୍ରୀଦାଣ୍ଡ ବିକାଶ କାର୍ଯ୍ୟ ପାଇଁ ବହୁ ସେବାୟତ ଓ ପିଢ଼ି ପିଢ଼ି ଧରି ରହି ଆସୁଥିବା ବାସିନ୍ଦା ଜମି ହରାଇଛନ୍ତି। ସେହିଭଳି ଜଗନ୍ନାଥ ବଲ୍ଲଭ ପାର୍କିଂ ପାଇଁ ମଧ୍ୟ କେତେକ ରଥ ଭୋଇ ସେବକ ରହୁଥିବା ଜମି ହରାଇଛନ୍ତି। ଜଗନ୍ନାଥ ବଲ୍ଲଭ ପାର୍କିଂ ଓ ଶ୍ରୀସେତୁ ପାଇଁ ପୁରୀର ୪ଟି ମୌଜାର ମୋଟ ୩୭ ଏକର ୯୮୪ ଡିସିମିଲ ଜମି ଅଧିଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪ଏକର ସରକାରୀ ଜମି ହୋଇଥିବାବେଳେ ପ୍ରାୟ ୩୪ଏକର ଘରୋଇ ଜମି ଅଧିଗ୍ରହଣ ହୋଇଥିଲା। ଏଥିରେ ୬୨ରଥ ଭୋଇ ସେବକଙ୍କୁ ଜମି ହରାଇବାକୁ ପଡ଼ିଥିଲା। ସରକାର କେବଳ ବିସ୍ଥାପିତ କଲେ ନାହିଁ ବରଂ ସେମାନଙ୍କୁ ସେଇ ଜଗନ୍ନାଥ ବଲ୍ଲଭ ପଛ ପାର୍ଶ୍ୱରେ ଜମି ସହ ମୁଣ୍ଡପିଛା ଅର୍ଥରାଶି ମଧ୍ୟ ସହାୟତା ଯୋଗାଇଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଦୂରପ୍ରସାରୀ ଭିଜନ୍‌କୁ ସାକାର କରିବା ପାଇଁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପରାମର୍ଶରେ ସହାୟତା ରାଶି ପ୍ରଦାନ କରାଯାଇଥିଲା।







## ସବୁଠି ଜଗନ୍ନାଥ ଧ୍ୱନି






ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜାନୁଆରୀ ୧୫/୨୦୨୪ Bhubaneswar, Monday, January 15/ 2024

# ସିରିଜ ଜିତିଲା ଭାରତ

**ଇନ୍ଦୋର,୧୪।୧**

ଇନ୍ଦୋରର ହୋଲକାର ଷ୍ଟାଡିୟମରେ ଖେଳା ଯାଇଥିବା ଆଫଗାନିସ୍ତାନ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚକୁ ୬ ଉଇକେଟରେ ପରାସ୍ତ କରିବା ସହ ୩ମ୍ୟାଚ୍ ବିଶିଷ୍ଟ ସିରିଜକୁ ଆଗୁଆ ଜିତି ନେଇଛି ଭାରତ। ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୨୦ ଓଭରରେ ୧୦ ଉଇକେଟ ହରାଇ ୧୭୨ ରନ୍ କରିଥିଲା। ଜବାବରେ ଭାରତ ୧୫.୪ ଓଭରରେ ୪ ଉଇକେଟ ହରାଇ ମ୍ୟାଚ୍‌କୁ ଜିତି ନେଇଥିଲା।

ଆଫଗାନିସ୍ତାନ ପକ୍ଷରୁ ରହମନଉଲ୍ଲା ଗୁରବାଜ (୧୪) ଓ ଇବ୍ରାହିମ ଜାଦ୍ରାନ(୮) ପ୍ରଥମ ଉଇକେଟରେ ୨୦ ରନ୍ ଯୋଡିଥିଲେ। ତେବେ ତୃତୀୟ ସ୍ଥାନରେ ବ୍ୟାଟିଂ କରିଥିବା ଗୁଲବଦିନ୍ ନାଏବ ଧୂଆଁଧାର ୫୭ ରନ୍ କରିଥିଲେ। ସେ ୩୫ ବଲ୍ ଖେଳି ୫ ଚୌକା ଓ ୪ ଛକା ମାରିଥିଲେ। ଶେଷ ଭାଗରେ କରିମ୍ ଜନତ ଓ ମୁଜିବ୍ ଉର ରେହମା ଜନତ ୧୦ ବଲ୍‌ରୁ ୨ ଚୌକା ଓ ୧ ଛକା ସହ ୨୦ ରନ ଓ ମୁଜିବ୍ ୯ ବଲ୍‌ରୁ ଦୁଇଟି ଲେଖାଏ ଛକା ଓ ଚୌକା ମାରି ୨୧ ରନ୍‌ର ଦ୍ରୁତ ଇନିଂସ ଖେଳିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂ ୩ ଉଇକେଟ ନେଇଥିବା ବେଳେ ଅକ୍ଷର ପଟେଲ ଓ ରବି ବିଷ୍ଣୋଇ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।


ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଯଶସ୍ୱୀ ଜୟସ୍ୱାଲ।

୧୭୩ ରନ୍ ଲକ୍ଷ୍ୟର ପିଛା କରୁଥିବା ଭାରତ ପକ୍ଷରୁ ପ୍ରଥମ ବଲ୍‌ରେ ଚୌକା ମାରି ଯଶସ୍ୱୀ ଜୟସ୍ୱାଲ ଇନିଂସ ଆରମ୍ଭ କରିଥିଲେ। ତେବେ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ରୋହିତ ଶର୍ମା ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ପ୍ରଥମ ଓଭରରେ ଫଜଲ୍ଲକ ଫାରୁକି ତାଙ୍କୁ ବୋଲ୍ଡ କରିଥିଲେ। ୧୪ ମାସ ପରେ ପ୍ରତ୍ୟାବର୍ତ୍ତନ କରିଥିବା କୋହଲି କଭରରେ ଚୌକା ମାରି ଖାତା ଖୋଲିଥିବା ବେଳେ ୧୬ ବଲ୍‌ରୁ ୫ ଚୌକା ସହ ୨୯ ରନ୍ କରିଥିଲେ। ଦଳୀୟ ସ୍କୋର ୬୨ରେ କୋହଲି ପ୍ୟାଭିଲିୟନ ଫେରିବା ପରେ ଶିବମ ଦୁବେ(୬୩*) ଓ ଜୟସ୍ୱାଲ(୬୮)ଙ୍କ ମଧ୍ୟରେ ୯୨ ରନ୍‌ର ଭାଗୀଦାରି ହୋଇଥିଲା। ଜୟସ୍ୱାଲ ୩୪ ବଲ୍ ଖେଳି ୫ ଚୌକା ଓ ୬ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଶିବମ ଦୁବେ ୩୨ ବଲ୍ ଖେଳି ୫ ଚୌକା ଓ ୪ ଛକା ମାରିଥିଲେ। କରିମ ଜନତ ୨ ଉଇକେଟ ନେଇଥିବା ବେଳେ ଫଜଲ୍ଲକ ଫାରୁକି ଓ ନବୀନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୨୦ ଓଭରରେ ୧୭୨/୧୦(ଗୁଲବଦିନ ନାଏବ-୫୭, ନଜିବୁଲ୍ଲା ଜାଦ୍ରାନ-୨୩, ମୁଜିବ ଉର ରେହମାନ-୨୧, ଅର୍ଶଦୀପ ସିଂ-୩/୩୨, ଅକ୍ଷର ପଟେଲ-୨/୧୭, ରବି ବିଷ୍ଣୋଇ-୨/୩୯)।

ଭାରତ୧୫.୪ ଓଭରରେ ୧୭୩/୪( ଯଶସ୍ୱୀ ଜୟସ୍ୱାଲ-୬୮, ଶିବମ ଦୁବେ-୬୩*, ବିରାଟ କୋହଲି-୨୯, କରିମ୍ ଜନତ-୨/୧୩, ନବୀନ ଉଲ୍‌ହକ୍-୧/୩୩, ଫଜଲ୍ଲକ୍ ଫାରୁକି-୧/୨୮)।

## ବେଟିଂ କମ୍ପାନୀ ସହ ଚୁକ୍ତି ଯଥାର୍ଥ: ଏଫ୍ଆଇଏଚ୍

**ରାଞ୍ଚି,୧୪।୧(ପି.ଟି.)**

ଏକ ଅନ୍‌ଲାଇନ୍ ବେଟିଂ କମ୍ପାନୀ ସହିତ ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ(ଏଫ୍ଆଇଏଚ୍) ଚୁକ୍ତି କରିଥିବା ବେଳେ ଏହାକୁ ଯଥାର୍ଥ ବୋଲି କହିଛି। ସୁଇଡେନ୍‌ର ସ୍ୱିଙ୍ଗ ମିଡିଆ ସହିତ ଏଫ୍ଆଇଏଚ୍ ଚୁକ୍ତି କରିଥିଲା। ସ୍ୱିଙ୍ଗ ମିଡିଆ ଏଭଳି ଏକ କମ୍ପାନୀ ଯାହା ବିଭିନନ ବେଟିଂ ପ୍ଲାଟଫର୍ମକୁ ନିଜର ସେବା ପ୍ରଦାନ କରିଥାଏ। ଏଫ୍ଆଇଏଚ୍‌ର ଏଭଳି ପ୍ରୟାସକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଥିଲା। ତେବେ ଏଫ୍ଆଇଏଚ୍ ନିଜ ନିଷ୍ପତ୍ତିକୁ ଡିଫେଣ୍ଡ କରିଛି। ହକିର ବିକାଶ ପାଇଁ ଅର୍ଥର ଆବଶ୍ୟକତା ଥିବା ବେଳେ ଏହି ଚୁକ୍ତିରୁ ଆବଶ୍ୟକ ଅର୍ଥ ମିଳିଛି। ୪ ବର୍ଷ ପାଇଁ ଏହି ଚୁକ୍ତି ହୋଇଥିବା ବେଳେ ଏଫ୍ଆଇଏଚ୍‌ର ୧୩୦୦ ମ୍ୟାଚ୍‌ରେ ବେଟିଂର ସୁଯୋଗ ପାଇବ। ନିଜ ଗ୍ରାହକଙ୍କ ପାଇଁ ସମସ୍ତ ମ୍ୟାଚ୍‌ରେ ବେଟିଂ ପାଇଁ ଏକ ପ୍ଲାନ୍ ଆରମ୍ଭ କରିବ ସ୍ୱିଙ୍ଗ ମିଡିଆ। ଯେଉଁ କମ୍ପାନୀ ସହିତ ଚୁକ୍ତି ହୋଇଛି ତାହା ଏକ ବୈଧ କମ୍ପାନୀ ତେଣୁ ଏହାକୁ ନେଇ ପ୍ରଶ୍ନ ଉଠାଇବା ଅନାବଶ୍ୟକ ବୋଲି ଏଫ୍ଆଇଏଚ୍ ପକ୍ଷରୁ କୁହାଯାଇଛି।


ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ଶଟ୍ ଖେଳିବା ଅବସରରେ ମାରିଆ ସାକ୍କାରି।

# ବିଜୟରୁ ଜୋକୋଭିଚ୍‌ଙ୍କ ଅଭିଯାନ

**ମେଲବର୍ନ,୧୪।୧(ପି.ଟି.)**

**ଅଷ୍ଟ୍ରେଲିଆନ୍ ଓପନ୍**

ବର୍ଷର ପ୍ରଥମ ଟେନିସ୍ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍ ରବିବାର ଆରମ୍ଭ ହୋଇଛି। ୧୧ତମ ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ ଲକ୍ଷ୍ୟରେ ଥିବା ପୁରୁଷ ସିଙ୍ଗଲ୍ସର ଏକ ନମ୍ବର ସିଡ୍ ସର୍ବିୟାର ନୋଭାକ୍ ଜୋକୋଭିଚ୍ ବିଜୟରୁ ନିଜ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ରାଉଣ୍ଡରେ କ୍ରୋଏସିଆର ଅଣସିଡେଡ୍ ଖେଳାଳି ଡିନୋ ପ୍ରିଜମିକଙ୍କୁ ୬-୨, ୭-୬(୭-୫), ୬-୩ ଓ ୬-୪ ସେଟ୍‌ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ରଡ୍ ଲାଭେର ଆରେନାରେ ଖେଳାଯାଇଥିବା ପ୍ରଥମ ରାଉଣ୍ଡରେ ଜୋକୋଭିଚ୍ ଜିତିଥିବା ବେଳେ ଦ୍ୱିତୀୟ ସେଟ୍‌ଟି ଟାଇବ୍ରେକରରେ ଫଇସଲା ହୋଇଥିଲା। ପ୍ରିଜମିକ୍ ଏହାକୁ ଜିତିଥିଲେ ମଧ୍ୟ ପରବର୍ତ୍ତୀ ଦୁଇ ସେଟ୍‌ରେ ବିଜୟୀ ହୋଇଥିଲେ ଜୋକୋଭିଚ୍। ୧୭ ନମ୍ବର ସିଡ୍ ଫ୍ରାନ୍ସିସ୍ ଟିଆଫୋ ୪ ସେଟ୍‌ବିଶିଷ୍ଟ ମ୍ୟାଚ୍‌ରେ ବର୍ନା ସୋରିକ୍‌ଙ୍କୁ ପରାସ୍ତ କରିଛନ୍ତି। ୬-୩, ୭-୬(୯-୭), ୨-୬ ଓ ୬-୩ରେ ଟିଆଫୋ ଏହି ମ୍ୟାଚ୍‌କୁ ଜିତି ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଥିଲେ।

ଚଳିତ ଟୁର୍ନାମେଣ୍ଟରେ ପ୍ରତ୍ୟାବର୍ତ୍ତନ କରିଥିବା ମହିଳା ଖେଳାଳି କାରୋଲିନ୍ ୱୋଜ୍‌ନିଆକି ଓ ଆମାଣ୍ଡା ଆନିସିମୋଭା ନିଜ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ବିପର୍ଯ୍ୟୟ ଘଟାଇଛନ୍ତି। ଦୀର୍ଘ ଦିନର ବିରତି ପରେ ଫେରିଥିବା ଆମାଣ୍ଡା ୧୩ ନମ୍ବର ସିଡ୍ ଲିଉଡମିଲା ସାମ୍‌ସୋନୋଭାଙ୍କୁ ୬-୩, ୬-୪ରେ ପରାସ୍ତ କରିଥିଲେ। ଅନ୍ୟପକ୍ଷରେ ୨୦ ନମ୍ବର ସିଡ୍ ମାଗଦା ଲିନେଟ୍‌ଙ୍କ ବିପକ୍ଷରେ ୱାକ୍‌ଓଭର ପାଇଥିଲେ ୱୋଜ୍‌ନିଆକି। ୱୋଜ୍‌ନିଆକି ୬-୨ ଓ ୨-୦ରେ ଆଗୁଆ ରହିଥିବା ବେଳେ ଆହତ ହୋଇ ଓହରି ଯାଇଥିଲେ ଲିନେଟ୍। ମହିଳା ସିଙ୍ଗଲ୍ସର ଅନ୍ୟତମ ସିଡେଡ୍ ଖେଳାଳି ଆରିନା ସାବାଲେଙ୍କା ସିଧାସଳଖ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସାବାଲେଙ୍କା ଅଣସିଡେଡ୍ ଏଲ୍ଲା ସେଇଡେଲଙ୍କୁ ୬-୦ ଓ ୬-୧ରେ ପରାସ୍ତ କରିଛନ୍ତି।

୧୨ ନମ୍ବର ସିଡ୍ ଆମେରିକାର ଟେଲର ଫ୍ରିଜ୍ ୪-୬, ୬-୩, ୩-୬, ୬-୨ ଓ ୬-୪ ସେଟ୍‌ରେ ଆର୍ଜେଣ୍ଟିନାର ଫାକୁଣ୍ଡୋ ଡିଆଜ୍ ଆକୋଷ୍ଟାଙ୍କୁ ପରାସ୍ତ କରିଥିଲେ। ପୁରୁଷ ସିଙ୍ଗଲ୍ସ ୪ନମ୍ବର ସିଡ୍ ଇଟାଲୀର ଜାନିକ୍ ସିନ୍ନର ୬-୪, ୭-୫ ଓ ୬-୩ରେ ନେଦରଲାଣ୍ଡ୍‌ସର ବୋଟିକ୍ ଭାନ୍ ଡେ ଜାଣ୍ଡସ୍କଲ୍ପଙ୍କୁ, ଜାଉମେ ମୁନାର ୬-୩, ୬-୩ ଓ ୬-୧ରେ ଆଲେକ୍‌ଜାଣ୍ଡାର ଶେଭେଙ୍କୋଙ୍କୁ, ମାଟେଓ ଆର୍ନିଲ୍ଡି ୭-୬, ୬-୨, ୬-୪ରେ ଆଡାମ ୱାଲଟନଙ୍କୁ, ଆଣ୍ଡି ରୁବଲେଭ୍ ୫-୭, ୪-୬, ୬-୩, ୬-୪ ଓ ୬-୭(୧୦-୬)ରେ ଥିଆଗୋ ସିବଥ୍ ୱାଇଲ୍ଡଙ୍କୁ ପରାସ୍ତ କରିଥିଲେ।

ଅନ୍ୟ ମହିଳା ଖେଳାଳିଙ୍କ ମଧ୍ୟରେ ମାରିଆ ସାକ୍କାରି ୬-୪, ୬-୧ରେ ଜାପାନର ନାଓ ହିବିନୋଙ୍କୁ, କାମିଲା ରାଖିମୋଭା ୬-୪, ୬-୪ରେ ଏମିନା ବେକ୍‌ଟାସ, ଲେସିଆ ସୁରେଙ୍କୋ ୩-୬, ୭-୫ ଓ ୬-୩ରେ ଲୁସିଆ ବ୍ରୋଞ୍ଜେଟିଙ୍କୁ, ୯ ନମ୍ବର ସିଡ୍ ବାର୍ବୋରା କ୍ରେଜିକୋଭା ୨-୬, ୬-୪ ଓ ୬-୩ ସେଟ୍‌ରେ ଜାପାନର ମାଇ ହୋନ୍ତାମାଙ୍କୁ, ଡିଏନ୍ ପେରୀ ୬-୩, ୨-୬ ଓ ୬-୩ ସେଟ୍‌ରେ ୩୦ ନମ୍ବର ସିଡ୍ ଚାଇନାର ୱାଙ୍ଗ ଜିନ୍ୟୁଙ୍କୁ, ଆଲିନା କୋର୍ନିଭା ୪-୬, ୬-୩, ୬-୨ ସେଟ୍‌ରେ ସାରା ସୋରିବେସ୍ ଟର୍ମୋଙ୍କୁ ଏବଂ କାରୋଲିନ୍ ଡୋଲହିଡେ ୬-୨, ୬-୪ ସେଟ୍‌ରେ ଲିଓଲା ଜିନଜିନ୍‌ଙ୍କୁ ପରାସ୍ତ କରିଥିଲେ।

# ସିକେ ନାଇଡୁ ଟ୍ରଫି : ଓଡ଼ିଶା ୧୬୮ରେ ଅଲ୍‌ଆଉଟ

**ସମ୍ବଲପୁର,୧୪।୧(ବି.ଶଙ୍କର)**

**ସାହିଲ ରାଜଙ୍କୁ ୫ ଉଇକେଟ**

ଓଡ଼ିଶା ଓ ଝାଡ଼ଖଣ୍ଡ କ୍ରିକେଟ ଦଳ ମଧ୍ୟରେ ୨୩ ବର୍ଷରୁ କମ ସର୍ବଭାରତୀୟ କର୍ନେଲ ସିକେ ନାଇଡୁ ଟ୍ରଫି କିକେଟ ମ୍ୟାଚ ରବିବାର ସମ୍ବଲପୁରସ୍ଥିତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଭ୍ରମଣକାରୀ ଝାଡ଼ଖଣ୍ଡ ଦଳ ଟସ୍ ଜିଣି ଓଡ଼ିଶା ଦଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଜବାବରେ ଓଡ଼ିଶା ଦଳର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬୮ ରନ୍‌ରେ ଅଲଆଉଟ ହୋଇଥିଲେ। ଆରମ୍ଭରୁ ଓଡ଼ିଶା ୪୫ ରନରେ ୫ ଉଇକେଟ ହରାଇଥିଲା। ୮୧.୧ ଓଭରରେ ମାତ୍ର ୧୬୮ ରନ କରି ଦଳ ସମସ୍ତ ଉଇକେଟ ହରାଇଥିଲା। ସସ୍ମିତ ବରାଳ ସର୍ବାଧିକ ୪୬, ସତ୍ୟକାମ ଭରଦ୍ୱାଜ ୨୫ ଓ ଆଶୁତୋଷ ଛୁରିଆ ଅପରାଜିତ ୨୨ରନ କରିଥିଲେ। ଝାଡ଼ଖଣ୍ଡ ବୋଲର ସାହିଲ ରାଜ ୨୦ ଓଭରରେ ୭ଟି ମେଡେନ ସହ ୩୪ରନ ଦେଇ ୫ ଉଇକେଟ ହାସଲ କରିଥିଲେ। ଯତିନ କୁମାର ପାଣ୍ଡେ ୨, ହର୍ଷ ରାଜ, ଶୁଭ ଶର୍ମା ଓ ଓମ୍ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଭ୍ରମଣକାରୀ ଝଡ଼ଖଣ୍ଡ ଦଳ ୩ ଓଭରରେ କୌଣସି ଉଇକେଟ ନ ହରାଇ ୮ରନ କରିଛି। ଫଜିଲ ମହମ୍ମଦ ମ୍ୟାଚ ରେଫରି ରହିଥିବା ବେଳେ ତାମିଲନାଡୁର ରାକେଶ ରାଘବନ ଓ ରାୟପୁରର ବିକାଶ ଭଟ୍ଟ ଅମ୍ପାୟାରିଂ କରିଥିଲେ। ଆୟୋଜକ ସମ୍ବଲପୁର ଜିଲା କ୍ରୀଡା ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଟିପିଡବ୍ଲ୍ୟୁଓଡିଏଲ୍ ସିଇଓ ଇଂ ଗଜାନନ କାଲେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ସୁନିଲ କୁମାର ସାହୁ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ କ୍ରିକେଟ ସମ୍ପାଦକ ଅବିନାଶ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟତମ ଉପସଭାପତି ଶବିର ଅହମ୍ମଦ, ଆଥ୍‌ଲେଟିକ ସମ୍ପାଦକ ବିକାଶ କୁମାର ମିଶ୍ର, ଫୁଟ୍‌ବଲ ସମ୍ପାଦକ ଅବଦୁଲ ଗଫାର, ଖେଳ ସମ୍ପାଦକ ରାଜେଶ ସେଠ, କାଉନସିଲ ସଭ୍ୟ ପଦ୍ମନାଭ ନାଏକ, ରତିକାନ୍ତ ମହାନ୍ତି, ଲକ୍ଷ୍ମୀଚନ୍ଦ୍ର ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିମାନେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ